

ଧନୁଷଙ୍କ ନାୟିକା
ହେବେ ତ୍ରିପ୍ତି
ପୃଷ୍ଠା ୧୪ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-22 •BHUBANESWAR •WEDNESDAY •17 JULY 2024 •PAGE-16 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୨ •ଭୁବନେଶ୍ୱର •ବୁଧବାର •୧୭ ଜୁଲାଇ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


## ଜମ୍ମୁ-କାଶ୍ମୀରରେ ଆତଙ୍କୀ ହମ୍ଲା
# ୫ ଯବାନ ସହିଦ

■ ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀ ବିରୋଧୀ ଅପରେସନ ବେଳେ ମଙ୍ଗଳବାର ଜଣେ ମେଜରଙ୍କ ସମେତ ଭାରତୀୟ ସେନାର ୫ ଯବାନ ସହିଦ ହୋଇଛନ୍ତି। ଡୋଡା ଜିଲ୍ଲା ଅନ୍ତର୍ଗତ ଦେଶା ଜଙ୍ଗଲରେ କିଛି ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିବା ପରେ ସେମାନଙ୍କୁ ନିପାତ କରିବାକୁ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ଜମ୍ମୁ-କାଶ୍ମୀର ପୁଲିସର ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ ପକ୍ଷରୁ ମିଳିତ ଅପରେସନ କରାଯାଇଥିଲା। ଏହି ଘଟଣା ଦେଶର ରାଜନୈତିକ ମହଲକୁ ଉଷ୍ମ କରିଛି। କାଶ୍ମୀର ଘାଟିରେ ଦିନକୁ ଦିନ ବଢୁଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଘେରିଛି। ଆତଙ୍କବାଦୀ ଆକ୍ରମଣରେ ଲଗାତର ଭାବେ ଭାରତୀୟ ଯବାନଙ୍କ ମୃତ୍ୟୁ ହେଉଥିବା ଘଟଣାକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିବା ସହିତ ଏଥିପାଇଁ ମୋଦୀ ସରକାର ଦାୟୀ ବୋଲି କହିଛନ୍ତି। କାଶ୍ମୀର ଘାଟିରେ ଆତଙ୍କବାଦ ଶେଷ ▶ପୃଷ୍ଠା-୯

**କେନ୍ଦ୍ର ସରକାରଙ୍କୁ ଘେରିଲା କଂଗ୍ରେସ**

**ସ୍ଥଳସେନା ମୁଖ୍ୟଙ୍କ ସହ କଥା ହେଲେ ପ୍ରତିରକ୍ଷା ମନ୍ତ୍ରୀ**



## ୭୮ ଦିନରେ ୧୧ ଆତଙ୍କୀ ଆକ୍ରମଣ

କାଶ୍ମୀର ଘାଟିରେ ଆତଙ୍କବାଦ କାର୍ଯ୍ୟକଳାପ ହ୍ରାସ ପାଇଛି ଏବଂ ଶାନ୍ତି ପ୍ରତିଷ୍ଠା ହୋଇଛି ବୋଲି କେନ୍ଦ୍ର ସରକାର କହି ଆସୁଥିଲା ବେଳେ ବିଗତ ୭୮ ଦିନ ମଧ୍ୟରେ ଏଠାରେ ୧୧ଟି ଆତଙ୍କବାଦୀ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଯାହାକୁ ନେଇ କଂଗ୍ରେସ ମୋଦୀ ସରକାରଙ୍କୁ ନିଶାଣ କରିଛି। କଂଗ୍ରେସ ନେତା ଜୟରାମ ରମେଶ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ, ୭୮ ଦିନ ମଧ୍ୟରେ ଜମ୍ମୁରେ ୧୧ଟି ଆତଙ୍କବାଦୀ ଆକ୍ରମଣ ଘଟଣା ଦେଖିବାକୁ ମିଳିଛି। ଏଥିନେଇ କେନ୍ଦ୍ର ସରକାର ଜବାବ ରଖିବା ▶ପୃଷ୍ଠା-୯

**କେନ୍ଦ୍ର ନେବ ସେସ୍**

## ନିଲାମ ହେଲା ୨ କୋଇଲା ଖଣି, ନିଲାମ ସୂଚୀରେ ଆହୁରି ୧୭
# ଓଡ଼ିଶା ଭାଗରେ ଧୂଳି-ପାଉଁଶ

■ ଭୁବନେଶ୍ୱର, ୧୬।୭ (ସମିସ): ପୁଣି ଓଡିଶାର ୨ କୋଇଲା ଖଣିକୁ ନିଲାମ କରିଛନ୍ତି କେନ୍ଦ୍ର ସରକାର। ୩୯୬ ନିୟୁତ ଟନ୍ କୋଇଲା ଗଚ୍ଛିତ ଥିବା କୁଦାନାଳି-ଲୁବରି କୋଇଲା ଖଣିକୁ ଗୁଜରାଟ ମିନେରାଲ ଡ଼େଭଲପମେଣ୍ଟ କର୍ପୋରେସନ (ଜିଏମ୍‌ଡିସି) ନିଲାମ ଧରିଥିବାବେଳେ ୧୩୮ ନିୟୁତ ଟନ୍ କୋଇଲା ସଂରକ୍ଷିତ ଥିବା ମାଛକଣ୍ଟା ଖଣିକୁ ଏନ୍‌ଏଲ୍‌ସି ନିଲାମ ଧରିଛି। ଏହି ଦୁଇ କୋଇଲା ଖଣିରୁ ପଟ୍ଟାଧାରୀମାନେ ବାର୍ଷିକ ୩୦ ନିୟୁତ ଟନ୍ ହିସାବରେ ୬୦ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ନିକଟ ଭବିଷ୍ୟତରେ ଓଡ଼ିଶାର ୯ଟି ଆଂଶିକ ଖନନ ହୋଇଥିବା ଓ କୋଇଲା ଉତ୍ତୋଳିତ ହୋଇଥିବା ୮ଟି ଖଣିକୁ ନିଲାମ କରିବାକୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛନ୍ତି। ଏକ ପକ୍ଷରେ ଗତ ୨୦୧୪ ମସିହାରୁ କୋଇଲା ରାଜଭାଗ କେନ୍ଦ୍ର ସରକାର ବଢ଼ାଉ ନାହାନ୍ତି। ନବୀନ ପଟ୍ଟନାୟକଙ୍କ ସରକାର ଏଥିନେଇ ୨୦୧୪ରୁ ୨୦୨୪ ମଧ୍ୟରେ ଅନେକ ବାର ଦାବି କରିଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଉପେକ୍ଷା କରି ଚାଲିଛନ୍ତି। ମାତ୍ର ଅନ୍ୟପକ୍ଷରେ ପ୍ରତି ଟନ୍ କୋଇଲାରୁ ୪୦୦ ଟଙ୍କା ଲେଖାଏଁ ସେସ୍ ଆଦାୟ କରୁଛନ୍ତି। ଓଡ଼ିଶାର କୋଇଲା ଖଣି ପ୍ରଭାବିତ ଅଞ୍ଚଳର ଲୋକମାନେ ଧୂଳି, ଧୂଆଁରେ ଅତିଷ୍ଠ ହେଉଥିବାବେଳେ ସେସ୍ ରାଶି କେନ୍ଦ୍ର ସରକାରଙ୍କ ଭଣ୍ଡାର ଭରୁଛି। ଏହି ସ୍ଥିତିରେ ଓଡ଼ିଶାରୁ ୨ଟି ଖଣି ନିଲାମ ପରେ ଆଉରି ୧୭ଟି କୋଇଲା ଖଣି ନିଲାମ ପାଇଁ କୋଇଲା ମନ୍ତ୍ରଣାଳୟର ମସୁଧା ରାଜ୍ୟବାସୀଙ୍କୁ ଅତିଷ୍ଠ କରିଛି।

ସମ୍ପ୍ରତି ଆଂଶିକ ଖନନ ହୋଇଥିବା ମହାନଦୀ (ସଂଶୋଧିତ), ଟାଙ୍ଗରଡ଼ିହି (ଉତ୍ତର), ଟାଙ୍ଗରଡ଼ିହି (ଦକ୍ଷିଣ), ଉତ୍ତାଳି (କେନ୍ଦ୍ର), ଉତ୍ତାଳି (ଉତ୍ତର), ଉତ୍ତାଳି (ଦକ୍ଷିଣ), ବାଦିବାହାଲ, କଣ୍ଟାଇକୋଳିଆ, କୋଇଲା ଖଣି ନିଲାମ ନିମନ୍ତେ ଗତ ଜୁନ୍ ୨୧ ତାରିଖରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏମ୍‌ସିଏଲ୍ ଓଡ଼ିଶାରୁ ବାର୍ଷିକ୨୦୦ ନିୟୁତ ଟନ୍ କୋଇଲା ଉତ୍ତୋଳନ କରୁଛି। ସେହିପରି ଅନ୍ୟାନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ବିଭିନ୍ନ ଖଣିରୁ କୋଇଲା ଉତ୍ତୋଳନ କରୁଛନ୍ତି। ଏନ୍‌ଏଲ୍‌ସି ଓ ଜିଏମ୍‌ଡିସିକୁ ଦୁଇଟି ଖଣି ଏବେ ପ୍ରଦାନ କରାଯାଇଛି। ଏହା ସହିତ ନିଲାମ ହେବାକୁଥିବା ଖଣିଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରୁ ବାର୍ଷିକ କୋଇଲା ଉତ୍ତୋଳନ ୪୦୦ ନିୟୁତ ଟନ୍ ଅତିକ୍ରମ କରିବ। ମାତ୍ର ପ୍ରତିବଦଳରେ ନାମମାତ୍ର ରାଜଭାଗ ▶ପୃଷ୍ଠା-୯



**ଏନ୍‌ଏଲ୍‌ସି ହାତକୁ ଗଲା ୧୩୮ ନିୟୁତ ଟନ୍ ଗଚ୍ଛିତ ମାଛକଣ୍ଟା ଖଣି**

**୩୯୬.୧ନିୟୁତ ଟନ୍‌ର କୁଦାନାଳି-ଲୁବ୍‌ରି କୋଇଲା ଖଣି ନେଲା ଜିଏମ୍‌ଡିସି**

**ନିଲାମ ସୂଚୀରେ ଓଡ଼ିଶାର ଆହୁରି ୯ ଆଂଶିକ ଖନନ କୋଇଲା ଖଣି**

**ଖନନ ହୋଇଥିବା ୮ଟି କୋଇଲା ଖଣିର ନିଲାମ ବିଜ୍ଞପ୍ତି ପ୍ରକାଶ**

**୨୦୧୪ରୁ ବଢୁନାହିଁ ରାଜଭାଗ, ଓଡ଼ିଶାକୁ ମିଳୁନାହିଁ ସେସ୍‌ରୁ ଅଂଶ**

**ଶ୍ରୀଜିଉଙ୍କ ସୁନାବେଶ ଆଜି**

# ମହଣମହଣ ସୁନାରେ ଝଲସିବେ ମହାବାହୁ

■ ପୁରୀ, ୧୬।୭ (ସମିସ): ବୁଧବାର ଆଷାଢ଼ ଶୁକ୍ଳ ଏକାଦଶୀ। ଏହି ପବିତ୍ର ତିଥିରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ଦୁର୍ଲଭ ସୁନାବେଶ। ମହଣ ମହଣ ସୁନା ଅଳଙ୍କାରରେ ସଜେଇ ହେବେ ରଥାରୂଢ଼ ଦାରୁବିଗ୍ରହ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏହି ଅପୂର୍ବ ବେଶ ଲାଗି ଏଥର ଶ୍ରୀମନ୍ଦିର ପରିସର ଅସ୍ଥାୟୀ ବାହାର ଭଣ୍ଡାର (ଟାଙ୍ଗଡ଼ା ଘର) ରୁ ବାହାରିବ ମହଣମହଣ ସୁନା ଓ ରୁପା ଅଳଙ୍କାର। ବହୁବିଧ ରତ୍ନଅଳଙ୍କାର ଲାଗି ହୋଇ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବ୍ରହ୍ମ। ବୁଧବାର ପୂର୍ବାହ୍ନରେ ଅସ୍ଥାୟୀ ବାହାର ରତ୍ନଭଣ୍ଡାର (ଟାଙ୍ଗଡା ଘର) ଖୋଲାଯିବ। ସେଥିରୁ ସୁନାବେଶ ଲାଗି ଆବଶ୍ୟକ ଅଳଙ୍କାର ବାହାର କରାଯିବ। ଭଣ୍ଡାରମେକାପ ଓ ବଣିଆଙ୍କ ଉପସ୍ଥିତିରେ ଅଳଙ୍କାରଗୁଡ଼ିକ ସଫା ହେବ। ▶ପୃଷ୍ଠା-୯

**ଅପରାହ୍ଣ ୫ରୁ ବେଶ ଆରମ୍ଭ**

## ଗୁରୁବାର ପୁଣି ଖୋଲିବ ଭିତର ରତ୍ନଭଣ୍ଡାର

■ ପୁରୀ, ୧୬।୭ (ସମିସ): ଆସନ୍ତା ଗୁରୁବାର ପୁଣିଥରେ ଖୋଲାଯିବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର। ଭଣ୍ଡାର ଘରେ ଥିବା ମହାପ୍ରଭୁଙ୍କର ଦୁର୍ଲଭ ରତ୍ନ ଅଳଙ୍କାର ସବୁ ଖଟଶେଯ ଘରେ ପ୍ରସ୍ତୁତ ଅସ୍ଥାୟୀ ଭିତର ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏ ସମସ୍ତ କାର୍ଯ୍ୟର ଭିଡିଓଗ୍ରାଫି ହେବ। ଶୁଭ ମୁହୂର୍ତ୍ତ ସକାଳ ୯ଟା ୫୧ରୁ ମଧ୍ୟାହ୍ନ ୧୨ଟା ୧୫ ମଧ୍ୟରେ ଟ୍ରେଜେରୀରୁ ଚାବି ଆଣି ରତ୍ନଭଣ୍ଡାର ଖୋଲାଯିବ। ପୂର୍ବ ଏସ୍‌ଓପିକୁ ଅନୁପାଳନ କରାଯିବ। ସେହିଦିନ ସନ୍ଧ୍ୟା ସୁଦ୍ଧା ଭିତର ରତ୍ନଭଣ୍ଡାରରୁ ସମସ୍ତ ରତ୍ନ ଅଳଙ୍କାର ସୁରକ୍ଷିତ ଭାବେ ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ରତ୍ନଭଣ୍ଡାର ତଦାରଖ କମିଟି ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ନିଷ୍ପତ୍ତି ନେଇଛି।

**ଖଟଶେଯ ଘରକୁ ସ୍ଥାନାନ୍ତର ହେବ ରତ୍ନ ଅଳଙ୍କାର**

**ସକାଳ ୯ଟା ୫୧ରୁ ମଧ୍ୟାହ୍ନ ୧୨ଟା ୧୫ ଶୁଭ ମୁହୂର୍ତ୍ତ**

**ସକାଳ ୮ଟାରୁ ଭକ୍ତଙ୍କ ପ୍ରବେଶ ଉପରେ ଲାଗିବ କଟକଣା**

ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁନଶ୍ଚ କେବେ ଭିତର ରତ୍ନଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାର ସ୍ଥାନାନ୍ତର ହେବ, ସେ ସଂପର୍କରେ ଆଲୋଚନା ହୋଇଥିଲା। ବୈଠକ ଶେଷରେ ▶ପୃଷ୍ଠା-୯

# ମାସେ ପରେ ବି ହୋଇପାରୁନି ଏଜି ନିଯୁକ୍ତି
### ମୁଖ୍ୟ ନ୍ୟାୟାଳୟଙ୍କ ଭର୍ତ୍ସନା ପରେ ମଧ୍ୟ ହାତବାନ୍ଧି ବସିଛନ୍ତି ସରକାର

■ ଭୁବନେଶ୍ୱର, ୧୬।୭ (ସମିସ): ରାଜ୍ୟରେ ବିଜେପି ସରକାରକୁ ଗୋଟିଏ ମାସ ପୂରି ସାରିଛି। ଏହି ଗୋଟିଏ ମାସ ମଧ୍ୟରେ ସରକାର ଏକାଧିକ ଆଇଏଏସ୍ ଓ ଆଇପିଏସଙ୍କ ଅଦଳବଦଳ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଆଡଭୋକେଟ ଜେନେରାଲ (ଏଜି)ଙ୍କ ନିଯୁକ୍ତିକୁ ନେଇ ସଂଶୟ ଲାଗି ରହିଛି। ରାଜ୍ୟରେ ବିଜେପି ସରକାର ଗଠନ ପୂର୍ବରୁ ଏଜି ଭାବେ କାର୍ଯ୍ୟରତ ଅଶୋକ ପରିଜା ଇସ୍ତଫା ଦେଇଥିଲେ, ସେବେଠାରୁ ଏହି ପଦବୀ ଖାଲି ପଡ଼ିଛି। କିଏ ପରବର୍ତ୍ତୀ ଏଜି ହେବେ ଏଯାବତ୍ ଏହି ଚିତ୍ର ସ୍ପଷ୍ଟ ହେଉ ନ ଥିବା ବେଳେ ହାଇକୋର୍ଟରେ ସରକାରଙ୍କ ପାଇଁ ସ୍ଥିତି ଜଟିଳ ହେଉଛି। ରାଜ୍ୟ ସରକାର ଗତ ଜୁନ୍ ୭ ତାରିଖରେ ଅନ୍ତରୀଣ ଭାବେ ଜ୍ୟୋତିପ୍ରକାଶ ପଟ୍ଟନାୟକଙ୍କୁ ଏଜି ଭାବେ ଦାୟିତ୍ୱ ଦେଇଛନ୍ତି। କିନ୍ତୁ ପୂର୍ବ ବିଜେଡି ସରକାର ୨୦୧୯ ମେ’ ୨୯ରେ ଦାୟିତ୍ୱ ନେବାର ଏକ ମାସ ମଧ୍ୟରେ ୨୬ ଜୁନ୍‌ରେ ଏଜି ଭାବେ ଶ୍ରୀ ଅଶୋକ ପରିଜାଙ୍କୁ ନିଯୁକ୍ତି ଦେଇଥିଲେ।

ଆସନ୍ତା ୨୨ ତାରିଖରୁ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି, ତେଣୁ ବିଧାନସଭା ଅଧିବେଶନ ପୂର୍ବରୁ ସରକାର ଏହି ପଦ ପୂରଣ ନ କଲେ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ, ହାଇକୋର୍ଟ ପ୍ୟାନେଲରେ ଆଡଭୋକେଟ ଜେନେରାଲଙ୍କ ▶ପୃଷ୍ଠା-୯

**ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା**

# ଆଉ ୨ ଗିରଫ

■ ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଟ୍ରଙ୍କରୁ ନିଟ୍ ୟୁଜି ପ୍ରଶ୍ନପତ୍ର ଚୋରି କରିଥିବା ଅଭିଯୋଗରେ ସିବିଆଇ ମଙ୍ଗଳବାର ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତି ଦ୍ୱୟ ହେଲେ ପାଟନାର ପଙ୍କଜ କୁମାର ଓ ହଜାରିବାଗର ରାଜୁ ସିଂହ। ଚଳିତ ମାସ ଆରମ୍ଭରେ ସିବିଆଇ ପ୍ରଶ୍ନପତ୍ର ଲିକ୍ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରାକେଶ ରଞ୍ଜନ ଓରଫ ରକିକୁ ବିହାରର ନାଳନ୍ଦାରୁ ଗିରଫ କରିଥିଲା। ରଞ୍ଜନକୁ ଧରିବାକୁ ସିବିଆଇ ପାଟନା ଓ ▶ପୃଷ୍ଠା-୯

**ଏନ୍‌ଟିଏ ଟ୍ରଙ୍କରୁ ଚୋରି କରିଥିଲେ ପ୍ରଶ୍ନପତ୍ର**

### ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ
# ଅଣ୍ଡାମାଡ଼ ଚେତାବନୀ ଦେଲେ ତାରା



■ ଭୁବନେଶ୍ୱର, ୧୬।୭ (ସମିସ): ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଏଏସ୍‌ଓ ବୈକୁଣ୍ଠ ନାଥ ପ୍ରଧାନଙ୍କୁ ନ୍ୟାୟ ଓ ରାଜ୍ୟପାଳଙ୍କ ପୁଅ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ରାଜଭବନ ଆଗରେ ଧାରଣା ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନିଜ କର୍ତ୍ତବ୍ୟ ପାଳନ କରିବାରେ ଅସମର୍ଥ ହୋଇଥିବା ଦର୍ଶାଇ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ଧାରଣା ସ୍ଥଳରେ ଯୋଗଦେଇ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ତାରାପ୍ରସାଦ ବାହିନପତି ରାଜ୍ୟ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଶ୍ରୀ ବାହାନିପତି କହିଛନ୍ତି ଯେ ରାଜ୍ୟ ସରକାର ଓଡ଼ିଶାର ଆଇନ ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛନ୍ତି। ରାଜ୍ୟପାଳଙ୍କ ପୁଅ ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ। ଓଡ଼ିଆ ଜାତି ଓ ▶ପୃଷ୍ଠା-୯

**ରାଜଭବନ ସମ୍ମୁଖରେ ଛାତ୍ର ଓ ଯୁବ କଂଗ୍ରେସର ଧାରଣା**

**ମୋହନ ସରକାରରେ ଚାଲିଛି ଦୁଇ ପ୍ରକାର ଆଇନ: ଯାସିର**

## ମୁଖ୍ୟମନ୍ତ୍ରୀ ଜବାବ ଦିଅନ୍ତୁ: ବିଜେଡି

■ ଭୁବନେଶ୍ୱର, ୧୬।୭ (ସମିସ): ନବୀନ ସରକାରରେ ଆଇନ୍ ସମସ୍ତଙ୍କ ପାଇଁ ସମାନ ଥିଲା। ଯିଏ ଗୁଣ୍ଡାଗିରି କରୁଥିଲେ ସେ ବିଧାୟକ, ସାଂସଦ କି ମନ୍ତ୍ରୀ ଯିଏ ହୁଅନ୍ତୁ ନା କାହିଁକି ନବୀନ ପଟ୍ଟନାୟକ କାହାକୁ ଛାଡ଼ିନଥିଲେ। ଆଇନ୍ ସମସ୍ତଙ୍କ ପାଇଁ ସମାନ ଥିଲା। ହେଲେ ମୋହନ ସରକାରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହାର ସବୁଠାରୁ ବଡ଼ ଉଦାହରଣ ହେଉଛି ରାଜ୍ୟପାଳଙ୍କ ପୁଅ ଜଣେ କ ର୍ତ୍ତ ବ୍ୟ ର ତ ▶ପୃଷ୍ଠା-୯



**ରାଜ୍ୟପାଳଙ୍କ ପୁଅ ବୋଲି କ’ଣ ସବୁ ମାଫ୍?**

**ଓଡିଆ ଅଧିକାରୀଙ୍କୁ ମାଡ଼ ମାରି ବିଦା କରିଦେବା କ’ଣ ଅସ୍ମିତାର ପ୍ରତୀକ**

**ଯିଏ ବି ହେଉ, ଦୋଷକଲେ ନବୀନ ବାବୁ କାହାକୁ ଛାଡ଼ିନାହାନ୍ତି**






ରଥ ଉପରେ ତିନି ଠାକୁରଙ୍କ ମଙ୍ଗଳ ଆଳତି

ଫଟୋ: ଅଭିଜିତ

# ରଥ ଉପରେ ସୁନାବେଶ ବଡ଼ତଢ଼ାଉଙ୍କ ଅନୁରୋଧରେ ହେଉଛି

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ମାନବୀୟ ଲୀଳା ଭଳି ରାଜକୀୟ ଲୀଳା ମଧ୍ୟ ଅନୁଷ୍ଠିତ ହେଉଛି। ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ତାଙ୍କର କେତେକ ରୀତି, ନୀତି, ବେଶ ଓ ଭୋଗ ଇତ୍ୟାଦିରେ ରାଜକୀୟ ଠାଣି ପରିଲକ୍ଷିତ ହୋଇଥାଏ। ରାଜାଧିରାଜ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ ବା ରାଜବେଶ ବର୍ଷକୁ ପାଞ୍ଚଥର ଅନୁଷ୍ଠିତ ହୁଏ। ଆଶ୍ୱିନ ଶୁକ୍ଳ ଦଶମୀ (ଦଶହରା), କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା ଏହି ଚାରିଥର ଶ୍ରୀମନ୍ଦିର ରତ୍ନସିଂହାସନରେ ଏବଂ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାର ସମ୍ମୁଖରେ ଥିବା ରଥ ଉପରେ ସୁନାବେଶ କରାଯାଇଥାଏ।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ମହାପ୍ରଭୁଙ୍କର ଏହି ଲାବଣ୍ୟମୟ ସୁବର୍ଣ୍ଣ ବେଶ କେବେଠାରୁ ଆରମ୍ଭ ହେଲା ତାହା ଠିକ୍ ଭାବେ କହିବା କଷ୍ଟକର। ଏ ସମ୍ପର୍କରେ ସ୍କନ୍ଦ ପୁରାଣ କିମ୍ବା ନୀଳାଦ୍ରି ମହୋଦୟ ଭଳି ଗ୍ରନ୍ଥମାନଙ୍କରେ କିଛି ଉଲ୍ଲେଖ ନାହିଁ। ତେବେ ମହାପ୍ରଭୁଙ୍କର ଏହି ଦିବ୍ୟ ବେଶକୁ ସର୍ବଧର୍ମ, ସର୍ବମତବାଦର ଜନସାଧାରଣ ଓ ଭକ୍ତଗଣ ଆନନ୍ଦରେ ଦର୍ଶନ କରିଥାନ୍ତି। ଏହିଦିନ ଶ୍ରୀକ୍ଷେତ୍ରରେ ପ୍ରବଳ ଗହଳି ଲାଗିଥାଏ। ରଥ ଉପରେ ହେଉଥିବା ସୁନାବେଶର ନାମ ହେଉଛି ବଡ଼ତଢାଉ ବେଶ। ବଡ଼ତଢାଉ ବେଶ ସମ୍ପର୍କରେ ଜଣାଯାଏ ୧୪୬୦ ଖ୍ରୀଷ୍ଟାବ୍ଦରେ ରାଜା କପିଳେନ୍ଦ୍ର ଦେବ ଦେବୀ ଜୟଦୁର୍ଗାଙ୍କ କୃପାରୁ ଦକ୍ଷିଣ ଭାରତ ବିଜୟ କରି ୧୬ଟି ହସ୍ତୀ ପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ। ଗଜପତି ମହାରାଜାଙ୍କର ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଗ୍ରହ ଲକ୍ଷ୍ୟ କରି ବଡ଼ତଢାଉ ସେବକ (ଅଳଙ୍କାରଗୁଡ଼ିକୁ ଭଣ୍ଡାରରୁ ଆଣି ବେଶ ଶେଷ ହେବା ପରେ ପୁଣି ଭଣ୍ଡାର ମଧ୍ୟରେ ଗଣି କରି ରଖନ୍ତି) ଶ୍ରୀଛାମୁରେ ଜଣାଇଥିଲେ ଯେ, ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ବର୍ଷ ମଧ୍ୟରେ ହେଉଥିବା ସକଳ ବେଶକୁ ସମସ୍ତ ବର୍ଗର ଲୋକେ ଦର୍ଶନ କରିପାରୁ ନାହାନ୍ତି। ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ବାହୁଡ଼ା ଦିନ ରଥତ୍ରୟ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତା' ପରଦିନ ରଥ ଉପରେ ଠାକୁରମାନଙ୍କ ସର୍ବସମ୍ମୁଖରେ ସୁନାବେଶରେ ସୁସଜ୍ଜିତ କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ। ବଡ଼ତଢାଉ ସେବକଙ୍କ ଅନୁରୋଧକ୍ରମେ ସେହି ଦିନଠାରୁ ରାଜା କପିଳେନ୍ଦ୍ର ଦେବ ୧୩୮ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ପ୍ରଥମେ ଠାକୁରମାନଙ୍କୁ ରଥ ଉପରେ ବଡ଼ ଏକାଦଶୀଦିନ ଚିତ୍ତାକର୍ଷକ ସୁନାବେଶ କରାଇଥିଲେ। ତେଣୁ ଏହି ସୁନାବେଶ ବଡ଼ତଢାଉ ବେଶ ନାମରେ ପ୍ରସିଦ୍ଧ ଲାଭ କରିଛି। ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ନୀତି ସରିବା ପରେ ଦୁର୍ଲ୍ଲଭ ସୁନାବେଶ ଆରମ୍ଭ ହୋଇଥାଏ। ଏହି ବେଶରେ ମେକାପ, ପୁଷ୍ପାଳକ ଓ ଖୁଣ୍ଟିଆ ସେବକ ପ୍ରମୁଖ ସାହାଯ୍ୟ କରିଥାନ୍ତି। ରଥ ଉପରେ ଏମାନଙ୍କ ସହିତ ଦଇତାପତି ସେବକମାନେ ମଧ୍ୟ ଅଂଶଗ୍ରହଣ କରିଥାନ୍ତି। ଏହିଦିନ ଦ୍ୱିପ୍ରହର ଧୂପ (ଖଇ, କୋରା, ଧୁଆମୁଗ, ଆମ୍ବ, ପଣସ, ନଡ଼ିଆ ଇତ୍ୟାଦି ଶୁଖିଲି ଭୋଗ) ପରେ ଠାକୁରମାନେ ମଇଲମ ହୁଅନ୍ତି। ଏହାପରେ ଖଣ୍ଡେ ଖଣ୍ଡେ ଶାଢ଼ି ଓ ଖଣ୍ଡୁଆ ଲାଗି ହୁଅନ୍ତି। ପରେ ଫୁଟାଲାଗି (ଟାଇଟ ବସ୍ତ୍ର ପରିଧାନ କରନ୍ତି) ହୁଅନ୍ତି। ଅଧର ବଳା ଓ ଦୁଇ ଭୁଜରେ ବଳା ଲାଗି ହେବା ପରେ ଅଳଙ୍କାରମାନ ଲାଗି ହୋଇଥାନ୍ତି।







## ରଥ ଉପରେ ମହାବାହୁଙ୍କ ଦର୍ଶନ



ଭାଗ୍ୟରେ ଥିଲେ ଏମିତି ଦର୍ଶନ କରିବାକୁ ମିଳେ। ମୁଁ ବହୁତ ଭାଗ୍ୟବାନ କି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଛି। ମହାବାହୁଙ୍କ ଦର୍ଶନ ପାଇ ବହୁତ ଭାଗ୍ୟବାନ ମନେ କରୁଛି। ବହୁତ ଖୁସି ଲାଗୁଛି ଏତେ ବାଟ ଆସି ପାରିଲି।

-ଲତା ବାରିକ୍, ବାଣପୁର



ଏଇ ବୟସରେ ଆସିକି ଚକାଆଖିକୁ ଦେଖିପାରୁଛି। ୟାଠାରୁ ବଡ଼ କଥା କଣ ହୋଇପାରେ। ଭଗବାନଙ୍କୁ ଡାକୁଛି ଶୀଘ୍ର ମତେ ଆରପାରିକୁ ନେଇଯାଅନ୍ତୁ। ଆଉ ସ୍ୱର୍ଗଦ୍ୱାରରେ ଟିକିଏ ସ୍ଥାନ ଦିଅନ୍ତୁ।

-କୁନ୍ତଳା ଦେଇ, ଖୋର୍ଦ୍ଧା



ଘରେ ବସି ଟିଭିରେ ଜଗନ୍ନାଥଙ୍କୁ ଦେଖୁଥିଲି। ମନବୁଝିଲାନି ଚାଲିଆସିଲି ଦେଖିବା ପାଇଁ। ଯେତେଥର ବି ଦେଖୁଛି ମନ ବୁଝୁନି।

-ଶୁଭଲକ୍ଷ୍ମୀ ବେହେରା, ଲୋକନାଥ ରୋଡ୍, ପୁରୀ



ଡୋରି ଲାଗିଲା ଆସିଲି, ଆଉ କାଳିଆକୁ ଦେଖିଲି। ଜଗନ୍ନାଥଙ୍କ ଡୋରି ନ ଲାଗିଲେ କେହି ଆସିପାରିବେ ନାହିଁ। ରଥରେ ତିନିଠାକୁରଙ୍କୁ ଦେଖି ମନ ଭରୁନି।

-ଲତିକା ମଞ୍ଜରୀ ମହାନ୍ତି, ଜଗତସିଂହପୁର



ଆମେ ଯେତେବେଳେ ଚାହୁଁଛୁ ସେତେବେଳେ ଆସି ମହାପ୍ରଭୁଙ୍କୁ ଦେଖି ଯାଉଛୁ। ଘର ପାଖ ହୋଇଥିବାରୁ ବହୁତ ଭାଗ୍ୟବାନ ଆମେ। କେତେଆଡ଼ୁ ଲୋକ ଆସୁଛନ୍ତି ମହାପ୍ରଭୁଙ୍କ ଦର୍ଶନ କରିବାକୁ। ତଥାପି ରଥ ଉପରେ ଠାକୁର ଅଛନ୍ତି ବୋଲି ଟିକେ ଦର୍ଶନ କରିବାକୁ ଆସିଛି।

-ଟୁବୁଲି ପ୍ରଧାନ, ହରେକୃଷ୍ଣପୁର, ପୁରୀ



# ସୁନାବେଶ ପାଇଁ ୧୯୦ ପ୍ଲାଟୁନ୍ ଫୋର୍ସ

ବୁଧବାର ମହାପ୍ରଭୁଙ୍କର ସୁନାବେଶ। ତିନିରଥ ଉପରେ ରାଜାଧିରାଜ ବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବ୍ରହ୍ମ। ତେବେ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ସୁନାବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ରଥଯାତ୍ରା ଅପେକ୍ଷା ସୁନାବେଶରେ ଅଧିକ ଭିଡ଼ ହେବା ନେଇ ଆକଳନ କରିଛି ପୁଲିସ। ତେଣୁ ଜନଗହଳି ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ମାର୍କେଟ ଛକଠାରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ମାର୍କେଟ ଛକଠାରୁ ବ୍ୟାରିକେଡ୍ ଭିତରେ ପ୍ରବେଶ କରି ଏକମୁଖୀ ହୋଇ ଗୋଏଙ୍କା ଧର୍ମଶାଳା, ମରିଚିକୋଟ ଛକ ଏବଂ ରାଧାବଲ୍ଲଭ ମଠ ସମ୍ମୁଖ ଦେଇ ସିଂହଦ୍ୱାର ଆଡ଼କୁ ଯିବେ। ସମସ୍ତ ଭକ୍ତ ନନ୍ଦିଘୋଷ ରଥ ପାର୍ଶ୍ୱରେ ଡାହାଣ ପଟେ ଯାଇ ତିନିରଥ ସମ୍ମୁଖରୁ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିବେ। ଦର୍ଶନ ସାରି ବଡ଼ଦାଣ୍ଡର ଅପର ପାର୍ଶ୍ୱ ଅର୍ଥାତ୍ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖ ଦେଇ ପ୍ରସ୍ଥାନ କରିବେ। ଦୋଳମଣ୍ଡପ ସାହି, ଜହ୍ନି ମୁଣ୍ଡିଆ ଛକ, ଦୋଳବେଦୀ କୋଣ ଆଦି ସ୍ଥାନରେ ପ୍ରେସର ପଏଣ୍ଟ ଚିହ୍ନଟ କରାଯାଇଛି। ସେଇସବୁ ସ୍ଥାନରୁ ଗହଳିର ସ୍ଥିତିକୁ ଦେଖି ନିୟନ୍ତ୍ରିତ କରି ଭକ୍ତଙ୍କୁ ଛଡ଼ାଯିବ। ଯେତେ କମ୍ ସଂଖ୍ୟକ ମୋବାଇଲ୍ ବ୍ୟବହାର କରାଯାଇପାରିବ ସେ ନେଇ ଭକ୍ତଙ୍କୁ ନିବେଦନ କରିଛନ୍ତି ଏସ୍‌ପି ପିନାକ ମିଶ୍ର। କୁନି କୁନି ପିଲା ଏବଂ ବୟସ୍କ ବ୍ୟକ୍ତିବିଶେଷ ଭିଡ଼ ଭିତରେ ନ ଆସିବାକୁ ମଧ୍ୟ ଅନୁରୋଧ କରିଛନ୍ତି ଏସ୍‌ପି। ସେହିପରି କୌଣସି ଗଳିକନ୍ଦିରେ ପଶି ଆସୁଥିବା ଭକ୍ତମାନଙ୍କୁ ଶ୍ରୀମନ୍ଦିର ନିକଟକୁ ଛଡ଼ାଯିବ ନାହିଁ। ଭିଆଇପି ଓ ଭିଭିଆଇପିମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅଧିକ ଭିଡ଼ ଥିଲେ ଚାଲିକି ଆସିବା ପାଇଁ ନିବେଦନ କରାଯାଉଛି। ଆବଶ୍ୟକ ପଡ଼ିଲେ ବ୍ୟାଟେରୀଚାଳିତ ଗାଡ଼ିର ବ୍ୟବସ୍ଥା କରାଯିବ। ଜନଗହଳି ନିୟନ୍ତ୍ରଣ କରିବାକୁ ଦିଆଯାଇଛି ପ୍ରାଥମିକତା। ପାଳିଆ ସେବାୟତ ଏବଂ ଜରୁରୀକାଳୀନ ସେବା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ସୁନାବେଶ ପାଇଁ ୧୯୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିବେ। ବରିଷ୍ଠ ପୁଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି। ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବରିଷ୍ଠ ଅଧିକାରୀ ମୁତୟନ ରହିବେ। ସେହିପରି ପୁରୀ ପୁଲିସ ପକ୍ଷରୁ ୨୪ ଘଣ୍ଟିଆ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ୧୧୨, ୬୩୭୦୯୬୭୧୦୦, ୬୩୭୦୯୭୨୧୦୦ ନମ୍ବର୍‌ରେ କଲ୍ କରି ଜରୁରୀକାଳୀନ ପରିସ୍ଥିତିରେ ଶ୍ରଦ୍ଧାଳୁମାନେ ପୁଲିସର ସାହାଯ୍ୟ ନେଇପାରିବେ ବୋଲି ଏସ୍‌ପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

- ମାର୍କେଟ୍ ଛକଠାରୁ ବ୍ୟାରିକେଡ୍ ଦେଇ ଯିବେ ଭକ୍ତ
- ଛୋଟ ପିଲା ଏବଂ ବୟସ୍କ ଭିଡ଼ ଭିତରକୁ ନ ଆସିବାକୁ ଅନୁରୋଧ



## ପୁରାଣେ ପୁରୁଷୋତ୍ତମ-୧୪



### ପଦ୍ମ ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ପଦ୍ମ ମହାପୁରାଣ ସୁବିଦିତ। ସମୁଦାୟ ୭ଟି ଖଣ୍ଡ (ସୃଷ୍ଟି, ଭୂମି, ସ୍ୱର୍ଗ, ବ୍ରହ୍ମ, ପାତାଳ, ଉତ୍ତର ଓ କ୍ରିୟାସାର) ଓ ୫୫ହଜାର ଶ୍ଳୋକରେ ସଂରଚିତ ଏହି ମହାପୁରାଣ ପରମପୁରୁଷଙ୍କ ହୃଦୟପଦ୍ମଭାବରେ ମହତ୍ତ୍ୱ ପ୍ରାପ୍ତ। ବିଷ୍ଣୁଙ୍କ ନାଭିରୁ ପଦ୍ମର ଆବିର୍ଭାବ ଓ ତହିଁରୁ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପ୍ରକଟନର ବିସ୍ତୃତ ପ୍ରସଙ୍ଗ ସହ ସୃଷ୍ଟିକ୍ରମ, ବିବିଧ ବ୍ରତ-ଶ୍ରାଦ୍ଧ-ପଦ୍ଧତି, ନାନା ତୀର୍ଥବର୍ଣ୍ଣନା, ଅବତାରତତ୍ତ୍ୱ, ରାମଚରିତ, କୃଷ୍ଣଚରିତ, ଗୀତାମାହାତ୍ମ୍ୟ, ଭାଗବତମାହାତ୍ମ୍ୟ, ଗଙ୍ଗା ଓ ଗଣେଶ ମହିମା, ମାସକୃତ୍ୟାଦି ଅନେକ ପ୍ରସଙ୍ଗ ସବିସ୍ତର ବର୍ଣ୍ଣିତ। ଏହାର ପାତାଳଖଣ୍ଡ-ଅନ୍ତର୍ଗତ ୧୭ ଠାରୁ ୨୨ ଅଧ୍ୟାୟ ପର୍ଯ୍ୟନ୍ତ ନୀଳାଚଳ ଓ ପୁରୁଷୋତ୍ତମ କ୍ଷେତ୍ର ସହ ପୁରୁଷୋତ୍ତମ-ଶ୍ରୀଜଗନ୍ନାଥଙ୍କ କଥା ଉଲ୍ଲିଖିତ ଅଛି। ପାତାଳଖଣ୍ଡ (୧୭/୨୪, ୩୩, ୩୪)ରେ ରାମଭ୍ରାତା ଶତ୍ରୁଘ୍ନଙ୍କ ନୀଳପର୍ବତ-ଦର୍ଶନ ଓ ତାଙ୍କ ମନ୍ତ୍ରୀ ସୁମତିଙ୍କୁ ଏହାର ପରିଚୟ ପଚାରନ୍ତେ, ସୁମତିଙ୍କ ଦ୍ୱାରା ତାହାର ଉତ୍ତରରେ ପୁରୁଷୋତ୍ତମଙ୍କ ବେଦସାରତତ୍ତ୍ୱ ବର୍ଣ୍ଣିତ-

"ନୀଳୋଽୟଂ ପର୍ବତୋ ରାଜନ୍ ପୁରତୋ ଭାତି ଭୂମିପ।
ମନୋହରୈର୍ମହାଶୃଙ୍ଗୈଃ ସ୍ଫଟିକାଗ୍ରୈଃ ସମନ୍ତତଃ ।।
ପବିତ୍ରୟତି ସର୍ବାନ୍ଲୋ ଦର୍ଶନେନ ମନୋହରଃ ।
ଅତ୍ର ତିଷ୍ଠତି ଦେବାନାଂ ମୁକୁଟୈରର୍ଚ୍ଚିତାଙ୍ଘ୍ରିକଃ ।।
ପୁଣ୍ୟବଦ୍ଭିର୍ଦର୍ଶନାର୍ହଃ ପୁଣ୍ୟଦଃ ପୁରୁଷୋତ୍ତମଃ ।
ଶ୍ରୁତୟୋ ନେତିନେତୀତି ବ୍ରୁବାଣା ନ ବିଦନ୍ତି ଯମ୍ ।।"

ଆହୁରି ସେଠାରେ (୧୭/୩୫-୩୭) କୁହାଯାଇଛି-

"ଯତ୍ପାଦରଜ ଇନ୍ଦ୍ରାଦିଦେବୈର୍ମୃଗ୍ୟଂ ସୁଦୁର୍ଲଭମ୍ ।
ବେଦାନ୍ତାଦିଭିରନ୍ୟୈର୍ବାକ୍ୟୈର୍ବିଦନ୍ତି ଯଂ ବୁଧାଃ ।।
ସୋଽତ୍ର ଶ୍ରୀମାନ୍ନୀଳଶୈଳେ ବସତେ ପୁରୁଷୋତ୍ତମଃ ।
ଆରୁହ୍ୟ ତଂ ନମସ୍କୃତ୍ୟ ସମ୍ପୂଜ୍ୟ ସୁକୃତାଦିନା ।।
ନୈବେଦ୍ୟଂ ଭକ୍ଷୟିତ୍ୱା ବୈ ଭୂପ ଭୂୟାଚ୍ଚତୁର୍ଭୁଜଃ ।
ଅତ୍ରାପ୍ୟୁଦାହରନ୍ତୀମମିତିହାସଂ ପୁରାତନମ୍ ।।"

ଅର୍ଥାତ୍ ଯାହାଙ୍କ ଦୁର୍ଲଭ-ପାଦଧୂଳିପ୍ରାପ୍ତିକୁ ଇନ୍ଦ୍ରାଦିଦେବଗଣ ଇଚ୍ଛା କରନ୍ତି, ବିଦ୍ୱାନ୍ମାନେ ଯାହାଙ୍କୁ ବେଦାନ୍ତବାକ୍ୟାବଳିଦ୍ୱାରା ଜାଣିବାକୁ ଚେଷ୍ଟା କରନ୍ତି, ଏହି ନୀଳପର୍ବତରେ ସେହି ପୁରୁଷୋତ୍ତମ ସ୍ୱୟଂ ବିଦ୍ୟମାନ। ଯେ କେହି ଜୀବ ଏହି ନୀଳପର୍ବତକୁ ଆରୋହଣ କରି ସେହି ପୁରୁଷୋତ୍ତମଙ୍କୁ ପ୍ରଣାମପୂର୍ବକ ପୂଜା କରି ତାହାଙ୍କ ନୈବେଦ୍ୟ (ମହାପ୍ରସାଦ)କୁ ଭକ୍ଷଣ କରେ; ସେ ସାରୂପ୍ୟ-ମୁକ୍ତି ପାଇ ଚତୁର୍ଭୁଜସ୍ୱରୂପ ପ୍ରାପ୍ତ ହୋଇଥାଏ। ଏହି ଉଦ୍ଦେଶ୍ୟରେ ମନ୍ତ୍ରୀ ସୁମତି ଶତ୍ରୁଘ୍ନଙ୍କୁ କାଞ୍ଚୀପୁରର ରାଜା ରତ୍ନଗ୍ରୀବଙ୍କ କଥା କହିଛନ୍ତି। ଏଥିରେ ରାଜା ରତ୍ନଗ୍ରୀବ ତାଙ୍କ ରାଜସଭାକୁ ଆଗତ ଜଣେ ବ୍ରହ୍ମଣଙ୍କ ମୁଖରୁ ପୁରୁଷୋତ୍ତମ ଓ ମହାପ୍ରସାଦ ମାହାତ୍ମ୍ୟ ଶ୍ରବଣ କରିଛନ୍ତି। ବ୍ରାହ୍ମଣଙ୍କ ଭାଷାରେ ନୀଳପର୍ବତରେ ଦେବପୂଜ୍ୟ ଭଗବାନ୍ ପୁରୁଷୋତ୍ତମଙ୍କ ନୈବେଦ୍ୟ (ମହାପ୍ରସାଦ) ସେବନ କରି ସେଠାରେ ବାସକରୁଥିବା କିରାତମାନେ ଚତୁର୍ଭୁଜସ୍ୱରୂପରେ ବିହାର କରୁଥିବା ବର୍ଣ୍ଣିତ ଅଛି। ଯଥା- (୧୮/୨୯)-

"ଅନ୍ନାଦିକଂ ତତ୍ର ଭୁକ୍ତଂ ସର୍ବସ୍ୱାଦସମନ୍ୱିତମ୍ ।
ବୟଂ ଚତୁର୍ଭୁଜା ଜାତା ଦେବସ୍ୟ କୃପୟା ପୁନଃ ।।"

ବ୍ରାହ୍ମଣଙ୍କ କଥାନୁସାରେ (୧୯/୬୦) ରତ୍ନଗ୍ରୀବ ପ୍ରଜା ଓ ପରିବାର ସହିତ ନୀଳପର୍ବତକୁ ଯାତ୍ରା କରିବାବେଳେ ପ୍ରତ୍ୟେକ ପ୍ରଜା ଦର୍ଶନ ପପୁରୁଷୋତ୍ତମଙ୍କୁ ସ୍ମରଣ କରିଛନ୍ତି-

"ଜୟ ଦେବେଶ ଦୁଃଖଘ୍ନ ପୁରୁଷୋତ୍ତମସଂଜ୍ଞିତ ।
ଦର୍ଶୟସ୍ୱ ତନୁଂ ମହ୍ୟଂ ବଦନ୍ତୋ ନିର୍ଯୟୁର୍ଜନାଃ ।।"

ପରେ ପୁରୁଷୋତ୍ତମଙ୍କୁ ନୀଳଗିରିରେ ଦର୍ଶନ କରିଛନ୍ତି ରତ୍ନଗ୍ରୀବ ଓ ତାଙ୍କ ଚରିତ ଶୁଣି ସ୍ୱୟଂ ରାମାନୁଜ ଶତ୍ରୁଘ୍ନ ମଧ୍ୟ ନୀଳପର୍ବସ୍ଥ ପୁରୁଷୋତ୍ତମଙ୍କୁ ଦର୍ଶନ କରି ନିଜକୁ କୃତାର୍ଥ ମନେ କରିଛନ୍ତି। ଯଥା- (୨୨/୬୩)- "ଶ୍ରୁତ୍ୱା ନତ୍ୱା ଚ ଦେବେଶଂ ସୁରାସୁରନମସ୍କୃତମ୍ । ଜାତଂ କୃତାର୍ଥମାତ୍ମାନମମନ୍ୟତ ସ ଶତ୍ରୁହା ।।"

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ-୯୪୩୭୫୬୭୩୨୪



ଆକାଶମାର୍ଗରୁ ବଡ଼ଦାଣ୍ଡ: ଗୋଟିଏ ଫ୍ରେମ୍‌ରେ ଶ୍ରୀମନ୍ଦିର ଓ ତିନିରଥ (ଫଟୋ-ଅନିଲ)

## ୨୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ

**କଟକ, ୧୬।୭(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆସନ୍ତା ଜୁଲାଇ ୨୧ରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ୍ ପରୀକ୍ଷାରେ ଅକୃତକାର୍ଯ୍ୟ ଏବଂ ଅନୁପସ୍ଥିତ ରହିଥିବା ପରୀକ୍ଷାର୍ଥୀମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ନିମନ୍ତେ ୯୭୨ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ପରୀକ୍ଷାର୍ଥୀଙ୍କ ପାଇଁ ରାଜ୍ୟରେ ୮୩ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା (ଦ୍ୱିତୀୟ)ପାଇଁ ମୋଟ ୧୨୧ ପରୀକ୍ଷା କେନ୍ଦ୍ର କରାଯାଇଛି। ୨୪ ହଜାର ୫୨୦ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ। ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍‌ରୁ ସେମାନଙ୍କର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରୀକ୍ଷା ସମ୍ପର୍କରେ ଦ୍ୱନ୍ଦ୍ୱ ଦୂର ପାଇଁ ପରୀକ୍ଷାର୍ଥୀମାନେ ମୋ: ୦୬୭୧-୨୪୧୫୩୦୫ରେ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି। ସୂଚନା ଥାଉକି, ଚଳିତ ବର୍ଷ ୫ ଲକ୍ଷ ୪୧ ହଜାର ୬୧ ଜଣ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ୫ ଲକ୍ଷ ୩୦ ହଜାର ୧୫୩ଜଣ ପାସ୍ କରିଥିଲେ।

## ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍

**ପୁରୀ, ୧୬।୭(ସମିସ):** ପୁଣି ଭାଇରାଲ୍ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ରାଜା ଶେଖର ନାମକ ଜଣେ ଯୁବକ ଶ୍ରୀମନ୍ଦିର ଭିତର ବେଢ଼ାରୁ ନିଜର ସେଲ୍‌ଫି ଏବଂ ଭିଡିଓ ନେଇ ଏହାକୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଅପଲୋଡ୍ କରିଛନ୍ତି। ସେ ଅପଲୋଡ୍ କରିଛନ୍ତି। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ବେଳେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ଥିବା ବେଳେ କିପରି ଏହି ଫଟୋ ଉଠିଲା ତାହାର ତଦନ୍ତ ପାଇଁ ଦାବି ହୋଇଛି। ନିକଟରେ ନିଖିଲ ଗିରି ନାମକ ଜଣେ ଯୁବକ ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ନିଜ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଅପ୍‌ଲୋଡ୍ କରିଥିଲେ।

### ନୀଳଗିରିରେ ବଡ଼ ଅଘଟଣ

## ରଥରେ ନିଆଁ; ଜଳିଗଲେ ଚତୁର୍ଦ୍ଧାମୂର୍ତ୍ତି



**ନୀଳଗିରି, ୧୬।୭(ସମିସ):** ରଥରେ ନିଆଁ ଲାଗି ଜଳିଗଲେ ଚତୁର୍ଦ୍ଧାମୂର୍ତ୍ତି। ନୀଳଗିରି ଉପଖଣ୍ଡ ନିକଟ ସାଆନ୍ତା ଛକ ରଥରେ ମଙ୍ଗଳବାର ବାହୁଡ଼ା ଯାତ୍ରାରେ ଏଭଳି ଏକ ବଡ଼ ଅଘଟଣ ଘଟିଛି। ସୂଚନାନୁଯାୟୀ, ଆଜି ରେମୁଣା ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସାଆନ୍ତା ଛକରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଥିଲା। ଏହି ସମୟରେ କୌଣସି କାରଣରୁ ରଥରେ ନିଆଁ ଲାଗି ଯାଇଥିଲା। ପରେ ସେହି ନିଆଁ ବ୍ୟାପିଯିବାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଗ୍ରହ ପୋଡ଼ି ଯାଇଥିଲା। ଏହି ଅଘଟଣକୁ ଲୁଚାଇବା ପାଇଁ ସେବାୟତମାନେ ପ୍ରୟାସ କରିଥିଲେ। କିଛି ଗଣମାଧ୍ୟମ ପ୍ରତିନିଧି ରଥର ଫଟୋ ଉତ୍ତୋଳନ କରିଥିବା ବେଳେ ମହାପ୍ରଭୁ ନ ଥିବାରୁ ପ୍ରଶ୍ନ କରିଥିଲେ। ପ୍ରଭୁଙ୍କୁ କୁଆଡ଼େ ନେଇଗଲ ବୋଲି ସେମାନେ ପଚାରିବାରୁ ସେବାୟତମାନେ କୌଣସି ଉତ୍ତର ନ ଦେଇ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ସେହିପରି ରଥର ପୋଡ଼ିଯାଇଥିବା ଅଂଶରେ ତରବରିଆ ଭାବେ ନୂତନ କାଠ ଯୋଖାଯାଇ ପ୍ରଭୁଙ୍କ ଆସ୍ଥାନରେ ଧଳା ଲୁଗା ଘୋଡ଼ାଇ ଦିଆଯାଇଛି। ତେବେ ଚର୍ଚ୍ଚା ହେଉଛି ଯେ ସେବାୟତମାନେ ପ୍ରଭୁଙ୍କୁ ଅନ୍ୟତ୍ର ନେଇ ତରବରିଆ ଭାବେ ଗ୍ରାମର କୌଣସି ଏକ ନିଛାଟିଆ ସ୍ଥାନରେ ମାଟି ତଳେ ପୋତି ଦେଇଛନ୍ତି। ଏଭଳି ଅଘଟଣକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

**ଦୋଷ ଲୁଚାଇବାକୁ ଯାଇ ରଥରେ ଧଳା ଲୁଗା ଘୋଡ଼ାଇ ଦେଲେ**

### ୧୯ରୁ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ

## ଯୋଗଦେବେ ଜେପି ନଡ୍ଡା

**ଭୁବନେଶ୍ୱର, ୧୬।୭ (ସମିସ):** ଆସନ୍ତା ୧୯ ଓ ୨୦ ତାରିଖରେ ବିଜେପିର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ପୁରୀସ୍ଥିତ ବଲିଆପଣ୍ଡାରେ ଅନୁଷ୍ଠିତ ହେବ। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏଥିରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି। ରାଜ୍ୟରେ ପ୍ରଥମଥର ସରକାର ଗଠନ ପରେ ବିଜେପିର ଏହା ପ୍ରଥମ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ। ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ, ୧୯ ତାରିଖ ସକାଳ ସାଢ଼େ ୧୦ଟାରେ ପଦାଧିକାରୀ ବୈଠକ ବସିବ। ଅପରାହ୍ଣ ସାଢ଼େ ୨ଟାରେ କାର୍ଯ୍ୟକାରିଣୀ ଉଦ୍‌ଘାଟିତ ହେବ ବୋଲି ଜଣାପଡ଼ିଛି। ୨୦ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜାରି ରହିବା ସହ ଏଥିରେ ମୁଖ୍ୟମନ୍ତ୍ରୀ, ସବୁ ମନ୍ତ୍ରୀ, ସାଂସଦ, ବିଧାୟକ, କେନ୍ଦ୍ର ମନ୍ତ୍ରୀଙ୍କ ସମେତ ନିର୍ବାଚନ ଦାୟିତ୍ୱରେ ଥିବା ବିଧାନସଭା ଓ ଲୋକସଭା ସଂଯୋଜକ, ଜିଲ୍ଲା ସଭାପତି, ସାଧାରଣ ସମ୍ପାଦକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସମସ୍ତ ମୋର୍ଚ୍ଚା ସଭାପତି ପ୍ରମୁଖ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ଏମାନଙ୍କ ବ୍ୟତୀତ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ମଧ୍ୟ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

### ନଗର ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା

## ସହରାଞ୍ଚଳର ପାରିପାର୍ଶ୍ୱିକ ବିକାଶ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୧୬।୭(ସମିସ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରି ସହର ଗୁଡ଼ିକରେ ଲୋକଙ୍କ ପାଇଁ ଆଧୁନିକ ସୁବିଧାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଯୋଜନା ଗୁଡିକର ସୁବିଧା ପାଉଥିବା ହିତାଧିକାରୀ ଚୟନ କ୍ଷେତ୍ରରେ ତଥା କର୍ମସଂସ୍ଥାନ ପ୍ରଦାନ କ୍ଷେତ୍ରରେ ଓଡ଼ିଶାର ଯୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ସହରଗୁଡ଼ିକର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଉପରେ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସହରର ଗରିବ ଲୋକଙ୍କ ପାଇଁ ଭିତ୍ତିଭୂମି ଓ ଆନୁସଙ୍ଗିକ ସୁବିଧାର ବିକାଶ କରାଯାଇ ପାରିବ। ସେମାନେ ସୁବିଧାରେ ରହି ସହରରେ ସେବା ଯୋଗାଇ ଦେବା ସହ ଜୀବିକା ଅର୍ଜନ ମଧ୍ୟ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଭୁବନେଶ୍ୱର ସମୀପବର୍ତ୍ତୀ ଦୟା ୱେଷ୍ଟ କେନାଲର ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ୩୪ କିମି ଦୀର୍ଘ ଏହି କେନାଲର ୧୬ କିମିରୁ ଅଧିକ ଅଂଶ ଭୁବନେଶ୍ୱର ସହର ଭିତରେ ରହିଛି। ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଏକ ଉନ୍ନତ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଓ ତା'ର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରିବା ବର୍ତ୍ତମାନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସବୁ ସହରରେ ବାୟୋ-ମାଇନିଂ ବ୍ୟବସ୍ଥା କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ଯେପରି ଦେଶର ଏକ ମଡେଲ୍ ସହର ହୋଇପାରିବ ସେଥିପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ବିଭାଗ ପକ୍ଷରୁ ୧୦୦ ଦିନର ଆକ୍ସନ ପ୍ଲାନ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଏହା ସହିତ ମେଟ୍ରୋ ରେଳ ପ୍ରକଳ୍ପର ଅଗ୍ରଗତି, ଜାଗା ମିଶନ, ମୋ ବସ୍ ପରିବହନ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।



**ପୁନରୁଦ୍ଧାର ହେବ ଦୟା ୱେଷ୍ଟ କେନାଲ**

## ସ୍କୁଲରେ ପଶିଲା ଭାଲୁ

### ଟ୍ରାଙ୍କୁଲାଇଜ କରି ଧରିଲା ବନ ବିଭାଗ

**ନବରଙ୍ଗପୁର/ନନ୍ଦାହାଣ୍ଡି, ୧୬।୭(ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦହଣା ପ୍ରାଥମିକ ବିଦ୍ୟାଳୟକୁ ପଶି ଆସିଥିବା ଏକ ଭାଲୁକୁ ଶେଷରେ ଟ୍ରାଙ୍କୁଲାଇଜ କରି ଧରିଛି ବନ ବିଭାଗ। ମଙ୍ଗଳବାର ସକାଳୁ ସ୍କୁଲ ଖୋଲିବା ସମୟରେ ଏକ ଭାଲୁ ସ୍କୁଲର ନିର୍ମାଣାଧୀନ ଏକ ଘର ସମ୍ମୁଖରେ ଶୋଇଥିଲା। ଏହା ଦେଖି ସ୍କୁଲ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ସୁରକ୍ଷା ଦୃଷ୍ଟିରେ ଛୁଟି ଘୋଷଣା କରି ଛାତ୍ରଛାତ୍ରୀଙ୍କୁ ଘରକୁ ଫେରିଯିବାକୁ କହିଥିଲେ। ବିଦ୍ୟାଳୟରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ପହଞ୍ଚିଥିଲେ। ବନ ବିଭାଗ କର୍ମଚାରୀ ଓ ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳ ପହଞ୍ଚି ଭାଲୁକୁ ଧରିବା ପାଇଁ ଜାଲ ବିଛାଇଥିଲେ। ଭାଲୁଟି ଗଛ ଉପରକୁ ଚଢ଼ି ଯାଇଥିଲା। ଶେଷରେ ଭାଲୁକୁ ଟ୍ରାଙ୍କୁଲାଇଜ କରିଥିଲା ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳ ସୁରକ୍ଷିତ ସ୍ଥାନକୁ ସ୍ଥାନନ୍ତରିତ କରିଥିବା ଜଣାପଡ଼ିଛି।



### ଭିତର ରତ୍ନଭଣ୍ଡାର ସ୍ଥିତି ସ୍ପଷ୍ଟ କଲେ ମୁଖ୍ୟ ପ୍ରଶାସକ

## ୩ ତାଲାରୁ ଗୋଟିଏ ଜଉମୁଦ ସିଲ୍ ଥିଲା

**ପୁରୀ,୧୬।୭(ସମିସ):** ଗତ ୧୪ ତାରିଖ ଦିନ ଭିତର ରତ୍ନଭଣ୍ଡାର ମୁଖ୍ୟ ଦ୍ୱାରରେ ଲାଗିଥିବା ୩ଟି ଯାକ ତାଲା ଟ୍ରେଜେରୀରୁ ଆସିଥିବା ଦୁଇଟି ଚାବିରେ ଖୋଲି ନଥିଲା। ତେଣୁ ଏସ୍‌ଓପି ଅନୁଯାୟୀ ତାଲାଗୁଡ଼ିକୁ ଭାଙ୍ଗି କମିଟି ପ୍ରବେଶ କରିଥିଲେ। କିନ୍ତୁ ସମୟ ଅଭାବରୁ ସ୍ଥାନାନ୍ତର ପ୍ରକ୍ରିୟା ସମ୍ଭବପର ହୋଇପାରିନଥିଲା। ସେହିଦିନ ଭିତର ଭଣ୍ଡାର ଦ୍ୱାରରେ ଭଙ୍ଗାଯାଇଥିବା ୩ଟି ଯାକ ତାଲା ଏବଂ ପୁରୁଣା ଦୁଇଟି ଚାବିକୁ ଜିଲ୍ଲା ଟ୍ରେଜେରୀରେ ଜମା କରାଯାଇଛି। ଏଥିସହ ୨ଟି ନୂଆ ତାଲା ପକାଯାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରି ତାହାର ଚାବିକୁ ମଧ୍ୟ ଟ୍ରେଜେରିରେ ଜମା କରାଯାଇଛି। ଆଉ ଗୋଟିଏ ତାଲା ପଡ଼ିବା ସମ୍ଭବ ହୋଇନଥିଲା। ମଙ୍ଗଳବାର ରତ୍ନଭଣ୍ଡାର ତଦାରଖ କିମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଭିତର ରତ୍ନଭଣ୍ଡାରକୁ ନେଇ ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ଖୋଲାଯାଇଥିବା ବେଳେ ଏହାକୁ ନେଇ ଭକ୍ତଙ୍କମହଲରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଥିଲା। ଭିତରେ ଥିବା ସିନ୍ଦୁକ ଏବଂ ଆଲମିରାରେ ତାଲା ପଡ଼ିଥିଲା ନା ଖୋଲାଥିଲା, ସେଥିରେ ରତ୍ନଅଳଙ୍କାର ଥିଲା ନା ନାହିଁ ଇତ୍ୟାଦି ପ୍ରଶ୍ନ ସାଧାରଣରେ ଉଠିଥିଲା। ଏନେଇ ଭିତରକୁ ଯାଇଥିବା ଅଧିକୃତ ୧୧ଜଣିଆ କମିଟି ପକ୍ଷରୁ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନଥିଲା। ତେବେ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଭକ୍ତଙ୍କ ସଂଶୟ ଉପରୁ ପରଦା ହଟାଇଛନ୍ତି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଏବଂ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଗତ ୧୪ ତାରିଖରେ ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ବାହାର ରତ୍ନଭଣ୍ଡାରର ୩ଟି ଚାବି ରହିଥାଏ। ଗୋଟିଏ ଚାବି ଶ୍ରୀମନ୍ଦିର ପ୍ରଶାସନ ନିକଟରେ, ଗୋଟିଏ ଭଣ୍ଡାର ମେକାପଙ୍କ ପାଖରେ ଏବଂ ଆଉ ଗୋଟିଏ ଚାବି ଗଜପତି ମହାରାଜଙ୍କ ପ୍ରତିନିଧିଙ୍କ ନିକଟରେ ଥାଏ। ଏହି ତିନୋଟି ଚାବି ବ୍ୟବହାର କରି ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ବାହାର ରତ୍ନ ଭଣ୍ଡାରରେ ଥିବା ସମସ୍ତ ଅଳଙ୍କାର ଏବଂ ଜିନିଷପତ୍ରକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ ଭାବେ ଚାଙ୍ଗଡା ଏବଂ ଫୁଲ ଘରକୁ ସ୍ଥାନାନ୍ତର କରାଯାଇଥିଲା। ସେହି ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ପରମ୍ପରାଗତ ବ୍ୟବସ୍ଥା ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ପକାଯାଇଥିଲା। ଏହାପରେ ଭିତର ରତ୍ନଭଣ୍ଡାର ଖୋଲାଯିବାକୁ ପ୍ରସ୍ତୁତି ହୋଇଥିଲା। ଭିତର ରତ୍ନଭଣ୍ଡାରରେ ୩ଟି ତାଲା ଲାଗିଥିଲା। ଏହା ମଧ୍ୟରୁ ଗୋଟିଏ ଜଉମୁଦ ସିଲ୍ ହୋଇଥିଲା ଏବଂ ଅନ୍ୟ ଦୁଇଟି ସିଲ୍ ନ ହୋଇ ବନ୍ଦ ଥିଲା। ଜିଲ୍ଲା ଟ୍ରେଜେରୀରୁ ଆସିଥିବା ଦୁଇଟି ଚାବିରେ ସମସ୍ତ ତାଲା ଖୋଲିବା ଉଦ୍ୟମ କରାଗଲା। କିନ୍ତୁ କୌଣସି ବି ତାଲା ଖୋଲି ନଥିଲା। ତେଣୁ ରାଜ୍ୟ ସରକାର ଜାରି କରିଥିବା ମାର୍ଗଦର୍ଶିକା ଅନୁସାରେ, ସମସ୍ତ ତାଲାକୁ ଭଙ୍ଗାଯାଇଥିଲା। ଭଙ୍ଗା ୩ଟି ତାଲା ଏବଂ ପୁରୁଣା ଦୁଇଟି ଚାବିକୁ ଜିଲ୍ଲା ଟ୍ରେଜେରୀରେ ଜମା ଦିଆଯାଇଛି। ଭିତର ରତ୍ନଭଣ୍ଡାରରେ ଥିବା ଜିନିଷପତ୍ର ସ୍ଥାନାନ୍ତର କରିବା ସମୟସାପେକ୍ଷ ହୋଇଥିବା କମିଟି ଅନୁଭବ କରିଥିଲେ, ତେଣୁ ଆଉ ଗୋଟିଏ ଦିନ ଭିତର ରତ୍ନଭଣ୍ଡାର ଜିନିଷ ସ୍ଥାନାନ୍ତର କରିବାକୁ ସ୍ଥିର ହୋଇଥିଲା। ଶେଷରେ ଭିତର ରତ୍ନଭଣ୍ଡାରରେ ୨ଟି ନୂଆ ତାଲା ଲଗାଯାଇ ଏହାକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ଚାବିଗୁଡ଼ିକୁ ଟ୍ରେଜେରୀରେ ଜମା କରାଯାଇଛି।

ମାର୍ଗଦର୍ଶିକା ଅନୁସାରେ ଉଭୟ ବାହାର ଏବଂ ଭିତର ରତ୍ନଭଣ୍ଡାର ଜିନିଷ ସ୍ଥାନାନ୍ତର ଶେଷ ହେବା ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ଏହାର ମରାମତି ପାଇଁ ହସ୍ତାନ୍ତର କରାଯିବ। ଏଏସ୍‌ଆଇ ମରାମତି ଶେଷ କରିବା ପରେ ପୁଣିଥରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମରୁ ସମସ୍ତ ଅଳଙ୍କାର ଭିତର ରତ୍ନଭଣ୍ଡାରକୁ ନିଆଯିବ। ରତ୍ନଭଣ୍ଡାର ଭିତରେ ହିଁ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଗଣତି ତଥା ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

**ଭଙ୍ଗା ୩ଟି ତାଲା, ପୁରୁଣା ଦୁଇଟି ଚାବି ଟ୍ରେଜେରିକୁ ପଠାଯାଇଛି**

### ■ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ମୁହଁ ଖୋଲିଲେ ନିରଞ୍ଜନ

## ଅସତ୍ୟ ଖବର ପ୍ରଚାର କରିବାରୁ କ୍ଷାନ୍ତ ରୁହନ୍ତୁ ସରକାର

**ଭୁବନେଶ୍ୱର,୧୬।୭(ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ବହୁ ବିଶିଷ୍ଟ ରାଜନୈତିକ ବ୍ୟକ୍ତିବିଶେଷମାନେ ଗଣମାଧ୍ୟମରେ ବାରମ୍ବାର କହି ଆସୁଛନ୍ତି ଯେ ୪୬ ବର୍ଷ ପରେ ରତ୍ନଭଣ୍ଡାର ଖୋଲାଗଲା। କିନ୍ତୁ ଏ କଥାର ସତ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ କଂଗ୍ରେସ ନେତା ନରଞ୍ଜନ ପଟ୍ଟନାୟକ। ଏକ ପ୍ରେସ୍‌ବାର୍ତ୍ତା ମାଧ୍ୟମରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ କଂଗ୍ରେସ ସରକାର ସମୟରେ ୧୪ ଜୁଲାଇ ୧୯୮୫ରେ ଶେଷଥର ପାଇଁ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ଏନେଇ ଆର୍‌ଟିଆଇ ତଥ୍ୟ ମଧ୍ୟ ଉପଲବ୍ଧ ରହିଛି। ତେଣୁ ସରକାର ଅସତ୍ୟ ଖବର ପ୍ରଚାର କରିବାରୁ କ୍ଷାନ୍ତ ରୁହନ୍ତୁ। ନିରଞ୍ଜନ କହିଛନ୍ତି ଯେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ଯଦି ସେତେବେଳେ ଭିତର ରତ୍ନଭଣ୍ଡାରକୁ ଚାବି ଦ୍ୱାରା ଖୋଲାଯାଇଥିଲା, ତେବେ ଆଜି ସେ ଚାବି କେଉଁଠି ଅଛି? ତାହାର ସମ୍ପୂର୍ଣ୍ଣ ତଦନ୍ତ ହେବା ଉଚିତ ବୋଲି ସେ ଦାବି କରିଛନ୍ତି। ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ପୂର୍ବ ରାଜ୍ୟ ସରକାର ଜୁନ୍ ୬ତାରିଖ ୨୦୧୮ ମସିହାରେ ଓଡ଼ିଶା ହାଇକୋର୍ଟ ପୂର୍ବତନ ବିଚାରପତି ରଘୁବୀର ଦାସଙ୍କ ଅଧ୍ୟକ୍ଷତାରେ ଏକ ନ୍ୟାୟିକ କମିସନ ଗଠନ କରିଥିଲେ। ଏହି କମିସନ ତାର ତଦନ୍ତ ରିପୋର୍ଟ ନଭେମ୍ବର ୨୯, ୨୦୧୮ ମସିହାରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିସାରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ସାର୍ବଜନୀନ ହୋଇନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ରିପୋର୍ଟଙ୍କୁ ତୁରନ୍ତ ସାର୍ବଜନୀନ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ୧୯୮୫ ଜୁଲାଇ ୧୪ତାରିଖରେ ଭିତର ରତ୍ନଭଣ୍ଡାର ଖୋଲାଗଲା ପରେ ଚାବି କେଉଁଠାରେ ରଖାଗଲା, ତାହା ନିଶ୍ଚିତ ରୂପେ ମେକାପ ରେଜିଷ୍ଟରରେ ଲିପିବଦ୍ଧ ହୋଇଥିବ। ସେହି ଆଧାରରେ ଚାବି କେଉଁଠି ଅଛି, ତାହା ବାହାର କରାଯାଉ। ରାଜ୍ୟର ଅଗଣିତ ଜଗନ୍ନାଥଙ୍କ ଭକ୍ତଙ୍କ ପାଖକୁ ଭିତର ରତ୍ନଭଣ୍ଡାର ୪୬ ବର୍ଷ ପରେ ଖୋଲିବା ଭଳି ଏକ ମିଥ୍ୟା ଖବର ପ୍ରଚାର କରାନଯାଉ। ସରକାର ଏଭଳି ଅସତ୍ୟ ଖବର ପ୍ରଚାର କରିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

**୧୯୮୫ରେ ଶେଷଥର ଖୋଲିଥିଲା**

## ରୋମାନିଆରେ ହତ୍ୟା କରାଯିବ ୫୦୦ ଧୂଷର ଭାଲୁ

ବୁକାରେଷ୍ଟ,୧୬।୭(ଏଜେନ୍ସି): ଚଳିତ ବର୍ଷ ରୋମାନିଆରେ ପ୍ରାୟ ୫୦୦ ଧୂଷର ଭାଲୁଙ୍କୁ ହତ୍ୟା କରିବାକୁ ଏଠାକାର ସଂସଦରେ ନିଷ୍ପତ୍ତି ନିଆଯିବା ପରେ ଏହା ପଶୁପ୍ରେମୀ ମହଲକୁ ଚିନ୍ତିତ କରିଛି। ଏହି ଦେଶରେ ଧୂଷର ଭାଲୁଙ୍କ ସଂଖ୍ୟା ବଢୁଥିବା ଏବଂ ବିଭିନ୍ନ ସ୍ଥାନରେ ଲୋକ ଭାଲୁ ଆକ୍ରମଣର ଶିକାର ହେଉଥିବାରୁ ଭାଲୁଙ୍କ ସଂଖ୍ୟା ହ୍ରାସ କରିବା ଲାଗି ସାଂସଦମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ପ୍ରାୟ ୨୨୦ ଭାଲୁଙ୍କୁ ହତ୍ୟା କରାଯାଇଥିଲା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ୪୮୧ଭାଲୁଙ୍କୁ ହତ୍ୟା କରାଯିବ ବୋଲି ନିଷ୍ପତ୍ତି ହୋଇଛି। । ରୋମାନିଆର ପରିବେଶ ମନ୍ତ୍ରଣାଳୟ ସୂଚା ଅନୁସାରେ ଏଠାରେ ୮ ହଜାରରୁ ଅଧିକ ଧୂଷର ଭାଲୁ ଅଛନ୍ତି। ରୁଷିଆରେ ସବୁଠୁ ଅଧିକ ଏହି କିସମର ଭାଲୁ ଦେଖାଯାଇଥାନ୍ତି। ରୁଷ ପରେ ୟୁରୋପରେ ଧୂଷର ଭାଲୁଙ୍କ ସଂଖ୍ୟାରେ ରୋମାନିଆରେ ଅଧିକ ରହିଛି।

## ପ୍ରାଣୀ ବିଜ୍ଞାନୀଙ୍କୁ ୨୪୯ ବର୍ଷ ଜେଲ୍‌ଦଣ୍ଡ

କାନବେରା, ୧୬।୭ (ଏଜେନ୍ସି): ବ୍ରିଟେନର ପ୍ରାଣୀ ବିଜ୍ଞାନୀ ବିଶେଷଜ୍ଞ ଆଦାମ ବ୍ରିଟନ (୫୨) ଙ୍କୁ ଅଷ୍ଟ୍ରେଲିଆରେ ୨୪୯ ବର୍ଷ ଜେଲ୍‌ଦଣ୍ଡ ହୋଇଛି। କୁକୁରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଏକ ସ୍ଥାନୀୟ କୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ଆଦାମ ଗତ ବର୍ଷ ୬୦ ଅଭିଯୋଗକୁ ସ୍ୱୀକାର କରିଥିଲେ। ରିପୋର୍ଟ ଅନୁଯାୟୀ ବ୍ରିଟିଶ ନାଗରିକ ଆଦାମ ଅଷ୍ଟ୍ରେଲିଆର ଡାର୍‌ୱିନ ସ୍ଥିତ ଘରେ କୁକୁରଙ୍କୁ ଉତ୍ପୀଡ଼ନ ଦେଇ ଦୁଷ୍କର୍ମ ପରେ ହତ୍ୟା କରୁଥିଲେ। ସେ ଏ ସବୁ ରେକର୍ଡ କରି ସାମାଜିକ ଗଣମାଧ୍ୟମରେ ମଧ୍ୟ ଛାଡୁଥିଲେ। କୁକୁରଙ୍କୁ ଯନ୍ତ୍ରଣା ଦେବା ପାଇଁ ସେ ଏକ 'ଟର୍ଚର ରୁମ୍' ବନାଇ ଥିଲେ। ସେ ଏକ ୱେବସାଇଟରୁ ୪୨ କୁକୁର କିଣି ଏକ ସିଫିଂ କଣ୍ଟେନରରେ ରଖିଥିଲେ। ୨୦୨୦ରୁ ୨୦୨୨ ମଧ୍ୟରେ ୩୯ କୁକୁରଙ୍କୁ ଦୁଷ୍କର୍ମ କରିଥିଲେ।

## କେ କବିତା ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ତିହାର ଜେଲ୍‌ରେ ଥିବା ବିଆରଏସ ନେତ୍ରୀ କେ କବିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଛି। ଏଥିପାଇଁ ତାଙ୍କୁ ମଙ୍ଗଳବାର ଡିଡିୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତିହାର ଜେଲ୍ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ଅସୁସ୍ଥତାର କାରଣ ଏ ପର୍ଯ୍ୟନ୍ତ କୁହାଯାଇ ନାହିଁ। ହସ୍ପିଟାଲରେ ତାଙ୍କର କିଛି ପରୀକ୍ଷା କରା ଯାଇଥିଲା। ଏହାର ୨ ଘଣ୍ଟା ପରେ କବିତାଙ୍କୁ ପୁଣି ଜେଲ୍‌କୁ ଅଣାଯାଇଛି। ସୂଚନାଯୋଗ୍ୟ ଯେ ମାର୍ଚ୍ଚ ୧୫ରେ ଇଡି ତାଙ୍କୁ ହାଇଦରାବାଦରୁ ଗିରଫ କରିଥିଲା। ଏହା ପରେ ସିବିଆଇ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

ଟ୍ରେନି ଆଇଏଏସ୍ ପୂଜା ଖେଡ଼କରଙ୍କ ସମସ୍ୟା ବଢ଼ିଲା

# ପ୍ରଶିକ୍ଷଣ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ



ମୁମ୍ବାଇ,୧୬।୭(ଏଜେନ୍ସି): ଚଞ୍ଚକତା କରି ୟୁପିଏସସି ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅଭିଯୋଗରେ ଟ୍ରେନି ଆଇଏଏସ୍ ପୂଜା ଖେଡ଼କରଙ୍କ ସମସ୍ୟା ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ପୂଜା ନକଲି ଦିବ୍ୟାଙ୍ଗ ଏବଂ ପଛୁଆବର୍ଗ ପ୍ରମାଣପତ୍ର ଦେଇ ସଂରକ୍ଷଣ ବ୍ୟବସ୍ଥାରେ ଆଇଏଏସ୍ ପାଇଛନ୍ତି ବୋଲି ଅଭିଯୋଗ ଉଠିବା ପରେ ଯେଉଁ ବିବାଦ ଆରମ୍ଭ ହୋଇଥିଲା ତାହା ଏବେ ଭିନ୍ନ ମୋଡ଼ ନେଇଛି। ଏହି ବିବାଦ ଭିତରେ ପୂଜାଙ୍କ ପ୍ରଶିକ୍ଷଣ ଉପରେ ରୋକ୍ ଲଗାଇଛନ୍ତି ମହାରାଷ୍ଟ୍ର ସରକାର। ପୂଜା ମହାରାଷ୍ଟ୍ର କ୍ୟାଡର ଆଇଏଏସ୍ ଭାବେ ପ୍ରଥମେ ମୁସୌରୀସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ପ୍ରୋବେସନାରୀ ଆଇଏଏସ୍ ଅଧିକାରୀ ଭାବେ ତାଙ୍କୁ ପୁନେରେ ନିଯୁକ୍ତି ମିଳିଥିଲା। କିନ୍ତୁ ନିଯୁକ୍ତି ମିଳିବା ପରେ ପୂଜା ତାଙ୍କ ପଦର ଅପବ୍ୟବହାର କରିବା ସହିତ ବିଭିନ୍ନ ଉପାୟରେ ଫାଇଦା ଉଠାଇବାକୁ ଆରମ୍ଭ କରିଥିବାରୁ ଆହୁରି ବିବାଦୀୟ ହୋଇପଡ଼ିଥିଲେ। କେବଳ ପୂଜା ନୁହନ୍ତି ପରେ ପରେ ତାଙ୍କ ପରିବାର ମଧ୍ୟ ଏହି ବିବାଦରେ ଛନ୍ଦି ହୋଇପଡ଼ିଥିଲେ। ପୂଜାଙ୍କ ପିତାମାତାଙ୍କ ମନ୍ତବ୍ୟ ଏବଂ ଆଚରଣକୁ ନେଇ ପୁଲିସ ସେମାନଙ୍କୁ ଗିରଫ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇବା ପରେ ସେମାନେ ଗତକାଲି ଫେରାର ହୋଇଯାଇଥିବା ଖବର ସାମ୍ନାକୁ ଆସିଥିଲା। ଏହାପରେ ମଙ୍ଗଳବାର ପୂଜାଙ୍କ ପ୍ରଶିକ୍ଷଣ ଉପରେ ରୋକ୍ ଲାଗିଛି। ମହାରାଷ୍ଟ୍ର ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ନୀତୀନ ଗଡରେ ଚିଠି ଲେଖି ପୂଜାଙ୍କ ପ୍ରଶିକ୍ଷଣ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୂଜା ୟୁପିଏସସି ପରୀକ୍ଷା ଦେବା ବେଳେ ଯେଉଁ ମେଡିକାଲ ସାର୍ଟିଫିକେଟ୍ ଦେଇଥିଲେ ପୁନେ ପୁଲିସ ପକ୍ଷରୁ ତାହାର ଯାଞ୍ଚ ଆରମ୍ଭ କରାଯାଇଥିବା କୁହାଯାଇଛି।

### ଜିଲ୍ଲାପାଳଙ୍କ ବିରୋଧରେ ଆଣିଲେ ନିର୍ଯାତନା ଅଭିଯୋଗ

ବିବାଦୀୟ ଟ୍ରେନି ଆଇଏଏସ୍ ପୂଜାଙ୍କୁ ମୁସୌରୀସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀରେ ହାଜର ହେବାକୁ ମଙ୍ଗଳବାର ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ସେ ତାଙ୍କର ପୂର୍ବତନ ବରିଷ୍ଠ ଅଧିକାରୀ ତଥା ପୁନେ ଜିଲ୍ଲାପାଳ ସୁହାସ ଦିୱାସେଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ପୂଜା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାମ କରୁଥିଲା ବେଳେ ଜିଲ୍ଲାପାଳ ସୁହାସ ତାଙ୍କ ହାତ ଟାଣିଥିଲେ ବୋଲି ପୂଜା ଅଭିଯୋଗ କରିଛନ୍ତି। ଏହି ବିଷୟକୁ ନେଇ ପୂଜା ଏତଲା ଦେଇଥିଲା ବେଳେ ଜଣେ ମହିଳା ଡେପୁଟି ଏସପିଙ୍କ ନେତୃତ୍ୱରେ ଏକ ଟିମ୍ ପୂଜାଙ୍କ ବୟାନ ରେକର୍ଡ କରିଛି। ତେବେ ଏ ସମ୍ପର୍କରେ କୌଣସି ବୟାନ ଦେବାକୁ ୱାସିମ୍ ଜିଲ୍ଲା ଏସପି ମନା କରିଦେଇଛନ୍ତି। ତେବେ ପୂଜା ଆକ୍ରୋଶମୂଳକ ଭାବେ ଜିଲ୍ଲାପାଳଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଥିବା କୁହାଯାଉଛି। କାରଣ ସେ ପୁନେ ଜିଲ୍ଲାପାଳ କାର୍ଯ୍ୟାଳୟରେ କାମ କରୁଥିଲା ବେଳେ ଅତିରିକ୍ତ ଜିଲ୍ଲାପାଳଙ୍କ କ୍ୟାବିନ ମାଡି ବସିଥିଲେ ଏବଂ ଅଫିସକୁ ଆସିଲା ବେଳେ ଲାଲବତୀ ଲାଗିଥିବା ଏକ ଘରୋଇ ଅଡି କାର୍‌ରେ ଆସୁଛନ୍ତି ବୋଲି ପ୍ରଥମେ ଜିଲ୍ଲାପାଳ ସୁହାସ ଅଭିଯୋଗ ଆଣି ସାଧାରଣ ପ୍ରଶାସନ ବିଭାଗକୁ ଜଣାଇଥିଲେ।

## ସରକାରୀ ବଙ୍ଗଳା ଛାଡ଼ିବାକୁ ୨୦୦ରୁ ଅଧିକ ପୂର୍ବତନ ସାଂସଦଙ୍କୁ ନୋଟିସ୍

ନୂଆଦିଲ୍ଲୀ,୧୬।୭(ଏଜେନ୍ସି): କାର୍ଯ୍ୟକାଳ ଶେଷ ହୋଇଥିବା କିମ୍ବା ପଦବୀ ଯାଇଥିବା ସତ୍ତ୍ୱେ ୨୦୦ରୁ ଅଧିକ ସାଂସଦ ସେମାନଙ୍କ ସରକାରୀ ବଙ୍ଗଳା ଖାଲି କରିନାହାନ୍ତି। ତେଣୁ ତୁରନ୍ତ ବଙ୍ଗଳା ଖାଲି କରିବାକୁ ଏହି ସାଂସଦମାନଙ୍କୁ କେନ୍ଦ୍ର ଗୃହ ଏବଂ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ନିୟମ ଅନୁସାରେ ସପ୍ତଦଶ ଲୋକସଭା ଶେଷ ହେବାର ମାସକ ମଧ୍ୟରେ ସାଂସଦମାନେ ସେମାନଙ୍କ ବଙ୍ଗଳା ଖାଲି କରିବା କଥା । କିନ୍ତୁ ୨୦୦ରୁ ଅଧିକ ପୂର୍ବତନ ସାଂସଦ ଏବେ ବି ସରକାରୀ ବଙ୍ଗଳା ଛାଡ଼ି ନାହାନ୍ତି। ପଦ ଗଲା ପରେ ମଧ୍ୟ ସେମାନେ ଲୁଟୟେନ୍ସ ଦିଲ୍ଲୀରେ ମିଳିଥିବା ସରକାରୀ ଘର ଛାଡ଼ିବାକୁ ପ୍ରସ୍ତୁତ ନାହାନ୍ତି। ହେଉଛନ୍ତି। ସେହିପରି ଆଉ କିଛି ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ନୋଟିସ ପଠାଇବାକୁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ଯଦି ସେମାନେ ଯଥାଶୀଘ୍ର ବଙ୍ଗଳା ଖାଲି ନ କରିବେ, ତେବେ ଅଧିକାରୀମାନେ ସେମାନଙ୍କ ପାଖକୁ ଯାଇ ବାଧ୍ୟତାମୂଳକ ଭାବେ ଘର ଖାଲି କରିବାକୁ ପଦକ୍ଷେପ ନେବେ। ଉଲ୍ଲେଖଯୋଗ୍ୟ ଯେ, ସାଂସଦମାନଙ୍କୁ ଲୋକସଭା ସଚିବାଳୟ ପକ୍ଷରୁ ସରକାରୀ ବଙ୍ଗଳା ଆବଣ୍ଟନ କରାଯାଇଥିଲା ବେଳେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ କେନ୍ଦ୍ରମନ୍ତ୍ରୀମାନଙ୍କୁ ବଙ୍ଗଳା ବାଣ୍ଟିଥାଏ।

● ତାମିଲନାଡୁକୁ ପାଣି ଛାଡ଼ିବାକୁ ରାଜି ହେଉନି କର୍ଣ୍ଣାଟକ

## ପୁଣି ତୀବ୍ର ହୋଇପାରେ କାବେରୀ ଜଳ ବିବାଦ




ଚେନ୍ନଇ, ୧୬।୭(ଏଜେନ୍ସି): କାବେରୀ ନଦୀ ଜଳ ବଣ୍ଟନକୁ ନେଇ ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ବିବାଦ ଲାଗିରହିଛି। ସୁପ୍ରିମ୍‌କୋର୍ଟ ଓ କେନ୍ଦ୍ରୀୟ ଜଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଆଦେଶ ସତ୍ତ୍ୱେ କାବେରୀ ଜଳରୁ ତାମିଲନାଡୁକୁ ତା'ର ଭାଗ ଦିନକୁ ୧ହଜାର ନିୟୁତ ଘନମିଟର(ଟିଏମସି) ଜଳ ଛାଡ଼ିବାକୁ କର୍ଣ୍ଣାଟକ ରାଜି ହେଉନାହିଁ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ କରି ନିଷ୍ପତ୍ତି ନେଇଛନ୍ତି ଯେ ତାମିଲନାଡୁକୁ ଦୈନିକ ୮ ହଜାର କ୍ୟୁସେକ୍ (ସେକେଣ୍ଡକୁ ୮ ହଜାର ଘନଫୁଟ) ପାଣି ଛାଡ଼ିବେ। ୧ କ୍ୟୁସେକ ହେଉଛି ସେକେଣ୍ଡରେ ୨୮.୩୧୭ ଲିଟର। କାବେରୀ ଅବବାହିକାରେ ଏବେ ୬୩% ପାଣି ଅଛି। ତେଣୁ ଦିନକୁ ୧ହଜାର ନିୟୁତ ଘନମିଟର ବା ୧୧,୫୦୦ କ୍ୟୁସେକ ପାଣି ଛଡ଼ାଯିବା ସମ୍ଭବପର ନୁହେଁ। ତାମିଲନାଡୁର ଡିଏମ୍‌କେ ସରକାର ଆଜି ସର୍ବଦଳୀୟ ବୈଠକ ଡ଼ାକି କର୍ଣ୍ଣାଟକ ସରକାରଙ୍କ ଆଭିମୁଖ୍ୟର ନିନ୍ଦା କରିଛନ୍ତି। ସୁପ୍ରିମ୍‌କୋର୍ଟ ଓ କେନ୍ଦ୍ରୀୟ ଜଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଆଦେଶ ଅନୁଯାୟୀ ତାମିଲନାଡୁକୁ ତା' ଭାଗ ଜଳ ଛାଡ଼ିବାକୁ ନିର୍ଦ୍ଦେଶ ଦେବାକୁ ତାମିଲନାଡୁ ସରକାର କେନ୍ଦ୍ରୀୟ ଜଳ ସମ୍ବଳ କମିଶନଙ୍କୁ ଅନୁରୋଧ କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ କହିଛନ୍ତି, କର୍ଣ୍ଣାଟକର ମୁଖ୍ୟ ୪ ଡ୍ୟାମ୍'ରେ ୨୦୨୪ ଜୁଲାଇ ୧୫ରେ ୭୫.୫୮୬ ଟିଏମ୍‌ସିଫୁଟ୍ ଜଳ ରହିଥିବାବେଳେ ତାମିଲନାଡୁର ମେଟ୍ଟୁର ଜଳଭଣ୍ଡାରରେ ରହିଛି ମାତ୍ର ୧୩.୮୦୮ ଟିଏମ୍‌ସି ଫୁଟ୍ ଜଳ। ତେଣୁ ତାମିଲନାଡୁକୁ ତା'ଭାଗ କାବେରୀ ଜଳ ନିହାତି ଦରକାର। କାବେରୀ ଜଳ ବଣ୍ଟନ ବିବାଦର ବିଚାରକରି ସୁପ୍ରିମ୍‌କୋର୍ଟ ୨୦୧୮ ଫେବୃଆରୀରେ ରାୟ ଦେଇଥିଲେ ଯେ ତାମିଲନାଡୁକୁ ୪୦୪.୨୫ ଟିଏମ୍‌ସି ଫୁଟ୍ ପାଣି ଦରକାର।

## ଆଇଏଏସ ସଞ୍ଜୀବ ହଂସଙ୍କ ଘରେ ଚଢ଼ଉ

ପାଟନା, ୧୬।୭ (ଏଜେନ୍ସି): ବିହାରର ବରିଷ୍ଠ ଆଇଏଏସ ଅଧିକାରୀ ସଞ୍ଜୀବ ହଂସଙ୍କ ୭ ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଚଢ଼ଉ କରିଛି। ସେ ବିହାର ଶକ୍ତି ବିଭାଗର ପ୍ରମୁଖ ସଚିବ ଅଛନ୍ତି। ସେ ବିଦ୍ୟୁତ କମ୍ପାନୀର ସିଏମ୍‌ଡି ମଧ୍ୟ। ସେହିପରି ପୂର୍ବତନ ବିଧାୟକ ଗୁଲାବ ଯାଦବଙ୍କ ଗଙ୍ଗାପୁର ସ୍ଥିତ ଘରେ ମଧ୍ୟ ଇଡି ଚଢ଼ଉ ଜାରି ରହିଛି। କେନ୍ଦ୍ରୀୟ ପୁଲିସ ବାହିନୀର ଟିମ୍ ତାଙ୍କ ଘରକୁ ଘେରି ନେଇଛି। ଘରର ମୁଖ୍ୟ ଫାଟକ ବନ୍ଦ କରି ତଲାସୀ ଅଭିଯାନ ଜାରି ରହିଛି। ଏହି ଖବର ପ୍ରସାର ହେବା ପରେ ଘର ବାହାରେ ଲୋକଙ୍କ ଭିଡ଼ ଲାଗି ରହିଛି। ବିଧାୟକ ଏବଂ ଆଇଏଏସ ଅଧିକାରୀଙ୍କ ବିରୋଧରେ ଜଣେ ମହିଳା ଦୁଷ୍କର୍ମ ଅଭିଯୋଗ ଲଗାଇ ଥିଲେ। ସେତେବେଳେ ଉଭୟେ ଚର୍ଚ୍ଚାକୁ ଆସିଥିଲେ। ଏବେ ପୁଣି ଇଡି ଚଢ଼ଉରେ ଚର୍ଚ୍ଚାରେ ରହିଛନ୍ତି।

## କୋଟିଶ୍ୱର ସିଂହ, ଆର୍ ମହାଦେବନ ସୁପ୍ରିମ୍‌କୋର୍ଟ ବିଚାରପତି



ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏନ୍.ଏନ୍ କୋଟିଶ୍ୱର ସିଂହ ଓ ଆର୍ ମହାଦେବନଙ୍କୁ ସୁପ୍ରିମ୍‌କୋର୍ଟ ବିଚାରପତି ଭାବେ ନିଯୁକ୍ତି ଦେଇଥିବା କହିଛନ୍ତି କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ। କୋଟିଶ୍ୱର ସିଂହ ବର୍ତ୍ତମାନ ଜମ୍ମୁ-କାଶ୍ମୀର ଓ ଲାଦାଖର ମୁଖ୍ୟ ବିଚାରପତି ଅଛନ୍ତି। ଗତ ଫେବୃଆରୀ ୧୨ରେ ତାଙ୍କୁ ଜମ୍ମୁ-କାଶ୍ମୀର ଓ ଲାଦାଖର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା ଓ ସେ ଫେବୃଆରୀ ୧୫ରେ ଶପଥ ଗ୍ରହଣ କରିଥିଲେ। କୋଟିଶ୍ୱର ହାଉଛନ୍ତି ମଣିପୁରର ଲୋକ। ୫୦ରୁ ଅଧିକ ବର୍ଷ ହେଲା ମଣିପୁର ରାଜ୍ୟ ମାନ୍ୟତା ପାଇଲାଣି। କିନ୍ତୁ ମଣିପୁରର କେହି କେବେ ସୁପ୍ରିମକୋର୍ଟ ଜଜ୍ ହୋଇ ନ ଥିଲେ। ଆର୍ ମହାଦେବନ ଏବେ ମାଡ୍ରାସ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅଛନ୍ତି। ସେ ଦଳିତ ବର୍ଗରୁ ଆସିଛନ୍ତି। ସୁପ୍ରିମ୍‌କୋର୍ଟ କଲେଜିୟମ୍ ସର୍ବସମ୍ମତି କ୍ରମେ ସୁପ୍ରିମ୍‌କୋର୍ଟ ଜଜ୍ ପଦବୀ ପାଇଁ ଏନ୍.ଏନ୍ କୋଟିଶ୍ୱର ସିଂହ ଓ ଆର୍ ମହାଦେବନଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ସୁପ୍ରିମ୍‌କୋର୍ଟ କଲେଜିୟମ୍ ଚିଫ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ବି ଆର୍ ଗାଭାଇ, ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ୍ ହୃଷିକେଶ ରୟ- ସୁପ୍ରିମ୍‌କୋର୍ଟର ଏହି ୫ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ।

## ବିହାର: ଭିଆଇ ପାର୍ଟି ମୁଖ୍ୟଙ୍କ ପିତାଙ୍କୁ ହତ୍ୟା

ଦରଭଙ୍ଗା, ୧୬।୭(ଏଜେନ୍ସି): ବିହାରର ବିକାଶଶୀଳ ଇନସାନ ପାର୍ଟି ମୁଖ୍ୟ ମୁକେଶ ସାହାନୀଙ୍କ ପିତା ଜିତନ ସାହାନିଙ୍କୁ ଗତକାଲି ହତ୍ୟା କରାଯାଇଛି। ଦରଭଙ୍ଗା ଏସଏସପି ଜଗନ୍ନାଥ ରେଡ୍ଡି କହିଛନ୍ତି, ଦରଭଙ୍ଗାର ସୁପାଉଲ ବଜାରରେ ଥିବା ଜିତନ ସାହାନିଙ୍କ ପୈତୃକ ଘରେ ଆଜି ସକାଳେ ତାଙ୍କ ମୃତଦେହ ମିଳିଛି। ତାଙ୍କୁ କିଏ ଧାରୁଆ ଅସ୍ତ୍ରରେ ବାରମ୍ବାର ହାଣି ହତ୍ୟା କରିଛି। ସେଠାକୁ ପୁଲିସ୍, ଫରେନ୍ସିକ ଟିମ୍ ଓ ଡଗ୍ ସ୍କ୍ୱାଡ ପହଞ୍ଚି ତଦନ୍ତ ଚଳାଇଛି ଓ ପ୍ରମାଣ ସଂଗ୍ରହ କରୁଛି। ସାହାନିଙ୍କ ହତ୍ୟାର ତଦନ୍ତ ପାଇଁ ବିହାର ସରକାରଙ୍କ ନିର୍ଦ୍ଦେଶରେ ଏସଆଇଟି ଗଢ଼ାଯାଇଛି। ମୁମ୍ବାଇରେ ଥିବା ମୁକେଶ ସାହାନି ତାଙ୍କପିତାଙ୍କହତ୍ୟାଖବରପାଇମୁମ୍ବାଇଛାଡ଼ିପାଟନାଆସିଛନ୍ତି।ପାଟନାରୁସେଦରଭଙ୍ଗା ଯିବେ। କ'ଣ ପାଇଁ ଏହି ବିବସ୍ର ହତ୍ୟାକାଣ୍ଡ ଘଟିଛି ତାହାର କାରଣ ଜଣାପଡ଼ି ନାହିଁ।

● ଗୁଜରାଟରେ ବ୍ୟାପୁଛି 'ଚାନ୍ଦିପୁରା ଭୂତାଣୁ'

## ସଂକ୍ରମଣରେ ୬ ଶିଶୁଙ୍କ ମୃତ୍ୟୁ

ଅହମଦାବାଦ, ୧୬।୭ (ଏଜେନ୍ସି): ଗୁଜରାଟ 'ଚାନ୍ଦିପୁରା ଭୂତାଣୁ' ସଂକ୍ରମଣ କାୟା ବିସ୍ତାର କରିବାରେ ଲାଗିଛି। ଏଥିରେ ଗତ ୫ ଦିନରେ ୬ ଶିଶୁଙ୍କ ମୃତ୍ୟୁ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ୧୨ ଶିଶୁ ଏହି ଭୂତାଣୁରେ ସଂକ୍ରମିତ ହେଲେଣି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଋଷିକେଶ ପଟେଲ କହିଛନ୍ତି। କେବଳ ୯ରୁ ୧୪ ବର୍ଷର ଶିଶୁ ଏଥିରେ ସଂକ୍ରମିତ ହେଉଛନ୍ତି। ରିପୋର୍ଟ ଅନୁଯାୟୀ ସଂକ୍ରମିତ ଶିଶୁଙ୍କଠାରେ ଜ୍ୱର ଏବଂ ସଂକ୍ରମଣ ଭଳି ଲକ୍ଷଣ ଦେଖାଯାଉଛି। ଏହା ପରେ ଏନ୍‌ସେଫାଲାଇଟ୍ସ ହୋଇଥାଏ। ଏହା ମୃତ୍ୟୁର କାରଣ ହୋଇପାରେ। ମଶା ଏବଂ ମାଛି ଦ୍ୱାରା ଏହି ଭୂତାଣୁ ମନୁଷ୍ୟକୁ ବ୍ୟାପିଥାଏ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ସାବରକାଣ୍ଠାର ୪ ଜଣ, ଅରାବଳୀର ୩ ଜଣ, ମହିସାଗର ଏବଂ ଖେଡ଼ାର ଜଣେ ଲେଖାଏଁ ଏବଂ ରାଜସ୍ଥାନର ୨ ଜଣ, ମଧ୍ୟପ୍ରଦେଶର ଜଣେ ଶିଶୁ ଚାନ୍ଦିପୁରାରେ ସଂକ୍ରମିତ ହୋଇଛନ୍ତି। ତେବେ ଗୁଜରାଟର ଅଲଗା ଅଲଗା ହସ୍ପିଟାଲରେ ଏହି ଶିଶୁଙ୍କ ଚିକିତ୍ସା ଜାରି ରହିଛି। ଏହାକୁ ନେଇ ସାରା ରାଜ୍ୟରେ ଚେତାବନୀ ଜାରି କରାଯାଇଛି। ଏଭଳି ଲକ୍ଷଣ ଦେଖାଗଲେ ଶିଶୁଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିବାକୁ କୁହାଯାଇଛି। ଘର ପରିଷ୍କାର, ପରିଚ୍ଛନ ରଖିବାକୁ ପରାମର୍ଶ ଦିଆଯାଇଛି। ଏ ପର୍ଯ୍ୟନ୍ତ ଏହି ଭୂତାଣୁର କୌଣସି ଚିକିତ୍ସା ଆସିନାହିଁ।

● ବାଂଲାଦେଶରେ ସଂରକ୍ଷଣ ବିରୋଧୀ ବିକ୍ଷୋଭ

## ଗୁଳିମାଡ଼, ଲାଠିଚାର୍ଜରେ ୪୦୦ ଆହତ

ଢ଼ାକା, ୧୬।୭ (ଏଜେନ୍ସି): ବାଂଲାଦେଶରେ ସରକାରୀ ଚାକିରିରେ ସଂରକ୍ଷଣକୁ ବିରୋଧ କରାଯାଉଛି। ସଂରକ୍ଷଣ ଶେଷ କରିବା ଦାବିରେ ସାରା ଦେଶରେ ହିଂସକ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ପ୍ରଦର୍ଶନକୁ ବନ୍ଦ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଉପରକୁ ପୁଲିସ ଗୁଳି ଚଳାଇଛି। ଲାଠିମାଡ଼ ଏବଂ ଲୁହବୁହା ଗ୍ୟାସ୍ ମଧ୍ୟ ପ୍ରୟୋଗ କରାଯାଇଛି। ଏଥିରେ ୪୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହା ପୂର୍ବରୁ ପୁଲିସ କାର୍ଯ୍ୟାନୁଷ୍ଠାନରେ ରଙ୍ଗପୁର ବେଗମ ରୋକେୟା ୟୁନିଭର୍ସିଟିରେ ଜଣେ ୨୨ ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ପ୍ରଦର୍ଶନ ଉଗ୍ର ରୂପ ଧାରଣ କରିଥିଲା। ପୁଲିସ ଛାତ୍ରଛାତ୍ରୀଙ୍କ ଉପରେ ଗୁଳି ଚଳାଇ ଥିଲା ବୋଲି ପ୍ରଦର୍ଶନକାରୀ ଅଭିଯୋଗ କରିଥିଲେ। ସୂଚନା ଅନୁଯାୟୀ ସପ୍ତାହେ ତଳେ ସୁପ୍ରିମକୋର୍ଟ ଚାକିରିରେ ସଂରକ୍ଷଣ ଉପରେ କଟକଣା ଲଗାଇ ଦେଇଥିଲେ। ମାତ୍ର ପ୍ରଧାନମନ୍ତ୍ରୀ ଶେଖ ହାସିନା ଏହାକୁ କାର୍ଯ୍ୟକାରୀ କରି ନ ଥିଲେ।

ଗାଜା ସ୍କୁଲ୍‌ରେ ଇସ୍ରାଏଲ ଆକ୍ରମଣ

## ୫୭ ମୃତ; ୭୩ ଆହତ



ତେଲ ଆଭିଭ, ୧୬।୭ (ଏଜେନ୍ସି): ଇସ୍ରାଏଲ ସୋମବାର ବିଳମ୍ବିତ ରାତିରେ ହମାସ୍‌ର ସାମରିକ କମାଣ୍ଡର ମହମ୍ମଦ ଦିଫଙ୍କୁ ନିଶାଣ କରି ଗାଜା ଷ୍ଟ୍ରିପ୍‌ର ମଧ୍ୟ କ୍ଷେତ୍ରରେ ଥିବା ଏକ ସ୍କୁଲ୍ ଉପରେ ଆକ୍ରମଣ କରିଛି। ଏଥିରେ ମହିଳା ଏବଂ ଶିଶୁ ସମେତ ୫୭ ଜଣଙ୍କ ମୃତ୍ୟୁ ହୋଇଛି। ୭୩ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏଥିରେ ହମାସର ଜଣେ ପ୍ରମୁଖ କମାଣ୍ଡର ପ୍ରାଣ ହରାଇଥିବା ମଧ୍ୟ କୁହାଯାଉଛି। ଇସ୍ରାଏଲ ଏବଂ ହମାସ୍ ନୂଆ ଅସ୍ତ୍ରବିରତି ଉପରେ ଆଲୋଚନା ଜାରି ରଖିଥିବାବେଳେ ଏହି ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ସ୍କୁଲ୍‌ଟି ଜାତିସଂଘ (ୟୁଏନ)ର ଥିଲା। ଏଠାରେ ଶରଣାର୍ଥୀଙ୍କୁ ରଖା ଯାଇଥିଲା। ଏହାକୁ ମିଶାଇ ଇସ୍ରାଏଲ ଗତ ୧୫ ଦିନ ମଧ୍ୟରେ ତୃତୀୟ ଥର ପାଇଁ ଆକ୍ରମଣ କରିଛି। ଗାଜାର ଖାନ ୟୁନୁସ ସ୍ଥିତ ନାସିର ହସ୍ପିଟାଲରେ ଆହତଙ୍କୁ ଭର୍ତ୍ତି କରାଯାଇଛି। ଗତ ସପ୍ତାହରେ ଖାନ୍ ୟୁନୁସ ଅଞ୍ଚଳ ଖାଲି କରିବା ପାଇଁ ଇସ୍ରାଏଲ ସେନା ନିର୍ଦ୍ଦେଶ ଦେଇଥିଲା। ଏହା ପରେ ୩ଟି ବଡ଼ ହସ୍ପିଟାଲକୁ ବନ୍ଦ କରିଦିଆଯାଇଥିଲା। ୟୁଏନ୍ ଏହାକୁ ବିପଜ୍ଜନକ ପଦକ୍ଷେପ କହିଛି। ଲୋକଙ୍କୁ ଅଧିକ ସମୟ ଦିଆଯିବା ଉଚିତ ବୋଲି କୁହାଯାଇଛି।

## ଆଫଗାନିସ୍ତାନ ବନ୍ୟାରେ ୪୦ ମୃତ

କାବୁଲ, ୧୬।୭ (ଏଜେନ୍ସି): ପୂର୍ବ ଆଫଗାନିସ୍ତାନ ନଙ୍ଗରହାର ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ସୋମବାର ଦ୍ୱିପହରେ ଅଚାନକ ବନ୍ୟା ଆସିଛି। ଏଥିରେ ୨୪ ଘଣ୍ଟାରେ ୪୦ ଜଣଙ୍କ ମୃତ୍ୟୁ ହୋଇଛି। ୨୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଜଣେ ସ୍ଥାନୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏହି ବନ୍ୟାରେ ଜଲାଲାବାଦ, ସୁଖ ରୋଡ ଜିଲ୍ଲା ଏବଂ ପାକିସ୍ତାନ ସୀମାକୁ ଲାଗିଥିବା ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ସୂଚନାଯୋଗ୍ୟ ଯେ ବର୍ଷା ଏବଂ ବନ୍ୟାରେ ମେ'ରୁ ଏ ପର୍ଯ୍ୟନ୍ତ ୪୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି।

ପୁଲିସ ହେପାଜତରେ ଆଦିବାସୀ ବରର ମୃତ୍ୟୁକୁ ନେଇ ହଙ୍ଗାମା

# ଜିଲ୍ଲାପାଳ ଅଫିସରେ ପୋଷାକ ଖୋଲି ମହିଳାଙ୍କ ବିକ୍ଷୋଭ





ଗୁନା, ୧୬।୭ (ଏଜେନ୍ସି): ମଧ୍ୟପ୍ରଦେଶ ଗୁନାରୁ ପୁଲିସ ଅତ୍ୟାଚାରର ଅମାନବୀୟ ଘଟଣା ସାମ୍ନାକୁ ଆସିଛି। ବିବାହ ଦିନ ଜଣେ ଆଦିବାସୀ ଯୁବକ (ପାର୍ଧି ସମ୍ପ୍ରଦାୟ)କୁ ଗୁନା ପୁଲିସ ଉଠାଇ ନେଇଛି। ପୁଲିସ ହେପାଜତରେ ଦେବା ପାର୍ଧି (୨୫)ଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ମୃତକ ସମ୍ପର୍କୀୟ ଏବଂ ମହିଳାମାନେ ଉଗ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏମାନେ ନ୍ୟାୟ ଦାବି କରିଛନ୍ତି। ପୁଲିସ ଅତ୍ୟାଚାର ଏବଂ ମାଡ଼ ସହି ନ ପାରି ଦେବାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ମାତ୍ର ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ପରିବାର ସଦସ୍ୟଙ୍କ ସୂଚନା ଅନୁଯାୟୀ ଦେବାଙ୍କୁ ମାଡ଼ ମରାଯାଇଛି। ଏତେ କମ୍ ବୟସରେ ଜଣେ ଯୁବକର ହୃଦ୍‌ଘାତ କେମିତି ହେବ? ଏକ ଚୋରି ମାମଲାରେ କେବଳ ଦେବା ନୁହେଁ, ତାର ଦାଦା ଗଙ୍ଗାରାମଙ୍କୁ ମଧ୍ୟ ପୁଲିସ ନିଷ୍ଠୁର ଭାବେ ବାଡ଼େଇଛି। ତାଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିବାକୁ ଦାବି କରାଯାଉଛି।

ଆଜି ପାର୍ଧି ସମାଜର କିଛି ମହିଳା ଏବଂ ସମ୍ପର୍କୀୟ ଆଜି ଜିଲ୍ଲାପାଳ ଡ. ସତ୍ୟେନ୍ଦ୍ର ସିଂହଙ୍କୁ ଭେଟିଥିଲେ। ଏହା ପରେ ମହିଳା ବାହାରକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଉ କିଛି ମହିଳା ନିଜ ପୋଷାକ ଖୋଲି ବିରୋଧ କରିଥିଲେ। ଏହି ସମୟରେ ପୁଲିସ କର୍ମଚାରୀଙ୍କ ସହ ମହିଳା ମୁହାଁମୁହିଁ ହୋଇଥିଲେ। ଏଥିରେ ଅନେକ ଆହତ ହୋଇଛନ୍ତି। ଜଣେ ମହିଳାଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ଅନେକଙ୍କ କାଚ ଭାଙ୍ଗି ଯାଇଛି। ଆଉ କିଛି ତଳେ ବଶି ଭୋ ଭୋ କାନ୍ଦୁଥିବାର କରୁଣ ଦୃଶ୍ୟ ଦେଖିବାକୁ ମିଳିଛି। କ୍ୟାଣ୍ଟ ଥାନାର ଟିଆଇ ଦିଲ୍ଲୀପ ରାଜୌରିଆ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ପୁଣିଥରେ କିଛି ମହିଳାଙ୍କୁ ଡାକି ଜିଲ୍ଲାପାଳ ଆଲୋଚନା କରିବା ପରେ ମାମଲା ଶାନ୍ତ ପଡ଼ିଥିଲା। ଏହା ପରେ ହଙ୍ଗାମା ବନ୍ଦ ହୋଇଥିଲା।

ସୂଚନା ଅନୁଯାୟୀ ଗୁନା ଜିଲ୍ଲା ଝାଙ୍ଗର ଚୌକି ପୁଲିସ ଦେବା ପାର୍ଧି ଏବଂ ତାଙ୍କ ଦାଦା ଗଙ୍ଗାରାମଙ୍କୁ ଗତ ୧୪ ତାରିଖ ଅପରାହ୍ଣ ୪ଟା ୩୦ରେ ହେପାଜତକୁ ନେଇଥିଲା। ଏହି ଦିନ ଦେବାଙ୍କ ବରଯାତ୍ରୀ ଗୁନାର ଗୋକୁଲ ସିଂହ ଛକରୁ ବାହାରିବାର ଥିଲା। ମାତ୍ର ରାତିରେ ଦେବାର ମୃତ୍ୟୁ ହୋଇଥିବା ନେଇ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଥିଲା। ଏହା ପରେ ମହିଳା ମିନି ଟ୍ରକରେ ବସି ଜିଲ୍ଲା ହସ୍ପିଟାଲରେ ପହଞ୍ଚି ଥିଲେ। ଦେବାଙ୍କୁ ବାହା ହେବାକୁ ଥିବା କନ୍ୟା ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦାରା ସୁରଜବାଇ ମଧ୍ୟ ନିଜକୁ ନିଆଁ ଲଗାଇ ଦେଇଥିଲେ। ଏହା ପରଦିନ ଭୋପାଳରେ ବ୍ୟବଚ୍ଛେଦ କରାଇବା ପାଇଁ ପରିବାର ସଦସ୍ୟ ଦାବି କରିଥିଲେ। ମାଜିଷ୍ଟ୍ରେଟସ୍ତରୀୟ ଯାଞ୍ଚର ଆଶ୍ୱାସନା ଦେବା ପରେ ମାନି ଥିଲେ। ତେବେ ଏଏସପି କହିଛନ୍ତି ଯେ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ନେଉଥିବା ସମୟରେ ଦେବାର ହୃଦ୍‌ଘାତ ହୋଇଥିଲା। ତାଙ୍କୁ ମ୍ୟାନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦେବା ଉପରେ ଅଲଗା ଅଲଗା ଥାନା ୭ଟି ମାମଲା ରୁଜୁ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ୫୦ ହଜାର ଟଙ୍କା ସହ ସୁନାଗହଣା ଚୋରି



**ଅନୁଗୋଳ, ୧୬।୭ (ସମିସ):** ଅନୁଗୋଳ ଜିଲ୍ଲା ପୋକତୁଙ୍ଗା ଗାଁରେ ବିଳମ୍ବିତ ରାତିରେ ଚୋରି ହୋଇଛି। ଶ୍ରୀକାନ୍ତ ଦେହୁରୀ ନାମକ ଜଣେ ବ୍ୟକ୍ତି ଘର ନିକଟରେ ଥିବା ତାଙ୍କର ଆଉ ଏକ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଚୋର ଘରେ କଳାକନା ବୁଲାଇଛନ୍ତି। ଶ୍ରୀକାନ୍ତ ଦମ୍ପତିଙ୍କୁ ବାହାରୁ ଲକ୍ କରି ଚୋରମାନେ ଘରର ତାଲା ଭାଙ୍ଗି ଭିତରକୁ ପଶିବା ପରେ ଆଲମିରା ଭାଙ୍ଗି ସେଥିରେ ଥିବା ପ୍ରାୟ ୫୦ ହଜାର ନଗଦ ଟଙ୍କା ସମେତ ଅଢ଼େଇ ଲକ୍ଷ ଟଙ୍କା ମୂଲ୍ୟର ଗହଣା ଚୋରି କରିନେଇଛନ୍ତି। ସକାଳେ ଶ୍ରୀକାନ୍ତ ଚୋରି ହୋଇଥିବା ଜାଣିବା ପରେ ବନ୍ତଲା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ପାଲଲହଡ଼ା, ୧୬।୭ (ସମିସ): ଆଜି ଈଶ୍ୱରନଗର ପଞ୍ଚାୟତ ବୋଡ଼ାପଦା ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡିଛି। ଗ୍ରାମର ପଦ୍ମଲୋଚନ ସାହୁଙ୍କ ପୁତ୍ର ପ୍ରଦୀପ (୩୪) ଆଜି ଅପରାହ୍ନ ୧ ଟାରେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ସମୟରେ ବୁଡ଼ି ଯାଇଥିଲେ। ପୋଖରୀରେ ଗାଧୋଉଥିବା ଅନ୍ୟ ଗ୍ରାମବାସୀ ପ୍ରଦୀପ ବୁଡ଼ିଯାଉଥିବା ଦେଖି ତାକୁ ଉଦ୍ଧାର କରି ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ମୃତ ପ୍ରଦୀପ ବିବାହିତ ଥିବାବେଳେ ତାଙ୍କର ଏକ ଦୁଇ ବର୍ଷର ଶିଶୁ ପୁତ୍ର ଅଛି। ପାଲଲହଡ଼ା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ସ୍ଥାନୀୟ ସରପଞ୍ଚ ହୃଦାନନ୍ଦ ସାହୁ ପରିବାର ଲୋକଙ୍କ ପାଖରେ ପହଞ୍ଚି ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଯୋଗାଇ ଦେଇଥିବା ଜଣାପଡିଛି।

# ବରିଷ୍ଠ ନାଗରିକ ମଞ୍ଚର ସଭାଗୃହ ଉଦ୍‌ଘାଟିତ

**ଅନୁଗୋଳ, ୧୬।୭ (ସମିସ):** ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚର ନୂତନ ସଭାଗୃହ ଉଦଘାଟିତ ହୋଇଯାଇଛି। ମଞ୍ଚର ସଭାପତି ପୂର୍ବତନ ଅବସରପ୍ରାପ୍ତ ପ୍ରଶାସକ ରାଜକିଶୋର ଦାସ ଏହି ନୂତନ ସଭାଗୃହ ଉଦଘାଟନ କରିଥିଲେ। ସ୍ଥାନୀୟ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ବିଧାୟକ ପାଣ୍ଠି ଅନୁଦାନରେ ଏହି ସଭାଗୃହ ନିର୍ମାଣ ସମ୍ପୂର୍ଣ୍ଣ କରାଯାଇଛି। ଏହି ଉଦଘାଟନୀ ଉତ୍ସବରେ ଗ୍ରାମେଶ୍ୱରୀ ବଗାଧରଙ୍କ ବିଜେ



ପ୍ରତିମା 'ଆଲମ'କୁ ଅଣାଯାଇ ପୂଜାର୍ଚ୍ଚନା କରି ସଭାଗୃହକୁ ପବିତ୍ରତା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚର କର୍ମକର୍ତ୍ତା ସଭାପତି ରାଜକିଶୋର ଦାସ, ସଂପାଦକ ବସନ୍ତ କୁମାର ଦାସ, ବରିଷ୍ଠ ସଦସ୍ୟ ଦାମୋଦର ଦାସ, ଧ୍ରୁବଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, କୋଷାଧ୍ୟକ୍ଷ ତ୍ରେତାନନ୍ଦ ସାମନ୍ତ, ସଦସ୍ୟ ଦୁର୍ଗାଚରଣ ଦାସ, ହୃଷୀକେଶ ସାହୁ, ଭଗବାନ ମହାପାତ୍ର, ପ୍ରମୋଦ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ସାମନ୍ତ, ଦୁର୍ଗାଚରଣ ସାହୁ, କ୍ଷୀରୋଦ ଚନ୍ଦ୍ର ଦାସ, ବାବାଜୀ ସାସମଲ, ନିମେଇଁ ସାହୁ ସତ୍ୟବାଦୀ ଦାସ, ଗୋକୁଳ ଚନ୍ଦ୍ର ସାମନ୍ତଙ୍କ ସାହାଯ୍ୟ ସହଯୋଗ ଦ୍ୱାରା ଏକ ଭକ୍ତିମୟ ପରିବେଶରେ ନୂତନ ସଭାଗୃହ ଉଦଘାଟନ କରାଯାଇଥିଲା।

# ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ବୃକ୍ଷରୋପଣ

**କଣିହାଁ, ୧୬।୭ (ସମିସ):** କଣିହାଁ ବ୍ଲକ ଦଲକ ପଞ୍ଚାୟତ ଅନ୍ତର୍ଗତ ନାଲମ ନୃସିଂହ ନାଥ ମନ୍ଦିରଠାରେ ଭାଜପା ଦଳୀୟ କାର୍ଯ୍ୟକର୍ତ୍ତାମାନେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ୮୪ ତମ ଜନ୍ମଦିନ ଅବସରରେ ଦୀପ ପ୍ରଜ୍ୱଳନ କରି ଆଗାମୀ ଦିନ ପାଇଁ ଶ୍ରୀ ପ୍ରଧାନଙ୍କ ଶୁଭକାମନା ମନାସୀ ଥିଲେ। ଦଳୀୟ କାର୍ଯ୍ୟକର୍ତ୍ତାମାନେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ତାଙ୍କ ପତ୍ନୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଓ ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ ଶୁଭେଚ୍ଛା ସହିତ ଆଗାମୀ ଦିନ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



ଶ୍ରୀ ପ୍ରଧାନ କୁଳଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ତାଳଚେର ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ବାବୁଙ୍କ ଜନ୍ମମାଟି ପୋଇପାଳରେ ପହଞ୍ଚି ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଥିଲେ। ଦଲକ ପଞ୍ଚାୟତ କାର୍ଯ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାପାଳ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଦଲକ ଓ ତାଳପଦାର ବିଭିନ୍ନ ଗ୍ରାମରେ ବିଧାୟକ ଅଶୋକ ମହାନ୍ତି ଓ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପହଞ୍ଚି କେନ୍ଦ୍ର ଲୋକଙ୍କ ପାଖରେ ପହଞ୍ଚି ସ୍ଥିତି ପରଖିଥିଲେ। ବିଭିନ୍ନ ଗ୍ରାମରେ ଜନସାଧାରଣଙ୍କ ସମସ୍ୟା ସହିତ ରାସନ କାର୍ଡ, ଭତ୍ତା, ପିଇବା ପାଣି, ବୁଡ଼ିଅଞ୍ଚଳର ସମସ୍ୟା ଆଦି ଅଭିଯୋଗମାନ ବିଧାୟକ ଶ୍ରୀ ମହାନ୍ତି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ, ଜିଲ୍ଲା ଉପସଭାପତି ନୃସିଂହ ବରାଳ, ଯୁବନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପାଉଁଶ ପରିବହନରେ ବିଭିନ୍ନ ଏଜେନ୍ସି ଲାଭବାନ

# ସ୍ଥାନୀୟ ଟ୍ରକ୍ ମାଲିକ କ୍ଷତିଗ୍ରସ୍ତ; ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଅଭିଯୋଗ

**କଣିହାଁ, ୧୬।୭ (ସମିସ)**

ଅନୁଗୋଳ ଜିଲ୍ଲାରେ ବିଭିନ୍ନ ଶିଳ୍ପସଂସ୍ଥା ଗଢ଼ିଉଠିଥିବା ବେଳେ କଣିହାଁ ବ୍ଲକ ସ୍ଥିତ କୋଇଲା ଖଣି, ଏନଟିପିସି ଓ ଜେଆଇଟିପିଏଲ୍ ବିଦ୍ୟୁତ ପ୍ରକଳ୍ପରୁ ପ୍ରତ୍ୟେକ ଦିନ କୋଇଲା ଓ ପାଉଁସ ପରିବହନ ଟ୍ରକ୍ ଯୋଗେ କରାଯାଉଛି। କଣିହାଁ କୋଇଲା ଖଣିରେ ସ୍ଥାନୀୟ ଅଞ୍ଚଳର ଜମିହରା କ୍ଷତିଗ୍ରସ୍ତ ପ୍ରଜା ସହିତ ପାରିପାର୍ଶ୍ୱିକ ଅଞ୍ଚଳର ଯୁବକମାନେ ବ୍ୟାଙ୍କ ଋଣ କରି କୋଇଲା ଖଣି ଓ ଆସପଣ୍ଡରେ କିଛି ମାତ୍ରାରେ ଟ୍ରକ୍ ନିୟୋଜିତ କରି ପାଉଁସ ଓ କୋଇଲା ପରିବହନ କରୁଥିବା ବେଳେ ସଠିକ ଭାବରେ ବ୍ୟବସାୟ ହୋଇପାରୁ ନଥିବାରୁ କ୍ଷତିସହୁଛନ୍ତି। ଫଳରେ ଗାଡ଼ି ମାଲିକଙ୍କ ଋଣ ପରିଶୋଧ କରିବାରେ ବାଧା ଉପୁଜୁଛି। ଏନଟିପିସି ଓ ଜେଆଇଟିପିଏଲ ପାଉଁସ ପୋଖରୀରୁ ବାହ୍ୟ ଓ ବିଭିନ୍ନ ଏଜେନ୍ସି ଦ୍ୱାରା ରାଜ୍ୟ ବାହାର ଟ୍ରକ୍ ପାଉଁସ ପରିବହନରେ ନିୟୋଜିତ ହୋଇ ଅଧିକ ମୁନାଫା କମାଉଥିବା ବେଳେ କଣିହାଁ ଅଞ୍ଚଳର ଟ୍ରକ ମାଲିକମାନେ ହାତବାନ୍ଧି ବସିଛନ୍ତି। ବାହ୍ୟ ଅଞ୍ଚଳ ଟ୍ରକ୍ ପରିବହନ ଦ୍ୱାରା ବାହ୍ୟ ରାଜ୍ୟର ଡ୍ରାଇଭର, ହେଲପର ନିୟୋଜିତ ହୋଇଛନ୍ତି ଓ ସ୍ଥାନୀୟ ଅଞ୍ଚଳର ଡ୍ରାଇଭର ହେଲପର ମାନେ ବେରୋଜଗାର ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ସ୍ଥାନୀୟ ଅଞ୍ଚଳରେ ଲୋକାଲ ଫର ଭୋକାଲ ଯୋଜନାକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଠାରୁ ଅନେକ ଦୂରରେ ରହିଯାଇଛି। ଆଞ୍ଚଳିକ ଟ୍ରକ ମାଲିକ ସଂଘର ଅଭିଯୋଗ କ୍ରମେ ଛଅ ମାସ ହେବ ବିଭିନ୍ନ ଏଜେନ୍ସି ଦ୍ୱାରା ଆସପଣ୍ଡ ଗୁଡିକରୁ ପାଉଁସ ପରିବହନ କରାଯାଉଥିବା ଯୋଗୁଁ ଏହାକୁ ଟ୍ରକ ମାଲିକ ସଂଘ ଦୃଢ଼ ବିରୋଧ କରିଛି। ୫୩ ନମ୍ବର ଜାତୀୟ ରାଜପଥକୁ କେନ୍ଦ୍ର ସରକାର ସମ୍ପ୍ରସାରଣ ନକରି ହଜାର ହଜାର ଟ୍ରକ ପରିବହନ କରୁଥିବାରୁ ଜରୁରୀ କାଳୀନ ସେବାରେ ନିୟୋଜିତ ହୋଇଥିବା ଆମ୍ବୁଲାନ୍ସ ଘଣ୍ଟାଘଣ୍ଟା ଧରି ଟ୍ରକ ଭିଡ଼ ଭିତରେ ଫସି ରହୁଛନ୍ତି। ରୋଗୀମାନଙ୍କ ଚିକିତ୍ସା ସେବା ବ୍ୟାହତ ହେଉଛି। ଅନେକ ସମୟରେ ଅକାରଣରେ ଜୀବନ ହରାଉଛନ୍ତି। ବିଭିନ୍ନ ସମସ୍ୟାକୁ ନେଇ ବୁଦ୍ଧିଜୀବୀ ନାପସନ୍ଦ କରୁଛନ୍ତି ଓ ବାହ୍ୟ ରାଜ୍ୟର ଗାଡ଼ିଗୁଡିକ, ପାଉଁସ ପରିବହନ କରୁଥିବା ଟ୍ରକଗୁଡିକ ବିରୋଧରେ ଆଞ୍ଚଳିକ ଟ୍ରକ ମାଲିକ ସଂଘ ପକ୍ଷରୁ ରାଜ୍ୟ ପରିବହନ ମନ୍ତ୍ରୀ, ବିଭାଗୀୟ ସଚିବ, ଜିଲ୍ଲାପାଳ, ଏନଟିପିସି, ଜେଆଇଟିପିଏଲ ପ୍ରକଳ୍ପ ଅଧିକାରୀ, ଆଞ୍ଚଳିକ ପରିବହନ ତାଳଚେର, ସ୍ଥାନୀୟ ପ୍ରଶାସନକୁ ଲିଖିତ ଅଭିଯୋଗ କରାଯାଇଛି। ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।



# ସାର୍ଟିଫିକେଟ୍ ବଣ୍ଟନରେ ଟଙ୍କା ଆଦାୟ; ତଦନ୍ତ ଆରମ୍ଭ

**ଅନୁଗୋଳ /ବଇଣ୍ଡା, ୧୬।୭ (ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ସାର୍ଟିଫିକେଟ ପ୍ରଦାନ ବେଳେ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଭାବକମାନେ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ବାରମ୍ବାର ଏହି ବିଦ୍ୟାଳୟରେ ସାର୍ଟିଫିକେଟ ପ୍ରଦାନ ସମୟରେ ଟଙ୍କା ଆଦାୟ ହେଉଥିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଆଠମଲ୍ଲିକ ବିଇଓ ଦାଶରଥି ଶୁଣ୍ଡୀ ଉକ୍ତ ହାଇସ୍କୁଲକୁ ଆସି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାକୁ ଚପାଇବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ବିଦ୍ୟାଳୟରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପାସ ହୋଇଥିବା ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ସେମାନଙ୍କ ସାର୍ଟିଫିକେଟ ଆଣିବାକୁ ଯାଉଛନ୍ତି। ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଦେବା ପରେ ୨ ଶହ ଟଙ୍କା ଲେଖାଏଁ ଦେବାକୁ କହୁଛନ୍ତି। ଏପରିକି ପ୍ରତ୍ୟେକ ସାର୍ଟିଫିକେଟ ନେଉଥିବା ପିଲାଙ୍କୁ ଟଙ୍କା ଦେବାକୁ କହୁଛନ୍ତି। ଯେଉଁ ପିଲା ଟଙ୍କା ଦେଉନାହାନ୍ତି ସେମାନଙ୍କୁ ସାର୍ଟିଫିକେଟ ଦେଉ ନଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ଜଣେ ଅଭିଭାବକ ସାର୍ଟିଫିକେଟ ପାଇଁ ଯାଇଥିବା ବେଳେ ତାଙ୍କୁ ୨ ଶହ ଟଙ୍କା ବିଦ୍ୟାଳୟ ପକ୍ଷରୁ ମଗାଯାଇଥିଲା। ହେଲେ ଉକ୍ତ ଅଭିଭାବକ ଜଣକ ଅର୍ଥ ନ ଦେବାରୁ ତାଙ୍କୁ ସାର୍ଟିଫିକେଟ ନ ଦେଇ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ମୋ ସ୍କୁଲ ଅଭିଯାନ ପାଇଁ ଅର୍ଥ ଅଦାୟ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ବାରମ୍ବାର ସାର୍ଟିଫିକେଟ ପ୍ରଦାନରେ ଅର୍ଥ ଆଦାୟ କରାଯାଉଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲ୍ଲାପାଳ ଦୃଷ୍ଟିଦେଇ ଏହି ଘଟଣାକୁ ଭିଜିଲାନ୍ସ ଜରିଆରେ ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ସାହୁ କୁହନ୍ତି, ସାର୍ଟିଫିକେଟ ପାଇଁ ଆମେ କୌଣସି ପଇସା ନେଉନାହୁଁ। ମୋ ସ୍କୁଲ ଅଭିଯାନ ପାଇଁ ଆମେ ଛାତ୍ରୀଛାତ୍ରଙ୍କୁ ପଇସା ଦେବାକୁ କହୁଛୁ। ସାର୍ଟିଫିକେଟ ପ୍ରଦାନରେ ଅର୍ଥ ଆଦାୟ ହେଉନାହିଁ। ଏହି ଅଭିଯୋଗ ଭିତ୍ତିହିନ ବୋଲି ସେ କହିଛନ୍ତି। ଏ ନେଇ ବିଇଓ ଦାଶରଥି ଶୁଣ୍ଡୀ କୁହନ୍ତି, ଘଟଣା ସମ୍ପର୍କରେ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି। ପ୍ରକୃତ ତଦନ୍ତ ରିପୋର୍ଟ ଆସିଲେ, ଘଟଣା ସତ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ତନିଷ୍କ ପକ୍ଷରୁ 'ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ'

## ● ପ୍ରାକୃତିକ ହୀରାର ଆକର୍ଷଣକୁ ଆବିଷ୍କାର କରିବାର ସୁଯୋଗ

ଅନୁଗୋଳ, ୧୬।୭ (ସମିସ): ଭାରତର ସର୍ବବୃହତ୍ ଗହଣା ରିଟେଲ ବ୍ରାଣ୍ଡ ତନିଷ୍କ ଆଣିଛି 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ'। ତନିଷ୍କର କାଳଜୟୀ ହୀରା ସହିତ ଜୀବନର ପ୍ରିୟ ଅବସରଗୁଡ଼ିକୁ ପାଳନ କରିବାକୁ ଏହା ସୁଯୋଗ ପ୍ରଦାନ କରୁଛି। ଏହା ମାଧ୍ୟମରେ ପ୍ରାକୃତିକ ହୀରାର ଯାଦୁଗରୀକୁ ଆଲିଙ୍ଗନ କରିବା ସହ ଏହାର କାଳଜୟୀ ସୌନ୍ଦର୍ଯ୍ୟ ସହ ନିଜକୁ ସଜାଇପାରିବେ ଗ୍ରାହକ। ସ୍ୱତନ୍ତ୍ର ଅବସର ପାଇଁ ଅପେକ୍ଷା କରିବାର ନାହିଁ। ତନିଷ୍କ ଉତ୍କୃଷ୍ଟ ହୀରାର ଚମକ ଦ୍ୱାରା ଗ୍ରାହକଙ୍କ ଆଭ୍ୟନ୍ତରୀଣ ଚମକ ଏବଂ ଆନନ୍ଦକୁ ପରିବର୍ଜିତ କରୁଛି। ତନିଷ୍କର 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ' ମାଧ୍ୟମରେ ଗ୍ରାହକ ୧୦, ୦୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ହୀରା ଗହଣାର ବ୍ୟାପକ ଡିଜାଇନକୁ ନିଜ ମନ ପସନ୍ଦର ଗହଣା ଚୟନ କରିପାରିବେ। ପ୍ରତ୍ୟେକ ପସନ୍ଦ ଏବଂ ଅବସର ପାଇଁ ଏଗୁଡ଼ିକ ଉଦ୍ଦିଷ୍ଟ। ଉତ୍କୃଷ୍ଟ ଲାଳିତ୍ୟକୁ ଦର୍ଶାଉଥିବା କାଳଜୟୀ ସଲିଟାୟାରଠାରୁ ଆରମ୍ଭ କରି ବିଶେଷ କଳାକୃତିକୁ ଦର୍ଶାଉଥିବା ଜଟିଳ ମଲ୍ଟି-ଷ୍ଟୋନ୍ ଡିଜାଇନ୍, ପ୍ରତ୍ୟେକ ପିସ୍ ଗହଣା ହୀରାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଚମକକୁ ପ୍ରଦର୍ଶିତ କରୁଛି। ନ୍ୟୁନତମ ଡିଜାଇନ୍ ହେଉ ଅବା ଷ୍ଟେଟମେଣ୍ଟ ପିସ୍, ତନିଷ୍କ ଆକର୍ଷଣୀୟ ବର୍ଗର କଟ୍, କ୍ୟାରେଟ୍ ଏବଂ ସେଟିଂ ପ୍ରଦାନ କରୁଛି। ବ୍ୟକ୍ତିଗତ ଷ୍ଟାଇଲକୁ ଦର୍ଶାଉଥିବା ଉପଯୁକ୍ତ ହୀରା ସହ ନିଜ ସ୍ୱତନ୍ତ୍ର ଅବସରକୁ ଗ୍ରାହକ ସ୍ମରଣୀୟ କରିପାରିବେ। ଗ୍ରାହକ ଏ ଅବସରରେ ହୀରା କାନଫୁଲ, ବ୍ରେସ୍ ଲେଟ୍, ନେକ୍ ଲେସ୍, ମୁଦି ଏବଂ ଅନ୍ୟାନ୍ୟ ଗହଣାର ବିସ୍ତୃତ ତଥା ନୂଆ ଡିଜାଇନ୍ ପାଇପାରିବେ। ଏ ଅବସରରେ ତନିଷ୍କ ପକ୍ଷରୁ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହାସହିତ ଗ୍ରାହକ ୧୦୦% କରେଣ୍ଟ ଭ୍ୟାଲ୍ୟୁ ସହ ନିଜ ପୁରୁଣା ସୁନାକୁ ବଦଳାଇ ଆକର୍ଷଣୀୟ ନୂଆ ହୀରା ଗହଣା ପାଇପାରିବେ। ପ୍ରାକୃତିକ ହୀରା ଗହଣାର ବ୍ୟାପକ ରେଞ୍ଜ୍ ତନିଷ୍କ ହୀରାର ଭରସା ଏବଂ ପ୍ରତିଶ୍ରୁତି ସହ ଆସୁଛି। ଉଚ୍ଚମାନର ହୀରା ସହ ଗହଣାଗୁଡ଼ିକ ପ୍ରସ୍ତୁତ। ତନିଷ୍କର ଅତ୍ୟାଧୁନିକ କଲେକ୍ସନର ସୁନ୍ଦରତାକୁ ଚୟନ କରି ଗ୍ରାହକ ଏହି ଗହଣାକୁ ନିଜ ସ୍ୱତନ୍ତ୍ର ଯାତ୍ରାର ସାକ୍ଷୀ ବନାଇପାରିବେ। ପ୍ରକୃତ ହୀରା ସହ ନିଜର କାହାଣୀକୁ ପାଳନ କରିପାରିବେ। ଏହି ଆକର୍ଷଣୀୟ ହୀରା ଗହଣା ପାଇଁ ଗ୍ରାହକ ନିକଟସ୍ଥ ତନିଷ୍କ ଷ୍ଟୋରକୁ ଯାଇ ଶପିଂ କରିପାରିବେ। ତନିଷ୍କ ଟାଟା ଗ୍ରୁପ୍ ପକ୍ଷରୁ ପ୍ରସ୍ତୁତ ଭାରତର ବହୁ ପସନ୍ଦଯୋଗ୍ୟ ଗହଣା ବ୍ରାଣ୍ଡ। ଆକର୍ଷଣୀୟ କାରିଗରୀ, ସ୍ୱତନ୍ତ୍ର ଡିଜାଇନ ଏବଂ ଗ୍ୟାରେଣ୍ଟି ଯୁକ୍ତ ପ୍ରଡକ୍ଟ କ୍ୱାଲିଟି ସହ ଏହା ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେବା ପ୍ରଦାନ କରିଆସୁଛି। ଭାରତୀୟ ମହିଳାଙ୍କ ମନକୁ ବୁଝି ସେମାନଙ୍କ ପସନ୍ଦ ମୁତାବକ ପାରମ୍ପରିକ ଏବଂ ସମସାମୟିକ ଗହଣା ଯୋଗାଇବାରେ ଏହା ଦେଶର ଏକମାତ୍ର ଗହଣା ବ୍ରାଣ୍ଡ ଭାବେ ଲୋକପ୍ରିୟତା ହାସଲ କରିଛି। ଶୁଦ୍ଧ ଗହଣାଯୋଗାଇବାର ପ୍ରତିଶ୍ରୁତିକୁ ପାଳନ କରିବା ପୂର୍ବକ ସମସ୍ତ ତନିଷ୍କ ଷ୍ଟୋରରେ କ୍ୟାରେଟ୍ମିଟର ରହିଛି, ଯାହାକି ପ୍ରଭାବଶୀଳ ଉପାୟରେ ଗ୍ରାହକଙ୍କୁ ସୁନାର ଶୁଦ୍ଧତା ମାପିବାକୁ ସକ୍ଷମ କରାଉଛି। ୨୪୦ରୁ ଊର୍ଦ୍ଧ୍ୱ ସହରରେ ତନିଷ୍କ ରିଟେଲ ଚେନ୍ ୪୦୦ରୁ ଊର୍ଦ୍ଧ୍ୱ ଏକ୍ସକ୍ଲୁସିଭ ବୁଟିକ୍ ରହିଛି ବୋଲି ତନିଷ୍କର ମାଲିକ ମାନିକ ହଂସ ପ୍ରକାଶ କରିଛନ୍ତି।



# ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା, ୧୬।୭ (ସମିସ):** ହଣ୍ଡପା ଥାନା ଇଛାପୁର ଗ୍ରାମର ରୀନା ସାହୁଙ୍କୁ ତାଙ୍କ ସ୍ୱାମୀ ମନୋଜ ସାହୁ ନିର୍ଯାତନା ଦେବା ସହ ମାଡ଼ ମାରୁଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୨୨୮/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ରୀନାଙ୍କୁ ବିନା କାରଣରେ ମନୋଜ କିଛିଦିନ ହେବ ମାଡ଼ମାରିବା ସହ ନିର୍ଯାତନା ଦେଉଥିବା ବେଳେ ଅସହ୍ୟ ହେବା ଯୋଗୁଁ ଥାନାରେ ଅଭିଯୋଗ କରିଥିଲେ।

# ଦୁଇ ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୬।୭ (ସମିସ):** ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ଗ୍ରାମର ଗୋପ ନାୟକ ଓ ଦିପୁ ବେହେରାଙ୍କୁ ସେହି ଗ୍ରାମର ଲକ୍ଷ୍ମଣ ବେହେରା ଏକ ଠେଙ୍ଗାରେ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଗୋପ ଅଭିଯୋଗ କରିଥିବା ବେଳେ ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ନମ୍ବର ୨୨୭/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ଗୋପ ଓ ଦିପୁ ଗୁଣ୍ଡୁରୀମୁଣ୍ଡା ଠାରେ ଥିବା କୋଇଲା ଡିପୋ ଠାରେ ଥିବା ବେଳେ ଲକ୍ଷ୍ମଣ ମଧ୍ୟ ସେଠାରେ ଥିଲେ। ସେଠାରେ ଲକ୍ଷ୍ମଣଙ୍କ ମୋବାଇଲଟି ହଜି ଯାଇଥିଲା। ପରେ ଲକ୍ଷ୍ମଣ ଗୋପ ଓ ଦିପୁ ଉକ୍ତ ମୋବାଇଲ ନେଇଛନ୍ତି ବୋଲି କହି ଏକ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ଓସ୍ତାପାଲ୍ଲୀରେ ଜନଶୁଣାଣି



କିଶୋରନଗର, ୧୬।୭ (ସମିସ): କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଓସ୍ତାପାଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ସଭାଘର ଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବିନୋଦ ବିହାରୀ ବେହେରା, ଜିପିଡିଓ ସତ୍ୟପ୍ରିୟ ସାହୁ, , ସିଡିପିଓ ଓ୍ୱାହିଦା ବେଗମ, ସରପଞ୍ଚ ବିଜୟିନୀ ସାହୁ, ସମିତି ସଭ୍ୟ ସାବିତ୍ରୀ ନାଏକ, କୃଷି ଅଧିକାରୀ ଦିଲେଶ୍ୱର ସାହୁ, ଏମଆଇ ଯନ୍ତ୍ରୀ ସୌମ୍ୟରଂଜନ ବେହେରା, ଏ ବିଇଓ ଗଜେନ୍ଦ୍ର ବେହେରା, ଏଏଚଓ ବିସ୍ମୟ ମେହେର, ଏପିଓ ଅନୁପମା ଭୋଇ, ବିଏସଏସଓ ଝସକେତନ ସାହୁ, ଆରଡବ୍ଲୁଏସଏସ ମନୋରଞ୍ଜନ ପ୍ରଧାନ, ସୌମ୍ୟ ରଂଜନ ଦାସ, ଆରଏସ ସର୍ବେଶ୍ୱର ସ୍ୱାଇଁ ଉପସ୍ଥିତ ରହି ୨୪୬ ଅଭିଯୋଗର ଶୁଣାଣି କରିଥିଲେ।

# ମଦ ଜବତ; ଜଣେ ଗିରଫ

**ବଇଣ୍ଡା, ୧୬।୭ (ସମିସ):** କିଶୋରନଗର ଥାନା ତୁରୁଡ଼ା ଗ୍ରାମରେ ପୁଲିସ ଚଢ଼ଉ କରି କ୍ରିଷ୍ଣା ସାହୁଙ୍କଠାରୁ ୨୫ ଟି ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବରେ ନିଜ ଘରେ ମଦ ବିକ୍ରିକରିବା ପାଇଁ ନେଉଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ କରିଛି।

# ମହିମାଜ୍ୟୋତି ମହାବିଦ୍ୟାଳୟରେ ବିଶ୍ୱଶାନ୍ତି ମହାଯଜ୍ଞ



ଅନୁଗୋଳ, ୧୬।୭ (ସମିସ): ଆଷାଢ଼ ଶୁକ୍ଳ ଦଶମୀ ସୋମବାରରେ ପୁଣ୍ୟ ବାହୁଡ଼ା ତିଥିରେ ଖଣ୍ଡହତା ସ୍ଥିତ ମହିମା ଜ୍ୟୋତି ମହାବିଦ୍ୟାଳୟ ଆନୁକୂଲ୍ୟରେ ଚଣ୍ଡି ଖମଣଠାରେ କଲେଜର ଷଷ୍ଠ ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞରେ ଢେଙ୍କାନାଳ ମହିମା ଗାଦିର କୌପିନଧାରୀ ମହିମା ସମାଜ ସଭାପତି ଶ୍ରୀମଦ ବାବା ରଘୁନାଥ ଦାସ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଶ୍ୱ ବ୍ରହ୍ମଣ୍ଡର ମଙ୍ଗଳାର୍ଥେ ଶାନ୍ତି ମହାଯଜ୍ଞ କରି ମହିମା ଗାଦିର ସାଧୁସନ୍ଥଗଣ ଘୃଣାହୁତି ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଯଜ୍ଞସ୍ଥଳ ଚଳଚଞ୍ଚଳ ହୋଇଉଠିଥିଲା। ବିଧାୟକ ଶ୍ରୀ ପ୍ରଧାନ ସମସ୍ତ ଭକ୍ତ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ସତ ଚରିତ୍ର ଓ ଶିକ୍ଷାର ମହତ୍ୱ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ। ବିଭୁକୃପଭିଳାଷୀ ଭକ୍ତ ମଣ୍ଡଳୀ, କଲେଜର ପରିଚାଳନା ସଭାପତି ସୁଜିତ ଦେହୁରୀ, ସମ୍ପାଦକ ସନ୍ତୋଷ ଦେହୁରୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ, ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା, ସମସ୍ତ କର୍ମଚାରୀ ଏବଂ କଲେଜର ଛାତ୍ର ଛାତ୍ରୀ ଉପସ୍ଥିତ ରହି ଯଜ୍ଞ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ବାବା ରଘୁବର ଦାସଙ୍କ ଦ୍ୱାରା ପୂର୍ଣ୍ଣାହୁତି ଓ ଭକ୍ତ ଜନଙ୍କୁ ପ୍ରସାଦ ସେବନ କରାଯାଇ ଯଜ୍ଞ କର୍ମକୁ ସାଙ୍ଗ କରାଯାଇଥିଲା।

### ପ୍ରାଣୀ ଚିକିତ୍ସାଳୟର ବାସ୍ତବ ଚିତ୍ର ଏମିତି

# ଚିକିତ୍ସା ସେବା ନପାଇ ଯନ୍ତ୍ରଣାରେ ଶଢ଼ୁଛନ୍ତି ଗାଈଗୋରୁ

**ତାଳଚେର ସଦର, ୧୬।୭ (ସମିସ)**

ତାଳଚେର ହାଟତୋଟା ସ୍ଥିତ ପ୍ରାଣୀ ଚିକିତ୍ସାଳୟରେ ପଶୁ ଡାକ୍ତରମାନଙ୍କର ବେପରୁଆ ଚିକିତ୍ସା ସେବାକୁ ନେଇ ପଶୁପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୋଗରୁ ପ୍ରକାଶ ଯେ, ଚିକିତ୍ସା ସେବା ପାଇଁ ଆସୁଥିବା ବୁଲା ଷଣ୍ଢ, ଗାଈଗୋରୁମାନେ ସଠିକ୍ ଭାବେ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ପ୍ରାଣୀ ଚିକିତ୍ସାଳୟରେ ରୋଗ ଯନ୍ତ୍ରଣାରେ ଛଟ ପଟ ହୋଇ କଷ୍ଟପାଉଥିବା କିଛି ଷଣ୍ଢ, ଗାଈ ଗୋରୁଙ୍କୁ ପଶୁ ଡାକ୍ତର ହୁଅନ୍ତୁ କି କର୍ମଚାରୀ, ସେମାନେ ସଠିକ୍ ଚିକିତ୍ସା ସେବା ପଶୁମାନଙ୍କୁ ଦେଉ ନାହାନ୍ତି। ପଶୁମାନଙ୍କୁ ନିର୍ଦ୍ଦୟ ଭାବେ ପକାଇଦେଇ କେବଳ ଚିକିତ୍ସା ସେବାର ନାଟକ କରୁଛନ୍ତି। ରୋଗାଗ୍ରସ୍ତ ପଶୁଗୁଡିକର ସେବା ସ୍ଥାନଟି ପରିଷ୍କାର ପରିଛନ୍ନ ନଥିବାରୁ ସେହି ସ୍ଥାନଟି ଦୁର୍ଗନ୍ଧମୟ ଥିବା ଦେଖାଯାଇଛି। ସରକାରୀ ଔଷଧଗୁଡିକ ପଶୁମାନଙ୍କ ପାଇଁ ଆସିଥିବା ବେଳେ ତାହା ଚିକିତ୍ସା ସେବାରେ ଲାଗିପାରୁନାହିଁ, ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାଣୀ ଚିକିତ୍ସାଳୟର ପଶୁମାନଙ୍କ ପାଇଁ ଆସୁଥିବା ଔଷଧଗୁଡିକ ବାହାରକୁ ସପ୍ଲାଇ ହୋଇଯାଉଛି ବୋଲି କେତେକ ଲୋକ ପ୍ରତିକ୍ରିୟାରେ କହିଛନ୍ତି। ପ୍ରାଣୀ ଚିକିତ୍ସାଳୟର ବାସ୍ତବ ସ୍ଥିତି ଉପରେ କାହାର ଦୃଷ୍ଟି ପଡ଼ି ନଥିବାରୁ ଅସହାୟ ଅବସ୍ଥାରେ ଥିବା ପଶୁମାନେ ଚିକିତ୍ସା ସେବାର ସଠିକ୍ ଉପଚାର ପାଇପାରୁନାହାନ୍ତି। ଏଣୁ ଉକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହା ଉପରେ ବିଶେଷ ଦୃଷ୍ଟି ଦେବା ଅତ୍ୟନ୍ତ ଜରୁରୀ ବୋଲି ସାଧାରଣରେ ଅଭିଯୋଗ ହେଉଛି।





# ମୁଖ୍ୟ ଦେଉଳ ଚକଡ଼ା ପହଞ୍ଚିଲା ବ୍ରହ୍ମତାଳଧ୍ୱଜ ରଥ





**କେନ୍ଦ୍ରାପଡା,୧୬।୭(ସମିସ):** ବିନା ବାଧା ବିଘ୍ନରେ ଆଜି ମହାପ୍ରଭୁ ମୁଖ୍ୟ ମନ୍ଦିର ଚକଡାରେ ପହଞ୍ଚିଛନ୍ତି। ହଜାର ହଜାର ଭକ୍ତ ମହାପ୍ରଭୁଙ୍କୁ ଅତି ଆନନ୍ଦର ସହ ପାଛୋଟି ନେଇଥିଲେ। ଗୁଣ୍ଡିଚାରେ ହୋଇଥିବା ବିଭ୍ରାଟ ବାହୁଡ଼ାରେ ଦେଖିବାକୁ ମିଳିନଥିଲା। ଏମିତିକି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିଜେ ଉପସ୍ଥିତ ରହି ସୁରୁଖୁରୁରେ ରଥ ଗଡିବାର ସମସ୍ତ ବ୍ୟବସ୍ଥା କରିଥିଲେ। ନିଜେ ଭକ୍ତମାନଙ୍କ ସହିତ ରଥ ଟଣାରେ ସହଯୋଗ କରୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଶେଷରେ ଆରାଧ୍ୟ ଦେବତା ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମତାଳଧ୍ୱଜ ରଥ ମଙ୍ଗଳବାର ମୁଖ୍ୟ ଦେଉଳ ଚକଡାରେ ଲାଗିଥିଲା। ବିଧି ଅନୁଯାୟୀ ମଙ୍ଗଳବାର ତୁଳସୀ କ୍ଷେତ୍ରରେ ବାହୁଡା ଯାତ୍ରା ହୋଇଥିଲା। ମାଉସୀମାଙ୍କ ମନ୍ଦିର ଚକଡାରୁ ବ୍ରହ୍ମତାଳଧ୍ୱଜ ରଥକୁ ହଜାର ହଜାର ଭକ୍ତ ଆନନ୍ଦ ଉଲ୍ଲାସ ସହକାରେ ଟାଣିଥିଲେ। ପାଖା ପାଖି ୩୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ମଙ୍ଗଳବାର ରଥଦାଣ୍ଡରେ ହୋଇଥିଲା। ରଥ ଟାଣିବା ପାଇଁ ଆବାଳ ବୃଦ୍ଧ ବନିତା ରଥଦାଣ୍ଡରେ ସମବେତ ହୋଇଥିଲେ। ଘଣ୍ଟା, ଘଣ୍ଟ ହରିବୋଲ, ହୁଳହୁଳି ଶବ୍ଦରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରଥ ସମ୍ମୁଖରେ ଓଡିଶୀ ଓ ଦେବଦାସୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଦୃଶ୍ୟ ଭକ୍ତମାନଙ୍କୁ ବେଶ ବିମୋହିତ କରିଥିଲା। ପିଲାମାନେ ବଡ ଠାକୁରଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଟାଣିବା ପାଇଁ ଭକ୍ତଙ୍କ ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା। ଗୁଣ୍ଡିଚାରେ ଭଳି ଯେପରି ବିଭ୍ରାଟ ନ ଘଟେ ଓ ରଥ ଭଲ ଭାବେ ଗଡି ଯେପରି ମୁଖ୍ୟ ମନ୍ଦିର ଚକଡାରେ ଲାଗେ ତାହାର ଅନୁଧ୍ୟାନ କରିବା ପାଇଁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ରଥଦାଣ୍ଡରେ ପହଞ୍ଚି ସମୀକ୍ଷା କରିଥିଲେ। ଫଳରେ ରଥ ଗଡିବାରେ କୌଣସି ସମସ୍ୟା ହୋଇ ନଥିଲା। ଆସନ୍ତା କାଲି ବୁଧବାର ବଡ ଏକାଦଶୀ ପଡୁଛି। ତେଣୁ ରଥ ଉପରେ ଶ୍ରୀଜୀଉମାନଙ୍କ ନୀତି ସମାପନ ହେବ। ଗୁରୁବାର ୧୮ ତାରିଖ ନିଳାଦ୍ରୀ ବିଜେ ହେବେ। ମନ୍ଦିର ପ୍ରଶାସନର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ କହିବାନୁଯାୟୀ ସେବକ ଓ ପ୍ରଶାସନର ମିଳିତ ସମନ୍ୱୟରେ ବାହୁଡା ଯାତ୍ରା କାର୍ଯ୍ୟକ୍ରମ ବିଶେଷ ସମସ୍ୟା ସୃଷ୍ଟି ହୋଇ ନଥିଲା। ରଥ କିଛି ବାଟ ଗଲା ପରେ ବାମ ପଟକୁ ମାଡି ଯାଇଥିଲା। କିନ୍ତୁ ଜଗ ଲଗାଯାଇ ଏହାକୁ ଏକ ଘଣ୍ଟା ମଧ୍ୟରେ ଡାହଣ ପାର୍ଶ୍ୱକୁ ଘୁଞ୍ଚା ଯାଇଥିଲା। ଏହାପରେ ରଥ ଟଣାରେ କୌଣସି ବିଭ୍ରାଟ ହୋଇ ନଥିଲା। ଫଳରେ ରଥ ମୁଖ୍ୟ ମନ୍ଦିର ଚକଡାରେ ଲାଗିଥିଲା। ରଥ ଉପରେ ଚୁଡାଘସା, ମାଲପୁଆ, ରସାବଳି, ଫଳ,କ୍ଷୀର,ଛେନା ଭୋଗ ହୋଇଥିଲା। ରାତି ୧୧ଟା ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ରଥାରୁଢ ଠାକୁରଙ୍କ ଦର୍ଶନ କରିଥିଲେ। ରଥ ଟାଣିବା ପାଇଁ ସାଂସଦ ବୈଜୟନ୍ତ ପଣ୍ଡା, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ପ୍ରମୁଖ ରଥଦାଣ୍ଡରେ ପହଞ୍ଚିଥିଲେ।

## ଦଧିବାମନଜୀଉଙ୍କ ବାହୁଡ଼ା ଯାତ୍ରା



**କେନ୍ଦ୍ରାପଡ଼ା,୧୬।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପ୍ରାଚୀନ ଧର୍ମପୀଠ ଚଉଦକୁଲାଟରେ ଶ୍ରୀଦଧିବାମନଜୀଉଙ୍କ ବାହୁଡ଼ା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରୁ ୪ ପର୍ଯ୍ୟନ୍ତ ଦଧିବାମନଜୀଉଙ୍କ ସେନାପଟା ଲାଗିଥିଲା। ପରେ ସେବାୟତଶ୍ରୀଜୀଉଙ୍କୁ ପହଣ୍ଡି କରି ରଥାରୁଢ କରିଥିଲେ। ମାଉସୀ ମା' ମନ୍ଦିରରେ ଗତ ୯ ଦିନ ହେବ ଲୀଳା କରୁଥିବା ଲୀଳାମୟ ଦଧିବାମନଜୀଉଙ୍କ ରଥଟଣା ଅପରାହ୍ନ ୫ଟା ୪୦ରେ ହୋଇଥିଲା। ରଥ ଉପରେ ନିସୁଙ୍କୁଡି ଭୋଗ ଲାଗି ହୋଇଥିଲା। ମଙ୍ଗଳବାର ବଡ଼ ଏକାଦଶୀ ପଡିଥିବାରୁ ରଥରେ ଶ୍ରୀଜୀଉଙ୍କୁ ପୁରୀ, କାକରା, ଉଖୁଡ।, କଦଳୀ ଭୋଗ ହୋଇଥିଲା। ୧୬ ତାରିଖରେ ସୁନା ବେଶ ଅନୁଷ୍ଠିତ ହୋଇଥିଲା। ୧୮ ତାରିଖରେ ଦଧିବାମନଜୀଉଙ୍କୁ ନିଳାଦ୍ରୀ ବିଜେ କରାଯିବ। ପ୍ରାଚୀନ ପରମ୍ପରା ଅନୁଯାୟୀ ପ୍ରଭୁଙ୍କୁ ଦ୍ୱାଦଶୀରେ ଶ୍ରୀଜୀଉଙ୍କ ନିକଟରେ ଅନ୍ନପ୍ରସାଦ ଭୋଗ ହୋଇଥାଏ ବୋଲି ବୋଲି ଦଧିବାମନଜୀଉ ଟ୍ରଷ୍ଟ ବୋର୍ଡ ସଦସ୍ୟ କିଶୋର କୁମାର ମିଶ୍ର କହିଛନ୍ତି। ସାନମାଣତିଆ, ଘାଘରା, କେଶପୁର, ନୀଳକଣ୍ଠପୁର, ଅଣ୍ଡରା, ଚନ୍ଦନପୁର, ଗାଙ୍ଗପଡ଼ା ପ୍ରମୁଖ ପଞ୍ଚାୟତର ପାଞ୍ଚ ହଜାରରୁ ଅଧିକ ଶ୍ରଦ୍ଧାଳୁ ସମବେତ ହୋଇ ବାହୁଡ଼ା ଯାତ୍ରାକୁ ଉପଭୋଗ କରିଥିଲେ।

## ଟ୍ୟାଙ୍କର ପଛରେ ପିଟିଲା ଟ୍ରକ୍

**ଡେରାବିଶ,୧୬।୭(ସମିସ):** ଡେରାବିଶ ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର୍ଟମୋଳ ଛକ ନିକଟରେ ଆଜି ପୂର୍ବାହ୍ନରେ ଏକ ଟ୍ୟାଙ୍କର ପଛରେ ଏକ ଟ୍ରକ ପିଟି ହୋଇ ଟ୍ରକର ସାମନା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେବି ଟ୍ରକ ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦେଖଣାହାରୀଙ୍କଠାରୁ ପ୍ରକାଶ ଯେ, କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କର (ଓଡ଼ି-୦୫-ଏୟୁ-୪୦୮୬) ଏବଂ ଏକ ଟ୍ରକ (ଓଡ଼ି-୦୫-ବିଏନ୍-୮୦୯୯) ଯାଉଥିବା ବେଳେ ଖମୋଳ ଛକ ନିକଟରେ କୌଣସି କାରଣରୁ ଟ୍ୟାଙ୍କରଟି ବ୍ରେକ ମାରି ଦେଇଥିଲା। ଫଳେରେ ପଛରେ ଯାଉଥିବା ଟ୍ରକଟି ଭାରସାମ୍ୟ ହରାଇ ହଠାତ୍ ଟ୍ୟାଙ୍କର ପଛରେ ଧକ୍କା ଦେଇଥିଲା। ଧକ୍କା ହେବା ଫଳରେ ଟ୍ରକର ସାମନା ପଟ ବ୍ୟାପକ ଭାବେ ।ତିଗ୍ରସ୍ତ ହୋଇଥିବା ବେଳେ ସୌଭାଗ୍ୟକୁ ଡ୍ରାଇଭର ଜଣକ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ।

## ଚକଡ଼ା ଲାଗିହେଲା ଶ୍ରୀ ଦଧିବାମନଜୀଉଙ୍କ ରଥ



**ଡେରାବିଶ,୧୬।୭(ସମିସ):** ଡେରାବିଶର ପରମ ଆରାଧ୍ୟ ଶ୍ରୀ ଦଧିବାମନ ଜୀଉ ନବଦିନ ବ୍ୟାପୀ ଯାତ୍ରା ପରେ ସୋମବାର ବାହୁଡ଼ା ତିଥିରେ ମାଉସୀମା ମନ୍ଦିରରୁ ପ୍ରତ୍ୟାବର୍ତ୍ତନ ପାଇଁ ଯାତ୍ରା ଆରମ୍ଭ କରିଥିଲେ। ବାହୁଡ଼ାତିଥି ଅବସରରେ ଅପରାହ୍ନରେ ମାଉସୀମା ମନ୍ଦିରର ଆଡ଼ପ ମଣ୍ଡପରେ ୯ଦିନ ଧରି ପୂଜା ପାଉଥିବା ଶ୍ରୀଜୀଉଙ୍କୁ ସେବାୟତମାନେ ଗୋଟି ପହଣ୍ଡିରେ ଆଣି ରଥାରୁଢ଼ କରିଥିଲେ। ତେବେ ଅଳ୍ପ କିଛି ବାଟ ରଥ ଟଣାଯାଇ ସୂର୍ଯ୍ୟାସ୍ତ ପୂର୍ବରୁ ଡେରାବିଶ କଲେଜ ନିକଟରେ ରଥ ଅଟକି ରହିଥିଲା। ମଙ୍ଗଳବାର ଅପରାହ୍ନରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ରଥକୁ ଟାଣି ଆଣିଥିଲେ। ଆଜି ସନ୍ଧ୍ୟାରେ ରଥ ଅରୁଣ ସ୍ତମ୍ଭ ନିକଟରେ ଚକଡ଼ା ଲାଗି ହୋଇଛି। ଆଜି ରଥାରୁଢ଼ ଜୀଉଙ୍କ ନିକଟରେ ସନ୍ଧ୍ୟା ଆଳତୀ ହେବା ସହ ସମସ୍ତ ନୀତିକାନ୍ତି ରଥ ଉପରେ ସମ୍ପନ୍ନ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ନାରାୟଣ ସାହୁ ସୂଚନା ଦେଇଛନ୍ତି। ବୁଧବାର ଶ୍ରୀଜୀଉଙ୍କ ସୁନା ବେଶ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଆଜି ଅପରାହ୍ନଠାରୁ ରଥଦାଣ୍ଡ ସମେତ ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଡେରାବିଶ ପୁଲିସ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହିଛନ୍ତି। ଏହି ରଥଯାତ୍ରା କାର୍ଯ୍ୟକ୍ରମରେ ମନ୍ଦିର ସେବାୟତ ମାନସ ରଞ୍ଜନ କର, ପ୍ରକାଶ ପଣ୍ଡା, ଦୁଃଖିଶ୍ୟାମ ପଣ୍ଡା, ରତ୍ନାକର ପଣ୍ଡା, ଅକ୍ଷୟ କୁମାର ପଣ୍ଡା, ରଘୁନାଥ ପଣ୍ଡା, ନାରାୟଣ ପଣ୍ଡା, ବଂଶୀଧର ପଣ୍ଡା, ଅଶୋକ କୁମାର ପଣ୍ଡା ପ୍ରମୁଖ ସେବାୟତମାନେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତିରେ ସାମିଲ ହୋଇଛନ୍ତି। ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି ଓ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ବିପିନ ବିହାରୀ ସାହୁ, ସଞ୍ଜୟ କୁମାର ସାହୁ ପ୍ରମୁଖ ପରିଚାଳନା କମିଟିର ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନାରେ ସହଯୋଗ କରିଥିଲେ। ଆଜି ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ବଡ଼ଦାଣ୍ଡରେ ସେବା ଯୋଗାଇଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ



**କେନ୍ଦ୍ରାପଡ଼ା,୧୬।୭(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ପବିତ୍ର ବାହୁଡ଼ାଯାତ୍ରା ଉପଲକ୍ଷେ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀ ପରିଷଦର ୪୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ମିଶି ଦହିପଣା ବଣ୍ଟନ କରିବା ସହ ଆମ୍ବୁଲାନ୍ସ ବ୍ୟାରିକେଡ୍ କରି ଭିଡ଼ ନିୟନ୍ତ୍ରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ତ୍ରୈଲୋଚନ ଦାସ, ଜିଲ୍ଲା ସଂଯୋଜକ ବିକ୍ରମ କେଶରୀ ରାଉତ, ଜିଲ୍ଲା ସହ-ସଂଯୋଜିକା ପୂର୍ଣ୍ଣିମା ଜେନା, ବିଭାଗ ଏସ୍‌ଏଫ୍‌ଡି ସଂଯୋଜକ ଶଶି ପ୍ରସାଦ ମହାରଣା, ବିଭାଗ ସହ-ସଂଯୋଜକ ସତ୍ୟ ରଞ୍ଜନ ନାୟକ, ଜିଲ୍ଲା ଏସ୍‌ଏଫ୍‌ଏସ ସହ-ସଂଯୋଜକ ଗୁରୁ ପ୍ରସାଦ ରାଉତ, ଜିଲ୍ଲା ଏସ୍‌ଏଫ୍‌ଡି ସହ-ସଂଯୋଜିକା ନମିତା ନାୟକ ଓ ବିଭାଗ ଛାତ୍ରୀ ପ୍ରମୁଖ ପୂଜା ରାଣୀ ରାଉତ ଉପସ୍ଥିତ ଥିଲେ। ପରିଶେଷରେ ବଡ଼ଦାଣ୍ଡରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବେଣିପୁର ବିଦ୍ୟାଳୟର ତଦାରଖ କଲେ ବିଧାୟକ




**ପଞ୍ଚୁପାଣ୍ଡବ,୧୬।୭(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବେଣିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିବା ସହ ଆଲୋଚନା କରିଥିଲେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ମହାପାତ୍ର। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଜେନାଙ୍କ ଉପସ୍ଥିତିରେ ଶ୍ରୀ ମହାପାତ୍ର ବିଦ୍ୟାଳୟର ପିଲାଙ୍କ ମଧ୍ୟାହ୍ନ ଭୋଜନ, ପାଇଖାନା ଘର, ବିଦ୍ୟୁତ୍ ସଂଯୋଗ, ପିଲାମାନେ ପ୍ରତିଦିନ ଆସୁଛନ୍ତି କି ନାହିଁ ଏବଂ ଶିକ୍ଷକମାନେ ଆସୁଛନ୍ତି କି ନାହିଁ ସବୁ କଥା ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ବୁଝିବା ସହ ଆଲୋଚନା କରିଥିଲେ। ପରିଚାଳନା କମିଟିର ସଭାପତି ପ୍ରଦୀପ କେଶରୀ ସାମଲ, ବପିନ ବିହାରୀ ଓଝା, ଅଭୟ ଦାସ, ଶିଶିର ମଲିକ, ଅନାଦି ଚରଣ ବେହୁରା, ଶିକ୍ଷକ ଉତମ କୁମାର ମଲିକ, ରନ କୁମାର ସାହୁ ଏବଂ ଭାଗ୍ୟଶ୍ରୀ ବେହୁରା ଉପସ୍ଥିତ ଥିଲେ।

## ସଚେତନ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

**ଆଳି,୧୬।୭(ସମିସ):** ପବିତ୍ର ବାହୁଡା ଅବସରରେ ଆଳି ବ୍ଲକ ମାଣିକପାଟଣା ଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଚେତନ ନାଗରିକ ମଞ୍ଚ ପକ୍ଷରୁ ମା କଣ୍ଟେଶ୍ୱରି ପୀଠରେ ଆୟୋଜିତ ଏହି ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭାରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଗଙ୍ଗାଧର ସାମଲ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ତଥା ସମାଜସେବୀ ଙ୍ଗ ନୀଳାଦ୍ରି ଭୂଷଣ ମହାପାତ୍ର,ମୁଖ୍ୟବକ୍ତା ଭାବେ ଗୌରବ ସାହିତ୍ୟ ପତ୍ରିକା ସମ୍ପାଦକ ଶଙ୍କର୍ଷଣ ଦାଶ,ସମ୍ମାନୀତ ଅତିଥି ଭାବେ ସମାଜସେବୀ ବିଦ୍ୟାଧର ବିଶ୍ୱାଳ,ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ପ୍ରଧାନ ଓ ପ୍ରଧାନ ଶିକ୍ଷକ ଗଙ୍ଗାଧର ଦାସ ଯୋଗ ଦେଇଥିଲେ। ସମ୍ପାଦକ ଅମୂଲ୍ୟ ତରାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପୂର୍ବତନ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ରାଉତ ପ୍ରଦାନ କରିଥିଲେ। ପ୍ରଥମେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଅବସରରେ ପୂଜ୍ୟ ପୂଜା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ପ୍ରଧାନ ଓ ସମାଜସେବୀ ବିଦ୍ୟାଧର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହେନ୍ଦ୍ର ସଜନୀ ପ୍ରତିଭା ପୁରସ୍କାର-୨୦୨୩ ପାଇଁ ଅମିତ ପାତ୍ର ଓ ରଶ୍ମିତା ନାୟକଙ୍କୁ ପ୍ରଦାନ କରା ଯାଇଥିବା ବେଳେ ୨୦୨୪ ପାଇଁ ମହାପ୍ରସାଦ ଦାସ ଓ ଲକ୍ଷ୍ମୀପ୍ରିୟା ବେହେରାଙ୍କୁ ପ୍ରଦାନ କରା ଯାଇଥିଲା। ସଚେତନ ନାଗରିକ ମଞ୍ଚ ସମ୍ବର୍ଦ୍ଧନା ସୂର୍ଯ୍ୟକାନ୍ତ ରାଉତ,ଦିବ୍ୟରଞ୍ଜନ ବେହେରା,ବିଶାଳ ମହାନ୍ତି,ଅମନ ବିଶ୍ୱାଳ,ଶୁଭଙ୍କର ଦାଶ,ରୋସନ ପରିଡ଼ା ଓ ଶ୍ରୀଜେସ ଶୟନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ସୌଭାଗ୍ୟ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।




## ସାମ୍ୟବାଦୀ ନେତା ପ୍ରସନ୍ନ ବେହେରାଙ୍କ ପରଲୋକ

**ରାଜକନିକା,୧୬।୭(ସମିସ):** ରାଜକନିକାର ଜନ ଜୀବନରେ ସାମ୍ୟବାଦ ବିଚାରର ଆଗୁଆ ନେତୃତ୍ୱ ଗିରିଆ ଗାଁର ପ୍ରସନ୍ନ ବେହେରା (୭୨) ଙ୍କର ଆଜି ସକାଳେ ନିଜ ବାସଭବନରେ ଦେହାନ୍ତ ହୋଇଛି। ୧୯୮୧ ମସିହା ଠାରୁ ସିପିଆଇଏମର ଜଣେ ସଦସ୍ୟ ଭାବରେ ବାମ ଆନ୍ଦୋଳନରେ ଝାସ ଦେଇଥିବା ପ୍ରସନ୍ନଙ୍କ ଦେହାନ୍ତ ତମାମ କମୁନିଷ୍ଟ ଆନ୍ଦୋଳନ ପାଇଁ ଏକ ଝଟକା ଦେଇଛି। ଗରିବ ଖଟିଖିଆ ମେହନତି ମଣିଷର ସ୍ୱାର୍ଥ ପାଇଁ ଅହରହ ସଂଗ୍ରାମ ଜାରି ରଖିଆସୁଥିବା ପ୍ରସନ୍ନ କିଛିଦିନ ହେବ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିବା ସମୟରେ ଆଜି ସକାଳେ ମୃତ୍ୟୁ ବରଣ କରିଥିଲେ। ସାଧାରଣ ମଣିଷର ଶ୍ରେଣୀ ସଂଗ୍ରାମରେ ପ୍ରସନ୍ନଙ୍କ ଯୋଗଦାନ ବେଶ ବଳିଷ୍ଠ ଭୂମିକା ନିଭାଇ ଥିବାରୁ ତାଙ୍କର ଅବର୍ତ୍ତମାନ ରାଜ୍ୟ, ଜିଲ୍ଲା ସର୍ବୋପରି ବ୍ଲକ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସିପିଆଇଏମ ଶୋକ ବ୍ୟକ୍ତ କରିଛି। ଆଜି ଅପରାହ୍ନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଶବାଧାରରେ କମୁନିଷ୍ଟ ପତାକା ଦେଇ କମୁନିଷ୍ଟ ନେତା କାଳିପ୍ରସାଦ ନାୟକ, ଧୀବର ବେହେରା, ନୃସିଂହ ତରାଇ, ବୈରାଗୀ ସାହୁ, ନବକିଶୋର ସୁତାର, ପ୍ରଶାନ୍ତ ମହାରଣା, ଦାମୋଦର ଧଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

## ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

**କେନ୍ଦ୍ରାପଡ଼ା,୧୬।୭(ସମିସ):** କେନ୍ଦ୍ରାପଡ଼ା ତିନିମୁହାଣୀ ସ୍ଥିତ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଏହାର କାର୍ଯ୍ୟାଳୟ ପରିସରରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷ କେନ୍ଦ୍ରର ସହକାରୀ ଶିକ୍ଷ ଅଧିକାରୀ ନରେନ୍ଦ୍ର ନାଥ ମହାରଣା ଯୋଗଦେଇ କହିଲେ ବର୍ତ୍ତମାନର ପ୍ରତିଯୋଗିତା ମୂଳକ ସମୟରେ ଯୁବପିଢ଼ିଙ୍କ ନିକଟରେ ଦକ୍ଷତାର ବିକାଶ କରାଯିବା ଅତ୍ୟନ୍ତ ଜରୁରୀ।ଦକ୍ଷତାର ବିକାଶ ନହେଲେ ଦେଶର ବିକାଶ ହୋଇପାରିବ ନାହିଁ। ଯୁବପିଢ଼ିଙ୍କ ଦକ୍ଷତା ବିକାଶ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏ ନେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରୁ ଯୁବପିଢ଼ି ଲାଭ ଉଠାଇବା ଦରକାର ବୋଲି ସେ କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଆଶୀଷ ରଞ୍ଜନ ସାହୁ ଯୋଗଦେଇ କହିଲେ ଯୁବପିଢ଼ିଙ୍କ ମଧ୍ୟରେ ଭରପୁର ଶକ୍ତି ରହିଛି। କେବଳ ସେମାନଙ୍କ ଦକ୍ଷତାକୁ ବିଭିନ୍ନ କ୍ଷେତ୍ରରେ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାରଣା ଟେଲରିଂ, ବିୟୁଟିସିଆନ, କମ୍ପ୍ୟୁଟର କୋର୍ସରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଉତ୍ସବ ଅବସରରେ ରକ୍ତଦାନ କରିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାତା ପ୍ରମାଣପତ୍ର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକ୍ରମ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଘୋଷିତ ବିଦ୍ୟୁତ୍‌କାଟ୍, ଜନଜୀବନ ଅସ୍ତବ୍ୟସ୍ତ

**ରାଜନଗର,୧୬।୭(ସମିସ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ତେଜୁଛି। ଏନେଇ ରାଜନଗର ବଡଦାଣ୍ଡର ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ ବସି ଆଗାମୀ ଦିନରେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ ପାଇଁ ଆଲୋଚନା ହୋଇଛି। ବୈଠକରେ ବିଶେଷକରି ଯେପରି ଭାବରେ ରାଜନଗର ଟାଟାପାୱାର ପକ୍ଷରୁ ପ୍ରତ୍ୟେକ ଦିନ ନଜଣାଇ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରିବା ଏବଂ ଜନସାଧାରଣଙ୍କୁ ସଠିକ ଭାବରେ ସେବା ଯୋଗାଇ ନଦେବା, ସବୁଠୁ ବଡକଥା ହେଲା ଜନସାଧାରଣଙ୍କ ପାଇଁ ପୂର୍ବରୁ ଥିବା ଟେଲିଫୋନ ନମ୍ବରଟିକୁ କାଟି ଦେବା ସହିତ ଫୋନ ନଉଠାଇବା ଏବଂ ବିଦ୍ୟୁତ କର୍ମଚାରୀମାନେ ପ୍ରତ୍ୟେକ ଦିନ ଓ ରାତିରେ ଅଘୋଷିତ ବିଦ୍ୟୁତ କାଟ କରିବା ପରେ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀମାନଙ୍କୁ ଫୋନ୍ କଲେ ମଧ ସେମାନଙ୍କ ମୋବାଇଲ ବନ୍ଦ ରହିବା ଯୋଗୁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗତ ରବିବାର ରାତ୍ର ୧୧ ଘଟିକା ସମୟରେ ହଠାତ୍ ରାଜନଗର ବଡଦାଣ୍ଡର ୩, ୪, ୫, ୬ ନମ୍ବର ୱାର୍ଡର ବିଦ୍ୟୁତ୍ ଉପଭୋକ୍ତା ମାନେ ବିଦ୍ୟୁତ୍ କଟିଯିବା ଯୋଗୁଁ ରାତି ଅନିଦ୍ରା ରହିଛନ୍ତି। ଫଳରେ ବଡଦାଣ୍ଡ ଗ୍ରାମବାସୀ ଅସହ୍ୟ ଗୁଳୁଗୁଳି ଓ ଗରମ ଯୋଗୁ ଅନିଦ୍ରା ରହିଥିବା ବେଳେ ବୟୋଜ୍ୟେଷ୍ଠ ଲୋକ ଓ ଶିଶୁମାନେ ଅସୁସ୍ଥ ଅନୁଭବ କରିଥିଲେ। ଏ ବିଷୟରେ ସୋମବାର ଅପରାହ୍ନ ୧୧ଟାରେ ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇବା ପରେ ମଧ କୌଣସି ଫଳ ମିଳୁନାହିଁ। ତୁରନ୍ତ ରାଜନଗର ବଡଦାଣ୍ଡକୁ ଗାଁ ଫେଜରୁ ବଜାର ଫେଜ ଆଣିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ୭ଦିନ ମଧ୍ୟରେ ଯଦି ବିଦ୍ୟୁତ ସରବରାହ ସଠିକ୍ ଭାବରେ ନହୁଏ ରାଜନଗର ବଡଦାଣ୍ଡ ଗାଁ କମିଟି ପକ୍ଷରୁ ଆନ୍ଦୋଳନ ସହିତ ଟାଟାପାୱାର ବିଦ୍ୟୁତ ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବାନୀ ଦେଇଛନ୍ତି।



















## ବିଦ୍ୟୁତ୍ ଖୁଣ୍ଟରେ କୁମ୍ଭୀର ଛୁଆ

**ରାଜନଗର, ୧୬।୭(ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ସୀମାବର୍ତ୍ତୀ ଖୋଲା ନିକଟରେ ୩ ଫୁଟ୍‌ର ଏକ କୁମ୍ଭୀର ଛୁଆ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଯିବା ଘଟଣା ସାଧାରଣରେ କୌତୂହଳ ସୃଷ୍ଟି କରିଛି। କୁମ୍ଭୀର ଛୁଆଟି ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ି ଶୀର୍ଷରେ ତାର ସହ ଲାଗି ରହିଛି। ରିପୋର୍ଟ ଲେଖା ହେବା ଯାଏ ଯେତେ ଚେଷ୍ଟା କଲେ ବି ଛୁଆଟି ତଳକୁ ଓହ୍ଲାଉ ନଥିବା ଜଣାପଡ଼ିଛି। ବଉଳା କୁମ୍ଭୀରମାନେ ଭିତରକନିକା ଅଞ୍ଚଳରେ ଚଳିତ ବର୍ଷ ୧୧୪ଟି ବସା କରିଛନ୍ତି। ବଉଳା କୁମ୍ଭୀର ଜନବସତିକୁ ପଶି ଆସି ଲୋକ ଓ ଗୃହପାଳିତ ପଶୁଙ୍କୁ ଆକ୍ରମଣ କରିବାର ବହୁତ ନଜିର ରହିଛି। ପୂର୍ବରୁ କୁମ୍ଭୀରମାନଙ୍କୁ ଜନବସତିରେ ଥିବା ପୋଖରୀ, ନଦୀ, ନାଳ, ରାସ୍ତା ଉପରେ ଦେଖିବାକୁ ମିଳିଥିଲା। ମାତ୍ର କୁମ୍ଭୀର ବିଦ୍ୟୁତ୍ ଖୁଣ୍ଟ ଉପରକୁ ଚଢ଼ିବା ପ୍ରଥମଥର ଦେଖିବାକୁ ମିଳିଛି। ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ପାଟଶାଳା ନଦୀରୁ କୁମ୍ଭୀର ଛୁଆ ଉଠିଆସି ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ିବା ଭିଡିଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାଟଶାଳା ନଦୀର ଖୋଲା ନିକଟରେ ନଦୀରୁ ଉଠି ରାସ୍ତା ପାର କରି ରାସ୍ତା ଏପଟେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପରକୁ କୁମ୍ଭୀରଟିଏ ଚଢ଼ିଯାଇଛି। ୨୫ ଫୁଟ୍ ଲମ୍ବ ବିଦ୍ୟୁତ୍ ଖୁଣ୍ଟର ପୂରା ଉପରକୁ କୁମ୍ଭୀର ଚଢ଼ିଯିବା ଓ ସ୍ଥାନୀୟ ଲୋକେ ତାକୁ ଦେଖି ପାଟି କରିବା, ଟେକା ମାରିବା ଓ ତାର ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



**ବଡ଼ ମେଡିକାଲରେ କାଡାଭରିକ ବୃକ୍କ ପ୍ରତିରୋପଣ**

## ନୂଆ ଜୀବନ ପାଇଲେ ଶ୍ରଦ୍ଧାଞ୍ଜଳି

**କଟକ,୧୬।୭(ସମିସ):** ବଡ଼ ମେଡିକାଲରେ ସଫଳତାର ସହ ଆଗେଇ ଚାଲିଛି ବୃକ୍କ ପ୍ରତିରୋପଣ। ସାଧାରଣ ପ୍ରକ୍ରିୟା ସହ କାଡାଭରିକ ପଦ୍ଧତିରେ ମଧ ପ୍ରତିରୋପଣ ସଫଳ ହେଉଛି। ଗତ ୯ ଦିନ ଭିତରେ ଏଠାରେ ଦୁଇଟି କାଡାଭରିକ ବୃକ୍କ ପ୍ରତିରୋପଣ ହୋଇସାରିଲାଣି। ଏପରିକି ସଂଯୋଗବଶତଃ ଗୁଣ୍ଡିଚା ଯାତ୍ରା ଦିନ ଜଣେ ରୋଗୀଙ୍କ ଶରୀରରେ ବୃକକ୍ ପ୍ରତିରୋପଣ ହୋଇଥିବା ବେଳେ ବାହୁଡ଼ା ଯାତ୍ରା ଅର୍ଥାତ୍ ସୋମବାର ବିଳମ୍ବିତ ରାତିରେ ଆଉ ଏକ ପ୍ରତିରୋପଣ କରାଯାଇଛି। ଦୀର୍ଘ ବର୍ଷ ଧରି ଜଟିଳ ବୃକ୍କ ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ପାଉଥିବା ଯାଜପୁର ଧର୍ମଶାଳା ଅଞ୍ଚଳର ଶ୍ରଦ୍ଧାଞ୍ଜଳି ପରିଡ଼ା ବଡ଼ ମେଡିକାଲରେ ନୂଆ ଜୀବନ ପାଇଛନ୍ତି।

ଜଗତସିଂହପୁର ରଘୁନାଥପୁର ଅଞ୍ଚଳର ୫୮ ବର୍ଷୀୟ ବୀରେନ୍ଦ୍ର ପ୍ରସାଦ ସ୍ୱାଇଁ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ବଡ଼ ମେଡିକାଲ ଆସିଥିଲେ। ସେଣ୍ଟ୍ରାଲ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିଲା। ମାତ୍ର ଡାକ୍ତରମାନଙ୍କ ଉଦ୍ୟମ ସତ୍ତ୍ୱେ ବୀରେନ୍ଦ୍ରଙ୍କୁ ବଞ୍ଚାଇବା ସମ୍ଭବପର ନୁହେଁ ବୋଲି ଜଣାପଡ଼ିଥିଲା। ବୀରେନ୍ଦ୍ର ଜଣେ ଜଣାଶୁଣା ସାମାଜିକ କର୍ମୀ ତଥା ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତା ଥିଲେ। ସୋମବାର ବୀରେନ୍ଦ୍ରଙ୍କୁ ଡାକ୍ତର ମସ୍ତିଷ୍କ ମୃତ ଘୋଷଣା କରିଥିଲେ। ଏହି ଘୋଷଣା ପରେ ସୋଟୋର ନିୟମାବଳୀ ପାଳନ ପୂର୍ବକ ଅଙ୍ଗଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କ ଉଦ୍ୟମରେ ବୀରେନ୍ଦ୍ରଙ୍କ ଅଙ୍ଗଦାନ ପାଇଁ ତାଙ୍କ ପରିବାର ଲୋକେ ସମ୍ମତି ଜଣାଇଥିଲେ। ଏହାପରେ କାଡାଭରିକ ବୃକ୍କ ପ୍ରତିରୋପଣ ନିମନ୍ତେ ଏସ୍‌ସିବିରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏସ୍‌ସିବି ମେଡିକାଲର ଡାକ୍ତରୀ ଦଳ ସମେତ ଏମ୍ସ ହସ୍ପିଟାଲର ଡାକ୍ତରୀ ଦଳ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ରାତି ପ୍ରାୟ ୧ଟାରେ



ବୀରେନ୍ଦ୍ରଙ୍କ ଶରୀରରୁ ଦୁଇଟି ଯାକ ବୃକ୍କ କଢ଼ାଯାଇଥିଲା। ଇତି ମଧ୍ୟରେ ଯାଜପୁର ଅଞ୍ଚଳର ୫୨ବର୍ଷୀୟ ଶ୍ରଦ୍ଧାଞ୍ଜଳିଙ୍କୁ କଟକ ଡକା ସରିଥିଲା। ଶ୍ରଦ୍ଧାଞ୍ଜଳି ବିଗତ ୫ବର୍ଷ ଧରି ଜଟିଳ ବୃକ୍କ ରୋଗରେ ପୀଡ଼ିତ ଥିଲେ। ଏସ୍‌ସିବି ନେଫ୍ରୋଲୋଜି ବିଭାଗରେ ତାଙ୍କର ନିୟମିତ ଡାଏଲିସିସ୍ ଚାଲିଥିଲା। କିଛି ଦିନ ହେବ ସେ ଯାଜପୁରରେ ଡାଏଲିସିସ କରୁଥିଲେ। ଭୋର୍ ୫ଟାରେ ୟୁରୋଲୋଜି ବିଭାଗ ମଡ୍ୟୁଲାର ଓ.ଟିରେ ଶ୍ରଦ୍ଧାଞ୍ଜଳି ଭର୍ତ୍ତି ହୋଇଥିଲେ। ପ୍ରତିରୋପଣ ଶେଷ ହେବା ବେଳକୁ ସକାଳ ୮ଟା ହୋଇଯାଇଥିଲା ବୋଲି ଏସ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶ୍ରଦ୍ଧାଞ୍ଜଳିଙ୍କ ଶରୀରରେ ଗୋଟିଏ ବୃକ୍କ ପ୍ରତିରୋପଣ ହୋଇଥିବା ବେଳେ ଏମ୍ସ ହସ୍ପିଟାଲରେ ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ୨୭ ବର୍ଷୀୟ ତୁଷାରକାନ୍ତ ବାରିକଙ୍କ ଶରୀରରେ ଅନ୍ୟ ବୃକ୍କ ପ୍ରତିରୋପଣ ହୋଇଥିବା ଜଣାପଡ଼ିଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପ୍ରତିରୋପଣରେ ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସମୀର ସ୍ୱାଇଁ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟଙ୍କ ସମେତ ଡାକ୍ତର ସବ୍ୟସାଚୀ ପଣ୍ଡା, ଡାକ୍ତର ଅମୀୟ ପାଲ, ଡାକ୍ତର ପ୍ରୀତମ ପଟ୍ଟନାୟକ, ଡାକ୍ତର ସଞ୍ଜୟ ଚୌଧୁରୀ ଏବଂ ଅନ୍ୟ ବିଭାଗୀୟ ଡାକ୍ତରମାନେ ସାମିଲ ଥିଲେ।

■ ଆଦିବାସୀ ନାବାଳକଙ୍କୁ ମାଡ଼ ଘଟଣା

## ୨ କନେଷ୍ଟବଳଙ୍କୁ ବଦଳି





**ବ୍ରହ୍ମପୁର, ୧୬।୭ (ସମିସ):** ଜରଡ଼ା ଥାନା ଅନ୍ତର୍ଗତ ଗୌଡୁଣି ଗ୍ରାମର ଜଣେ ଆଦିବାସୀ ନାବାଳକଙ୍କୁ ମାଡ଼ ମାରିବା ଘଟଣାରେ ଦୁଇ କନେଷ୍ଟବଳଙ୍କୁ ବ୍ରହ୍ମପୁର ଆମ୍ବପୁଆ ସ୍ଥିତ ରିଜର୍ଭ ଅଫିସ (ଆରଓ)କୁ ବଦଳି ହୋଇଛି। ବଦଳି ହୋଇଥିବା ଦୁଇ ଜଣ କନେଷ୍ଟବଳ ହେଲେ ଜେଜେ ପ୍ରଧାନ ଓ ଶଙ୍କର ମାଝି। ଉଭୟ ତୁମ୍ବା ଫାଣ୍ଡିରେ କାର୍ଯ୍ୟରତ। ଦୁଇଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକ ଦୁଇ ଦିନ ତଳେ ତୁମ୍ବାରେ ଟାୟାର ଜାଳି ରାସ୍ତାରୋକ୍ କରିଥିଲେ। ମିଳିଥିବା ସୂଚନାନୁସାରେ, ଗତ ୧୪ ତାରିଖ ଅପରାହ୍ଣରେ ଜଣେ ଆଦିବାସୀ ନାବାଳକ ଭଗିବନ୍ଧ ଗ୍ରାମକୁ ଭୋଜି ଖାଇବାକୁ ଯାଉଥିଲେ। ଭଗିବନ୍ଧ ଗ୍ରାମ ରାସ୍ତାରେ ଉପରୋକ୍ତ କନେଷ୍ଟବଳ ମଦ ପିଉଥିବା ଦେଖି ସେ ହସିଥିଲେ। କାହିଁକି ହସିଲୁ ବୋଲି ପଚାରି କନେଷ୍ଟବଳଦ୍ୱୟ ତାଙ୍କୁ ମାଡ଼ ମାରିଥିଲେ। ଅପରପକ୍ଷେ ଏହି ଘଟଣା ଉପରେ ଜରଡ଼ା ଥାନା ଅଧିକାରୀ ଏକ ତଦନ୍ତ ରିପୋର୍ଟ ଏସ୍‌ପିଙ୍କୁ ଦାଖଲ କରିବେ ବୋଲି ଜଣାଯାଇଛି।

● ବିମଳା ସେକ୍ସନରେ ମହାବଳ ବାଘ ପାଦ ଚିହ୍ନ ଠାବ

## ଗତିବିଧି ଜାଣିବାକୁ ଲାଗିଲା ୯ଟି ଟ୍ରାପ୍ କ୍ୟାମେରା

**କେନ୍ଦୁଝର /ତେଲକୋଇ, ୧୬।୭ (ସମିସ):** କେନ୍ଦୁଝର ବନଖଣ୍ଡର ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ପୂର୍ବରୁ ମହାବଳ ବାଘ ରହୁଥିବା ଚିହ୍ନଟ ହୋଇଥିବା ବେଳେ ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନରେ ମଧ ଆଉ ଏକ ମହାବଳ ବାଘର ଗତିବିଧି ଠାବ କରିଛି ବନ ବିଭାଗ। ବନ ବିଭାଗ ବାଘଟିର ପାଦଚିହ୍ନ ଠାବ କରିଛି। ମହାବଳର ଗତିବିଧି ଜାଣିବା ପାଇଁ ସମ୍ପୃକ୍ତ ସଂରକ୍ଷିତ ଅଞ୍ଚଳର ୯ ଗୋଟି ସ୍ଥାନରେ ଟ୍ରାପ କ୍ୟାମେରା ଲଗାଯାଇଛି ବୋଲି କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି କହିଛନ୍ତି। ସୂଚନା ଅନୁସାରେ, ତେଲକୋଇ ରେଞ୍ଜ ବିମଳା ସେକ୍ସନର ଝାରବେଡ଼ା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବନ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ମହାବଳ ବାଘର ପାଦ ଚିହ୍ନ ଠାବ କରିଥିଲେ। ବାଘଟିର ଗତିବିଧି ପୂର୍ବରୁ ରେବଣା ସଂରକ୍ଷିତ ଜଙ୍ଗଲରେ ଠାବ ହୋଇଥିଲା ବୋଲି କୁହାଯାଉଛି। ତେବେ ଅଟେଇ ସଂରକ୍ଷିତ ଜଙ୍ଗଲରେ ଥିବା ମହାବଳ ଅନେକ ଦିନ ହେବ ଶିମିଳିପାଳକୁ ଚାଲିଯାଇଥିବା ବେଳେ ଏହା ଅନ୍ୟ ଏକ ବାଘ ବୋଲି ଡିଏଫଓ କହିଛନ୍ତି ବାଘଟିର ଗତିବିଧି ଜାଣିବାକୁ ୯ ଗୋଟି ଟ୍ରାପ୍ କ୍ୟାମେରା ଆଜି ଲଗାଯାଇଛି। ଏଥିସହ ପାଟ୍ରୋଲିଂ ବ୍ୟବସ୍ଥାକୁ ବନ ବିଭାଗ ତ୍ୱରାନ୍ୱିତ କରିଛି। ଟ୍ରାପ୍ କ୍ୟାମେରାରେ ବାଘ ଗତିବିଧି ଧରାପଡ଼ିବା ପରେ ଅଧିକ ତଥ୍ୟ ଜଣାପଡ଼ିବ। ଜଙ୍ଗଲ ଅଞ୍ଚଳରେ ବର୍ଷା ହେଉଥିବାରୁ ବାଘର ପାଦଚିହ୍ନ ଲିଭିଯାଇଥିବା ବେଳେ କେନ୍ଦୁଝର ବନଖଣ୍ଡକୁ ଆଉ ଏକ ମହାବଳର ଆଗମନ ପରିବେଶପ୍ରେମୀଙ୍କ ଲାଗି ଆନନ୍ଦ ଆଣିଛି।

## ଝାଡ଼ସାହି ଜଙ୍ଗଲରେ ବୁଲୁଛି ବାଘ

**ଓଡ଼ଗାଁ, ୧୬।୭(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଅଧୀନସ୍ଥ ଝାଡ଼ସାହି ଜଙ୍ଗଲରେ ବାଘ ବୁଲୁଥିବା ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଆଜି ବିଲରେ ହଳ କରୁଥିବା କେତେକ ଚାଷୀ ବାଘକୁ ଦେଖିଥିବା କହିଥିଲେ। ପ୍ରାୟ ଏକ ମାସ ହେଲା ବାଘ ଆତଙ୍କ ଲାଗି ରହିଛି। କିଛି ଦିନ ତଳେ ମହୀପୁର ବନାଞ୍ଚଳ ଅନ୍ତର୍ଗତ କାପ୍ତାପଲ୍ଲୀ ପଞ୍ଚାୟତର କିମ୍ବିରୀ ଗ୍ରାମରେ ଏକ ବାଛୁରିକୁ ବାଘ ଖାଇବା ପରେ ବନ ବିଭାଗ ତତ୍ପର ହୋଇଉଠିଥିଲା। ପରେ ବାଘ ଶୁଳିଆ ଜଙ୍ଗଲକୁ ଚାଲିଯାଇଥିବା ବନ ବିଭାଗରୁ ସୂଚନା ମିଳିବା ପରେ ଲୋକଙ୍କ ମନରୁ ଭୟ ଦୂର ହୋଇଥିଲା। ହେଲେ ମଙ୍ଗଳବାର ବାଘ ଶୁଳିଆ ଜଙ୍ଗଲରୁ ବାହାରୀ ଆମ୍ବପଡ଼ା, ସାକେରୀ ଦେଇ ଝାଡ଼ସାହି ଜଙ୍ଗଲକୁ ଆସିଥିବା ଲୋକେ ଦେଖିଥିବା କହିଛନ୍ତି। ଉକ୍ତ ଜଙ୍ଗଲକୁ ଗାଁ ଓ ଚାଷଜମି ଲାଗି ରହିଥିବାରୁ ଏବେ ସମସ୍ତେ ଚିନ୍ତାରେ ରହିଛନ୍ତି। ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବାହାଡ଼ାଖୋଲା ଫରେଷ୍ଟ ବିଟ୍ ବନପାଳ ମନୋଜ କୁମାର ସେଠୀ ଏ ସଂପର୍କରେ କହିଛନ୍ତି ଯେ ଘଟଣା ସମ୍ପର୍କରେ ଆମେ ଅବଗତ ଅଛୁ। ହେଲେ ବାଘର ଗତିବିଧି ଅନୁସାରେ ଖୁବ୍‌ଶୀଘ୍ର ସେ ପଞ୍ଚୁପାଣ୍ଡବ ମୁଣ୍ଡିଆ ଆଡ଼କୁ ପଳାଇ ଯିବାର ସମ୍ଭାବନା ରହିଛି। ପରେ ଏହାକୁ ଲାଗିଥିବା ଗଞ୍ଜାମ ଜିଲ୍ଲା ଜଙ୍ଗଲ ଅଞ୍ଚଳକୁ ଚାଲିଯାଇପାରେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଖବର ପାଇ ସତ୍ୟାସତ୍ୟ ଜାଣିବା ନିମନ୍ତେ କର୍ମଚାରୀଙ୍କୁ କୁରାଳ ଜଙ୍ଗଲ ଅଞ୍ଚଳକୁ ପଠାଯାଇଛି ବୋଲି ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲ୍ଲିକ କହିଛନ୍ତି। ତେବେ ପ୍ରାଥମିକ ସୁରକ୍ଷା ସ୍ୱରୂପ ବନବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିଯିବା ସହିତ ବାଘର ଗତିବିଧି ଉପରେ ନଜର ରଖାଯାଇଛି।

## ମହିଳାଙ୍କ ଉପରେ ଝାମ୍ପ ମାରିଲା ବାଘ

**କାମାକ୍ଷାନଗର/ ଢେଙ୍କାନାଳ, ୧୬।୭(ସମିସ):** କାମାକ୍ଷାନଗର-ମହାବିରୋଡ ରେଞ୍ଜରେ ଗୋଟିଏ କଲରାପତରିଆ ବାଘ ଆତଙ୍କ ଖେଳାଇଛି। ବାଘଟି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି। ଆହାତ ମହିଳାଜଣକ ହେଲେ ମହାବିରୋଡ଼ ଥାନା ବ୍ରାହ୍ମଣଧରା ଗ୍ରାମର ପୁଇନ ନାୟକ।

ସୂଚନା ମୁତାବକ, ଆଜି ଅପରାହ୍ଣରେ ମହିଳାଙ୍କ ସହ ଗ୍ରାମର ୩ଜଣ ମିଶି ପଙ୍ଗାତିରା ସେକ୍ସନ ବ୍ରାହ୍ମଣଧରା ଗ୍ରାମ୍ୟ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ଛେଳି ଚରାଉଥିବା ବେଳେ ଏକ କଲରାପତରିଆ ବାଘ ହଠାତ୍ ତାଙ୍କ ଉପରକୁ ଆକ୍ରମଣ କରିଥିଲା। ମହିଳାଙ୍କ ଚିତ୍କାର ଶୁଣି ସାଥୀରେ ଥିବା ଅନ୍ୟ ଦୁଇଜଣ ଧାଇଁ ଆସିବାରୁ ବାଘଟି ମହିଳା ଜଣଙ୍କୁ ଛାଡ଼ି ପଳାଇଥିଲା। ସାଥୀ ଦୁଇଜଣ ମହିଳାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ବନ ବିଭାଗ ଖବର ପାଇ ଗ୍ରାମରେ ପହଞ୍ଚି ମହିଳାଙ୍କୁ ଚିକିତ୍ସା ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ମହିଳାଙ୍କ ଦୁଇକାନ୍ଧ, ଛାତି ଓ ଜଙ୍ଘରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ବର୍ତ୍ତମାନ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ବନ ବିଭାଗ ତରଫରୁ ବ୍ରାହ୍ମଣଧରା ଗ୍ରାମରେ ସଚେତନତା କରାଯାଉଛି ଓ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ମଧ୍ୟ ସତର୍କ କରାଯାଉଛି। ଏପଟେ ଗ୍ରାମରେ ଜଣେ ମହିଳାଙ୍କୁ ବାଘ ଆକ୍ରମଣ କରିଥିବା ଘଟଣା ଜଣାପଡିବା ପରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।

## ବାପାକୁ ପିଟିପିଟି ହତ୍ୟା

**ରାଇକିଆ, ୧୬।୭ (ସମିସ):** ନିଶା ମଣିଷକୁ ଅମଣିଷ କରିଦିଏ। ନିଶାରେ ମଣିଷ ହିତାହିତ ଜ୍ଞାନ ଭୁଲି ନିଜ ପରିବାରଲୋକଙ୍କୁ ମଧ ହତ୍ୟା କରିପାରେ। କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ସୁଗୁଡ଼ାବାଡି ପଞ୍ଚାୟତ ସାନ ପେଟାମହା ଗ୍ରାମରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଗ୍ରାମର ହାଡ଼ିପା ପ୍ରଧାନ(୮୦)ଙ୍କୁ ତାଙ୍କ ସାନ ପୁଅ ରୁକେଶ ପ୍ରଧାନ ଅତି ନିର୍ମମ ଭାବେ ହତ୍ୟା କରିଛି। ନିଶାସକ୍ତ ଅବସ୍ଥାରେ ରୁକେଶ କୌଣସି ଏକ ଶକ୍ତ ପଦାର୍ଥରେ ପିଟିପିଟି ହାଡ଼ିପାଙ୍କୁ ହତ୍ୟା କରିଥିବା ଜଣାଯାଇଛି। ରାଇକିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ଘରେ କୌଣସି କାରଣରୁ ପାରିବାରିକ ଅସନ୍ତୋଷ ଲାଗି ରହିଥିଲା। ସୋମବାର ଅପରାହ୍ନ ପାଞ୍ଚଟା ବେଳେ ଘର ବାହାରେ ବାପା-ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ୟକ୍ତ ରୁକେଶ ବାପାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲା।

■ ହାଇକୋର୍ଟରେ ବାଳାଶ୍ରମ ଶିଶୁ ନିଖୋଜ ମାମଲା

## ସତ୍ୟପାଠ ଦାଖଲ କଲେ ସରକାର

**କଟକ, ୧୬।୭(ସମିସ):** କଟକ ଖପୁରିଆସ୍ଥିତ ଉତ୍କଳ ବାଳାଶ୍ରମରୁ ଏକ ବାଳକ ନିଖୋଜ ହେବା ସଂକ୍ରାନ୍ତରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଆଜି ଏହି ମାମଲାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିବା ବେଳେ ଆମିକସକ୍ୟୁରୀଙ୍କ ପକ୍ଷରୁ ମଧ ଏକ ରିପୋର୍ଟ ଦିଆଯାଇଛି। ପୁରୀ ଓ କଣ୍ଟାବାଞ୍ଜିସ୍ଥିତ ଉତ୍କଳ ବାଳାଶ୍ରମ ସ୍ଥିତି ସବୁଠୁ ଭଲ ଥିବା ବେଳେ ସୋନପୁର ଓ ଫୁଲବାଣୀ ବାଳାଶ୍ରମ ସ୍ଥିତି ଖରାପ ଥିବା ନେଇ ରିପୋର୍ଟରେ ଉଲ୍ଲେଖ ରହିଛି।

**ଶିମିଳିପାଳରେ ମୌସୁମୀକାଳୀନ ପାଟ୍ରୋଲିଂ କଡ଼ାକଡ଼ି**

## ବନ୍ୟଜନ୍ତୁ ସୁରକ୍ଷା ପାଇଁ ଯୋଡ଼ି ହେଲା 'ସ୍ନାଇପର ଡଗ୍'

**ବାରିପଦା,୧୬।୭(ସମିସ):** ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଅଭୟାରଣ୍ୟରେ ବନଜନ୍ତୁ ସୁରକ୍ଷା ନିମନ୍ତେ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯାଇଛି। ଏହି ପାଟ୍ରୋଲିଂରେ ସ୍ନାଇପର୍-ଡଗ୍ ଯୋଡ଼ି ହୋଇଛି। ଏନେଇ ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ୱାଇଲଡ୍ ଲାଇଫ ସୁଶାନ୍ତ ନନ୍ଦ ନିଜ ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଛନ୍ତି।

ସାଧାରଣତଃ ବର୍ଷା ସମୟରେ ଅଭୟାରଣ୍ୟ ମଧ୍ୟକୁ ଲୋକଙ୍କ ଯିବା ଆସିବା କମ ରହିଥାଏ। ଏଥିସହ ମୌସୁମୀ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଶିମିଳିପାଳ ସାମୟିକ ଭାବେ ବନ୍ଦ ରହିଛି। ଚଳପ୍ରଚଳ ବନ୍ଦ ଥିବାରୁ ଏହି ସମୟରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାର ଆଶଙ୍କା ରହିଛି। ତେଣୁ ତାହାକୁ ପ୍ରତିହତ କରିବା ନେଇ ଅଭୟାରଣ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ମୌସୁମୀକାଳୀନ ପେଟ୍ରୋଲିଂ ଜାରି ରହିଛି। ଶିମିଳିପାଳ ବ୍ୟାଘ୍ର ସ୍ୱତନ୍ତ୍ର ଫୋର୍ସ, ଅବସରପ୍ରାପ୍ତ ଆର୍ମି ଷ୍ଟାଫ୍, କ୍ଷେତ୍ର କର୍ମଚାରୀ ଏବଂ ସୁରକ୍ଷା ସହାୟକଙ୍କୁ



ଏଥିରେ ନିୟୋଜିତ କରାଯାଇଛି। ଅଭୟାରଣ୍ୟର ଉତ୍ତର ଓ ଦକ୍ଷିଣ ବନଖଣ୍ଡର ବଫର୍-ଜୋନ୍ ଅଞ୍ଚଳରୁ କୋର୍-ଏରିଆକୁ ପ୍ରବେଶ ସ୍ଥାନରେ କଡ଼ାକଡ଼ି ପାଟ୍ରୋଲିଂ କରାଯାଉଛି। ପାଟ୍ରୋଲିଂ ସମୟରେ ଟିମ ଜଙ୍ଗଲ ମଧ୍ୟରେ ବହୁ କିଲୋମିଟର ପର୍ଯ୍ୟନ୍ତ ପାଦରେ ଚାଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଉକ୍ତ ଟିମ୍ ସହ ସ୍ନାଇପର ଡଗ୍ ଉପସ୍ଥିତ ରହି ପାଟ୍ରୋଲିଂରେ ସହାୟକ ହେଉଛନ୍ତି। ସ୍ନାଇପର ଡଗଗୁଡ଼ିକୁ ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରାଯାଇଛି। ସ୍ନାଇପର ଡଗମାନଙ୍କ ଅନେକ ମାତ୍ରାରେ ଆଘ୍ରାଣ ଶକ୍ତି ଥିବା ବେଳେ ଶୁଙ୍ଘି କରି ଶିକାରୀଙ୍କ ଗତିବିଧି, ମୃତ ବନ୍ୟଜନ୍ତୁ ଠାବ, ଶିକାରୀ ଓ ସେମାନଙ୍କ ମାରଣାସ୍ତ୍ର ଆଦି ଜାଣି ପାରିଥାନ୍ତି। ଫଳରେ ପାଟ୍ରୋଲିଂ ଟିମକୁ କାର୍ଯ୍ୟ କରିବା ନିମନ୍ତେ ଉକ୍ତ ସ୍ନାଇପର୍ ଡଗ୍ ଟିମ୍ ବେଶ ସହାୟକ ହେବ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**ଫୁଲବାଣୀ, ୧୬।୭ (ସମିସ):** ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ରାଜେଶ ଦାଶ ମଙ୍ଗଳବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଦୋଷୀକୁ ୨୦ ବର୍ଷ ଜେଲ୍ ଓ ୧ ଲକ୍ଷ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରୀ ରିପୋର୍ଟ, ୧୪ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି। ଦୋଷୀଜଣକ ହେଲା ଟିକାବାଲି ଥାନା ଅଞ୍ଚଳର ବନମାଳି ପ୍ରଧାନ (୨୭)। ଅପରପକ୍ଷେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସହାୟତା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁସାରେ, ଗତ ୨୦୧୮ ମସିହାରେ ଟିକାବାଲି ଥାନା ଅଞ୍ଚଳର ଜଣେ ନାବାଳିକାକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବନମାଳି ବାରମ୍ବାର ଦୁଷ୍କର୍ମ କରୁଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଉଥିଲା। ପୀଡ଼ିତା ଭୟରେ ଘରେ କିଛି କହୁ ନ ଥିଲେ ବି ତାଙ୍କ ଦେହ ପ୍ରାୟତଃ ଅସୁସ୍ଥ ରହୁଥିଲା। ପରେ ପୀଡ଼ିତାଙ୍କ ବଡ଼ ଭଉଣୀ କୌଣସି କାରଣରୁ ସନ୍ଦେହ କରି ପଚାରିବା ଫଳରେ ବାଧ୍ୟ ହୋଇ ସେ ଘଟଣା ସମ୍ପର୍କରେ ସମସ୍ତ କଥା ଜଣାଇଥିଲା। ଏହାପରେ ପରିବାରର ଲୋକଙ୍କ ପରାମର୍ଶ କ୍ରମେ ପୀଡ଼ିତା ନିଜେ ଗତ ୨୦୨୨ ମସିହା ନଭେମ୍ବର ୧୯ ତାରିଖରେ ଟିକାବାଲି ଥାନାରେ ଏତଲା ଦେଇଥିଲା। ମାମଲାକୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ।

**ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉତ୍ତୀର୍ଣ୍ଣ ହେବ ୧୪ ଉଚ୍ଚ ବିଦ୍ୟାଳୟ

**ଭୁବନେଶ୍ୱର, ୧୬।୭(ସମିସ):** ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ୧୪ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉତ୍ତୀର୍ଣ୍ଣ ବା ଅପଗ୍ରେଡ୍ କରିବା ପାଇଁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଅତି କମ୍‌ରେ ୧୦ ଟି ବିଦ୍ୟାଳୟକୁ ଉତ୍ତୀର୍ଣ୍ଣ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସମୀକ୍ଷା କରି ରାଜ୍ୟରେ ଡ୍ରପ୍-ଆଉଟ୍ ହାର କମାଇବାକୁ ଆଗକୁ ଅଧିକ ବିଦ୍ୟାଳୟକୁ ଅପଗ୍ରେଡ୍ ଏବଂ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲଗୁଡ଼ିକର ଉନ୍ନତୀକରଣର ଆବଶ୍ୟକତା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଆବଶ୍ୟକତା ଅନୁଯାୟୀ ହଷ୍ଟେଲର କ୍ଷମତାକୁ ୧୦୦ ଆସନ ବିଶିଷ୍ଟ କରିବା ପାଇଁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବିଭାଗ ଦ୍ୱାରା ପରିଚାଳିତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୩୦୧ଟି ହଷ୍ଟେଲର ଉନ୍ନତୀକରଣ କରାଯାଉଥିବା ବୈଠକରେ ସୂଚନା ଦିଆଯାଇଛି।



ହଷ୍ଟେଲରେ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ବୃଦ୍ଧି ଉପର ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ପିଲାଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ ଓ ସଚିବମାନେ ନିୟମିତ ଭାବେ ବିଦ୍ୟାଳୟ ଓ ହଷ୍ଟେଲ ପରିଦର୍ଶନ କରି ଏହାର ପରିଚାଳନା ପଦ୍ଧତି ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଏକଲବ୍ୟ ମଡେଲ ସ୍କୁଲ ପ୍ରତିଷ୍ଠା ସମ୍ପର୍କରେ ମଧ ଆଲୋଚନା କରାଯାଇଛି। ରାଜ୍ୟରେ ୧୧୪ଟି ଏକଲବ୍ୟ ବିଦ୍ୟାଳୟ ପାଇଁ ଅନୁମୋଦନ ଥିବା ବେଳେ ସଂପ୍ରତି ରାଜ୍ୟରେ ୩୨ଟି ବିଦ୍ୟାଳୟ କାର୍ଯ୍ୟକ୍ଷମ ହେଉଛି। ଚଳିତ ବର୍ଷ ଆଉ ୧୫ଟି ସ୍କୁଲ ଖୋଲିବାର କାର୍ଯ୍ୟକ୍ରମ ରହିଥିବା ବୈଠକରେ ସୂଚନା ଦିଆଯାଇଛି। ପିଲାଙ୍କ ଡ୍ରପ୍-ଆଉଟ୍ ରୋକିବା ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ଜଙ୍ଗଲ ଜମି ଅଧିକାର ଯୋଜନା, ଅନ୍ୱେଷା, ପି.ଏମ୍ ଜନମନ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଛି।

ବୈଠକରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର୍ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସଚିବ ରୁପାରୋଶନ ସାହୁଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ୭୯ ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଜୁନ୍ ଶେଷ ସପ୍ତାହରେ ଅପଗ୍ରେଡ କରାଯାଇଥିଲା।

- ■ ମନ୍ତ୍ରୀ ଓ ସଚିବ ବୁଲିବେ ବିଦ୍ୟାଳୟ, ହଷ୍ଟେଲ
- ■ ହଷ୍ଟେଲର କ୍ଷମତା ବୃଦ୍ଧି, ଖାଦ୍ୟର ମାନ ବୃଦ୍ଧି ଉପରେ ଗୁରୁତ୍ୱ
- ■ ଏବର୍ଷ ଖୋଲିବ ଆଉ ୧୫ଟି ଏକଲବ୍ୟ ବିଦ୍ୟାଳୟ

**ଟଙ୍କା ପାଇଁ ହଜିଗଲା ମାନବିକତା**

## ମା'ଙ୍କ ଶବ ନେଲେନି ପୁଅ

**ସାନଖେମୁଣ୍ଡି, ୧୬।୭ (ସମିସ):** ହଜିଗଲା ମାନବିକତା। ଟଙ୍କା ପାଇଁ ମା'ର ଶବ ନେଲେନି ପୁଅ। ଶେଷରେ ଝିଅ-ଜ୍ୱାଇଁ ବୃଦ୍ଧା ମହିଳାଙ୍କ ଶବ ସତ୍କାର କଲେ। ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଞ୍ଚଳରେ ଏପରି ଏକ ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ମୃତ ମହିଳା ହେଲେ, ଆସିକା ଥାନା କମାଗଡ଼ ଗାଁର ସୁନ୍ଦରୀ ନାହାକ (୭୪)। ସୁନ୍ଦରୀ ଗତ ୪ ବର୍ଷ ହେଲା, ପାଟପୁର ଥାନା ଅନ୍ତର୍ଗତ ଗାନ୍ଧୀ ଛକଠାରେ ନିଜ ଝିଅ-ଜ୍ୱାଇଁ ଘରେ ରହୁଥିଲେ।

ସୂଚନାନୁଯାୟୀ, ୪ବର୍ଷ ତଳେ ସୁନ୍ଦରୀଙ୍କ ସହ ତାଙ୍କ ପୁଅମାନଙ୍କର ମନୋମାଳିନ୍ୟ ଘଟିଥିଲା। କଥା ଥାନା ପର୍ଯ୍ୟନ୍ତ ମଧ ଯାଇଥିଲା। ପାଟପୁର ଥାନା ଏଥିରେ ହସ୍ତକ୍ଷେପ କରିବା ପରେ ମାମଲାର ସମାଧାନ ହୋଇଥିଲା। ସମାଧାନ ଅନୁଯାୟୀ, ସେବେଠାରୁ ସୁନ୍ଦରୀ ତାଙ୍କ ଝିଅ-ଜ୍ୱାଇଁଙ୍କ ପାଖରେ ରହି ଆସୁଥିଲେ। ତେବେ ଗତକାଲି ସୁନ୍ଦରୀଙ୍କ ମୃତ୍ୟୁ ପରେ ଆଜି ତାଙ୍କ ଶବ ସତ୍କାରକୁ ନେଇ ବିବାଦ ଉଠିଥିଲା। ସୁନ୍ଦରୀଙ୍କ ପୁଅମାନେ ତାଙ୍କ ଶବ ନେବାକୁ ଅମଙ୍ଗ ହୋଇଥିଲେ। ତେଣୁ ଝିଅ-ଜ୍ୱାଇଁ ତାଙ୍କ ଅନ୍ତିମ ସଂସ୍କାର କରିଥିଲେ। ଅପରପକ୍ଷେ, ପୁଅମାନଙ୍କ ଅଭିଯୋଗ ହେଲା, ସୁନ୍ଦରୀଙ୍କ ସବୁ ଟଙ୍କା ପଇସା ତାଙ୍କ ଜ୍ୱାଇଁ ଉଠାଇ ନେଇଛନ୍ତି। ଏପରିକି ତାଙ୍କ ମୃତ୍ୟୁ ପରେ ମଧ କାହାରିକୁ ଏ ସଂପର୍କରେ ନ ଜଣାଇ ପୋଡ଼ି ଦେବାକୁ ଉଦ୍ୟମ କରୁଥିଲେ। ଅଭିଯୋଗ ପାଇ ପାଟପୁର ପୁଲିସ ଦିଗପହଣ୍ଡି ମେଡିକାଲରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଡାକ୍ତରଖାନାକୁ ପଠାଇଥିଲା। ପୁଅମାନଙ୍କ କହିବା କଥା ଆମ ପାଖରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ଟଙ୍କା ନାହିଁ। ତେଣୁ ଜ୍ୱାଇଁ ଉଠାଇ ଥିବା କିଛି ପଇସା ଦେଲେ ଆମେ ଶୁଦ୍ଧିକ୍ରିୟା କରିବୁ।

**ଝିଅ ଜ୍ୱାଇଁ କଲେ ସତ୍କାର**

ଅନ୍ୟାୟ ହେଉଥିବା ଦେଖି ମଧ୍ୟ ଯିଏ ନିରବ ରହେ, ସେ ଅତ୍ୟାଚାରୀ ସହିତ ସମାନ।
-ଡେସ୍‌ମଣ୍ଡ ଟୁଟୁ।

ସକାଳ
THE SAKALA

# ଶିକ୍ଷା 'ଗ୍ରହଣ'

ଗତ କିଛି ସପ୍ତାହ ମଧ୍ୟରେ ଅନେକ କୋଳାହଳ ଓ ଉଚ୍ଚାଟ ସୃଷ୍ଟିକାରୀ ଘଟଣା ପ୍ରବାହରେ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗ ଲୁଚିଯାଇଛି, ଯାହା ସମ୍ବିଧାନର ମୌଳିକ ଅଧିକାର ଦିଗକୁ ଇଙ୍ଗିତ କରୁଛି। ସ୍ୱାଧୀନ ମତପ୍ରକାଶ, ଜୀବନଧାରଣ, ସ୍ୱାସ୍ଥ୍ୟ ସେବା ପରି ଶିକ୍ଷାକୁ ମଧ୍ୟ ନାଗରିକଙ୍କ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିଛି ଆମ ସମ୍ବିଧାନ। ଯେତେବେଳେ ଏହି ନିର୍ଦ୍ଦିଷ୍ଟ ଅଧିକାର ପ୍ରସଙ୍ଗଟି ଶିଶୁ, କିଶୋର, ମହିଳା ଓ ଯୁବ ବର୍ଗ ସହିତ ଯୋଡ଼ି ହୋଇଯାଏ ସେତେବେଳେ ଏହା ଆହୁରି ସମ୍ବେଦନଶୀଳ ହୋଇଯାଏ। ଚଳିତ ବର୍ଷର ନିଟ୍-ୟୁଜି ପରୀକ୍ଷା ବିଭ୍ରାଟରୁ ଆରମ୍ଭ ହୋଇଥିବା ଶିକ୍ଷାଧିକାରର ଅଘଟଣ ଯେଉଁଭଳି ଭାବେ ଆଉ କେତେକ ପରୀକ୍ଷା କ୍ଷେତ୍ରକୁ ବ୍ୟାପିଛି ଏବଂ ଏ ବିଭ୍ରାଟର ପ୍ରମାଣମାନ ମିଳିବାରେ ଲାଗିଛି ସେଥିରୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଯେ ସମ୍ବିଧାନ ପ୍ରଦତ୍ତ ଏହି ମୌଳିକ ଅଧିକାରଟି ସୁରକ୍ଷିତ କି?

ନିଟ୍-ୟୁଜି ପରୀକ୍ଷା ବିଭ୍ରାଟ, ଏହାର କାରଣ ଓ ନିରାକରଣ ବିଷୟରେ ଅନେକ କିଛି ଲେଖାଯାଇଛି, ମତାମତ ପ୍ରକାଶ ପାଇଛି। ନିଟ୍-ୟୁଜି ପରୀକ୍ଷା ଫଳ ପ୍ରକାଶନ ପରେ ଏହାର ପରିଚାଳନାରେ ସ୍ୱଚ୍ଛତାକୁ ନେଇ ଉଠିଥିବା ଅଭିଯୋଗ ଧୀରେ ଧୀରେ ସତ ସାବ୍ୟସ୍ତ ହେବାରେ ଲାଗିଛି। ପ୍ରଶ୍ନ ପତ୍ର ପ୍ରଘଟର ମୁଖ୍ୟ କାର୍ପେଟ୍‌ଦାର ଗିରଫ ହେବା, ଏନ୍‌ଟିଏ ବାକ୍ସରୁ ସମ୍ପୃକ୍ତ ଇଞ୍ଜିନିୟର ପ୍ରଶ୍ନପତ୍ର ଚୋରି କରିଥିବା ଅଭିଯୋଗରେ ଗିରଫ ହେବା ପରେ ନିଟ୍ ପରୀକ୍ଷା ଅନିୟମିତତା ପଛରେ ଏକ ବଡ଼ ଧରଣର ର୍‍ୟାକେଟ୍ କାର୍ଯ୍ୟ କରୁଥିବା ଅଭିଯୋଗ ଦୃଢ଼ ହେଉଛି। ଏହି ମାମଲାରେ ରାଜ୍ୟ ହାଇକୋର୍ଟମାନଙ୍କରେ ପଞ୍ଜୀକୃତ ହୋଇଥିବା ମାମଲା ସୁପ୍ରିମକୋର୍ଟକୁ ସ୍ଥାନାନ୍ତରିତ ହୋଇଛି ଏବଂ ଆସନ୍ତା ୧୮ ତାରିଖରେ ଏହାର ଶୁଣାଣି ହେବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ପ୍ରସଙ୍ଗ ବର୍ତ୍ତମାନ ଅଦାଲତରେ ଥିବାରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କିଏ କେଉଁ ପ୍ରକାର ଦଣ୍ଡିତ ହେବ, କାହାକୁ ଉତ୍ତରଦାୟୀ କରାଯିବ, ପରୀକ୍ଷା ଫଳର ବୈଧତା କାଠଗଡ଼ାକୁ ଯିବ କି ନାହିଁ, ପରୀକ୍ଷାର୍ଥୀଙ୍କୁ କିଭଳି ନ୍ୟାୟ ମିଳିବ, ସେ ସବୁ ବିଚାରପତିମାନଙ୍କ ରାୟ ଉପରେ ନିର୍ଭର କରୁଛି। ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଛି। କିନ୍ତୁ ଏହାଦ୍ୱାରା ଯେଉଁ ମେଧାବୀଙ୍କ ଭାଗ୍ୟ ଓ ଭବିଷ୍ୟତ ପ୍ରଭାବିତ ହୋଇଛି ସେମାନଙ୍କୁ ନ୍ୟାୟ କିପରି ମିଳିବ ତାହା ଏକ ବିରାଟ ପ୍ରଶ୍ନ। ଡାକ୍ତରୀ ପାଠ ଭଳି ଉଚ୍ଚାକାଂକ୍ଷୀ, ତୀବ୍ର ପ୍ରତିଯୋଗିତାଭିତ୍ତିକ, ବ୍ୟୟବହୁଳ, କଷ୍ଟ ଓ ଅଧ୍ୟବସାୟପୂର୍ଣ୍ଣ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ କୋମଳମତି ଛାତ୍ରଛାତ୍ରୀ ଓ ଅଭିଭାବକମାନେ କେତେ ଯେ ମାନସିକ ଚାପରେ ରୁହନ୍ତି, ତାହା କେବଳ ଜଣେ ଅନୁଭବୀ ହିଁ ବର୍ଣ୍ଣନା କରିପାରିବେ। ତୀକ୍ଷ୍ଣ ପ୍ରତିଯୋଗିତା, ଯେଉଁଠାରେ ଗୋଟିଏ ପର୍ସେଣ୍ଟାଇଲ୍ ପଏଣ୍ଟରେ ହଜାର ହଜାର ଛାତ୍ରଙ୍କ ଭାଗ୍ୟ ଲଟକି ରହେ, ସେଥିରେ ସୀମିତ ସଂଖ୍ୟକ ଡାକ୍ତରୀ କଲେଜ୍ ସିଟ୍‌ରେ ପାଠ ପଢ଼ିବା ପାଇଁ ସୁଯୋଗ ମିଳିବା ନିଶ୍ଚୟ ଭାଗ୍ୟର କଥା। କିନ୍ତୁ ଚଳିତ ବର୍ଷ ନିଟ୍-ୟୁଜିରେ ଯେଭଳି ଅନିୟମିତତା ଓ ଅସ୍ୱଚ୍ଛତା ଘଟଣା ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସୁଛି ସେଥିରେ ଯେ ଗରିବ ମେଧାବୀମାନଙ୍କ ଭାଗ୍ୟ ଓ ଭବିଷ୍ୟତ ପ୍ରଭାବିତ ହୋଇନଥିବ ତାହା ନିଶ୍ଚିତ କରିହେବ କି? ପ୍ରଶ୍ନପତ୍ର ପ୍ରଘଟ ପଛର ମାଷ୍ଟର ମାଇଣ୍ଡକୁ ଇତିମଧ୍ୟରେ ଗିରଫ କରାଯାଇଥିଲେ ହେଁ ନିର୍ଦ୍ଦିଷ୍ଟ ଭାବେ କେଉଁ ପରୀକ୍ଷାର୍ଥୀ ଏହାର ଲାଭ ପାଇଛନ୍ତି ତାହା ନିଶ୍ଚିତ କରାଯିବାର ସମ୍ଭାବନା ନଥିବାରୁ ଅସାଧୁ ପରୀକ୍ଷାର୍ଥୀଙ୍କ ଯୋଗୁଁ ଯେଉଁ ମେଧାବୀମାନେ କ୍ଷତିଗ୍ରସ୍ତ ହୋଇଥିବେ ତାହାର ସମାଧାନ କିପରି ହେବ?

କେବଳ ଏହି ଗୋଟିଏ/ଦୁଇଟି ପ୍ରଶ୍ନ ନୁହେଁ, ଗତ କିଛି ସପ୍ତାହ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଏଭଳି ଆହୁରି କିଛି ଘଟଣା ଘଟିଯାଇଛି, ଯାହା ନିଶ୍ଚିତ ଭାବେ ଶିକ୍ଷା ପାଇଁ ଅନୁକୂଳ ନୁହେଁ ବୋଲି କହିବାକୁ ହେବ। ନିଟ୍ - ୟୁଜି ପରେ ନିଟ୍-ପିଜି ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ୍ କରାଗଲା। ସେହିଭଳି ଯେଉଁମାନେ ୟୁଜିସି ନେଟ୍ ପରୀକ୍ଷା ଦେଇସାରିଥିଲେ ସେମାନଙ୍କୁ ମଧ୍ୟ ଫଳରୁ ନିରାଶ ହେବାକୁ ପଡ଼ିଲା। ପରୀକ୍ଷା ଦେବା ପୂର୍ବରୁ ବାତିଲ୍ ହେବା ଏବଂ ପରୀକ୍ଷା ଦେଇସାରି ଫଳପ୍ରକାଶନ ବାତିଲ୍ ହେବା ଭିତରେ ବହୁ ପାର୍ଥକ୍ୟ ରହିଛି। ପରୀକ୍ଷା ଦେଇ ମଧ୍ୟ ଫଳ ହରାଇଥିବା ହତଭାଗ୍ୟ ପରୀକ୍ଷାର୍ଥୀଙ୍କୁ କର୍ତ୍ତୃପକ୍ଷ ହୁଏତ ଆଉଥିରେ ବିନା ଦେୟରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦେଇପାରନ୍ତି। କିନ୍ତୁ ଦୁଇଟି ଭିନ୍ନ ସମୟରେ ଭିନ୍ନ ସ୍ଥିତିରେ ଜଣେ ପରୀକ୍ଷାର୍ଥୀର ମାନସିକ ସ୍ଥିତି ଓ ମେଧାସ୍ତର ଆଦୌ ସମାନ ରହିବ ନାହିଁ ବୋଲି ମନସ୍ତତ୍ତ୍ୱବିତ୍‌ମାନେ ପ୍ରମାଣ କରିସାରିଛନ୍ତି। ଏହି ପୃଷ୍ଠଭୂମିରେ ବାତିଲ୍ ହୋଇଥିବା ୟୁଜିସି ନେଟ୍ ପରୀକ୍ଷାରେ ଯେଉଁମାନେ କୃତକାର୍ଯ୍ୟ ହୋଇଥା'ନ୍ତେ ସେମାନେ ସାନି ପରୀକ୍ଷାରେ ସଫଳତା ଦୋହାରାଇବା ସମ୍ଭାବନା କମ୍। ତେଣୁ ଏଭଳି ଘଟଣାର ସମାଧାନ ଓ ନ୍ୟାୟପ୍ରଦାନ ସୂତ୍ର ବୋଧହୁଏ ଆମ ଆଇନ କାନୁନରେ ନାହିଁ।

ଡାକ୍ତରୀ ପାଠ୍ୟକ୍ରମ ବିଷୟରୁ ଏହି ଆଲୋଚନା ଆରମ୍ଭ ହୋଇଥିବାରୁ ଏଠାରେ ଆଉ ଗୋଟିଏ ଖବର ଉଲ୍ଲେଖ କରିବା ଉଚିତ ହେବ। ନିକଟରେ ଓଡ଼ିଶାରେ ଏକ ମେଡିକାଲ୍ କଲେଜ୍‌ର ଡାକ୍ତରୀ ସିଟ୍ ସଂଖ୍ୟାକୁ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ହ୍ରାସ କରାଯାଇଛି। ଏହା ନିଶ୍ଚୟ ଆଶାୟୀ ପ୍ରାର୍ଥୀମାନଙ୍କ ପାଇଁ ମାନସିକ ଧକ୍କା। ଗୋଟିଏ ପଟେ ଡାକ୍ତରୀ ସିଟ୍ ସଂଖ୍ୟା ହ୍ରାସ ପାଇଥିବା ବେଳେ ଅପରପକ୍ଷରେ ଓଡ଼ିଶାର ବିଭିନ୍ନ ଯୁକ୍ତିତିନି କଲେଜ୍‌ରେ ସିଟ୍ ସଂଖ୍ୟା ଖାଲି ପଡ଼ିଥିବା ଖବର ପ୍ରକାଶ ପାଇଛି। ଏସବୁ ପ୍ରସଙ୍ଗରେ ରାଜନୈତିକ ବାଦାନୁବାଦ, ଆରୋପ-ପ୍ରତିଆରୋପ ଓ ସ୍ୱାର୍ଥସନ୍ଧ ଆଲୋଚନାରୁ ଊର୍ଦ୍ଧ୍ୱରେ ଏକ ବୃହତ୍ତର ପରିଧିରେ ଆଲୋଚନା କଲେ ଆପାତତଃ ଏହି ନିଷ୍କର୍ଷ ହିଁ ସାମ୍ନାକୁ ଆସୁଛି ଯେ ଶିକ୍ଷାଗ୍ରହଣରେ ସବୁକିଛି ଠିକ୍ ଚାଲିନାହିଁ। ଅନ୍ୟ ଶବ୍ଦରେ କହିଲେ ଶିକ୍ଷା ଏବେ ଗ୍ରହଣଗ୍ରସ୍ତ!

ଏବେ ଆମେ କୋଭିଡ୍ ବୈଶ୍ୱିକ ମହାମାରୀ କାଳଖଣ୍ଡକୁ ବିଚାରକୁ ନେବା। ଅନେକେ ହୁଏତ ପ୍ରଶ୍ନ କରିପାରନ୍ତି ସେହି ସମୟରେ ଶିକ୍ଷା ବାଧାପ୍ରାପ୍ତ ହୋଇନଥିଲା କି? କିନ୍ତୁ କୋଭିଡ୍ ଓ ଆଜି - ଏ ଦୁଇ କାଳଖଣ୍ଡକୁ ତର୍ଜମା କଲେ ଯେଉଁ ସୂକ୍ଷ୍ମ ନିର୍ଯାସଟି ବାହାରକୁ ଆସୁଛି ତାହା ହେଲା -କୋଭିଡ୍ ସମୟରେ ଶିକ୍ଷାଦାନ ବ୍ୟାଘାତ ହୋଇଥିଲା ନିଶ୍ଚୟ। ଏବେ କିନ୍ତୁ ଶିକ୍ଷାଗ୍ରହଣ 'ଗ୍ରହଣ'ଗ୍ରସ୍ତ ହୋଇପଡ଼ିଛି। ଏହି 'ଗ୍ରହଣ' ସ୍ୱାଭାବିକ ଭାବେ ଶିକ୍ଷାର୍ଥୀଙ୍କ ଆକାଂକ୍ଷା, ଭାଗ୍ୟ ଓ ଭବିଷ୍ୟତକୁ ପ୍ରଭାବିତ କରିଛି। ତେଣୁ ଶିକ୍ଷାକାଶରୁ ଯେତେ ଶୀଘ୍ର ଏହି ଗ୍ରହଣର ଛାଇ ହଟିବ ତାହା ଶିକ୍ଷାର୍ଥୀ ଓ ଦେଶର ମାନବ ସମ୍ବଳ ପ୍ରତି ସେତେ ମଙ୍ଗଳକର। ଏହି ଛାଇ ହଟାଇବାର ଉତ୍ତରଦାୟିତ୍ୱ କିଏ ନେବ? ବୋଧହୁଏ ଏଥିପାଇଁ ଏକ ମହାଜାଗତିକ ପ୍ରକ୍ରିୟାକୁ ଅପେକ୍ଷା କରିବାକୁ ପଡ଼ିବ। କାରଣ ଶିକ୍ଷା କ୍ଷେତ୍ରରେ ଲାଗିଥିବା ଏହି ଗ୍ରହଣ ଆଜିର ନୁହେଁ କି ଆସନ୍ତା କାଲି ମଧ୍ୟ ମୋକ୍ଷ ହେବାର ସମ୍ଭାବନା ଦିଶୁ ନାହିଁ।

# ମଦମୁକ୍ତ ରାଜ୍ୟର ପରିକଳ୍ପନା



ସ୍ମୃତିରେଖା ମହାକୁଡ଼
ବାସୁଦେବପୁର(ଭଦ୍ରକ), ମୋ: ୯୧୨୪୮୦୦୯୯୬

ନିଶା ଆଜି ନିରାଶାର ନିଶି ଭରିଦେଇଛି ଯୁବ ଜୀବନରେ। ହତ୍ୟା, ରାହାଜାନି, ଲୁଣ୍ଠନ, ଦୁଷ୍କର୍ମ, ଦୁର୍ଘଟଣା, ଦୁରାରୋଗ୍ୟ ରୋଗ ଇତ୍ୟାଦି ସବୁରି ମୂଳେ ନିଶା ମାଦକର ମୋହର। ଆଜି ଶତାବ୍ଦୀର ଚିତ୍କାର ଶୁଭୁଛି। ଶାନ୍ତି କବର ଲଭିଛି। ଅଶାନ୍ତି, ଅରାଜକତା, ଅନ୍ୟାୟ ଓ ଅବିଚାର ପ୍ରଭୃତି ମୁଣ୍ଡ ଟେକିଛି। ମଦର ବ୍ୟାପକ ପ୍ରସାର ହେତୁ ଉଭୟ ଗାଁ ଓ ସହରର ଦରିଦ୍ର ପରିବାରଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ଭୁଶୁଡ଼ି ପଡ଼ିବା ସହିତ ପାରିବାରିକ ହିଂସା ବୃଦ୍ଧି ପାଇବାରେ ଲାଗିଛି। ମଦ୍ୟର ପ୍ରସାର ହେତୁ ଏକ ରୁଗ୍ଣ, ନିଶାସକ୍ତ ଏବଂ ନିଶାଗ୍ରସ୍ତ ମାନବ ସମ୍ବଳ ସୃଷ୍ଟି ହେବାରେ ଲାଗିଛନ୍ତି। ନିଶା ସେବନ କେବଳ ପ୍ରୌଢ଼ ଓ ଯୁବବର୍ଗକୁ ପ୍ରଭାବିତ କରୁନାହିଁ, ଏହାର କୁପରିଣାମ ଆମର ଉତ୍ତରପିଢ଼ି ବା ଦେଶର ଭବିଷ୍ୟତର ନାଗରିକ କୁହାଯାଉଥିବା ଶିଶୁ ଓ କିଶୋରମାନଙ୍କୁ ମଧ୍ୟ ପ୍ରଭାବିତ କରୁଛି। ତଥ୍ୟ ଅନୁସାରେ ମଦ୍ୟପାନରୁ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୨୮ ପ୍ରତିଶତ, ଲିଭର ସିରୋସିସ୍ ପରି ମାରାତ୍ମକ ରୋଗ ଫଳରେ ଲିଭର ନଷ୍ଟ ୨୧ ପ୍ରତିଶତ, ହୃଦଘାତ ଜନିତ ୧୯ ପ୍ରତିଶତ, କ୍ୟାନ୍‌ସର ଓ ମାନସିକ ବିକୃତି ୩୨ ପ୍ରତିଶତ ହୋଇଥାଏ। ତେଣୁ ନିଶାକବଳରୁ ସମାଜକୁ ରକ୍ଷା କରିବା ପାଇଁ ବୁଦ୍ଧିଜୀବୀମାନେ ଯେତିକି ଚିନ୍ତିତ ଶିଶୁମାନେ ସେମାନଙ୍କ ପରିବାରକୁ ଏହି ନିଶା-ରାକ୍ଷସର କରାଳ ଗ୍ରାସରୁ ରକ୍ଷା କରିବା ପାଇଁ ତତୋଧିକ ଉଦ୍‌ବେଳିତ। ନିକଟରେ ଜଣେ କିଶୋର ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଏଭଳି ଏକ ଆବେଗଭରା ଚିଠି ଦେଖିବାକୁ ମିଳିଛି, ଯେଉଁଥିରେ ଲେଖାଅଛି -

"ମାନ୍ୟବର,

ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ମହୋଦୟ! ଆପଣଙ୍କୁ ଅନେକ ଅଭିନନ୍ଦନ ଓ ଶୁଭକାମନା। ମୁଁ ଦଶମ ଶ୍ରେଣୀରେ ପଢ଼େ। ମୋର ଭୋଟ ଦେବାର ଅଧିକାର ନାହିଁ। ମାତ୍ର ଓଡ଼ିଶାର ପ୍ରଥମ ଭାଜପା ମନ୍ତ୍ରିମଣ୍ଡଳର ମୁଖ୍ୟମନ୍ତ୍ରୀ କିଏ ହେବେ, ସମସ୍ତଙ୍କ ପରି ମୁଁ ମଧ୍ୟ ଉତ୍ସୁକତାର ସହ ଅପେକ୍ଷା କରିଥିଲି। ନୂଆ ସରକାରର କାର୍ଯ୍ୟଧାରା କେମିତି ରହିବ? ଗତାନୁଗତିକ ଢାଞ୍ଚାରେ ଶାସନ ବ୍ୟବସ୍ଥା ଚାଲିବ ନା କିଛି ପରିବର୍ତ୍ତନ ହେବ ତା'କୁ ନେଇ ସମସ୍ତଙ୍କ ପରି ମୋ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଛି। ଆପଣଙ୍କ ଶପଥ ଗ୍ରହଣ ଉତ୍ସବରେ ଓଡ଼ିଶାର ବେକାରୀ, ଜଳସେଚନ, ସ୍ୱାସ୍ଥ୍ୟ ଓ ଶିକ୍ଷା ପରି ମୌଳିକ ସମସ୍ୟାକୁ ଅଧିକ ଗୁରୁତ୍ୱର ସହ ଧ୍ୟାନ ଦେଇ ରାଜ୍ୟକୁ ବିକାଶର ଶୀର୍ଷରେ ଛୁଇଁବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି।

ସାର୍! ମୋ ବାପା ଜଣେ ଦିନ ମଜୁରିଆ। ସାରା ଦିନର ପରିଶ୍ରମର ଉପାର୍ଜିତ ଅର୍ଥରାଶି ମଦରେ



ଯାଉଛି। ସନ୍ଧ୍ୟାରେ ମଦ୍ୟପାନରେ ଚୁର୍ ହୋଇ ପାରିବାରିକ ହିଂସା ରଚୁଛନ୍ତି। ଅତ୍ୟଧିକ ନିଶାରେ ଲିପ୍ତ ଯୋଗୁଁ ଲିଭର ଜନିତ ଜଟିଳ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ରେ ଚିକିତ୍ସା ହୋଇ ସୁସ୍ଥ ତ ହେଉଛନ୍ତି, ମାତ୍ର ପୂର୍ବବତ୍ ଅଭ୍ୟାସ ଜାରି ରଖୁଛନ୍ତି। ପାଠପଢ଼ା ତ ଦୁରୁହ ବ୍ୟାପାର, ଭଲରେ ଗଣ୍ଡେ ଖାଇବାକୁ ପାଉନାହୁଁ। ସର୍ବଦା ମାନସିକ, ଶାରୀରିକ ଯାତନାରେ ଶିକାର ହେଉଛୁ। ମୋ ବାପାଙ୍କ ପରି ଅନେକ ବ୍ୟକ୍ତି ଆମ ଅଞ୍ଚଳରେ ନିଶା କବଳରେ କବଳିତ। ଫଳରେ ଏହା ସୃଷ୍ଟି କରୁଛି ଆର୍ଥିକ ଅନଟନ ଏବଂ ପାରିବାରିକ ଓ ସାମାଜିକ ବିଶୃଙ୍ଖଳା। ତେଣୁ ଗୋଟିଏ ମାତ୍ର ପ୍ରାର୍ଥନା କିଛି ଯୋଜନା କରନ୍ତୁ କି ନ କରନ୍ତୁ 'ମଦ ମୁକ୍ତ ଓଡ଼ିଶା' ଗଠନରେ ଆପଣଙ୍କ ସରକାରର ଭୂମିକା ଅବିସ୍ମରଣୀୟ ହୋଇ ରହୁ। ଏହା ମୋର ବିଶେଷ ଅନୁରୋଧ। ନ ହେଲେ ସମସ୍ତ ଲୋକହିତକର ଯୋଜନା ମଦ ବୋତଲ ଭିତରେ ଭିଜିଯିବ।"

ଚିଠିଟି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚୁ କି ନ ପହଞ୍ଚୁ ପିଲାଟିର କଅଁଳ ଆଖିରେ ନୂଆ ସମ୍ଭାବନାର ସକାଳ ନିଶା-ରାକ୍ଷସର ସ୍ପର୍ଶରେ ଅନ୍ଧକାର ହୋଇଯାଇଛି ବୋଲି ସ୍ପଷ୍ଟ ଅନୁମେୟ।

ଆଗାମୀ ଦିନରେ ରାଜ୍ୟରେ ମଦ ବନ୍ଦ ହେବା ଖବର ସୋସିଆଲ ମିଡିଆରେ ଚର୍ଚ୍ଚା ହେବାରେ ଲାଗିଛି। ବିଜେପି ସରକାର ନିର୍ବାଚନ ସମୟରେ କ୍ଷମତାକୁ ଆସିଲେ, ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେଣୁ ସାରା ଓଡ଼ିଶାବାସୀ ସରକାରଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ନେଇ ଅନେକ ଆଶା ପୋଷଣ କରିଛନ୍ତି। ଦେଖାଯାଏ ଆମ ରାଜ୍ୟରେ ପ୍ରାୟତଃ ୩୦ ପ୍ରତିଶତ ବ୍ୟକ୍ତି ମଦ୍ୟପାନ କରିଥାଆନ୍ତି, ସେଥିମଧ୍ୟରୁ ୫ ପ୍ରତିଶତ ମହିଳା। ଅବକାରୀ ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ୨୦୧୨ ମସିହାରେ ରାଜ୍ୟରେ ଅବକାରୀ ରାଜସ୍ୱ ଥିଲା ୧୩୭୯ କୋଟି ଟଙ୍କା। ୨୦୨୨-୨୩ ମସିହାରେ ଏହା ପ୍ରାୟ ସାଢ଼େ ଚାରିଗୁଣ ଅର୍ଥାତ୍ ୬୪୫୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଅଗଷ୍ଟ ସୁଦ୍ଧା ମଦ ବାବଦରେ ୨୬୫୫ କୋଟି ରାଜସ୍ୱ ଆଦାୟ କରାଯାଇଥିଲା। ଯେହେତୁ ରାଜ୍ୟ ସରକାରୀ ମଦରୁ ବିପୁଳ ମାତ୍ରାରେ ରାଜସ୍ୱ ଆଦାୟ କରୁଛନ୍ତି, ଏହାକୁ ବନ୍ଦ କଲେ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ମାତ୍ର ସମାଜକୁ ନର୍କକୁ ଠେଲି ଦେଇ ଜାତୀୟ ଆୟ ବୃଦ୍ଧି ଗଣତନ୍ତ୍ର ସରକାରର ଲକ୍ଷ୍ୟ ହେବା ଉଚିତ୍ ନୁହେଁ। ଅଧିକ କର ପାଇବା ପାଇଁ ସାମାଜିକ ଜୀବନକୁ ବଳି ଦିଆଯାଇ ନପାରେ। ଏହାର ଭରଣା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବା ସମୟ ଉପଗତ। ଗାନ୍ଧିଜୀ ୧୯୨୭ ମସିହାରେ 'ୟଙ୍ଗ ଇଣ୍ଡିଆ'ରେ କହିଥିଲେ, ଭାରତରେ ଅବକାରୀ ରାଜସ୍ୱ ବୃଦ୍ଧି ପାଇଁ ଲକ୍ଷ ଲକ୍ଷ ଲୋକ ମଦ୍ୟପ ହେବା ଅପେକ୍ଷା ଆମ ଦେଶ ନିଜ ପିଲାଙ୍କ ଶିକ୍ଷା ବାବଦ ବ୍ୟୟ ତୁଲାଇ କାଙ୍ଗାଳ ହୋଇଯିବା ବରଂ ଶ୍ରେୟସ୍କର। ଗାନ୍ଧୀଙ୍କ ମତରେ ଆର୍ଥିକ କ୍ଷତି ଠାରୁ ନୈତିକ ଅଧଃପତନ ବେଶୀ ଗୁରୁତର।

ବିଶେଷଜ୍ଞଙ୍କ ମତରେ ସରକାର ମଦ ବନ୍ଦ କଲେ ଅନେକ ଲାଭ ସହିତ କ୍ଷତିର ଆଶଙ୍କା ଦେଖାଯାଏ। ସମ୍ବିଧାନର ଅନୁଚ୍ଛେଦ ୪୭ରେ ସରକାର ଚାହିଁଲେ ନିଶା ଦ୍ରବ୍ୟକୁ ବନ୍ଦ କରିପାରିବେ ବୋଲି ଉଲ୍ଲେଖ କରାଯାଇଛି। ମଦ ଉତ୍ପାଦନ ଓ ବିକ୍ରି ବନ୍ଦ ହେଲେ ସମ୍ବିଧାନକୁ ସମ୍ମାନ ସହିତ ମଦ୍ୟପାନ ଯୋଗୁଁ ଉପୁଜୁଥିବା ସ୍ୱାସ୍ଥ୍ୟ ସମସ୍ୟା, ଅପରାଧ ଆଦିରେ ହ୍ରାସ ଘଟିବା ସମ୍ଭାବନା ବହୁ ଉଜ୍ଜ୍ୱଳ। ମଦ ବନ୍ଦ ହେଲେ ଏହାର ସବୁଠାରୁ ଅଧିକ ଯାଦୁକରୀ ପ୍ରଭାବ ସମାଜ ଓ ପରିବାରରେ ଦେଖାଦେବ। ସର୍ବୋପରି ଘରୋଇ ହିଂସା ଓ ଦାରିଦ୍ର୍ୟତା ମଧ୍ୟ ହ୍ରାସ ଘଟିବ। ଅପରପକ୍ଷରେ ମଦ ବନ୍ଦ ହେଲେ ବେଆଇନ ମଦ ମାଫିଆ ସଂଖ୍ୟା ବଢ଼ିବ, ଡ୍ରଗ୍ସ, ଚରସ, ଗଞ୍ଜେଇ, ଅଫିମ ପରି ମାଦକ ଦ୍ରବ୍ୟର ପ୍ରସାର ବୃଦ୍ଧି ପାଇବ। ଅପମିଶ୍ରିତ ମଦ ଉତ୍ପାଦନ ଓ ପ୍ରସାର ବଢ଼ି ମଦମୃତ୍ୟୁ ଘଟଣାର ପୁନରାବୃତ୍ତି ଘଟିବ।

ତେଣୁ ଉପରୋକ୍ତ ସମସ୍ତ ସମସ୍ୟାକୁ ବିଶ୍ଳେଷଣ କରାଯାଇ ପ୍ରଥମ ପର୍ଯ୍ୟାୟରେ ମଦକୁ ସମ୍ପୂର୍ଣ୍ଣ ବନ୍ଦ ନ କରି ନିୟନ୍ତ୍ରଣ କରାଯିବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ମଦ ଦୋକାନ ପାଇଁ ନୂଆ ଲାଇସେନ୍ସ ନ ଦେବା, ସ୍କୁଲ, କଲେଜ, ମନ୍ଦିର ତଥା ଗ୍ରାମାଞ୍ଚଳରୁ ମଦ ଦୋକାନ ହଟେଇବା, ମଦ୍ୟପ ବ୍ୟକ୍ତିମାନଙ୍କର ସମସ୍ତ ପ୍ରକାର ପଞ୍ଜୀକରଣ କାଟିବା ଏବଂ ସର୍ବୋପରି ଓଡ଼ିଶାର ଗ୍ରାମ ଓ ସହରାଞ୍ଚଳରେ ପର୍ଯ୍ୟାପ୍ତ ମାତ୍ରାରେ ଜନସଚେତନା ସୃଷ୍ଟି କରାଗଲେ ଏହାର ସୁଫଳ ମିଳିପାରେ। ପରବର୍ତ୍ତୀ ପର୍ଯ୍ୟାୟରେ ଏ କ୍ଷେତ୍ରରେ ସରକାର କଟକଣା ଓ ଆଇନ ବ୍ୟବସ୍ଥା କରିପାରିବେ।

ଓଡ଼ିଶାର ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳ ଦେବ (୧୮୬୯-୧୯୦୩) ମାଦକ ଦ୍ରବ୍ୟର ଭୟଙ୍କର ପରିଣତିକୁ ଦୃଷ୍ଟିରେ ରଖି ନିଜ ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ସଂକଳ୍ପ କରି କଠୋର ପଦକ୍ଷେପ ନେଇଥିଲେ। ଥରେ ସମ୍ଭ୍ରାନ୍ତ ପଦସ୍ଥ ଆତ୍ମୀୟ ସୁରା ସେବନ କରିଥିବାରୁ ରାଜା ନିଜେ ତାଙ୍କୁ ଦଣ୍ଡିତ କରିଥିଲେ। ତେଣୁ ନବନିର୍ବାଚିତ ସରକାର ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ ବୋଲି ଆଶା।

କରୋନା ମହାମାରୀ, ୟୁକ୍ରେନ୍ ଯୁଦ୍ଧ ସଙ୍କଟ ଭଳି ଆହ୍ୱାନର ସମ୍ମୁଖୀନ ହେବା ସତ୍ତ୍ୱେ କେନ୍ଦ୍ର ସରକାର ଖାଦ୍ୟ ନିରାପତ୍ତା ଓ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କ୍ଷେତ୍ରରେ ଭାରତକୁ ସର୍ବଶ୍ରେଷ୍ଠ କରିପାରିଛନ୍ତି। ସେହିଭଳି ଭାବରେ ମଦ ପ୍ରସାର ବନ୍ଦ ଦିଗରେ ସରକାର ସରକାର ସର୍ବାଦୌ ଦୃଷ୍ଟି ଦେବା ଆବଶ୍ୟକ। ଏ ଦିଗରେ ଦଳମତ ନିର୍ବିଶେଷରେ ସମ୍ମିଳିତ ପ୍ରୟାସ ଆବଶ୍ୟକ।

# ଜୀବନ ଏକ ପ୍ରୟୋଗଶାଳା

ଧ୍ରୁବ ଚରଣ ଘିବେଲା
ବଉଦରାଜ(ବୌଦ୍ଧ), ମୋ: ୯୪୩୭୪୭୮୪୬୬

ଜୀବନ ଏକ ନାଟକ ଯାହାକି, ପ୍ରତି ମୁହୂର୍ତ୍ତରେ ମଞ୍ଚସ୍ଥ ହୁଏ ଦୁନିଆର ମୁକ୍ତାକାଶ ଖୋଲା ରଙ୍ଗମଞ୍ଚରେ। ସେ ରଙ୍ଗମଞ୍ଚରେ ଅହରହ ଯା' ଆସ କରୁଥିବା ପ୍ରତ୍ୟେକ ମଣିଷ ଜଣେ ଜଣେ କଳାକାର। ଯେଉଁ କଳାକାର ଜୀବନ ରଙ୍ଗମଞ୍ଚରେ ଯେତେ ନିଖୁଣ ଅଭିନୟ କରିପାରନ୍ତି, ସେ ସେତେ ସଫଳ କଳାକାରର ପରିଚୟ ତିଆରି ପାରନ୍ତି। ଜୀବନ ଏକ ମହାର୍ଘ ଯାତ୍ରା। ସେ ଯାତ୍ରାର ଜଣେ ସୁନ୍ଦର ଯାତ୍ରୀ ହୋଇପାରିଲେ ଜୀବନଯାତ୍ରା ସଫଳ ରହେ। ଜୀବନଯାତ୍ରାରେ ପୁଣି ଅନେକ ସହଯାତ୍ରୀଙ୍କୁ ଯାତ୍ରାପଥରେ ନିତି ପ୍ରତିଦିନ ଭେଟିବାର ସୁଯୋଗ ମିଳେ ଏବଂ ସେମାନଙ୍କ ସହ ଉତ୍ତମ ସାମାଜିକ ସମ୍ପର୍କ ଆଧାରରେ ଅନେକ ପ୍ରସଙ୍ଗରେ ସହଭାଗୀ ସହଯୋଗୀ ସାଜି ଉତ୍ତମ ସମାଜିକ ସ୍ୱାସ୍ଥ୍ୟର ଅଧିକାରୀ ହେବାର ସମ୍ଭାବନା ମଧ୍ୟ ଭରି ରହିଥାଏ। ଜୀବନ ଯାତ୍ରାପଥ ମଧ୍ୟ ଏକ ଯୁଦ୍ଧ ଯେଉଁଠି ଦମ୍ଭର ସହିତ ଦଣ୍ଡାୟମାନ ହୋଇ ନିତିଦିନିଆ ଶତ୍ରୁ ରୂପୀ ସକଳ ଜଟିଳ ସମସ୍ୟାର ଯଥାର୍ଥ ସରଳ ସମାଧାନ ତଥା ସମସ୍ୟାର ଦମନ/ ପ୍ରଶମନ କରିବା ଆବଶ୍ୟକ। ଏହି ଯୁଦ୍ଧର ଆହ୍ୱାନକୁ ଯିଏ ଗ୍ରହଣ କରେ ସେ ଜଣେ ସଫଳ ଯୋଦ୍ଧା ଭାବରେ ନିଜକୁ ପ୍ରତିଷ୍ଠିତ କରେ।

ଜୀବନ ନଈ ସଦା ଗତିଶୀଳ ଥାଏ, ତା' ସୁଖଦୁଃଖର ଦୁଇକୂଳକୁ ଛୁଇଁ। ଦୁଃଖର ଭଉଁରୀରେ କେବେ ଘୁରିବାକୁ ହୁଏ ତ କେବେ ସୁଖକୂଳରେ ଲାଗି ଆହ୍ଲାଦିତ ହେବାକୁ ହୁଏ। ସୁଖ ଓ ଦୁଃଖର ଦୁଇକୂଳର ସୀମା ଭିତରେ ଜୀବନ କାହା ପାଇଁ କେମିତି ଥାଏ। ଜୀବନ କେବେ ସୁଖର ତ କେବେ ଥାଏ ଦୁଃଖର। ସୁଖ-ଦୁଃଖର ନିକିତି ତଉଲା ଜୀବନ ପୁଣି ଅନ୍ଧଙ୍କ ହାତୀ ଦର୍ଶନ ଭଳି ବିବେଚିତ ହୁଏ। କାହା କାହା ପାଇଁ ଜୀବନ ସଡ଼କ ପଥରେ ଥାଏ କେତେ ଉଠାଣି କେତେ ଗଡ଼ାଣି। ତେବେ ଚାଲିବାରେ ଓ ଚାଲି ଜାଣିବାରେ ହିଁ ଜିଇଁ ହୁଏ ସୁନ୍ଦର ଜୀବନ।

ପ୍ରାଣୀ ଭିତରେ ମଣିଷ ହିଁ ଶ୍ରେଷ୍ଠ। ନିଜର ବିଚକ୍ଷଣ ବୁଦ୍ଧି, ଶୁଦ୍ଧ ବିଚାର ଓ ଚିନ୍ମୟ ବିବେକ ବଳରେ ସମସ୍ତ ପ୍ରାଣୀଙ୍କଠୁ ଉଚ୍ଚରେ ନିଜସ୍ଥାନକୁ ସଂରକ୍ଷିତ କରିରଖିଛି ବୁଦ୍ଧିଆ ମଣିଷ। ମଣିଷ ଜୀବନ ବହୁ ମୂଲ୍ୟବାନ। ବୁଦ୍ଧିରେ ବିଚକ୍ଷଣତା, ବିଚାରରେ ଶୁଦ୍ଧତା ଓ ବିବେକରେ ମହାନତା ପାଇଁ ମଣିଷ ସବୁବେଳେ ସବୁକାଳେ ଅନ୍ୟଠୁ ସ୍ୱତନ୍ତ୍ର ଓ ଶ୍ରେଷ୍ଠ। ଶରୀର ଗଠନ ଦୃଷ୍ଟିକୋଣରୁ ମଣିଷ ଅନ୍ୟମାନଙ୍କଠୁ ସ୍ୱତନ୍ତ୍ର ନିଶ୍ଚୟ। ମଣିଷର ମସ୍ତିଷ୍କ ତା'ର ପ୍ରତ୍ୟେକ କାର୍ଯ୍ୟକୁ ନିୟନ୍ତ୍ରଣ କରେ। ମଣିଷର ଭଲ ବିଚାର, ଭଲ ବୁଦ୍ଧି, ଭଲ ବିବେକ ପ୍ରତିଫଳିତ ହୁଏ ତାର ହାତ, କାନ, ଆଖି, ଗୋଡ଼ ଆଦିର ଯଥାର୍ଥ କାର୍ଯ୍ୟ - କାରଣରେ। ମଣିଷ ଶିଖିଥିବା ସକଳ ଭଲ କଥାକୁ ଓ କାମକୁ ପ୍ରୟୋଗ କରେ ଆଗ ନିଜ ବ୍ୟକ୍ତିଗତ ଜୀବନରେ। ଜୀବନ ପ୍ରୟୋଗଶାଳାରେ ଓ ପ୍ରୟୋଗ ସ୍ଥିତିରେ ହିଁ ଅନୁଭୂତ ହୁଏ ବାସ୍ତବତା। ବେଶି ବଡ଼ ବଡ଼ କଥା ବିଚାରକୁ ନେବା ନାହିଁ। ଛୋଟ ଛୋଟ କଥାକୁ ଆଗ ବିଚାରି ଦେଖିବା ଆସନ୍ତୁ ଓ ଦେଖନ୍ତୁ।

ଆଜିର ଦିନରେ ଅନେକ ଅନ୍ୟକୁ କେବଳ ତୁଚ୍ଛା ପରାମର୍ଶ ଦିଅନ୍ତି, ଅଥଚ ନିଜେ ତା'ଠୁ ଥାଆନ୍ତି ଦୂରରେ। ସମୟାନୁବର୍ତ୍ତୀ ହେବାର ଅର୍ଥ ଠିକ୍ ସମୟରେ ଠିକ୍ ଠିକ୍ କାମ କରିବା ଓ ନିଜର ଦିନଚର୍ଯ୍ୟା ପାଳନ କରିବା। ସକାଳେ ଠିକ୍ ସମୟରେ ଉଠିବା, ମୁହଁ ହାତ ଧୋଇବା, ଦାନ୍ତ ଘଷିବା, ପଢ଼ିବସିବା, ଲେଖିବା, ଗାଧୋଇବା, ଖାଇବା, ସ୍କୁଲ ଯିବା, ଶିକ୍ଷକଙ୍କୁ ସଠିକ୍ ଶୁଣିବା, ଗୃହ ପାଠ କାର୍ଯ୍ୟ ଠିକ୍ କରିବା, ସ୍କୁଲରୁ ଫେରି ଠିକ୍ ସମୟରେ ଖେଳିବା, ସଞ୍ଜ ହେଲେ ପଢ଼ି ବସିବା, ରାତିକୁ ଖାଇ ଠିକ୍ ସମୟରେ ଶେଯ ଧରିବା। ଏହା ଛୋଟ ପିଲାଙ୍କ ପାଇଁ। ବଡ଼ମାନେ ସେମିତି ତାଙ୍କ ଦିନଚର୍ଯ୍ୟା ଦୈନିକ ରୁଟିନ ନିଜେ ତିଆରି ନିଜେ କଡ଼ାକଡ଼ି ପାଳନ କରିବା ଆବଶ୍ୟକ। ଜୀବନରେ ଯେଉଁମାନେ ସମୟର ଯଥାର୍ଥ ବିନିଯୋଗ କରନ୍ତି, ସଫଳତାର ଉତ୍ତୁଙ୍ଗ ଶିଖରରେ ସେମାନେ ପହଞ୍ଚି ଯାଆନ୍ତି ଏବଂ ଅନ୍ୟ ପାଇଁ ଉଚ୍ଚ ଆଦର୍ଶବୋଧ ତିଆରି କରନ୍ତି। ସଫଳ ବ୍ୟକ୍ତିଙ୍କୁ ଅନ୍ୟମାନେ ସବୁ ସମୟରେ ଅନୁକରଣ/ ଅନୁସରଣ କରନ୍ତି।

ପ୍ରୟୋଗର ଗୁରୁତ୍ୱ ଏଇଥିପାଇଁ ଥାଏ ଏତେ ଯେ ପ୍ରୟୋଗାତ୍ମକ ସ୍ଥିତି ହିଁ କହିଦିଏ ବ୍ୟକ୍ତିଠାରେ ମେଧା ବା ଦକ୍ଷତା ବା ସାମର୍ଥ୍ୟ କେତେ ରହିଛି। ଶ୍ରେଣୀରେ ପିଲାଙ୍କୁ ପ୍ରଶ୍ନ ପଚାରି ଶିକ୍ଷକ ପରଖିଥା'ନ୍ତି ପିଲାଙ୍କ ଅସଲ ମେଧାଜ୍ଞାନ କେତେ? ସଠିକ୍ ଉତ୍ତର ଦେଉଥିବା ପିଲା ତା'ର ପାଠୁଆର ପରିଚୟ ଦିଏ। ସାଧାରଣତଃ ବର୍ଷ ଶେଷର ପରୀକ୍ଷାରୁ ପରଖାଯାଏ ପିଲାଙ୍କ ଜ୍ଞାନ। ଉତ୍ତର ଖାତାରେ ପିଲା ପ୍ରୟୋଗ କରନ୍ତି ଯାହା ଜାଣିଥା'ନ୍ତି, ପାଠ ମନେରଖିଥା'ନ୍ତି। ଯାହାକିଛି ବିଦ୍ୟା ଗ୍ରହଣର ଯଥାର୍ଥତା ପ୍ରତିପାଦିତ ହୁଏ, ତା'ର ସଫଳ ପ୍ରୟୋଗ ବିଧି ପ୍ରଦର୍ଶନରେ, ଯାହାର ପ୍ରୟୋଗ କରି ଦେଖାଇଦେଇଥିଲେ ଅର୍ଜୁନ।

ସତ କହିବା ଜୀବନ କ୍ଷେତ୍ରର ଏକ ବଡ଼ ଅସ୍ତ୍ର। ସତ୍ୟର ଅସ୍ତ୍ରରେ ପରାହତ କରିହୁଏ ମିଛର ରାକ୍ଷସକୁ। ସତ ବଳରେ କାବୁ କରିହୁଏ ମିଛୁଆ ମଣିଷଙ୍କୁ। ବାପୁ ମହାତ୍ମା ନିଜ ଜୀବନକୁ କରିଥିଲେ ସତ୍ୟର ପ୍ରୟୋଗଶାଳା। ସ୍କୁଲ ପରୀକ୍ଷାରେ ଭୁଲ ଉତ୍ତର ମହାତ୍ମା ଗାନ୍ଧୀ ଲେଖୁଥିବା ଦେଖି ପାଖ ପିଲାଠୁ ଠିକ ଉତ୍ତର ଲେଖିବାକୁ ଶିକ୍ଷକ ଯେତେ ଠାରିଲେ ବି ଗାନ୍ଧିଜୀ ସେଇୟା କରିନଥିଲେ। ସତ୍ୟରେ ଆଗ୍ରହ ରଖି ଗାନ୍ଧିଜୀ ସତ୍ୟାଗ୍ରହ କରୁଥିଲେ। ଆଜିର ଦିନରେ ସତ କହିବା କଷ୍ଟସାଧ ହେଲେ ହେଁ ଅସମ୍ଭବ ନୁହେଁ। ଏବେ ବି ସତ କହୁଥିବା ଲୋକ ରହିଛନ୍ତି, ସତରେ ଆଗ୍ରହ ରଖନ୍ତି, ସତ ପଥରେ ଚାଲନ୍ତି। ସତ କହିବା, ଭଲ କାମରେ ରହିବା, ଭଲ କଥା ଶୁଣିବା, ଭଲ କଥା କହିବା, ଅନ୍ୟକୁ ସାହାଯ୍ୟ ସହଯୋଗ କରିବା, ଅନ୍ୟର ବିପଦ ବେଳେ ଠିଆ ହେବା, ଦେବାରେ ଆନନ୍ଦ ଲଭିବା - ଏସବୁ ଧାରାରେ ରହିଲେ ଜୀବନ ସଫଳ ହୁଏ। ଜୀବନ ଏକ ଯଥାର୍ଥ ପ୍ରୟୋଗଶାଳା ହୋଇପାରିଲେ ଏକ ସୁନ୍ଦର ମହତ୍ତର ଜୀବନ ଜିଇଁବା ସହଜ ହୁଏ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## ଲେଖକ/ଲେଖିକାଙ୍କ ନିମନ୍ତେ ବିଶେଷ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭-'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

**କାର୍ଯ୍ୟନିର୍ବାହୀ ସମ୍ପାଦକ**

## ଆଇନରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି

ଜୁଲାଇ ୧୭, ୨୦୨୪ କୁ 'ଅନ୍ତର୍ଜାତୀୟ ନ୍ୟାୟ ଦିବସ' ବା 'ଅନ୍ତର୍ଜାତୀୟ ନ୍ୟାୟ ପାଇଁ ବିଶ୍ୱ ଦିବସ' ରୂପେ ପାଳନ କରାଯାଏ। ଏହି ଦିନ ସାରା ବିଶ୍ୱରେ ନ୍ୟାୟ ଏବଂ ଉତ୍ତରଦାୟିତ୍ୱ ପାଇଁ ଚାଲିଥିବା ସଂଗ୍ରାମକୁ ସ୍ମରଣ କରିବାର ଅବକାଶ ସୃଷ୍ଟି କରେ। ବିଶ୍ୱରେ କେହି ଆଇନରୁ ଊର୍ଦ୍ଧ୍ୱରେ ନୁହନ୍ତି - ଏହି ଚରମ ସତ୍ୟ ବିଷୟରେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ଏହି ଦିବସର ତାତ୍ପର୍ଯ୍ୟ।

୧୯୯୮ ମସିହାରୁ ପାଳିତ ହୋଇଆସୁଥିବା ଏହି ଦିବସ ଅନ୍ତର୍ଜାତୀୟ ଆପରାଧିକ ନିରୋଧୀ ନ୍ୟାୟକୁ ପ୍ରୋତ୍ସାହିତ କରିବା ସହିତ ଜାତିସଂଘ, ଯୁଦ୍ଧ ଅପରାଧ ଓ ମାନବିକତା ବିରୋଧରେ ଅପରାଧ ଭଳି ଗୁରୁତର ନକାରାତ୍ମକ କାର୍ଯ୍ୟକଳାପକୁ ନିରୁତ୍ସାହିତ କରିବାର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ଆଇସିସି(ଇଣ୍ଟର ନ୍ୟାସନାଲ କ୍ରିମିନାଲ କୋର୍ଟ) କାର୍ଯ୍ୟକୁ ସମର୍ଥନ କରିବା ପାଇଁ ଉତ୍ସର୍ଗୀକୃତ। ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟ ବ୍ୟବସ୍ଥା ପ୍ରତି ଏକ ବିଶ୍ୱସ୍ତରୀୟ ଜନମତ ସୃଷ୍ଟି ପ୍ରୟାସରେ ଆଜିର ଦିବସ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଆସିଛି। ୨୦୧୦ ରେ ମିଳିତ ଜାତିସଂଘର ଶୀର୍ଷ ସମ୍ମିଳନୀ ଜୁଲାଇ ୧୭ କୁ ରୋମ ନିୟମାବଳୀର ସମୀକ୍ଷା ଅବସରରେ ଅନ୍ତର୍ଜାତୀୟ ନ୍ୟାୟ ପାଇଁ ବିଶ୍ୱ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦୨୪ ପାଇଁ ଏହି ଦିବସର ଥିମ୍ ହେଉଛି 'ମତ ପ୍ରଭେଦରେ ସେତୁ ବାନ୍ଧ, ବନ୍ଧୁତା ସ୍ଥାପନ କର'। ଏହାକୁ ଆଉ ଟିକିଏ ବିସ୍ତାରିତ କରି କହିଲେ - ସାମାଜିକ ନ୍ୟାୟ ଦିଗରେ ଥିବା ପ୍ରତିବନ୍ଧକକୁ ଦୂର କରିବା ଏବଂ ଏଥିନିମନ୍ତେ ଥିବା ସୁଯୋଗକୁ ଉନ୍ମୁକ୍ତ କରିବା। - ସୁ.ନା.ପା.

## ସ୍ୱାସ୍ଥ୍ୟ ବିଭାଗ ସ୍କାନର୍‌ରେ ଏମ୍‌କେସିଜି ଡାକ୍ତର

# ୭ ବରିଷ୍ଠ ଡାକ୍ତର ୮ ବର୍ଷ ହେଲା ନିଖୋଜ!

### କର୍ତ୍ତୃପକ୍ଷଙ୍କ ନୋଟିସର ଦେଉନାହାନ୍ତି ଉତ୍ତର

### ୨୦୧୬ମସିହାରୁ ବିନା ଅନୁମତିରେ ଅଛନ୍ତି ଛୁଟିରେ

**ବ୍ରହ୍ମପୁର, ୧୬।୭(ସମିସ):** ବିଭିନ୍ନ ସମୟରେ ଏମ୍‌କେସିଜି ମେଡ଼ିକାଲରେ ଡାକ୍ତର ଅଭାବ କାରଣରୁ ରୋଗୀ ସେବାରେ ବାଧା ଉପୁଜୁଥିବା ଅଭିଯୋଗ ହେଉଛି। ଅପରପକ୍ଷେ ମେଡ଼ିକାଲର କାର୍ଯ୍ୟରତ ଡାକ୍ତରଙ୍କ ତାଲିକାରେ ଏଭଳି କିଛି ଡାକ୍ତର ଅଛନ୍ତି, ଯେଉଁମାନେ କି ଗତ କିଛି ବର୍ଷ ଧରି କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ସେଥିମଧ୍ୟରୁ କିଏ ଛୁଟିରେ ଯାଇ ଫେରି ନାହାନ୍ତି ତ ଆଉ କିଏ ବିନା ଅନୁମତିରେ ଛୁଟିରେ ରହିଛନ୍ତି। ଏପରିକି ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାରମ୍ବାର ଜାରି ହୋଇଥିବା ନୋଟିସକୁ ବେଖାତିର କରି କୌଣସି ଉତ୍ତର ମଧ୍ୟ ରଖୁନାହାନ୍ତି। ଏଭଳି କିଛି ଡାକ୍ତରଙ୍କୁ ଚିହ୍ନଟ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ୨୦୧୬ ମସିହା ଠାରୁ ୨୦୨୩ ମଧ୍ୟରେ ଏମ୍‌କେସିଜିର ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୋଟ ୭ ଜଣ ଏଭଳି ଡାକ୍ତର ଏମ୍‌କେସିଜି ମେଡ଼ିକାଲ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଅନୁପସ୍ଥିତ ଥିବା ଜଣାପଡ଼ିଛି।

ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିକଟରେ ଜାରି ହୋଇଥିବା ନୋଟିସ ଅନୁସାରେ, ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ କାର୍ଯ୍ୟରତ ଏଭଳି ମୋଟ ୧୪ଜଣ ଡାକ୍ତର ଦୀର୍ଘ ବର୍ଷ ଧରି ବିନା ଅନୁମତିରେ ଅନୁପସ୍ଥିତ ଥିବା ଜଣାପଡ଼ିଛି। ବ୍ରହ୍ମପୁରର ୭ ଡାକ୍ତରଙ୍କ ମଧ୍ୟରୁ ଏମକେସିଜିର ନ୍ୟୁରୋ ସର୍ଜରୀ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡା. ରାମଚନ୍ଦ୍ର ଦେଓ ଓ ଏମକେସିଜିର କର୍ଣ୍ଣ, ନାସା ଓ ଗଳା ରୋଗ ବିଭାଗରେ କାର୍ଯ୍ୟରତ ଡାକ୍ତର ବିମରଜିତ ପ୍ରଧାନ ୨୦୧୬ ମସିହାରୁ ଅନୁପସ୍ଥିତ ରହିଛନ୍ତି। ରେଡିଓ ଡାଏଗ୍ନୋଷ୍ଟିକ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଡା. ସୁନିତା ସାହୁ ୨୦୧୮ ମସିହା ନଭେମ୍ବରରୁ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ସାଧାରଣ ମେଡିସିନ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଏଲ. ରବି କୁମାର ୨୦୨୦ ମସିହା ଅକ୍ଟୋବର ମାସ ଠାରୁ ଅନୁପସ୍ଥିତ ଅଛନ୍ତି। ଡାକ୍ତରଖାନାର ରେଡିଓଥେରାପି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ଚୈତାଳି ବୋଷ ୨୦୨୧ ମସିହା ମେ' ମାସରୁ ଅନୁପସ୍ଥିତ ଥିବା ବେଳେ ଫିଜିଓଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା. ଲକ୍ଷ୍ମୀକାନ୍ତ ମୁଣ୍ଡା ୨୦୨୧ ମସିହା ଜାନୁଆରୀ ମାସରୁ ଅନୁପସ୍ଥିତ ଅଛନ୍ତି। ସେହିପରି ଫିଜିଓଲୋଜି ବିଭାଗର ଆସୋସିଏଟ ପ୍ରଫେସର ଡା. ସଙ୍ଗୀତା କର ୨୦୨୩ ମସିହା ଜୁଲାଇ ମାସରୁ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ଥିବା ଏହି ଡାକ୍ତରଙ୍କ ବିରୋଧରେ ନୋଟିସ ଜାରି କରିବାକୁ ନିକଟରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଓ ପ୍ରସାରଣ ବିଭାଗକୁ ଚିଠି କରାଯାଇଥିଲା। ସେହିପରି ସମସ୍ତ ଡାକ୍ତରଙ୍କୁ ନୋଟିସ ଜାରି ହେବାର ୭ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ନୋଟିସ ଜାରି ହେବାର ୭ ଦିନରୁ ଅଧିକ ସମୟ ବିତି ଯାଇଥିଲେ ହେଁ ଏମ୍‌କେସିଜିରେ ଦୀର୍ଘବର୍ଷ ଧରି ଅନୁପସ୍ଥିତ ଥିବା ଡାକ୍ତରମାନେ ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ଉତ୍ତର ରଖିନଥିବା ଜଣାପଡ଼ିଛି।

ଏନେଇ ଏମକେସିଜିର ମେଡ଼ିକାଲ ଓ ହସ୍ପିଟାଲର ଭାରପ୍ରାପ୍ତ ଡିନ୍ ତଥା ଅଧକ୍ଷ ପ୍ରଫେସର ଡା. ସୁଚିତ୍ରା ଦାସଙ୍କୁ ପଚରା ଯିବାରେ ସେ କହିଛନ୍ତି, ବିନା ଅନୁମତିରେ ଡାକ୍ତରଖାନାରୁ ସମସ୍ତ ୭ଜଣ ଡାକ୍ତର ଅନୁପସ୍ଥିତ ରହିଛନ୍ତି। ଏ ସମ୍ପର୍କରେ ଉତ୍ତର ରଖିବାକୁ ସେମାନଙ୍କୁ ନୋଟିସ ଜାରି କରାଯାଇଥିବା ବେଳେ କୌଣସି ଡାକ୍ତର ବର୍ତ୍ତମାନ ସୁଧା ନିଜ ଉତ୍ତର ରଖିନାହାନ୍ତି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟବିଭାଗକୁ ଅବଗତ କରାଯିବ ଏବଂ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଅବଶିଷ୍ଟାଂଶ...

### ୪ ଯବାନ ସହିଦ...

ହୋଇଛି ଏବଂ ଶାନ୍ତି ଫେରିଆସିଛି ବୋଲି ପ୍ରଧାନମନ୍ତ୍ରୀ ବାରମ୍ବାର ଡିଣ୍ଡିମ ପିଟି ଚାଲିଛନ୍ତି। କିନ୍ତୁ ଏଠାକାର ସ୍ଥିତି ପ୍ରକୃତରେ ଭିନ୍ନ ରହିଛି ବୋଲି ରାହୁଲ କହିଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ ଆଲୋଚନା କରିଛନ୍ତି।

ସୂଚନା ଯୋଗ୍ୟ ଯେ, ମଙ୍ଗଳବାର ସକାଳେ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ବେଳେ ଆତଙ୍କବାଦୀଙ୍କ ଆକ୍ରମଣରେ ୫ ଯବାନ ଗୁରୁତର ଆହତ ହୋଇଥିଲେ। ଆହତ ଯବାନମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଜଣେ ମେଜରଙ୍କ ସମେତ ୪ ଯବାନଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ଏହି ଜଙ୍ଗଲରେ ୩ ରୁ ୪ ଆତଙ୍କବାଦୀ ଲୁଚି ରହିଥିବା ଜଣାପଡ଼ିବା ପରେ ସେହି ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ଏନକାଉଣ୍ଟର ଅପରେସନକୁ ଆହୁରି ଜୋରଦାର କରିବାକୁ ଅତିରିକ୍ତ ସେନା ମୁତୟନ କରାଯାଇଛି। ଏହି ଘଟଣା ପାଇଁ କାଶ୍ମୀରରେ କାର୍ଯ୍ୟ କରୁଥିବା ପାକିସ୍ତାନର ଜୈସ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ସହଯୋଗୀ ସଂଗଠନ 'କାଶ୍ମୀର ଟାଇଗର୍ସ' ନିଜକୁ ଦାୟୀ କରିଛି। ଏହାପୂର୍ବରୁ ଗତ ୯ ତାରିଖରେ କଠୁଆ ଜିଲ୍ଲାରେ ସେନା ଗାଡି ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ମଧ୍ୟ ଏହି ସଂଗଠନ ନିଜକୁ ଦାୟୀ କରିଥିଲା।

### ୭୮ ଦିନରେ ...

ଉଚିତ। ସେହିପରି ଦଳୀୟ ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ସରକାରଙ୍କୁ ନିଶାଣ କରି କହିଛନ୍ତି ଯେ, ଜମ୍ମୁ କାଶ୍ମୀରରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସୁରକ୍ଷା ରଣନୀତିରେ କିଛି ପରିବର୍ତ୍ତନ ଆଣିବା ଆବଶ୍ୟକ। କାରଣ ଏବେ ଜମ୍ମୁ ଅଞ୍ଚଳ ବି ଆତଙ୍କବାଦୀଙ୍କ ନିଶାଣକୁ ଚାଲି ଆସିଛି ବୋଲି ସେ କହିଛନ୍ତି।

### ଓଡ଼ିଶା ଭାଗରେ...

ବ୍ୟତୀତ ଓଡ଼ିଶାକୁ କିଛି ମିଳିବ ନାହିଁ। ୧୦ ବର୍ଷ ହେଲା ଏହାକୁ ନେଇ ରାଜ୍ୟର ଦାବିକୁ କେନ୍ଦ୍ର ସରକାର ଏଡ଼ାଇ ଚାଲିଛନ୍ତି। ଅନ୍ୟପକ୍ଷରେ ପ୍ରତି ଟନ୍ କୋଇଲାରୁ ୪୦୦ ଟଙ୍କା ସେସ୍ ଆଦାୟ କରୁଥିଲେ ବି ରାଜ୍ୟକୁ ଫୁଟା ପାହୁଲାଟିଏ କେନ୍ଦ୍ର ସରକାର ଦେଉ ନାହାନ୍ତି । ଏହାଦ୍ୱାରା ରାଜ୍ୟ ସରକାର ବିପୁଳ ରାଜସ୍ୱ କ୍ଷତି ସହୁଛନ୍ତି । ଏହି ପ୍ରସ୍ତାବ କେନ୍ଦ୍ରରେ ଝୁଲୁଥିବାବେଳେ ଏବେ ଅଧା ଖୋଳା କୋଇଲା ଖଣି ଉପରେ କେନ୍ଦ୍ର ଦୃଷ୍ଟି ପକାଇଛି। ପାତ୍ରପଡ଼ା (ଉତ୍ତର), ପାତ୍ରପଡ଼ା (ଦକ୍ଷିଣ), କରଡ଼ାବାହାଲ-ବ୍ରାହ୍ମଣବିଲି, କୋଶଳା (ପୂର୍ବ), କୋଶଳା (ପଶ୍ଚିମ), ଫୁଲଝରି (ପୂର୍ବ ଓ ପଶ୍ଚିମ), ମନ୍ଦାକିନୀ (ବି), ଅର୍ଖପାଳ-ଶ୍ରୀରାମପୁର (ଉତ୍ତର) କୋଇଲା ଖଣିକୁ ଘରୋଇ କମ୍ପାନୀକୁ ଟେକି ଦେବାକୁ ମସୁଧା ଚାଲିଛି। ଏଥିପାଇଁ ନିଲାମ ବିଜ୍ଞପ୍ତି ବି ପ୍ରକାଶ ପାଇଛି। ରାଜ୍ୟ କୋଇଲା ଓ କୋଇଲା ଖଣିରୁ କେନ୍ଦ୍ର ସରକାର ଲାଭ ଉଠାଉଥିବାବେଳେ ଓଡ଼ିଶାକୁ ଏଥିରୁ କୌଣସି ଆର୍ଥିକ ଲାଭ ତ ମିଳିବ ନାହିଁ; ଅନ୍ୟପକ୍ଷରେ କୋଇଲା ଖଣି ଅଞ୍ଚଳର ଲୋକେ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟର ଦାବିକୁ ସବୁ ସମୟରେ ଅଣଦେଖା ପରେ ଆଉ ଏକ ଏକଚାଟିଆ ନିଷ୍ପତ୍ତି ନେବାକୁ ଯାଉଛି କେନ୍ଦ୍ର। କୋଇଲା ନୀତିରେ ପରିବର୍ତ୍ତନ ଆଣି ରାଜ୍ୟମାନଙ୍କ ସ୍ୱାର୍ଥକୁ ଗୌଣ କରିବା ସହ ପରିବେଶଗତ ପ୍ରସଙ୍ଗକୁ ଅଣଦେଖା କରିବାକୁ କେନ୍ଦ୍ର ଚେଷ୍ଟା କରୁଛି। ସାଧାରଣ ଖଣିଜ ସହ କୋଇଲା ଉତ୍ପାଦନ କରୁଥିବା ଓଡ଼ିଶା ଏବଂ ଝାଡଖଣ୍ଡ ଭଳି ପଛୁଆ ରାଜ୍ୟ ଏହା ଦ୍ୱାରା ବହୁଳ ଭାବେ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଉଛି। ୨୦୧୪ରୁ କୋଇଲା ରୟାଲଟି ସଂଶୋଧନ କରିବାର କେନ୍ଦ୍ର ନାଁ ଧରୁନାହିଁ। ଟନ୍ ପିଛା ଆଦାୟ ୪୦୦ ଟଙ୍କା ସେସ୍ ଅଂଶ ନିଜ ପାଖରେ ରଖୁଛି। ଏଣିକି ଫମ୍ପା କୋଇଲା ନିଲାମ ଘରୋଇ ସଂସ୍ଥା ହାତକୁ ଟେକିବା ପାଇଁ ମନ୍ତ୍ରାଳୟ ଯୋଜନା କରିବା ପଛରେ କି ରହସ୍ୟ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଗତବର୍ଷ କେନ୍ଦ୍ର ସରକାର କୋଇଲା ଅଞ୍ଚଳ(ଖଣିଜ ଅଧିଗ୍ରହଣ ଓ ଉନ୍ନୟନ ) ସିବିଏ-ଆଇନ ୧୯୫୭ରେ ସଂଶୋଧନ ପରେ କୋଇଲା କ୍ଷେତ୍ରରେ ଥିବା କେନ୍ଦ୍ର-ରାଜ୍ୟ ସଂଘୀୟ ଢାଞ୍ଚା ହ୍ରାସ ପାଇଛି । ଏହି ନିୟମରେ କୋଇଲା ଅଞ୍ଚଳ ଥିବା ଅଞ୍ଚଳର ଅଧିଗ୍ରହଣ କ୍ଷମତା କେନ୍ଦ୍ର ସରକାରଙ୍କୁ ଦିଆଯାଇଛି। ଥରେ ଜମି ଅଧିଗ୍ରହଣ ହେବା ପରେ ମାଇନିଂ ଏବଂ ଜମି ଲିଜ୍‌ଧାରୀ ରାଜ୍ୟ କିମ୍ବା କମ୍ପାନୀକୁ ପ୍ରଦାନ କରାଯିବ। ସେହିପରି କୋଇଲା ଥିବା ଅଞ୍ଚଳରେ ଉନ୍ନୟନ ପାଇଁ ଆବଶ୍ୟକ ନିର୍ମାଣ ମଧ୍ୟ କରାଯାଇପାରିବ। ଯାହା ପୂର୍ବ ନିୟମରେ ସମ୍ଭବ ନ ଥିଲା। କୋଇଲା ଉତ୍ତୋଳନ ପରେ ସେହି ଖଣିକୁ ବାଲି କିମ୍ବା ପାଉଁଶ ଭର୍ତ୍ତି କରିବାର ନିୟମ ରହିଥିଲା। ଏହା ଖଣି ଲିଜ୍ କମ୍ପାନୀ ମାନେ ହିଁ କରୁଥିଲେ। ସେହିପରି କୋଇଲା ସହ ଲୋ-ଗ୍ରେଡ୍ କୋଲ ମିନେରାଲ ତଥା ଲିଗ୍ନାଇଟ୍ ଗୁଡିକ ମଧ୍ୟ ମାଇନିଂ ପ୍ରକ୍ରିୟାରେ ସମାନ୍ତରାଳ ଭାବେ ସାମିଲ ହେବ ବୋଲି ନିୟମ କରାଯାଇଛି । ଯାହା ଫଳରେ ଖାଲି ହୋଇଥିବା କୋଇଲା ଖାଦାନରେ ରହିଥିବା ବଳକା କୋଇଲାକୁ ନିଲାମ ପାଇଥିବା ଘରୋଇ କମ୍ପାନୀ ଉତ୍ତୋଳନ କରିବେ। ମାତ୍ର ତାହାର ରାଜଭାଗ ରାଜ୍ୟ ସରକାର ପାଇବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ଦ୍ୱିତୀୟତଃ ଫମ୍ପା କୋଇଲା ଖାଦାନ ବାଲି ଫିଲିଂ କରିବା ଦାୟିତ୍ୱ ନିଲାମଧାରୀ କମ୍ପାନୀର । ବାଲି ପୋତିବା ପରେ ବନୀକରଣ ପାଇଁ ରାଜ୍ୟ ସରକାର କେନ୍ଦ୍ରଠାରୁ ପାଇଥାନ୍ତି କାମ୍ପା ପାଣ୍ଠି । ଏବେ ଘରୋଇ ମାଲିକ ହେଲେ ଆଉ କାମ୍ପା ପାଣ୍ଠି ରାଜ୍ୟ ସରକାର ପାଇବେ କି ନାହିଁ, ତାହା ମଧ୍ୟ ସ୍ପଷ୍ଟ କରାଯାଇ ନାହିଁ। ପରିଣତି ସ୍ୱରୂପ ଓଡ଼ିଶା ପ୍ରତି କ୍ଷେତ୍ରରେ କ୍ଷତି ସହିବ, ମାତ୍ର ପ୍ରତିବଦଳରେ ପାଇବ କେବଳ ଧୂଳି, ଧୂଆଁ ଓ ପାଉଁଶ ।

### ମହଣମହଣ ସୁନାରେ...

ରଥ ଉପରେ ମହାପ୍ରଭୁଙ୍କ ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢ଼ିବା ପରେ ଅପରାହ୍ନ ୫ଟାରୁ ସୁନାବେଶ ଆରମ୍ଭ ହେବ। ନିର୍ଘଣ୍ଟ ସମୟ ପୂର୍ବରୁ ଅର୍ଥାତ୍ ସଅଳ ନୀତିକାନ୍ତି କରାଯିବା ଲାଗି ପୂର୍ବରୁ ଦଇତାପତିଙ୍କ ସହ ପ୍ରଶାସନର ଆଲୋଚନା ବେଳେ ନିଷ୍ପତ୍ତି ନିଆଯାଇଛି। ସେହିପରି ସୁନାବେଶ ସମୟରେ ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ କୌଣସି ସେବାୟତ ରହିବେ ନାହିଁ। ଫଳରେ ଶ୍ରଦ୍ଧାଳୁମାନେ ଭଲ ଭାବେ ଦର୍ଶନ କରିପାରିବେ। ସେହିପରି ରଥ ଉପରକୁ ଅଣସେବାୟତ ଚଢ଼ିବେ ନାହିଁ। ସେହିପରି କୌଣସି ସେବାୟତ ମୋବାଇଲ ଫୋନ ନେଇପାରିବେ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସ୍ପଷ୍ଟ କରିଛନ୍ତି। ଯଦି କେହି ଏହାକୁ ନ ମାନନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

### ଗୁରୁବାର ପୁଣି...

କମିଟି ଅଧକ୍ଷ ଜଷ୍ଟିସ ରଥ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ ଯେ ଗତ ୧୪ ତାରିଖ ଦିନ ୧୧ ଜଣିଆ କମିଟି ଦ୍ୱାରା ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲି ସମସ୍ତ ଅଳଙ୍କାର ଟାଙ୍ଗଡ଼ାଘରକୁ ସ୍ଥାନାନ୍ତର କରାଯାଇଥିଲା। ଆସନ୍ତା ୧୮ ତାରିଖ ଗୁରୁବାର ୧୧ ଜଣିଆ ଅଧିକୃତ କମିଟି ଆଉଥରେ ଭିତରକୁ ଯିବେ। କମିଟିର କୌଣସି ସଦସ୍ୟ ଧାତବ ପଦାର୍ଥ ଯେପରିକି ସୁନା ଜିନିଷପତ୍ର, ଘଣ୍ଟା ଇତ୍ୟାଦି ପିନ୍ଧି ଯିବେନାହିଁ। ସେହିଦିନ ହିଁ ଭିତର ରତ୍ନଭଣ୍ଡାର ସିନ୍ଦୁକ ଓ ଆଲମିରାରୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରତ୍ନ ଅଳଙ୍କାର ସ୍ଥାନାନ୍ତର ହେବ। ଅସ୍ଥାୟୀ ଭିତର ଓ ବାହାର ରତ୍ନଭଣ୍ଡାରରେ ନୂତନ ତାଲା ପକାଯାଇଛି। ରତ୍ନ ଅଳଙ୍କାର ସ୍ଥାନାନ୍ତର ପରେ ଅସ୍ଥାୟୀ ଭିତର ଓ ବାହାର ରତ୍ନଭଣ୍ଡାରରେ ପୁଣି ତାଲା ପକାଯିବ। ଭିତର ରତ୍ନଭଣ୍ଡାରରେ ଥିବା ସିନ୍ଦୁକ ଓ ଆଲମିରାକୁ ମ୍ୟୁଜିୟମ୍‌ରେ ରଖାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଜଷ୍ଟିସ୍ ରଥ ଆହୁରି ମଧ୍ୟ କହିଥିଲେ ଯେ, ଗୁରୁବାର ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲାଯିବ। ଏହାର ଗୋଟିଏ ଚାବି ଶ୍ରୀମନ୍ଦିର ପ୍ରଶାସନ ନିକଟରେ, ଗୋଟିଏ ଭଣ୍ଡାର ମେକାପ ଏବଂ ଆଉ ଗୋଟିଏ ଚାବି ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ପାଖରେ ଥାଏ। ବାହାର ଭଣ୍ଡାର ପରେ ଟ୍ରେଜେରୀରୁ ନୂଆ ଚାବି ଅଣାଯାଇ ଭିତର ରତ୍ନଭଣ୍ଡାର ଖୋଲାଯିବ। ସିନ୍ଦୁକ ଏବଂ ଆଲମିରାରେ ଥିବା ରତ୍ନଅଳଙ୍କାରକୁ ଅସ୍ଥାୟୀ ଭିତର ରତ୍ନଭଣ୍ଡାର (ଖଟଶେଯ ଘର)କୁ ସ୍ଥାନାନ୍ତର ହେବ। ଏଠାରେ ମଧ୍ୟ ପର୍ଯ୍ୟାପ୍ତ ନୂଆ ଆଲମିରା ଏବଂ ସିନ୍ଦୁକର ବ୍ୟବସ୍ଥା କରାଯାଇଛି। ପୂର୍ବପରି ସ୍ନେକ୍-ହେଲ୍ପଲାଇନ୍, ଓଡ୍ରାଫ, ଡାକ୍ତରୀ ଟିମ୍, ମାଜିଷ୍ଟ୍ରେଟ୍, ବୈଷୟିକ ଟିମ୍ ପ୍ରମୁଖ ମୁତୟନ ରହିବେ। ଯଦି କାହାର ଆବଶ୍ୟକତା ପଡ଼େ, ସେମାନଙ୍କୁ ଭିତରକୁ ଡକାଯିବ। ଅସ୍ଥାୟୀ ଭିତର ରତ୍ନଭଣ୍ଡାରରେ ସିସିଟିଭି କ୍ୟାମେରା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ଏସ୍‌ଓପି ଅନୁଯାୟୀ କରାଯାଇଛି। ଭିତର ରତ୍ନଭଣ୍ଡାରରୁ ସମସ୍ତ ରତ୍ନ ଅଳଙ୍କାର ସ୍ଥାନାନ୍ତର ପରେ ହିଁ ଏଏସ୍‌ଆଇକୁ ମରାମତି ପାଇଁ ଅନୁମତି ଦିଆଯିବ। ଯେତେଥର ଭିତର ରତ୍ନଭଣ୍ଡାର ମରାମତି ଏବଂ କମିଟି ନିଷ୍ପତ୍ତି ପ୍ରକାରେ ଖୋଲାଯାଉଥିବ, ସେତେଥର ଟ୍ରେଜେରୀରୁ ହିଁ ଚାବି ଅଣାଯିବ। ସେହିପରି ତାଲା ବନ୍ଦ ହେବା ପରେ ଜଉମୁଦ ଦିଆଯାଇ ପୁନଶ୍ଚ ଟ୍ରେଜେରୀକୁ ଚାବି ଯିବ ବୋଲି ଅଧକ୍ଷ ଜଷ୍ଟିସ ରଥ କହିଛନ୍ତି। ସକାଳ ୯ଟା ପରେ କମିଟି ସଦସ୍ୟ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ। ଏହା ପୂର୍ବରୁ ସକାଳ ୮ଟା ବେଳକୁ ସାଧାରଣ ଭକ୍ତଙ୍କ ପାଇଁ ମନ୍ଦିର ପ୍ରବେଶ ଉପରେ କଟକଣା ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ତେବେ ଭିତର ରତ୍ନଭଣ୍ଡାରରେ କେତୋଟି ସିନ୍ଦୁକ ଓ ଆଲମିରା ରହିଛି, କାନ୍ଥପାର୍ଶ୍ୱକୁ ଥିବା ସିନ୍ଦୁକ ଓ ଆଲମିରା ପଛପଟେ ଆଉ କୋଠରୀ ରହିଛି ନା ନାହିଁ ଏବଂ ଗୋଟିଏ ଦିନରେ ଭିତର ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତର ସମ୍ଭବପର କି ନୁହେଁ; ତାହା ୧୮ ତାରିଖରେ ହିଁ ସ୍ପଷ୍ଟ ହେବ।

### ମାସେ ପରେ ବି...

ବ୍ୟତିରେକ ସରକାରୀ ଓକିଲ, ଅତରିକ୍ତ ସରକାରୀ ଓକିଲ, ଷ୍ଟାଣ୍ଡିଂ କାଉନସେଲ, ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ ଆଦି ପଦବୀରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଓକିଲ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ସରକାରୀ ମାମଲା ପରିଚାଳନା କରିଥାନ୍ତି। ସରକାର ପରିବର୍ତ୍ତନ ପରେ ଏହି ପ୍ୟାନେଲରୁ ବହୁ ଓକିଲ ଇସ୍ତଫା ଦେଇଥିବାରୁ ମାମଲା ପରିଚାଳନାରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ କିଛି ଦିନ ପୂର୍ବରୁ ହାଇକୋର୍ଟ ମଧ୍ୟ ଏହି ପ୍ରସଙ୍ଗରେ ପ୍ରତିକୂଳ ମନ୍ତବ୍ୟ ବ୍ୟକ୍ତ କରିବା ସହିତ କେତେକ କ୍ଷେତ୍ରରେ ସରକାରଙ୍କୁ ଆର୍ଥିକ ତଣ୍ଡ ଗଣିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଡଭୋକେଟ ଜେନେରାଲ ରାଜ୍ୟ ସରକାରଙ୍କ ଆଇନ୍ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥାନ୍ତି। ହାଇକୋର୍ଟ ବ୍ୟତୀତ ସୁପ୍ରିମକୋର୍ଟ ଓ ଅନ୍ୟ ଅଦାଲତରେ ବି ସରକାରଙ୍କ ମାମଲା ପରିଚାଳନାର କ୍ଷମତା ଆଡ଼ଭୋକେଟ୍ ଜେନେରାଲଙ୍କୁ ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟ ଠାରୁ ନିମ୍ନ ଅଦାଲତ ପର୍ଯ୍ୟନ୍ତ ବିଭିନ୍ନସ୍ତରରେ ସରକାରୀ ପ୍ୟାନେଲର ଓକିଲ ନିଯୁକ୍ତି କ୍ଷେତ୍ରରେ ଆଡଭୋକେଟ ଜେନେରାଲଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟରେ ରାଜନୈତିକ ସରକାର ବଦଳିବା ପରେ ପରେ ତୁରନ୍ତ କେନ୍ଦ୍ର ସରକାର ଆର୍ଟର୍ଣ୍ଣି ଜେନେରାଲ ଓ ସଲିସିଟର ଜେନେରାଲ ଏବଂ ରାଜ୍ୟ ସରକାର ଆଡଭୋକେଟ ଜେନେରାଲ ନିଯୁକ୍ତ କରି ସେମାନଙ୍କ ପରାମର୍ଶକ୍ରମେ ଅନ୍ୟ ପ୍ୟାନେଲ ନିଯୁକ୍ତ କରିଥାନ୍ତି। ପୁନଶ୍ଚ ଆଡଭୋକେଟ ଜେନେରାଲ ପଦବୀଟି ସାମ୍ବିଧାନିକ ପଦ ହୋଇଥିବାରୁ ତାଙ୍କ ଲାଗି ରାଜ୍ୟ ବିଧାନସଭାରେ ମଧ୍ୟ ଏକ ସ୍ୱତନ୍ତ୍ର ଆସନ ରହିଥାଏ। କୌଣସି ପ୍ରସଙ୍ଗରେ ବିଧାନସଭା ଚାହିଁଲେ ଆଡଭୋକେଟ ଜେନେରାଲଙ୍କୁ ଗୃହକୁ ଡକାଇ ତାଙ୍କର ପରାମର୍ଶ ନେବା ବ୍ୟବସ୍ଥା ରହିଛି।

ରାଜ୍ୟର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତାକୁ ନେଇ ପ୍ରଶ୍ନ ଉଠାଇଛି ମୁଖ୍ୟ ବିରୋଧୀ ବିଜେଡି। ଦଳର ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ରାଜ୍ୟରେ ବିଜେପି ଶାସନ ଗାଦିରେ ବସିବାର ମାସାଧିକ କାଳ ହେଲାଣି। ହେଲେ ରାଜ୍ୟ ବିଜେପି ସରକାର ତାଙ୍କ ସାମ୍ବିଧାନିକ ଦାୟିତ୍ୱ ତୁଲାଇବାରେ ଅସମର୍ଥ ହୋଇଛନ୍ତି। ପ୍ରଥମ କ୍ୟାବିନେଟରେ ହିଁ ଆଡଭୋକେଟ୍ ଜେନେରାଲ୍‌ଙ୍କୁ ସରକାର ନିଯୁକ୍ତି ଦେବା କଥା; କିନ୍ତୁ ମୁଖ୍ୟ ନ୍ୟାୟାଳୟଙ୍କ ଭର୍ତ୍ସନା ପରେ ମଧ୍ୟ ସରକାର ଅଥର୍ବ ସାଜିଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସରକାର ତାଙ୍କ ପକ୍ଷ ରଖୁ ନଥିବାରୁ ଓଡିଶାବାସୀଙ୍କ ସ୍ୱାର୍ଥ ରକ୍ଷା ହୋଇପାରୁ ନାହିଁ।

ଅନ୍ୟପଟେ ଏଜି ନିଯୁକ୍ତି ପ୍ରସଙ୍ଗରେ ବିଜେଡି ସରକାରଙ୍କୁ ପ୍ରଶ୍ନ କରିବା ପରେ ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ ପୂର୍ବ ବିଜେଡି ସରକାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ପୂର୍ବ ସରକାର ଏଜି ନିଯୁକ୍ତିରୁ ଓଡ଼ିଶାକୁ କି ଲାଭ ମିଳିଛି ବୋଲି ସେ ପ୍ରଶ୍ନ କରିଛନ୍ତି ।

### ଅଣ୍ଡାମାଡ଼ ଚେତାବନୀ...

ଓଡ଼ିଆ ଅସ୍ମିତାର କଥା କହୁଥିବା ସୌଦାଗରମାନେ ଏବେ ନିରବ କ'ଣ ପାଇଁ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ବାହିନିପତି କହିଛନ୍ତି ଯେ ଜଣେ ଅସହାୟ ଓଡ଼ିଆକୁ ନ୍ୟାୟ ଦେବାରେ ମୁଖ୍ୟମନ୍ତ୍ରୀ ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଭୂମିକା ସନ୍ଦେହପୂର୍ଣ୍ଣ ରହିଛି। ଯଦି ସମ୍ପୃକ୍ତ ଏଏସ୍‌ଓଙ୍କୁ ନ୍ୟାୟ ନ ଦିଆଯାଏ ତେବେ ଡିଜି ଅଫିସ ଘେରଉ କରାଯିବା ସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଯୁଆଡ଼େ ଯିବେ ତାଙ୍କୁ ଅଣ୍ଡାମାଡ଼ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏମିତି କି ମନ୍ତ୍ରୀମାନେ ମଧ୍ୟ ଯୁଆଡ଼େ ଯିବେ ସେମାନଙ୍କୁ ଅଣ୍ଡାମାଡ଼ କରାଯିବ। ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତଙ୍କୁ ଏକ ହେବା ପାଇଁ ତାରା ଆହ୍ୱାନ ଦେଇଥିବା ବେଳେ ଏଫ୍‌ଆଇଆର୍‌ରେ ରାଜ୍ୟପାଳଙ୍କ ପୁଅଙ୍କ ନାଁ କାଟି ଦିଆଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାରା। ତେଣୁ ତୁରନ୍ତ ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ କରିବା ପାଇଁ ସେ ଦାବି କରିଥିବା ବେଳେ ରାଜ୍ୟପାଳଙ୍କ ପୁଅ ଦଣ୍ଡ ନ ପାଇବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର ଆନ୍ଦୋଳନ ଚାଲୁ ରହିବ ବୋଲି ତାରା କହିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ରାଜ୍ୟପାଳଙ୍କ ପୁଅଙ୍କର ସବୁଦୋଷକୁ ମାଫ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଷଡ଼ଯନ୍ତ୍ର କରୁଛନ୍ତି। ଏ ରାଜ୍ୟରେ ସାଧାରଣ ଲୋକଙ୍କ ପାଇଁ ଗୋଟିଏ ଏବଂ କ୍ଷମତାଶାଳୀ ଲୋକଙ୍କ ପାଇଁ ଆଉ ଗୋଟିଏ ଆଇନ ରହିଛି। କାରଣ କର୍ତ୍ତବ୍ୟରତ ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିବାର ଗୋଟିଏ ସପ୍ତାହ ପରେ ମଧ୍ୟ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ଓ ତାଙ୍କର ୫ ଜଣ ଝାଡ଼ଖଣ୍ଡ ସହଯୋଗୀଙ୍କୁ ପୁଲିସ୍ ଗିରଫ କରିନାହିଁ। ରାଜ୍ୟପାଳଙ୍କ ପୁଅ ବୈକୁଣ୍ଠନାଥଙ୍କୁ ତାଙ୍କ ଚପଲ ଚାଟିବାକୁ କହିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଅସହ୍ୟ କଥା। ସଚିବାଳୟର ସରକାରୀ କର୍ମଚାରୀ ସଂଗଠନମାନେ କେବଳ ଚିଠି ନ ଲେଖି ନିଜର ଜଣେ ନୀରିହ ସହଯୋଗୀଙ୍କ ପ୍ରତି ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱରଉତ୍ତୋଳନ କରନ୍ତୁ ବୋଲି ୟାସିର ଆହ୍ୱାନ ଦେଇଛନ୍ତି। ସେହିପରି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ ଯେଉଁମାନେ ନିର୍ବାଚନ ସମୟରେ ଓଡ଼ିଆ ଅସ୍ମିତାର କଥା କହି ଘଣ୍ଟ ପିଟୁଥିଲେ, ଚିତ୍କାର କରୁଥିଲେ ଆଜି ସେମାନେ ଜଣେ ଅସହାୟ ଓଡ଼ିଆ ପାଇଁ ସ୍ୱର ଉତ୍ତୋଳନ ନ କରିବା ଦୁର୍ଭାଗ୍ୟଜନକ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଅଭିଯୋଗ ପ୍ରାପ୍ତ ହେଲା ପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଟଣାକୁ ଘଣ୍ଟ ଘୋଡ଼ାଇବା କାମରେ ବ୍ୟସ୍ତ ରହିଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଥିବା ଗୃହ ବିଭାଗ ସରକାରୀ ଚାକିରୀଆଙ୍କୁ ନ୍ୟାୟ ଦେବାରେ ଅସମର୍ଥ। ଏବେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟପାଳଙ୍କର ଜଣେ ବଚସ୍କର ଭାବରେ କାମ କରୁଥିବା ଜଣାପଡୁଛି। ମାତ୍ର ବୈକୁଣ୍ଠନାଥ ପ୍ରଧାନ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଏବଂ ରାଜ୍ୟପାଳଙ୍କ ପୁଅ ଗିରଫ ନ ହେବା ପର୍ଯ୍ୟନ୍ତ ଛାତ୍ର ଓ ଯୁବ କଂଗ୍ରେସ ଆନ୍ଦୋଳନ ଜାରି ରଖିବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଜୟ ପଟ୍ଟନାୟକ, ମାନସ ଚୌଧୁରୀଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ।

### ମୁଖ୍ୟମନ୍ତ୍ରୀ ଜବାବ୍...

ଏଏସ୍‌ଓଙ୍କ ମାଡ଼ ମାରିବା ଏବଂ ତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବଦଳି କରି ଅନ୍ୟତ୍ର ପଠାଇ ଦେବା। ଏହା କ'ଣ ଓଡ଼ିଆ ଅସ୍ମିତା? ଏହା ରାଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ ଓ ଏହା ଉପରେ ମୁଖ୍ୟମନ୍ତ୍ରୀ ଜବାବ ଦିଅନ୍ତୁ ବୋଲି ବିଜେଡି ମୁଖପାତ୍ର ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି, ଏହାର ଜବାବ ସରକାରଙ୍କୁ ଦେବାକୁ ପଡ଼ିବ। ବିଜେପି ସରକାରରେ ଆଇନ ଦୁଇ ପ୍ରକାରର କି ? ସାଧାରଣ ଲୋକଙ୍କ ପାଇଁ ଆଇନ ଅଲଗା, ରାଜନୈତିକ ଲୋକଙ୍କ ପାଇଁ ଆଇନ୍ କ'ଣ ଅଲଗା କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଆଜି ଶଙ୍ଖଭବନ ଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ସାମନ୍ତସିଂହାର କହିଥିଲେ, ମୋହନ ସରକାରରେ ନ୍ୟାୟ ମାଗିଲାରୁ ବଦଳି ହେଲା। ରାଜଭବନରେ କାର୍ଯ୍ୟରତ ଏଏସ୍‌ଓଙ୍କୁ ଯେଉଁଭଳି ଭାବେ ତରବରିଆ ବଦଳି କରାଗଲା, ଏହା ସ୍ପଷ୍ଟ ପ୍ରମାଣିତ କରୁଛି, ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆଙ୍କ ଆତ୍ମସମ୍ମାନଙ୍କୁ ଦଳିମକଚି ଦେବାକୁ ଠିକା ନେଇଛନ୍ତି ବିଜେପି ସରକାର। ଜଣେ ଝାଡ଼ଖଣ୍ଡ ଲୋକଙ୍କ ଦ୍ୱାରା ଓଡ଼ିଆ ଏଏସ୍‌ଓ ଅଧିକାରୀ ମାଡ଼ ଖାଇଲେ, ରକ୍ତାକ୍ତ ହେଲେ। ତାଙ୍କ ଆତ୍ମସମ୍ମାନ ଉପରେ ଆଞ୍ଚ ଆସିଲା। ଅଧିକାରୀ ଜଣଙ୍କ ନ୍ୟାୟ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୁଲିସ୍ ପ୍ରଶାସନ ସମସ୍ତଙ୍କୁ ଜଣାଇଲେ, ହେଲେ କିଛି ହେଲାନି। ଅଧିକାରୀ ଜଣଙ୍କ ଏବଂ ତାଙ୍କ ପରିବାର ଏତେ ଅସହାୟ ହୋଇଗଲେ ଯେ, ଶେଷରେ ବାଧ ହୋଇ ରାଜଭବନ କାର୍ଯ୍ୟରୁ ବାହାରିବାକୁ ଇଚ୍ଛା ଦେଖାଇଲେ। ରାଜ୍ୟପାଳଙ୍କ ପୁଅ ବୋଲି କ'ଣ ସେ ଯାହା ଦୋଷ କରିବେ ଖସିଯିବେ? ଡ ସାମନ୍ତସିଂହାର କହିଛନ୍ତି, ଦିଲ୍ଲୀରୁ ପରିଚାଳିତ ରିମୋଟ୍ ସରକାର ହାତରେ କ'ଣ ଏତିକି କ୍ଷମତା ନାହିଁ ଯେ ସେମାନେ ଆଇନ୍ ଅନୁଯାୟୀ ପଦକ୍ଷେପ ନେବେ। ସାରା ଭାରତରେ ଓଡ଼ିଶାର ଛବିକୁ ମଳିନ କରିଥିବା ଏହି ଘଟଣାକୁ ନେଇ ମୋହନ ମାଝୀ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ଦରକାର। ବର୍ତ୍ତମାନ ଓଡ଼ିଶାବାସୀ ଅସହାୟ। ଜଣେ ପୀଡ଼ିତ ପରିବାର ସମସ୍ତଙ୍କୁ ଗୁହାରି କରିଥିଲେ ବି ନ୍ୟାୟ ପାଇଲେନି। ମୁଖ୍ୟମନ୍ତ୍ରୀଙ୍କୁ ଏହାର ଜବାବ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

### ଆଉ ୨ ଗିରଫ...

କୋଲକାତାରେ ଜାଲ ବିଛାଇଥିଲା ଓ ଚାରିଟି ସ୍ଥାନରେ ଚଢ଼ଉ କରିଥିଲା। ସିବିଆଇ ଏହି ପ୍ରଶ୍ନପତ୍ର ଲିକ୍ ମାମଲାରେ ଏଯାଏଁ ୧୨ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କଲାଣି। ଆଇପି ଆଡ୍ରେସ, ଇ-ମେଲ୍ ଯୋଗାଯୋଗ ଭଳି ଡିଜିଟାଲ୍ ଫୁଟ୍‌ପ୍ରିଣ୍ଟସକୁ ବିଶ୍ଳେଷଣ କରି ଆଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗରେ ସିବିଆଇ ଦୁର୍ନୀତି ଓ ଜାଲିଆତିର ପର୍ଦ୍ଦାଫାସ କରିବାରେ ପ୍ରୟାସୀ ହୋଇଛି। ନିଟ୍ ୟୁଜି ପରୀକ୍ଷା ୨୦୨୪ ମେ'୫ରେ ହୋଇଥିଲା। ଏଥିରେ ପେପର୍ ଲିକ୍ ଓ ଠକେଇ ଅଭିଯୋଗ ଆସିଥିଲା। ପରୀକ୍ଷା ମୂଲ୍ୟାୟନରେ ମଧ୍ୟ ତ୍ରୁଟିବିଚ୍ୟୁତି ଥିଲା। ୬୭ ଜଣ ପରୀକ୍ଷାର୍ଥୀ ମୋଟ ମାର୍କ ୭୨୦ରୁ ୭୨୦ ଫୁଲ ସ୍କୋର ରଖିଥିଲେ ଯାହା ସମସ୍ତଙ୍କୁ ବିସ୍ମିତ କରିଥିଲା। ଏଥିପାଇଁ ଏନ୍‌ଟିଏକୁ କଠୋର ସମାଲୋଚନା କରାଯାଇଥିଲା। ସରକାର ଏନ୍‌ଟିଏ ମୁଖ୍ୟଙ୍କୁ ହଟାଇଦେଇ ଏନ୍‌ଟିଏକୁ କିପରି ଦୁର୍ଭେଦ୍ୟ କରିହେବ ତାହାର ଉପାୟ ଖୋଜି ବାହାର କରିବାକୁ ଟେକ୍ନୋକ୍ରାଟ୍ ଓ ଶିକ୍ଷାବିତ୍ଙ୍କ ଏକ ପ୍ୟାନେଲ୍ ଗଢ଼ିଲେ। ଏମବିବିଏସ୍, ବିଡିଏସ୍ ଓ ଆୟୁଷ କୋର୍ସରେ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ନିଟ୍ ୟୁଜି ପରୀକ୍ଷା କରାଯାଇଥାଏ ଓ ପରୀକ୍ଷାରେ ମିଳିଥିବା ମାର୍କ ଅନୁସାରେ ନାମଲେଖା ସୁଯୋଗ ମିଳିଥାଏ। ଚଳିତ ବର୍ଷ ଦେଶର ୫୭୧ଟି ସହରରେ ୪୭୫୦ ସେଣ୍ଟର୍‌ରେ ମ' ୫ ରେ ନିଟ୍ ୟୁଜି ପରୀକ୍ଷା ହୋଇଥିଲା ଯେଉଁଥିରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଥିଲା ୨୩ ଲକ୍ଷ ୩୩ ହଜାରରୁ ଅଧିକ।


**AFFIDAVIT**

I, Asha Agrawal, W/o-Vijay Kumar Agrawal, Resident of Flat No.A-303, Siddhi Vinayak Enclave, Cuttack Puri Road, Behind Jatri Niwas, Haladipadia, PO-Budheswari, PS-Laxmisagar, Bhubaneswar, Dist-Khorda, PIN-751006, Odisha declare by this affidavit No.22635 Dtd.-15/07/2024 that now onwards I shall be known as **Asha Rani Jain** for all future purposes

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact-Bhavishya Homes Pvt Ltd.
**Ph.: 9437015112**

**AFFIDAVIT**

I, Komal, W/o-Sushil Minhas, resident of At/Po-Qtr No. P/16, 120 Infantry Battalion (TA) Bihar, Kalinga House, Unit-IV, Bhubaneswar, Dist-Khordha, Pin-751001, Odisha declare by this affidavit No.425, Dt. 13/07/2024, that now onwards I shall be known as **KOMAL MINHAS** for all future purposes.

**AFFIDAVIT**

By virtue of an affidavit (No.11, Dt.16/7/2024) before the Executive Magistrate, Bhubaneswar. I have changed my name from **Manoja Kumar Panda To Manoj Panda** in my all documents. Henceforth, I shall be known as **MANOJ PANDA**, S/o Late Trilochan Panda, resident of At/Po-Patanda, Ps-Gania, Dist-Nayagarh, Pin-752085, Odisha for all future purposes.

**AFFIDAVIT**

I, Sashanka Sekhar Samantasinghar, S/o- P. C. Samantasinghar, resident of At/Po-Kantia, Ps-Jatni, Dist-Bhubaneswar urban, Pin-752050, Odisha declare by this affidavit No.7450, dated- 16/07/2024, that now onwards I Shall be known as **Sasanka Sekhar Samantasinghar** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar on dated-15/07/2024, do hereby declare that, my actual name is **Surya Narayan Kar** as per my Aadhar Card, but my name wrongly mentioned as **Suryanarayan Kara** in my 10th Certificate. Henceforth, I shall be known as **SURYA NARAYAN KAR**, S/o Joginath Kar, resident of Plot No. PP-100, At- Badagada Brit Colony, Po/Ps- Badagada, Bhubaneswar, PIN-751018, Dist-Khurda, Odisha for all future purposes.

**GOVERNMENT OF ODISHA** O-116
**OFFICE OF THE SUPERINTENDING ENGINEER**
R.W. (P.H) DIVISION, BHUBANESWAR
BEHIND ESPLANADE MALL. PO: RASULGARH. BHUBANESWAR, 751010
TEL-(0674)2301801, E-MAIL: EERWPHDIVN_BBSR@REDIFFMAIL.COM
**e-Procurement Notice for S/I, S/D & W/S to Building works**
**e Procurement Notice No. 03 / 2024-25**

The Superintending Engineer, RW (PH) Division, Bhubaneswar on behalf of Governor of Odisha invites percentage rate bids in **single cover** system through e-procurement for different work as per Annexure. The bid should be submitted on-line in the website www.tenderorissa.gov.in by eligible class of contractors of Government of Odisha or of equivalent class of other State Government / Railways / CPWD / MES. The bidders should have the necessary Portal Enrolment (With his own Digital Signature certificate)

| | |
|---|---|
| Name of the work | S/I, S/D & W/S to Building Works. ( As per Annexure-1) |
| Estimated cost | From Rs 2.05 lakhs to Rs.5.56 Lakhs (approximately) |
| No. of Works | 25 Nos. (Twentyfive) |
| Tender Paper Cost | Rs. 2000.00 to Rs 4000.00 (Non-refundable) |
| Class of Contractors | 'D' & C |
| Date & Time of Availability of Bid document in portal | Dt. 27.07.2024 from 11.00 A.M. |
| Date of seeking clarification | During office hours from dt. 27.07.2024 to 03.08.2024. |
| Last date & time of receipt of Bids through online | Dt. 05.08.2024 upto 05.00 P.M. |
| Opening of Bid document | Dt.06.08.2024 at 11.00 A.M. |
| Digital signature certificate | The bidder must possess a compatible digital signature certificate |

Further details can be seen in the bidding documents which is available in the e-procurement portal, subsequent corrigendum if required shall be appeared in the web site. Authority reserves the right to reject any or all tenders without assigning any reason thereof.

(Er. Biraja Prasad Pradhan)
Superintending Engineer
R.W (P H) Division, Bhubaneswar.

OIPR - 25183/11/0002/2425

**OFFICE OF THE PRINCIPAL CUM SECRETARY**
**Maa Markama +3 college, Bissamcuttack, Dist- Rayagada, Pin- 765019**
**www.mmplus3college.in / mmdegreecollege@gmail.com**

**WALK-IN-INTERVIEW**

A walk in Interview will be held in the college premises as per the date and time mentioned in column 5 for the following post of Science (Self Finance) and Arts on purely temporary and contractual basis. Candidates are required to attend the interview with all original & photo copies of testimonial for verification. CV may kindly be sent to the college email ID in advance.

| Sl. No | Name of the Post | Qualification | Age | Date & Time of Interview |
|---|---|---|---|---|
| 1 | 2 | 3 | 4 | 5 |
| **SCIENCE (SELF FINANCING)** | | | | |
| 1 | Lect-in- Physics, Chemistry, Mathematics, Botany, Zoology, IT | Minimum 55% of Mark at PG level. (M. Phil. NET/PHD, teaching experience will be given preference ) | As per GOVT norms | 28.07.2024 10.00A.M |
| **ARTS (MANAGEMENT)** | | | | |
| 1 | PET | Bachelor of Physical Education & above | As per GOVT norms | 30.07.2024 10.00A.M |
| 2 | Peon (ST category) | 10th PASS | | |

**N.B:-** No TA/DA Shall be given for attending the interview.

Sd/-
Principal cum secretary

# ଅଙ୍ଗଦାତା ବୀରେନ୍ଦ୍ର ସ୍ୱାଇଁଙ୍କ ପାଇଁ ନିରବ ପ୍ରାର୍ଥନା




**ବିରିଡି, ୧୬।୭ (ସମିସ):** ବିଜେଡି ନେତା ବିରେନ୍ଦ୍ର ସ୍ୱାଇଙ୍କ ଦେହାନ୍ତ ପରେ ତାଙ୍କ ପରିବାର ପକ୍ଷରୁ ଅନ୍ୟର ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ବିରେନ୍ଦ୍ରଙ୍କ ଅଙ୍ଗଦାନ କରି ଯେଉଁ ମହତ ପଣିଆ ଦେଖାଇଛନ୍ତି ତାହା ସମାଜ ପାଇଁ ପ୍ରେରଣାଦାୟୀ ହୋଇଛି। ଏହି ଅବସରରେ ବିରିଡି ବ୍ଲକ ପଣ୍ଡିଆସ୍ଥିତ ହନୁମାନ ମନ୍ଦିରରେ ଶିକ୍ଷାବିତ ନିକୁଞ୍ଜ ବିହାରୀ ଭଞ୍ଜଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଅଙ୍ଗଦାନ ଅଭିଯାନ ପରିବାର ପକ୍ଷରୁ ଜିଲ୍ଲା ଅଙ୍ଗଦାନ ଅଭିଯାନର ସଂଯୋଜିକା ପ୍ରତିମା ମହାରଣା, ସଭ୍ୟ ଶିବପ୍ରସାଦ ଦାସ, ବନବିହାରୀ ରାଉତ, ସୁବ୍ରତ ପ୍ରଧାନ, ମନୋରଞ୍ଜନ ଓଝା, ବିଶ୍ୱଜିତ ପାତ୍ର, ରାଜକିଶୋର ସ୍ୱାଇଁ, ଜ୍ୟୋତି ସିଂହ, ବସନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଦୁଇମିନିଟ ନୀରବ ପ୍ରାର୍ଥନା କରିଥିଲେ। ଅଙ୍ଗଦାତା ଦିବଙ୍ଗତ ବିରେନ୍ଦ୍ର ସ୍ୱାଇଁଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ସଦଗତି କାମନା କରି ଆଜି ତାଙ୍କ ପରିବାରର ଏହିଭଳି ମହତ କାର୍ଯ୍ୟ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ କହିଥିଲେ।

ସୂଚନାଯୋଗ୍ୟ ଯେ ରଘୁନାଥପୁର ବ୍ଲକ ଅଞ୍ଚଳର ବରିଷ୍ଠ ବିଜେଡି ନେତା ବିରେନ୍ଦ୍ର ସ୍ୱାଇଁ ଏକ କାର ଧକ୍କାରେ ଗୁରତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ଏବଂ ତାଙ୍କ ପରିବାର ତାଙ୍କର ଅଙ୍ଗକୁ ଅନ୍ୟର ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ଦାନ କରିଥିଲେ।

# ଛଟେଇକୁ ନେଇ ବିୟର ଫ୍ୟାକ୍ଟ୍ରି ଆଗରେ ଶ୍ରମିକଙ୍କ ଧାରଣା

## ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲିବ / ଦୀର୍ଘ ୩୦ ବର୍ଷ ଧରି କାମ କରି ଆସୁଥିଲେ

ପାରାଦୀପ, ୧୬।୭ (ସମିସ)





ପାରାଦୀପରେ ଥିବା ବିଅର ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଜୋରଜବରଦସ୍ତ କମ୍ପାନୀରୁ ବାହାର କରିଦେବା ନେଇ ଶ୍ରମିକ ଅଶାନ୍ତି ଦେଖାଦେଇଛି। ଏନେଇ ଆଜି କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନେ କମ୍ପାନୀ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଶ୍ରମିକମାନଙ୍କୁ ଆଗରୁ କିଛି ନଜଣାଇ କିମ୍ବା ୟୁନିୟନକୁ ଆଗୁଆ ସୂଚନା ନଦେଇ ଏଭଳି ଛଟେଇ କରିବା ଓ କାମରୁ ଶ୍ରମିକ ଓ ଅପରେଟରମାନଙ୍କୁ ଜୋରଜବରଦସ୍ତ କମ୍ପାନୀରୁ ବାହାର କରିଦେବା ଏକ ଦୁଃଖଦାୟକ ଘଟଣା। ଗତକାଲି ହଠାତ୍ ଅପରେଟର ମନୋଜ କୁମାର ସାହୁଙ୍କୁ କିଛି ନଜଣାଇ ମ୍ୟାନେଜର ମୃତ୍ୟୁଞ୍ଜୟ ସାର ଓ ଆସିଷ୍ଟାଣ୍ଡ (ଏଚ୍ଆର) ଲୋପାମୁଦ୍ରା ମ୍ୟାଡମ ତାଙ୍କୁ କମ୍ପାନୀରୁ ବାହାରି ଯିବା ନେଇ ପାଟିତୁଣ୍ଡ କରିବା ସମୟରେ ରଙ୍ଗଲତା ମଲ୍ଲିକ ଓ ସୁଲତା ବିଶ୍ୱାସ ପାଟିଶୁଣି ଯିବାବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ଜଣେ ମହିଳାଙ୍କ ଛାତିରେ ଆଘାତ ଲାଗିଥିବାବେଳେ ଅନ୍ୟ ଜଣଙ୍କ ହାତ ଭାଙ୍ଗିଥିବା ନେଇ ଆଜି ଥାନାରେ ମନୋଜ କୁମାର ସାହୁ ଅଭିଯୋଗ କରିଛନ୍ତି। ଯଦି କମ୍ପାନୀ ଏଭଳି ମନଇଚ୍ଛା ଛଟେଇ କରେ ତେବେ ଏ ବୟସରେ ସେମାନେ ଯିବେ କୁଆଡେ ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ପୂର୍ବରୁ ଆସିଥିବା ମାଲିକମାନେ ଶ୍ରମିକ ମାନଙ୍କ ପିଏଫ ଓ ଇଏସ୍ଆଇ ଠିକ ସମୟରେ ଭରୁଥିବା ବେଳେ ଏବେ କମ୍ପାନୀ ଚଳାଉଥିବା ମାଲିକ ଠିକ ସମୟରେ ପିଏଫ୍ ଓ ଇଏସ୍ଆଇ ଭରୁ ନାହାନ୍ତି। ଏ ସମ୍ପର୍କରେ ପଚାରିଲେ ବାହାରି ଯିବାକୁ ଧମକ ଦେଉଛନ୍ତି। ତେବେ ବର୍ତ୍ତମାନ କମ୍ପାନୀକୁ ନେଇଥିବା କାର୍ଲ୍ସ ବ୍ରିୟରିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜର (ଏଚ୍ଆର) ମୃତ୍ୟୁଞ୍ଜୟ ବାବୁ ଓ ଆସିଷ୍ଟାଣ୍ଡ ଏଚ୍ଆର ଲୋପାମୁଦ୍ରା ନାୟକଙ୍କର ବିଭିନ୍ନ ସମୟରେ ମନମୁଖୀ ଶାସନ ଓ ଶ୍ରମିକଙ୍କ ପ୍ରତି ଅତ୍ୟାଚାରରେ ଶ୍ରମିକମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି। ସ୍ଥାନୀୟ ଶ୍ରମିକମାନଙ୍କୁ ଛଟେଇ କରି ବାହାରୁ ଅଣଓଡ଼ିଆ ଶ୍ରମିକମାନଙ୍କୁ ଆଣି କାମରେ ନିଯୁକ୍ତି ଦେଉଥିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଆଜି ଛଟେଇ ହୋଇଥିବା ୧୯୩ ଜଣ ଶ୍ରମିକ ବେଆଇନ୍ ଛଟେଇକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଛଟେଇ କର୍ମଚାରୀମାନଙ୍କୁ ଯଦି ତୁରନ୍ତ ନ୍ୟାୟ ନମିଳେ ତେବେ ଆଗକୁ ଆନ୍ଦୋଳନ ତୀବ୍ର କରିବେ ବୋଲି କହିଛନ୍ତି। ବାରମ୍ବାର ପ୍ରଶାସନ କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି।

## ଉଦ୍ୟାନ କୃଷିରେ ଅନିୟମିତତା ଅଭିଯୋଗ

**କୁଜଙ୍ଗ, ୧୬।୭ (ସମିସ):** ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ଯୋଜନା କରୁଥିବାବେଳେ ଚାଷୀ ଉପକୃତ ହୋଇପାରୁ ନ ଥିବା ଅଭିଯୋଗ କରିଛନ୍ତି ନବ ନିର୍ମାଣ କୃଷକ ସଂଗଠନ କୁଜଙ୍ଗ ବ୍ଲକର ସଭାପତି ବିଷ୍ଣୁ ଚରଣ ସ୍ୱାଇଁ। ସେ ଏ ନେଇ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ମନରେଗା ଯୋଜନାରେ କାଜୁ, ନଡ଼ିଆ ଓ ଆମ୍ବରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିବାବେଳେ ଏଥିରେ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଅନିୟମିତତା ଅଭିଯୋଗ କରାଯାଇଛି। କେବଳ ମନରେଗା ଯୋଜନାରେ ଏହି ଚାଷ ନୁହେଁ, ବରଂ କୁଜଙ୍ଗ ବ୍ଲକର ଚାଷୀଙ୍କ ପାଇଁ ଉନ୍ନତମାନର ୧୪ କ୍ୱିଣ୍ଟାଲ ଅଦା କେଉଁଆଡେ ଗଲା ବୋଲି ପ୍ରଶ୍ନ କରିବା ସହ ତାହା ନେଇ ତଦନ୍ତ ହେବାକୁ ଦାବି କରିଛନ୍ତି। ଏ ଅବସରରେ ମନରେଗା ଯୋଜନାରେ ୨୮ଟି ପଞ୍ଚାୟତର ଚାଷୀଙ୍କୁ ସାମିଲ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

# ତାଳଦଣ୍ଡାରେ ଔଷଧୀୟ ଚାରା ବଣ୍ଟନର ଶୁଭାରମ୍ଭ



**କୁଜଙ୍ଗ, ୧୬।୭ (ସମିସ):** କୁଜଙ୍ଗ ବ୍ଲକ ତାଳଦଣ୍ଡାସ୍ଥ ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରାକୁ ଅଧିକ ସ୍ମରଣୀୟ କରିବାକୁ ସ୍ୱାସ୍ଥ୍ୟ ସେବା ଶିବିର ସହ ବ୍ୟାପକ ଭାବେ ଅଁଳା, ବାହାଡା, ନିମ୍ବ, ଡାଳିମ୍ବ, ଜାମୁ, ପିଜୁଳି ସହ ବହୁବିଧ ଔଷଧୀୟ ବୃକ୍ଷ ଚାରା ବଣ୍ଟନ କରାଯାଇଛି। ଏହି ଚାରା ବଣ୍ଟନରେ ମୁଖ୍ୟଅତିଥି ରୂପେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ପରିବେଶ ସୁରକ୍ଷା ଓ ସାମାଜିକ ସୁରକ୍ଷା ନେଇ କରାଯାଉଥିବା କାର୍ଯ୍ୟକୁ ପ୍ରଶଂସା କରିବା ସହ ଅଳ୍ପ ଦିନ ତଳେ ଏହାର ପ୍ରମୁଖ ସଂସ୍ଥାପକ ତଥା ଟିସିଏସ୍‌ର ଓଡ଼ିଶା ମୁଖ୍ୟ ସରିତା ମିଶ୍ରଙ୍କ ଅକାଳ ବିୟୋଗ ଅଞ୍ଚଳ ତଥା ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ବ୍ରହ୍ମ ଜଗନ୍ନାଥ ମିଶନ ସହ ସାଇସନ୍ ଏକାଡେମୀ ତିର୍ତ୍ତୋଲ ସହଯୋଗରେ ହୋଇଥିବା ଏହି ଚାରା ବଣ୍ଟନରେ ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ଅଜିତ ସାହୁ, ଅମରେଶ ଦାସ, ମାନସ ଦାସ, ପ୍ରଭାସ ସେଠୀ, ରତ୍ନପର୍ଣ୍ଣା ରାଉତ, ୱାଏସ୍ ସୋନାଲି, ସ୍ନେହପ୍ରଭା ସ୍ୱାଇଁଙ୍କ ସହ ସ୍ଥାନୀୟ ଅଞ୍ଚଳର ମୁରବି, ବୁଦ୍ଧିଜୀବୀ ଓ ବ୍ରହ୍ମ ଜଗନ୍ନାଥ ମିଶନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

● ଭେଣ୍ଡିଆଙ୍କୁ ଭତ୍ତା ଘଟଣା...

## ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାଲିକୁଦା, ୧୬।୭ (ସମିସ):** ବାଲିକୁଦା ବ୍ଲକ ଇଛାପୁର ପଞ୍ଚାୟତରେ ପ୍ରାୟ ୨୦ ରୁ ଅଧିକ ଭେଣ୍ଡିଆ ଯୁବକ ଦିବ୍ୟାଙ୍ଗ ଭତ୍ତା ଓ ଜଣେ ସଧବା ବିଧବା ଭତ୍ତା ପାଇବା ଘଟଣା ସମ୍ପର୍କରେ ପ୍ରଥମେ 'ସକାଳ'ରେ ପ୍ରକାଶିତ ହୋଇଥିଲା। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ସମେତ ବ୍ଲକ ପ୍ରଶାସନ ଘଟଣାର ତଦନ୍ତ ପାଇଁ ତତ୍ପରତା ପ୍ରକାଶ କରିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇ ଘଟଣାର ତଦନ୍ତ ହେବା ପରେ ଉକ୍ତ ଯୁବକମାନେ ଓ ମହିଳା ଜଣଙ୍କ ସେମାନଙ୍କ ଭତ୍ତା ବାବଦକୁ ନେଇଥିବା ପ୍ରାପ୍ୟ ବ୍ଲକ ପ୍ରଶାସନ ନିକଟରେ ଦାଖଲ କରିବା ସହ ସେମାନଙ୍କ ଭତ୍ତା କାର୍ଡ ସମର୍ପଣ କରିଥିଲେ। ବ୍ଲକ ପ୍ରଶାସନର ଏଭଳି କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ଅଭିଯୋଗ କରିଛନ୍ତି ବାଲିକୁଦା ବ୍ଲକ ଅଳାବଳ ସମିତି ସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ। ସେ ଅଭିଯୋଗ କରିଛନ୍ତି ଉକ୍ତ ଯୁବକମାନଙ୍କୁ ଭତ୍ତା ପ୍ରଦାନ କରିବାରେ ସହଯୋଗ କରିଥିବା ଅଧିକାରୀଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇବା ସହ ଜିଲ୍ଲାପାଳ କାହିଁକି ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ ତାହାକୁ ନେଇ ପ୍ରଶ୍ନ କରିଛନ୍ତି। ଏହାର ଏକ ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ଜରିଆରେ ସଠିକ ତଦନ୍ତ କରିବା ସହ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପୋଷ୍ଟାଲ ଜରିଆରେ ଚିଠି ଲେଖିଛନ୍ତି ସମିତି ସଭ୍ୟ ଶ୍ରୀ ମନ୍ତ୍ରୀ। ଭତ୍ତା ଦୁର୍ନୀତିରେ ଲିପ୍ତ ଥିବା ବ୍ଲକର ଅଧିକାରୀ ମାନଙ୍କ ବିରୁଦ୍ଧରେ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି।

## ଗ୍ରୀଲ୍ ଭାଙ୍ଗି ୩୦୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଚୋରି

**ତିର୍ତ୍ତୋଲ, ୧୬।୭ (ସମିସ):** ଗତକାଲି ବିଳମ୍ବିତ ରାତ୍ରିରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେନ୍ତୁଳିପଦାରେ ଘରଭଡା ନେଇ ରହୁଥିବା ଝଙ୍କଡ ସାହିତ୍ୟ ସଂସଦର ସମ୍ପାଦକ ଗୋଲୋକ ବିହାରୀ ପଲାଇଙ୍କ ଘରର ପଛପଟୁ ଦୁର୍ବୃତ୍ତମାନେ ଗ୍ରୀଲ ଭାଙ୍ଗି ଘରେ ପଶି ଆଲମାରୀରୁ ୩୦୦ ଗ୍ରାମରୁ ଉର୍ଦ୍ଧ ସ୍ୱର୍ଣ୍ଣ ଅଳଙ୍କାର ଓ ୬୦ହଜାର ଟଙ୍କା ଚୋରୀ କରି ନେଇଯାଇଥିବା ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ସାହିତ୍ୟକ ଶ୍ରୀ ପଲାଇ ଓ ତାଙ୍କ ପତ୍ନୀ ଅନ୍ୟ ଘରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇ ପଳାଇଯାଇଥିଲେ। ସକାଳ ସମୟରେ ଶ୍ରୀ ପଲାଇ ଉଠିବା ପରେ ଏ ସମ୍ପର୍କରେ ଜାଣିବାକୁ ପାଇ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି। ସେହିପରି ନିକଟରେ ଥିବା ତେନ୍ତୁଳିପଦା ଆଖଣ୍ଡଳେଶ୍ୱର ଶିବ ମନ୍ଦିରର ଗ୍ରୀଲ ଭାଙ୍ଗିବା ପରେ ମନ୍ଦିର ପରିସରେ ଥିବା ୩ଟି ଦାନ ବାକ୍ସ ତାଲା ଭାଙ୍ଗି ଦାନ ଟଙ୍କାକୁ ଦୁର୍ବୃତ୍ତମାନେ ନେଇ ପଳାଇଯାଇଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି।

## ଶାନ୍ତିଶୃଙ୍ଖଳାର ସହ ବାହୁଡ଼ାଯାତ୍ରା ସମ୍ପନ୍ନ



କୁଜଙ୍ଗ, ୧୬।୭ (ସମିସ): କୁଜଙ୍ଗର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ କଞ୍ଜବିହାରୀଙ୍କ ବାହୁଡ଼ା ଯାତ୍ରାରେ ହଜାର ଲୋକେ ସାମିଲ ହୋଇଥିବାବେଳେ ପାଗ ଅନୁକୂଳ ରହିଥିବାରୁ ପୁଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ରାହାମାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଠାକୁର ରାଜା ରୂପେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଛେରା ପହଁରା କରିଥିଲେ। ସୁଭଦ୍ରାଙ୍କ ରଥକୁ ମହିଳା ଟାଣିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ତାଳଦଣ୍ଡାରେ ବାହୁଡ଼ା ଯାତ୍ରା ବେଳେ ମହାପ୍ରଭୁ ମାଉସୀ ମା' ମନ୍ଦିରରୁ ତାଙ୍କ ମୁଦୁଲି ସାହି ମନ୍ଦିର ପରିବର୍ତ୍ତେ ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ହେଉଥିବା ନୂତନ ମନ୍ଦିର ପରିସରକୁ ଯାଇଥିଲେ। ସେଠାରେ ପ୍ରଭୁଙ୍କ ସୁନାବେଶ ଓ ଅନ୍ୟାନ୍ୟ ନୀତି ହେବ। ଠାକୁର ଗ୍ରାମକୁ ଫେରନ୍ତୁ ବୋଲି ମୁଦୁଲି ସାହିବାସୀ ଓ କିଛି ମହିଳା ରାସ୍ତାରେ ରଥ ବାଟକୁ ଓଗାଳିଥିଲେ। ଫଳରେ ଉତ୍ତେଜନା ଦେଖାଦେଇଥିଲା। କୁଜଙ୍ଗ ଥାନା ଅଧିକାରୀ ଉତ୍ତେଜନାକୁ ପ୍ରଶମିତ କରିବାରୁ ପରିସ୍ଥିତ ସ୍ୱାଭାବିକ ହୋଇଥିଲା। ପରେ ରଥ ନିର୍ମାଣଧୀନ ମନ୍ଦିର ପରିସରକୁ ଯାଇଥିବାବେଳେ ଠାକୁର ଏକ ଅସ୍ଥାୟୀ ମନ୍ଦିରରେ କିଛିଦିନ ପାଇଁ ରହିବେ।

## ରଙ୍ଗିଆଗଡ଼ରେ ବାହୁଡ଼ାଯାତ୍ରା



କୁଜଙ୍ଗ, ୧୬।୭: କୁଜଙ୍ଗ ବ୍ଲକ ଅନ୍ତର୍ଗତ ରଙ୍ଗିଆଗଡ଼ଠାରେ ପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନବଦିନାତ୍ମକ ଏହି ଯାତ୍ରାରେ ଆଜି ଗୁଣ୍ଡିଚା ମନ୍ଦିରରୁ ପ୍ରଭୁ ବାହୁଡ଼ି ଥିବାବେଳେ ଗ୍ରାମର ଗୋପୀନାଥଜୀଉ ବିଜେସ୍ଥଳୀ ମଠକୁ ଫେରିଛନ୍ତି। ମହାପ୍ରଭୁଙ୍କ ଅଧରପଣା ସହ ଅନ୍ୟାନ୍ୟ ନୀତିକାନ୍ତ ହେବା ସହ ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରିବେ। ଏହି ମଠରେ ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଦେବ, ଭଉଣୀ ସୁଭଦ୍ରା, ଚକ୍ରଧାରୀ ପୂଜା ପାଇଆସୁଛନ୍ତି। ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଭାବେ ଦୁର୍ଗାଚରଣ ସ୍ୱାଇଁ, କୁଜଙ୍ଗ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ୍, ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରାଙ୍କ ସହ ଶୃଙ୍ଖଳା କମିଟିର କର୍ମକର୍ତ୍ତା ବାଳକୃଷ୍ଣ ଜେନା, ମହେନ୍ଦ୍ର କୁମାର ପ୍ରଧାନ, କେଦାର ଚରଣ ରାଉତ, ଶରତ ଚନ୍ଦ୍ର ଲେଙ୍କା, ମାଗୁଣି ସାମଲ, ଶ୍ରୀଧର ଦାସ, ପବିତ୍ର ବାରିକ, ହେମନ୍ତ ସାହୁ, ଗ୍ରାମବାସୀ ବିଜୟ ରାଉତ, ବ୍ରହ୍ମାନନ୍ଦ ସେନାପତି, ଧ୍ରୁବ ସାହୁ, ସୁରେନ୍ଦ୍ର ସ୍ୱାଇଁ, ନିତ୍ୟାନନ୍ଦ ବାରିକ, ଧିରେନ୍ଦ୍ର ମଲିକ, ସୁରେନ୍ଦ୍ର ପ୍ରଧାନ, ମନମୋହନ ପ୍ରଧାନ ଓ କେଲୁ ଚରଣ ଜେନା ପ୍ରମୁଖ ପରିଚାଳନା କରିଛନ୍ତି।

## ରାଧୁଗଡ଼ାରେ ବାହୁଡ଼ାଯାତ୍ରା

**ତିର୍ତ୍ତୋଲ, ୧୬।୭ (ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବୋଧେଇ ପଞ୍ଚାୟତର ପାବନ କ୍ଷେତ୍ର ରାଧୁଗଡ଼ାସ୍ଥିତ ଶ୍ରୀ ଶ୍ରୀ ପତିତପାବନ ମହାପ୍ରଭୂଙ୍କ ବାହୁଡାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଗହଣରେ ବାଣ, ବାଜା ଓ ଉଜ୍ଜଳ ଆଲୋକର ରୋଷଣୀ ମଧ୍ୟରେ ମହାପ୍ରଭୂ ରଥାରୁଢ ହୋଇ ମା ବିମଳା ପୀଠ ଗୁଣ୍ଡିଚା ମନ୍ଦିରରୁ ପାବନ କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପଣ୍ଡିତ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ଯଥାବିଧି ପୂଜାର୍ଚ୍ଚନା ପରେ ଡଃ ସ୍ମୃତିସାଗର ମହାରାଜ ରଥ ଉପରେ ଛେରା ପହଁରା କରିଥିଲେ। ପ୍ରାଧ୍ୟାପକ ଅରୁଣ କୁମାର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ।



ମହାପ୍ରଭୂଙ୍କ ରଥ ପାବନ କ୍ଷେତ୍ରରେ ପହଞ୍ଚିବା ମାତ୍ରେ ଭକ୍ତ ମାନଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ବଡଦାଣ୍ଡ ମୁଖରିତ ହୋଇ ଉଠିଥିଲା। ମନ୍ଦିର ପରିଚାଳନା କମିଟି ଓ ବିବିଜି ଦୁର୍ଗାସ୍ତୋବ କମିଟୀର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁର୍ବଳ ମୌସୁମୀ, ସ୍ୱଳ୍ପ ଲଘୁଚାପ ବର୍ଷା, କେନାଲ ଶୁଖିଲା

# ଶ୍ରାବଣରେ ହଜାର ହଜାର ହେକ୍ଟର ଚାଷଜମି ପଡ଼ିଆ





ଜଗତସିଂହପୁର, ୧୬।୭ (ସମିସ)

ଡହ ଡହ ଖରାରେ ଆଷାଢ ଚାଲିଯିବା ପରେ ଚଳିତ ଶ୍ରାବଣ ମାସରେ କିନ୍ତୁ ପ୍ରତିଦିନ ଆକାଶରେ ବର୍ଷା ଉଠାଉଛି। ସୁଲୁସୁଲିଆ ପବନ ସହିତ କଳାହାଣ୍ଡିଆ ମେଘ ଘୋଟି ବର୍ଷିବା ବର୍ଷିବ୍ରିବା ହେଉଥିବା ସମୟରେ ମାତ୍ର କେଇ ବିନ୍ଦୁ ବର୍ଷା ହେବା ପରେ ଆକାଶରୁ ବାଦଲ ଅନ୍ତର୍ଦ୍ଧାନ ହେଉଛି। ଧାରା ଶ୍ରାବଣର ଋତୁରେ ଚାଷ ପାଇଁ ବର୍ଷାକୁ ଚାହିଁ ବସିଥିବା ଚାଷୀକୁ ଶ୍ରାବଣ ନିରାଶ କରିବା ସହ କେନାଲରେ ପାଣି ନଆସିବା କାରଣରୁ ଚାଷୀର ଚିନ୍ତା ବଢ଼ିଛି।

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ବର୍ଷିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଥିଲେ ମଧ୍ୟ ଚଳିତବର୍ଷ ମୌସୁମୀ ଦୁର୍ବଳ ରହିଛି। ସେହିପରି ଲଘୁଚାପ ସତ୍ତ୍ୱେ ବର୍ଷାର ପରିମାଣ ସ୍ୱଳ୍ପ ରହିବାରୁ ଚଳିତ ଖରିଫ ଋତୁରେ ଧାନ ବୁଣା ଓ ତଳିଘେରା ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। ଚଳିତ କୃଷି ଋତୁରେ ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାରେ ୫୦ ପ୍ରତିଶତରୁ କମ୍ ବର୍ଷା ହେବା ଦ୍ୱାରା ଚାଷ କାମ ପଛାଇବା ସହିତ ନିଅଣ୍ଟିଆ ବର୍ଷା ପାଇଁ ହଜାର ହଜାର ହେକ୍ଟର ଚାଷ ଜମି ପଡ଼ିଆ ପଡ଼ିଛି। ଶ୍ରାବଣରେ କେନାଲରେ ପାଣି ଆସିନଥିବା ବେଳେ ଶାଖା କେନାଲ ମଧ୍ୟ ଏପର୍ଯ୍ୟନ୍ତ ସଫା କରାଯାଇନଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା କୃଷି ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାର ମୋଟ ଚାଷୋପଯୋଗୀ ଜମି ମଧ୍ୟରୁ ଚଳିତ ଖରିଫ ଋତୁରେ ପ୍ରାୟ ୮୦ ହଜାର ହେକ୍ଟର ଜମିରେ ଧାନଚାଷ ହେବ ବୋଲି କୃଷି ବିଭାଗ ଠାରୁ ସୂଚନା ମିଳିଛି। ଜିଲ୍ଲାର ଚାଷୀମାନଙ୍କ ପାଇଁ ଚଳିତ କୃଷି ଋତୁରେ ୭ ହଜାର କ୍ୱିଣ୍ଟାଲ୍ ଧାନ ବିହନ ଦରକାର ହେଉଥିବା ବେଳେ, କୃଷି ବିଭାଗ ପକ୍ଷରୁ ପାଖାପାଖି ୪ ହଜାର କ୍ୱିଣ୍ଟାଲ୍ ଧାନ ବିହନ ଯୋଗାଇ ଦିଆଯାଇଛି। କିଛି ଚାଷୀ ପୂର୍ବ ବର୍ଷର ଅମଳ ଧାନକୁ ଚଳିତ ବର୍ଷ ବିହନ ଭାବରେ ବ୍ୟବହାର କରିବେ ବୋଲି ସୂଚନା ମିଳିଛି। ତେବେ ତାଳଦଣ୍ଡା ଓ ମାଛ ଗାଁ ମୁଖ୍ୟ କେନାଲରେ ଏପର୍ଯ୍ୟନ୍ତ ପାଣି ଛଡାଯାଇନଥିବାରୁ କିଛି ଚାଷୀ ପକାଇଥିବା ତଳି ରୋଇ ପାରୁନଥିବା ସୂଚନା ମିଳିଛି। ସେହିପରି କିଛି ଚାଷୀ ପାଣି ଅଭାବରୁ ଏର୍ଯ୍ୟନ୍ତ ତଳି ଘେରା ପ୍ରସ୍ତୁତ କରିପାରିନଥିବା ପ୍ରକାଶ କରିଛନ୍ତି। ତାଳଦଣ୍ଡା ଓ ମାଛ ଗାଁ ମୁଖ୍ୟ କେନାଲରୁ ବାହାରି ଥିବା ଶାଖା କେନାଲ ଗୁଡିକ ଜଙ୍ଗଲମୟ ହୋଇ ପଡ଼ିରହିଛି। ଏପର୍ଯ୍ୟନ୍ତ କେନାଲ ସଫେଇ କାର୍ଯ୍ୟ କରାଯାଇନାହିଁ। ବିଳମ୍ବରେ କେନାଲରେ ପାଣି ଛାଡିଲେ ଖରିଫ୍ ଧାନଚାଷ ଠିକ୍ ଭାବେ ଚାଷୀ କରିପାରିବେ ନାହିଁ ବୋଲି ବହୁଚାଷୀ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ତାଳଦଣ୍ଡା ମୁଖ୍ୟ କେନାଲ ଓ ମାଛ ଗାଁ ମୁଖ୍ୟ କେନାଲରୁ ବାହାରିଥିବା ସମସ୍ତ ଶାଖା କେନାଲ ଗୁଡିକର ଶଯ୍ୟା ଆଜକୁ ଦୀର୍ଘ ବର୍ଷ ହେଲା ଖନନ କରାଯାଇନାହିଁ। ସେହିପରି କେନାଲର ଦୁର୍ବଳ ବନ୍ଧ ଗୁଡିକ ମରାମତି କରାଯାଇନାହିଁ। କେନାଲ ଶଯ୍ୟା ଖନନ କରାଯାଇନଥିବାରୁ କୌଣସି ଶାଖା କେନାଲର ଶେଷ ମୁଣ୍ଡକୁ ପ୍ରତିବର୍ଷ ଆଦୌ ପାଣି ଯାଉନାହିଁ। ଶାଖା କେନାଲ ଗୁଡିକର ଶେଷ ମୁଣ୍ଡ ଅଞ୍ଚଳରେ ଥିବା ଶହ ଶହ ହେକ୍ଟର ଚାଷଜମିରେ ପାଣି ମାଡି ପାରୁନଥିବାରୁ ଉକ୍ତ ଜମିଗୁଡିକ ପଡ଼ିଆ ହୋଇ ପଡ଼ିରହିଛି।

ସେହିପରି ଶାଖା କେନାଲ ଗୁଡିକର ଆଉଟଲେଟ ଗୁଡିକ ଭାଙ୍ଗି ପଡ଼ିଥିଲେ ମଧ୍ୟ ସେ ଗୁଡିକ ମରାମତି କରାଯାଉନାହିଁ। ତାଳଦଣ୍ଡା ମୁଖ୍ୟ କେନାଲରୁ ବାହାରିଥିବା ୭ନଂ ଗ ଶାଖା କେନାଲ ଉପରେ ଶହ ଶହ ପୋଲ ଓ ପାଇପ ପକାଇ ଲୋକମାନେ ବିନା ଅନୁମତିରେ ନିର୍ମାଣ କରିଥିବାରୁ ଏହି କେନାଲ ଗୁଡିକରେ ଜଳପ୍ରବାହ ପ୍ରତିବର୍ଷ ସମ୍ପୂର୍ଣ୍ଣ ବାଧା ସୃଷ୍ଟି ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଶାଖା କେନାଲ ଗୁଡିକର ଶଯ୍ୟା ଖନନ କରାଯାଇ ମାଟି ଖୋଳାଯିବା ସହିତ ମୁଖ୍ୟକେନାଲ ୨ଟିରେ ତୁରନ୍ତ ପାଣି ଛାଡିବାକୁ ଅଞ୍ଚଳର ଶହ ଶହ ଚାଷୀ ଦାବି କରିଛନ୍ତି। ତାଳଦଣ୍ଡା କେନାଲ ବିରିବାଟି ପାଖରେ ଦୁଇଭାଗ ହୋଇ ଗୋଟିଏ ମାଛଗାଁ ଓ ଅନ୍ୟଟି ପାରାଦୀପ ପର୍ଯ୍ୟନ୍ତ ଯାଇଛି। ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ଏଥିରେ ପାଣି ଆସୁଥିବା ସମୟରେ ଜୁଲାଇ ତୃତୀୟ ସପ୍ତାହରେ ପାଣି ପହଞ୍ଚିନଥିବାରୁ ବହୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବେବି ଏହି କେନାଲ ଗର୍ଭରେ ମାଟି ରହିଥିବାରୁ ପାଣି ଛଡାଯାଇପାରୁନଥିବା ସୂଚନା ମିଳିଛି।

ସେହିପରି ନାଉଗାଁ ବ୍ଲକରେ ୧୬ ପଞ୍ଚାୟତରେ ୨୫ ହଜାର ହେକ୍ଟର ଚାଷଜମି ମଧ୍ୟରୁ ୧୩ ହଜାର ହେକ୍ଟର ଜମିରେ କେବଳ ଧାନ ଚାଷ କରାଯାଇଥାଏ। ତେବେ ୧୬ ନଂ ଏ କେନାଲ ଉପରେ ଚାଷୀମାନେ ଭରସା କରି ବସିଥିବା ସମୟରେ ପାଣି ଆସିନାହିଁ କିମ୍ବା କେନାଲ ମଧ୍ୟ ସଫା ହୋଇନାହିଁ। କୁଜଙ୍ଗ ଅଞ୍ଚଳରେ ଚଳିତ କୃଷି ଋତୁରେ ୧୨ ହଜାର ୫୪୭ ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ ରଖାଯାଇଛି। ତାଳଦଣ୍ଡା କେନାଲ ଦ୍ୱାରା ୮୭ ପ୍ରତିଶତ ଜମି ଜଳ ସେଚିତ ହୋଇଥାଏ। କେନାଲରେ ପାଣି ଆସିନଥିବାରୁ ତଳିଘେରା ପ୍ରସ୍ତୁତି ପାଇଁ ଚାଷୀ କେନାଲ ପାଣିକୁ ଜଗି ବସିଛନ୍ତି। ତେବେ ପାଣି ବୋହି ତଳି ପକାଇଥିବା ଚାଷୀ ଗଜା ମରୁଡ଼ିର ସମ୍ମୁଖୀନ ହେବାକୁ ଯାଉଥିବା ପ୍ରକାଶ କରିଛନ୍ତି। ବିରିଡି ଓ ବାଲିକୁଦା ଅଞ୍ଚଳରେ କେନାଲ ସଫା ହୋଇନଥିବାରୁ କେନାଲ ଶଯ୍ୟା ଜଙ୍ଗଲରେ ପରିଣତ ହୋଇଛି। ତିର୍ତ୍ତୋଲ ଅଞ୍ଚଳରେ ନୂଆପଡ଼ା -ତାଳଦଣ୍ଡା କେନାଲରୁ ବହାରିଥିବା ୧୨ ନମ୍ବର ସାରଳା କେନାଲ ଶୁଖିଲା ପଡ଼ିଛି। ସାଧାରଣତଃ ରଜ ପରେ ପରେ ଖରିଫ୍ ଧାନ ଚାଷପାଇଁ ଚାଷୀ ଧାନବିହନ ତଳି ପକାଇଥାନ୍ତି। ତେବେ ଆଷାଢ ମାସ ଯାଇ ଶ୍ରାବଣ ଆସିଥିଲେ ମଧ୍ୟ ଅଧିକାଂଶ ଚାଷୀ ଧାନ ବିହନ ତଳି ପକାଇ ପାରିନାହାଁନ୍ତି। ଯେତିକି ଚାଷୀ ତଳିପକାଇଛନ୍ତି ସେମାନେ ଏହାକୁ ବଞ୍ଚାଇବାକୁ ସଂଘର୍ଷର୍ ଜାରି ରଖିଛନ୍ତି। ସେହିପରି ଜିଲ୍ଲାର ବହୁ ଜମି ଅଣ ଜଳସେଚିତ ହୋଇଥିବା ସମୟରେ ବର୍ଷା ଅଭାବରୁ ଏଗୁଡିକ ପଡ଼ିଆ ପଡ଼ିବା ସହିତ ଉକ୍ତ ଜମିରେ ଗୋରୁଗାଈ ଚରୁଛନ୍ତି।

## ପିପିଏଲ୍ ପକ୍ଷରୁ ୧ ଲକ୍ଷ ଚାରାରୋପଣ ପାଇଁ କାର୍ଯ୍ୟକ୍ରମ





**ପାରାଦୀପ,୧୬।୭(ସମିସ):** ଆଜି ପାରାଦୀପ ଫସଫେଟ୍ସ ଲିମିଟେଡ଼ ପକ୍ଷରୁ ୧ ଲକ୍ଷ ଚାରା ରୋପଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆଜି ଏହି ଚାରା ରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକ ମ୍ରିନାଲ କାନ୍ତି ବିଶ୍ୱାସ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁସ୍କର ଚନ୍ଦ୍ର ବେହେରା ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ଅଭିଜିତ ପାଠକଙ୍କ ସମେତ ଖଡ଼ଗପୁର ଆଇଆଇଟିର ଅଧିକାରୀମାନେ ଉପସ୍ଥିତ ରହି ଚାରା ରୋପଣର ଶୁଭାରମ୍ଭ କରିବା ସହିତ କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିଥିଲେ।''ଗୋଟିଏ ଗଛ ମା ପାଇଁ'' ଥିମ ଉପରେ କାର୍ଯ୍ୟକ୍ରମଟି ଆଧାରିତ ଥିଲା। ପାରାଦୀପ ଫସଫେଟ୍ସର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଗକୁ ପ୍ଲାଣ୍ଟ ପରିସରରେ ଏକ ଲକ୍ଷ ଚାରା ରୋପଣ କରିବାର ଲକ୍ଷ୍ୟ ରଖିଥିବା ନେଇ ସୂଚନା ଦେଇଛନ୍ତି ପିପିଏଲ କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର।ଏହି ଅବସରରେ ପିପିଏଲ ର ସଭାପତି ତଥା ମୁଖ୍ୟ ପରିଚାଳନା ଅଧିକାରୀ ରାଜୀବ ନାମ୍ବିୟାର ସବୁଜ ବଳୟ ସୃଷ୍ଟି ନିମନ୍ତେ ପିପିଏଲ ପ୍ରତିଜ୍ଞାବଦ୍ଧ, ଆଗକୁ ଏକ ସୁସ୍ଥ ପରିବେଶ ଗଠନ ଦିଗରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ। ପିପିଏଲ ମୁଖ୍ୟ ଉତ୍ପାଦନ ଅଧିକାରୀ ତଥା ୟୁନିଟ ହେଡ ପାଲାନୀସାମି ଭେଲୁସାମୀ ଚାରା ରୋପଣକୁ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଆମ କମ୍ପାନୀ ପରିବେଶ ସଂରକ୍ଷଣକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି।ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନକୁ ପ୍ରତିହିତ କରିବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ପାରାଦୀପ ଫସଫେଟ୍ସ ଲିମିଟେଡର ସିଜିଏମ (ଏଚଆର ଆଣ୍ଡ ଆଇଆର) ସୁମିତ ସେନାପତି ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

କେନ୍ଦ୍ରାପଡ଼ା କଲେଜର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

## କୋଟି କୋଟି ଟଙ୍କା ହଡ଼ପର ଭିଜିଲାନ୍ସ ତଦନ୍ତ ଦାବି

**କେନ୍ଦ୍ରାପଡା,୧୬।୭(ସମିସ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବିକାଶ ଏବଂ ବିଶ୍ୱ ବିଦ୍ୟାଳୟ ମାନ୍ୟତା ପାଇଁ ପୁରାତନ ଛାତ୍ରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଏନେଇ ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ସୋମବାର ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ମହାବିଦ୍ୟାଳୟ ପାଣ୍ଠିରୁ ହଡପ ହୋଇଥିବା କୋଟି କୋଟି ଟଙ୍କାର ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯିବାକୁ ମଧ୍ୟ ଦାବି କରିଛନ୍ତି। ଏଥିସହିତ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କେନ୍ଦ୍ରାପଡା ମହାବିଦ୍ୟାଳୟରେ ରହି ଆସିଥିବା ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ତୁରନ୍ତ ବଦଳି କରାଯିବାକୁ ମଧ୍ୟ ଦାବି କରାଯାଇଛି। ମହାବିଦ୍ୟାଳୟର ଏସି, ଲାପଟପ୍, କମ୍ପ୍ୟୁଟର, ଅଗ୍ନିନିର୍ବାପକ ଯନ୍ତ୍ର, ଫ୍ୟାନ୍, ଚେୟାର, ଟେବୁଲ ପ୍ରଭୃତି କୋଟି କୋଟି ଟଙ୍କାର ସମ୍ପତ୍ତି ଚୋରି ହୋଇ ଯାଇଥିବା ବେଳେ ଉନ୍ନୟନ କାର୍ଯ୍ୟ ନାମରେ ମଧ୍ୟ କୋଟି କୋଟି ଟଙ୍କାର ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ବିଗତ ୨୦୧୯ମସିହାରୁ ଅଧାବଧି ହୋଇଥିବା ଏସବୁ ଘୋଟାଲାର ତଦନ୍ତ କରାଯିବାକୁ ଦାବି କରାଯାଇଛି। ମହାବିଦ୍ୟାଳୟରେ ଅଧ୍ୟୟନରତ ୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରାଯିବା ପାଇଁ ନିରପେକ୍ଷ ଭାବରେ ତଦନ୍ତ କରାଯିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ଏହିସବୁ ସମସ୍ୟାର ତୁରନ୍ତ ସମାଧାନ ନହେଲେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ପୁରାତନ ଛାତ୍ର ଚିତ୍ତରଞ୍ଜନ ଦାସ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ପୁରାତନ ଛାତ୍ର ଚିତ୍ତରଞ୍ଜନ ଦାସ, ବିଧୁଭୂଷଣ ମହାପାତ୍ର, ମୀର ମୁର୍ଶିଦ୍ଦ ଓ ପ୍ରତାପ ମହାନ୍ତି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଭୁବନେଶ୍ୱର ଯାଇଥିଲେ।

ବୁଲା ଗାଈଗୋରୁଙ୍କ କବଜାରେ ସହର

# ଉତ୍କଟ ହେଉଛି ଟ୍ରାଫିକ ସମସ୍ୟା; ବଢୁଛି ଦୁର୍ଘଟଣା

**କେନ୍ଦ୍ରାପଡ଼ା,୧୬।୭(ସମିସ):** ସହରକୁ କବଜା କରିଛନ୍ତି ବୁଲା ଗାଈଗୋରୁ। ଘଣ୍ଟା ଘଣ୍ଟା ଟ୍ରାଫିକ ଜାମ ହେଉଛି। ଏମିତିକି ଗାଈଗୋରୁଙ୍କ ଯୋଗୁଁ ଦୁର୍ଘଟଣା ବଢୁଛି। ପୌର ପ୍ରଶାସନ ପକ୍ଷରୁ ରାସ୍ତା ଉପରେ ବୁଲୁଥିବା ଗାଈଗୋରୁଙ୍କ ପାଇଁ କାଞ୍ଜିଆହୁଦାରେ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ହେଲେ ତାହା କାର୍ଯ୍ୟକାରୀ ହେଉନି। ପ୍ରାରମ୍ଭିକ ପର୍ଯ୍ୟାୟରେ କିଛିଦିନ ଠିକ୍ ଠାକ୍ ଚାଲିଥିବାବେଳେ ବର୍ତ୍ତମାନ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳୁଛି। ଏ ଦିଗରେ ପୌର ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ସହରର ବିଭିନ୍ନ ରାସ୍ତାରେ ତଥା ଜାତୀୟ ରାଜପଥରେ ଶତାଧିକ ଗାଈଗୋରୁ ଓ ଷଣ୍ଢ ବୁଲୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଯାତାୟାତରେ ବାଧା ସୃଷ୍ଟି ହେଉଛି। ସହରର ଜାତୀୟ ରାଜପଥ ଛଘରିଆଠାରୁ ଦୁହୁରିଆ ପର୍ଯ୍ୟନ୍ତ ଗାଈଗୋରୁ ରାସ୍ତାରେ ଛିଡ଼ା ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଏହାଛଡ଼ା ସହର ଭିତରେ ସାନ୍ତସାହି, ପୁରୁଣା ବସ୍‌ଷ୍ଟାଣ୍ଡ, ଜିଲ୍ଲାପାଳ କାର୍ଯ୍ୟାଳୟ, ନୂଆ ବସ୍‌ଷ୍ଟାଣ୍ଡ, ମହିପାଳ ଭଳି ପ୍ରମୁଖ ରାସ୍ତାରେ ଗାଈଗୋରୁ ରାସ୍ତାରେ ଛିଡ଼ା ହେଉଛନ୍ତି। ସହରର ଅଧିକାଂଶ ଗୋ-ପାଳକଙ୍କ ଗୁହାଳ ନ ଥିବାରୁ ସେମାନେ ଗାଈଗୋରୁଙ୍କୁ ରାସ୍ତାରେ ଛାଡ଼ି ଦେଉଛନ୍ତି। ପ୍ରଶାସନ ଏହି ବୁଲା ଗାଈଗୋରୁଙ୍କୁ ନେଇ କାଞ୍ଜିଆହୁଦାରେ ରଖିବାରେ ଏକପ୍ରକାର ବିଫଳ ହୋଇଛି। ଅନ୍ୟପକ୍ଷେ ଜିଲ୍ଲା ସଦର ମହକୁମାର ସମସ୍ତ ମୁଖ୍ୟ ଓ ଗଳି ରାସ୍ତାରେ ବୁଲା ଗାଈଗୋରୁ ଏବେ ଅବାଧ ଯାତାୟାତ କରୁଛନ୍ତି। ରାତିରେ ରାସ୍ତା ଉପରେ ଶୋଇ ରହୁଛନ୍ତି। ଏଥିଯୋଗୁଁ ଟ୍ରାଫିକ୍ ସମସ୍ୟା ହେବା ଦ୍ୱାରା ଯାତାୟାତ ଠପ୍ ହୋଇଯାଉଛି। ସହରରେ ଗାଈଗୋରୁ ପାଳନ ହେଉଛି। ହେଲେ ମାଲିକମାନେ ସେମାନଙ୍କ ପାଳିତ ଗୋରୁଙ୍କୁ କୌଣସି ପରିସ୍ଥିତିରେ ରାସ୍ତା ଉପରକୁ ନ ଛାଡ଼ି ଆବଶ୍ୟକ ଯତ୍ନ ନେବାକୁ ପ୍ରଶାସନ ପକ୍ଷରୁ ପୂର୍ବରୁ ପରାମର୍ଶ ଦିଆଯାଉଥିଲା। ଗୋରୁ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସବୁ ଗୋଚର ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଆଉ କିଛି ଜମିରେ ସରକାରୀ କାର୍ଯ୍ୟାଳୟ ସହ ବିଭିନ୍ନ ପ୍ରୋଜେକ୍ଟ ହୋଇଛି। କୌଣସି ସରକାରୀ ଜମିକୁ ଖାଲି ଛଡ଼ାଯାଉନି। ଫଳରେ ଗାଈଗୋରୁଙ୍କ ପାଇଁ ଏକପ୍ରକାର ଖାଦ୍ୟାଭାବ ସୃଷ୍ଟି ହୋଇଛି। ସେମାନେ ଏବେ ରାସ୍ତା ଉପରେ ଶୋଇ ରହୁଛନ୍ତି। ତୁରନ୍ତ ପୌର ପ୍ରଶାସନ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀଙ୍କ ପକ୍ଷରୁ ଦାବି ହୋଇଛି।



## ବଣିତୋରୁ ନକଲି ମୋବିଲ ଜବତ; ଅଭିଯୁକ୍ତ ଫେରାର

**କୁଜଙ୍ଗ,୧୬।୭(ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ତଥା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବଣିତୋ ପଂଚାୟତ ଡଗରପଡ଼ା ଗ୍ରାମରେ ସୁବ୍ରତ ମିଶ୍ର (ମିଶ୍ର ଟ୍ରେଡର୍ସ)ଙ୍କ ଘରୁ ନକଲି ମୋବିଲ, ଡବା, ବଜାଜ, ହିରୋହୋଣ୍ଡା, ଟିଭିଏସ, ହୋଣ୍ଡା, ଲୁମିନସ ସ୍ପେୟାର ପାର୍ଟସ ଜବତ କରାଯାଇଛି। ତିର୍ତ୍ତୋଲ ଥାନାରେ କମ୍ପାନୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଗତ ୧୨ ତାରିଖରେ ମାମଲା ରୁଜୁ କରାଯାଇଥିଲା। ସୋମବାର ସକାଳ ୧୦ ଘଟିକା ସମୟରେ ତିର୍ତ୍ତୋଲ ଥାନା ଅଧିକାରୀ ଓ ତିର୍ତ୍ତୋଲ ଅତିରିକ୍ତ ତହସିଲଦାର, କମ୍ପାନୀର କର୍ମଚାରୀ, କୋଲକାତା ପୁଲିସଙ୍କ ପକ୍ଷରୁ ଚଢ଼ଉ କରାଯାଇଥିଲା ନକଲି ମୋବିଲ, ସ୍ପେୟାର ପାର୍ଟ୍ସ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ଘଟଣାସ୍ଥଳରୁ ଆସମୀ ସୁବ୍ରତ ମିଶ୍ର ଖସି ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ତିର୍ତ୍ତୋଲ ପୁଲିସ ନକଲି ସାମଗ୍ରୀ ଜବତ କରି ଉକ୍ତ ଗୋଦାମ ଗୃହକୁ ସିଲ କରିଛି।

## ବନ୍ଦରେଇ ପୀଠକୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବି



**ବାଲିକୁଦା,୧୬।୭(ସମିସ):** ବାଲିକୁଦା ବ୍ଲକର ବନ୍ଦରେଇପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଓ ଏହାର ଭିତ୍ତିଭୂମିର ବିକାଶ ପାଇଁ ଅଞ୍ଚଳର ଯୁବକମାନଙ୍କୁ ନେଇ ଗଢି ଉଠିଥିବା ମା ବନ୍ଦରେଇ ୟୁଥ ୟୁନିୟନ ପକ୍ଷରୁ ଜଗତସିଂପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚାଲିଥିବା ଜନ ଶୁଣାଣି ଶିବିରରେ ପୀଠ ନିକଟକୁ ଗ୍ରାମର ପ୍ରାରମ୍ଭ ଓ ପୀଠ ନିକଟରୁ ଦେବୀ ନଦୀ ସୁନାମି ବନ୍ଧ ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଦାବି କରାଯାଇଛି।ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଉକ୍ତ ସ୍ଥାନକୁ ଦର୍ଶନ କରିବା ସହ କିଭଳି ସ୍ଥାୟୀ ରାସ୍ତା ନିର୍ମାଣ ହୋଇ ପାରିବ ସେ ନେଇ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ ପ୍ରକୃତିର ଗନ୍ତାଘର ଐତିହାସିକ ଏହି ମା ବନ୍ଦରେଇ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ୨୦ ବର୍ଷ ହେବ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଦାବି କରି ଆସୁଛନ୍ତି।ଏ ନେଇ ପୂର୍ବରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଧାୟକ, ସାଂସଦ, ଜିଲ୍ଲାପାଳ, ବିଡ଼ିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରି ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ଦାବି କରିଥିଲେ।ଏପରିକି ଅନେକ ସମୟରେ ବାଇକ ରାଲି ,ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ, ସମେତ ରାସ୍ତାରୋକ ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ବିଭିନ୍ନ ଅନୁଷ୍ଠାନ। ଯାହାକୁ ନେଇ ପୂର୍ବ ସରକାରଙ୍କ ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ, ସ୍ଥାନୀୟ ପୂର୍ବତନ ବିଧାୟକଙ୍କ ସହ ଘଟଣାସ୍ଥଳୀ ପରିଦର୍ଶନ କରିବା ସହ ପ୍ରଥମ ଦଫାରେ ଭିତ୍ତିଭୂମି ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ '୫-ଟି' ଯୋଜନାରେ ସାମିଲ କରି ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। ହେଲେ ଏହି ଅନୁଦାନ ମଧ୍ୟରେ ଗ୍ରାମର ପ୍ରଥମ ଭାଗରୁ ପୀଠକୁ ସଂଯୋଗୀକରଣ ରାସ୍ତା ନାହିଁ କିମ୍ବା ଦେବୀ ନଦୀ ସୁନାମି ବନ୍ଧଠାରୁ ନଦୀ ଆରପଟର ଅସ୍ତରଙ୍ଗ,ପୁରୀ,କାକଟପୁର ବ୍ଲକର ଅନେକ ଲୋକ ନଦୀ ପାର ହୋଇ ଏଠାକୁ ପର୍ଯ୍ୟଟନ ଋତୁରେ ଆସୁଥିଲେ ସୁଦ୍ଧା ସେମାନଙ୍କ ପାଇଁ ନିତିଦିନିଆ ରାସ୍ତା ନଥିବାରୁ ଏହା ଅସନ୍ତୋଷର କାରଣ ପାଲଟିଛି।ପର୍ଯ୍ୟଟନ ଋତୁରେ ଏଠାକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ବେଳେ ଏକ ଚାରି ଚକିଆ ଯାନ ଗ୍ରାମ ମଧ୍ୟରୁ ପୀଠସ୍ଥଳୀକୁ ଆସିବା ପାଇଁ ସମସ୍ୟା ସୃଷ୍ଟି ହେଉଥିବା ବେଳେ ବର୍ତ୍ତମାନ ବର୍ଷା ଋତୁରେ ଉକ୍ତ ମାଟି ବାଲି ରାସ୍ତାରେ ପାଣି କାଦୁଅ ଜମି ରହି ଅନେକ ସମସ୍ୟା ସୃଷ୍ଟି କରୁଛି।ତେଣୁ ତୁରନ୍ତ ଏହାର ସମାଧାନ ପାଇଁ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି ।ଅନୁଷ୍ଠାନର ସଦସ୍ୟ ମା ବନ୍ଦରେଇ ସଂଗଠନ ତରଫରୁ ଆଜି ଅଭିଯୋଗ ପ୍ରକୋଷ୍ଠରେ ସଂଗଠନ ସଭାପତି ଶିଶିର କୁମାର ଜେନା, ସଂପାଦକ ନବଘନ ବେହେରା, କୋଷାଧ୍ୟକ୍ଷ ସଞ୍ଜୟ କୁମାର ବାରିକ୍, ସହ କୋଷାଧ୍ୟକ୍ଷ ଦିଲ୍ଲୀପ ବେହେରା, ହରଷ ନାୟକ, ଶିଶିର କୁମାର ବେହେରା, ରାଜେଶ କାଣ୍ଡି, ଦୀପକ ପଲେଇ, ସନାତନ ନାୟକ, ଅରୁଣ ପଲ୍ଲାଉରୀ, ସୁରେନ୍ଦ୍ର ବେହେରା, କାଳନ୍ଦୀ ମାହାଳୀ,ଜ୍ଞାନରଞ୍ଜନ ସ୍ୱାଇଁ, ପୀତାମ୍ବର ସ୍ୱାଇଁ ପ୍ରମୁଖ ଦାବି କରିଥିଲେ।

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ହଳଦୀବସନ୍ତକୁ ରାଜସ୍ୱ ଗ୍ରାମ ପାଇଁ ଆବେଦନ; ତଦନ୍ତ ନିର୍ଦ୍ଦେଶ

**ମହାକାଳପଡ଼ା,୧୬।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଏବଂ ଏସପି ସିଦ୍ଧାର୍ଥ କାଟରିଆଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ମହାକାଳପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ନୂତନ ରାସନ କାର୍ଡ, ନାମଯୋଗ ଆଦି ନେଇ ଅଭିଯୋଗ ହୋଇଥିଲା। ଆବାସ ଯୋଜନା, ଭତ୍ତା ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ମହାକାଳପଡ଼ା ତହସିଲ ଅଧିନ ଅଳାଇଲୋ ରାଜସ୍ୱ ସର୍କଲ ଅନ୍ତର୍ଗତ ହଳଦୀବସନ୍ତ ଗ୍ରାମର ଲୋକଙ୍କ ଅଭିଯୋଗର ଶୁଣାଣି ହୋଇଥିଲା। ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଦୁଇ ବର୍ଷ ହେବ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ନୂଆ ରାଜସ୍ୱ ଗ୍ରାମ ହେବା ପାଇଁ ମହାକାଳପଡ଼ା ବ୍ଲକ ରାଜଗଡ଼ ପଞ୍ଚାୟତ ଗୟାସପୁର ଗ୍ରାମର ପଡ଼ାଗ୍ରାମ ହଳଦୀବସନ୍ତ ଗାଁ ର ଲୋକମାନେ ଆବେଦନ କରିଥିଲେ। ସେଥିପାଇଁ ଆବଶ୍ୟକୀୟ ସମସ୍ତ କାଗଜପତ୍ର ପ୍ରସ୍ତୁତି କରି ଦେବା ସହିତ ସ୍ୱତନ୍ତ୍ର ନକ୍ସା କରି ମଧ୍ୟ ଆବେଦନ ପତ୍ରରେ ଦାଖଲ କରିଥିଲେ।ମାତ୍ର ଦୁଇ ବର୍ଷ ହେବ ଆବେଦନ ପତ୍ରର ଫାଇଲ ଆଉ ଆଗକୁ ନ ଯାଇ ତହସିଲଦାର ଟେବୁଲରେ ପଡ଼ିରହିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଉଦ୍ଦେଶ୍ୟମୂଳକ ଭାବରେ ଫାଇଲକୁ ଚାପି ଦିଆଯାଇଥିବା ନେଇ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହିତ ରାଜସ୍ୱ ଗ୍ରାମ ପାଇଁ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିବେଦନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଚିନ୍ମୟ ମଲିକ,ବସନ୍ତ ନାୟକ, ଅକ୍ଷୟ ଦାସ, ଜୀବନକୃଷ୍ଣ ମହାନ୍ତି, ଚିନ୍ମୟ ମହାନ୍ତି, ବିଜୟ କେତନ ମହାନ୍ତି, ସନ୍ତୋଷ ମହାନ୍ତି ପ୍ରମୁଖ ଶିବିରରେ ଉପସ୍ଥିତ ହୋଇ ଅଭିଯୋଗ କରିଥିଲେ। ତୁରନ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରି ରାଜସ୍ୱ ଗ୍ରାମ ଆବେଦନ ପତ୍ରକୁ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ।ଏହି ଶିବିରରେ ୬୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା।



ପାରାଦୀପ ବସ୍‌ଷ୍ଟାଣ୍ଡରେ ଚା' ପିଉଥିଲେ ସାବଧାନ

# ବସ୍ କର୍ମଚାରୀଙ୍କୁ ଚା'ରେ ନିଶାଦେଇ ଦୁର୍ବୃତ୍ତ ଫେରାର

**ପାରାଦୀପ,୧୬।୭(ସମିସ):** ପାରାଦୀପ ବସ୍ ଷ୍ଟାଣ୍ଡ ରେ ଆଜି ଏକ ଅଭାବନୀୟ ଘଟଣା ଘଟି ଯାଇଛି।ଅଜଣା ଲୋକ ଠାରୁ ଚା ପିଇ ତ୍ରିଦେବୀ ବସର ୪ ଜଣ କର୍ମଚାରୀ ସୁବଳ, ବାପି, ରଞ୍ଜନ ଓ ଭଞ୍ଜ ବେହୋସ୍ ହୋଇ ପଡିଥିଲେ।ତେବେ ଅନ୍ୟ ସାଥି କର୍ମଚାରୀ ମାନେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ସ୍ଥାନୀୟ ଅଠରବାଙ୍କି

■ ଅଚେତ ଅବସ୍ଥାରେ ୪ ଉଦ୍ଧାର

ଡାକ୍ତରଖାନାରେ ଭର୍ତ୍ତି କରାଇ ପ୍ରାଥମିକ ଚିକିତ୍ସା କରିବା ପରେ ଡ଼ାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ସେମାନଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।ତେବେ ସକାଳୁ ସକାଳୁ କେହି ଅଜଣା ଦୁର୍ବୃତ୍ତ ବସକୁ ରିଜର୍ଭ ନେବାକୁ କହି ବନ୍ଧୁତା ସ୍ଥାପନ କରି ଚାହାରେ ନିଶା ଦେଇ ସେମାନଙ୍କୁ ବେହୋସ୍ କରିଥିବା ସାଥି ବସର କର୍ମଚାରୀମାନଙ୍କ ଠାରୁ ଶୁଣିବାକୁ ମିଳୁଛି। ବେହୋସ ୪ କର୍ମଚାରୀ ମାନେ ଏ ସମ୍ପର୍କରେ କୌଣସି ସଠିକ କଥା ଜାଣି ନ ଥିବା କିମ୍ବା କିଛି କହି ନ ପାରି ଅଚେତ ଅବସ୍ଥାରେ ରହିଛନ୍ତି। ତ୍ରିଦେବୀ ନାମକ ଏହି ଦୁଇଟି ବସ ଗୋଟିଏ ସକାଳ ୭ ରୁ ଓ ଅନ୍ୟ ଟି ୭ ଟା ୨୦ରୁ ପାରାଦୀପ ରୁ କଟକ ଯିବାପାଇଁ ପ୍ରସ୍ତୁତ ହେଉଥିବା ବେଳେ ସକାଳୁ ଏଭଳି ଘଟଣା ଘଟିଥିବା ନେଇ କିଛି ବସ କର୍ମଚାରୀ ପ୍ରକାଶ କରିଛନ୍ତି।ତେବେ ଜଣେ କିମ୍ବା ଦୁଇ ଜଣ ଆସିଥିଲେ ତାହା ସଠିକ ଭାବେ ଜଣାପଡୁ ନାହିଁ।କେଉଁ ଉଦ୍ଦେଶ୍ୟରେ ନେଇ କିଏ ଏପରି କାର୍ଯ୍ୟ କରିଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ବସ ବ୍ୟବସାୟ ରେ କୌଣସି ଶତ୍ରୁତାକୁ ନେଇ ଏଭଳି ଘଟଣା ଦୁର୍ବୁତ୍ତ ମାନେ ଘଟାଇଥିବା ଯୋଜନାକୁ ଏଡାଇ ଦିଆଯାଇ ନପାରେ। ଖବର ପାଇ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ବସଷ୍ଟାଣ୍ଡ ରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଚେତା ଆସିବା ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ। ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାରାଦୀପ ଭଳି ଶିଳ୍ପ ସହରରେ ଏହି ବଡପଡ଼ିଆରେ ଥିବା ବସଷ୍ଟାଣ୍ଡଟି ଏକମାତ୍ର ବସଷ୍ଟାଣ୍ଡ।ଏଠି ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଶହ ଶହ ସଂଖ୍ୟକ ଯାତ୍ରୀ ବସରେ ହିଁ କଟକ, ଭୁବନେଶ୍ୱର ସମେତ ସବୁ ଜିଲ୍ଲା ତଥା ରାଜ୍ୟ ବାହାରକୁ ମଧ୍ୟ ଯାତାୟତ କରୁଛନ୍ତି, ହେଲେ ବଡ ଦୁଃଖ ଓ ପରିତାପର ବିଷୟ ବସ ଷ୍ଟାଣ୍ଡ ଭିତରେ କିମ୍ବା ବାହାରେ କୌଣସି ସିସିଟିଭିର ବ୍ୟବସ୍ଥା ନାହିଁ। ଯେଉଁଠି ଅନାୟାସରେ ଦୁର୍ବୁତ୍ତମାନେ ଘଟଣା ଘଟାଇ ସହଜରେ ଖସି ପଳାଇ ପାରୁଛନ୍ତି। ତେବେ ବସଷ୍ଟାଣ୍ଡ ରେ ତୁରନ୍ତ ସିସିଟିଭିର ବ୍ୟବସ୍ଥା କରାଇବା ପାଇଁ ବସ କର୍ମଚାରୀ ଦାବି ଜଣାଇଛନ୍ତି।





## ବେତମାଳିଆରେ ମହରମ ପର୍ବ ପାଳିତ



**ବିରିଡ଼ି,୧୬।୭(ସମିସ):** ବିରିଡି ବ୍ଲକ ବେତମାଳିଆରେ ଭାଇଚାରାର ପର୍ବ ମେହରମକୁ ଗ୍ରାମବାସୀ ପାଳନ କରିଛନ୍ତି। ବିଜେପି ସଂଖ୍ୟାଲଘୁ ଯୁବନେତା ସୟଦ ମୁକ୍ତାର ଅଲ୍ଲୀଙ୍କ ନେତୃତ୍ୱରେ ଅନୁଷ୍ଠିତ ପୂଜା ସହିତ ତାଜିଆ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ପୂଜାର୍ଚ୍ଚନା କରି ସମସ୍ତଙ୍କ ସହ କରମର୍ଦ୍ଦନ କରି ଭାଇଚାରାର ବାର୍ତ୍ତା ବାଣ୍ଟିଥିଲେ। ତାଙ୍କ ସହିତ ପୂର୍ବତନ ଉପାଧକ୍ଷା ଗୀତାଞ୍ଜଳି ସାହୁ, ରାମକୃଷ୍ଣ ପରିଜା, ସମାଜସେବୀ ମାନସ ମଲ୍ଲିକ, ବାମଦେବ ମଲ୍ଲିକ, ବିଭୁପ୍ରସାଦ ଦାଶ, ଚିତ୍ତରଞ୍ଜନ ନନ୍ଦୀ, ଚିତ୍ତରଞ୍ଜନ ପରିଜା ପ୍ରମୁଖ ସାମିଲ ହୋଇଥିଲେ। ପରେ ସାଂସଦ ଡ ତରାଇଙ୍କ ସହିତ ଗ୍ରାମର ସର୍ଦ୍ଦାର ରସିଦ ମହମ୍ମଦ, କାଦିମଦର ତାହିର ଅଲ୍ଲୀ, ସେଖ ଇମାମ ବକ୍ସ, ସେଖ ଜାବେଦ ଅକ୍ତର, ଏସାନ ଅଲ୍ଲୀ, ଜାନୋ ଅଲ୍ଲୀ, ସେଖ ନିଆଜ ମହମ୍ମଦ, ସେଖ ମାସୁଖ ଅଲ୍ଲୀ, ତାହେର ଅଲ୍ଲୀ, ରମଜାନ ଅଲ୍ଲୀ, ଜୁଲାଅଲ୍ଲୀ, ଅଫସର ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିବା ସହ ବେତମାଳିଆ ପୀରବାବାଙ୍କ ପୀଠର ଉନ୍ନତି ପାଇଁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ମଧ୍ୟାହ୍ନଭୋଜନ ଉପରେ ମହଙ୍ଗା ମାଡ଼**

# ୫.୯୨ ଟଙ୍କାରେ ବିଦ୍ୟାର୍ଥୀଙ୍କୁ ଦିଆଯାଉଛି ପୋଷଣଯୁକ୍ତ ଖାଦ୍ୟ !

**ତାଳଚେର ସଦର, ୧୬।୭(ସମିସ)**

ମହଙ୍ଗା ମାଡ଼ରେ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ମଧ୍ୟାହ୍ନଭୋଜନ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ବାଟବଣା ହୋଇଛି। ପ୍ରାଥମିକ ବିଦ୍ୟାଳୟ (ପ୍ରଥମରୁ ୫ମ) ପିଲାଙ୍କ ପିଛା ମଧ୍ୟାହ୍ନଭୋଜନ ପାଇଁ ଦୈନିକ ୫ଟଙ୍କା ୯୦ ଓ ଷଷ୍ଠରୁ ୮ମ ପିଲାଙ୍କ ପିଛା ୮.୯୦ ପଇସା ସରକାର ପ୍ରଦାନ କରୁଛନ୍ତି। ବଜାର ଦର ଆକାଶ ଛୁଆଁ ହୋଇଥିବା ବେଳେ ବିଦ୍ୟାଳୟରେ ପିଲାଙ୍କୁ କମ ମୂଲ୍ୟରେ କିପରି ଭାବେ ପୋଷଣଯୁକ୍ତ ଖାଦ୍ୟ ଦେବେ, ତାକୁ ନେଇ କର୍ତ୍ତୃପକ୍ଷ ଅକଳରେ ପଡ଼ିଛନ୍ତି। ଏମିତିକି ରାଜ୍ୟର ହଜାର ହଜାର ବିଦ୍ୟାଳୟରେ ପିଲାଙ୍କୁ ପୋଷଣଯୁକ୍ତ ଖାଦ୍ୟ ବଦଳରେ ଭାତ ସହ ପାଣିଆ ଡାଲି ଦିଆଯାଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଶ୍ରମିକଙ୍କ ମଜୁରୀ ବଢ଼ାଇବା ଦିଗରେ ତତ୍ପରତା ପ୍ରକାଶ କରୁଥିବା ବେଳେ ଦେଶର ଭବିଷ୍ୟତ ଏହି ପିଲାଙ୍କ ପ୍ରତି ଆଖିବୁଜି ଦେଇଥିବା ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ବର୍ଦ୍ଧିତ ବଜାର ଦର ଅନୁଯାୟୀ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଅର୍ଥ ବୃଦ୍ଧି କରାଯିବା ଉପରେ ଅନେକ ମତ ଦେଇଛନ୍ତି। ସରକାର ଶେଷଥର ପାଇଁ ୨୦୨୨ରେ ମଧ୍ୟାହ୍ନଭୋଜନ



ମୂଲ୍ୟରେ ଆଂଶିକ ଭାବେ ମୂଲ୍ୟବୃଦ୍ଧି କରିଥିବା ଶୁଣାଯାଉଛି। ପିଲାଙ୍କୁ ପୋଷଣଯୁକ୍ତ ଖାଦ୍ୟ ଦେବା ଲକ୍ଷ୍ୟନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଯୋଜନା ଲାଗୁ କରାଯାଇଥିଲା। ରାଜ୍ୟରେ ପ୍ରାୟ ୫୦ ହଜାର ୪ ଶହ ୮୫ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ପିଲାଙ୍କୁ ପୋଷଣଯୁକ୍ତ ଖାଦ୍ୟ ଦିଆଯାଉଛି। ଏହି ଯୋଜନାରେ ରାଜ୍ୟ ୪୫ଲକ୍ଷ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲା ଉପକୃତ ହେଉଛନ୍ତି। ବର୍ତ୍ତମାନ ୧ମରୁ ୫ମ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟରେ ଜଣେ ବିଦ୍ୟାର୍ଥୀଙ୍କୁ ଦୈନିକ ମଧ୍ୟାହ୍ନଭୋଜନରେ ସରକାର ୫ଟଙ୍କା ୯୨ ପଇସା ପ୍ରଦାନ କରୁଛନ୍ତି। ଉକ୍ତ ଅର୍ଥରେ ଜଣେ ବିଦ୍ୟାର୍ଥୀଙ୍କୁ ଶହେ ଗ୍ରାମ ଚାଉଳରେ ଭାତ, ୨୫ଗ୍ରାମ ଡାଲି, ୬୦ଗ୍ରାମ ପରିବା ମିଳୁଛି। ସୋମବାର ଏବଂ ଗୁରୁବାର ପିଲାଙ୍କୁ ଡାଲାମା ବୁଧବାର ଓ ଶୁକ୍ରବାର ଅଣ୍ଡା ତରକାରୀ, ମଙ୍ଗଳବାର ଏବଂ ଶନିବାର ସୋୟାବଡ଼ି ତରକରୀ ଦିଆଯାଉଛି। ସେହିପରି ଷଷ୍ଠରୁ ୮ମ ପିଲାଙ୍କ ପାଇଁ ୮ଟଙ୍କା ୮୨ ପଇସାରେ ଦେଢ଼ଶହ ଗ୍ରାମ ଚାଉଳର ଭାତ ୩୦ ଗ୍ରାମ ଡ଼ାଲି, ଶହେ ଗ୍ରାମ ପରିବା ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ଏଠାରେ ପ୍ରଶ୍ନ ଉଠେ, ୫ଟଙ୍କା ୯୨ ପଇସାରେ କିପରି ଜଣେ ପିଲାକୁ ଅଣ୍ଡା ତରକାରୀ ଦିଆଯିବ ? ସେହିପରି ଡାଲମାରେ ୬୦ ଗ୍ରାମର କେଉଁ ପ୍ରକାରର ପରିବା ପଡ଼ିପାରିବ ? ଏବେ ପରିବାର ଦର ୬୦ ଟଙ୍କାରୁ ଊର୍ଦ୍ଧ୍ୱ ଥିବା ବେଳେ ଅଣ୍ଡାଦର ୭ରୁ ୮ଟଙ୍କା ରହିଛି। ସପ୍ତାହକୁ ଦୁଇଦିନ ତରକାରୀ ଓ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେବ କିପରି ? ତାକୁ ନେଇ ଦ୍ୱିଧାରେ ଶିକ୍ଷକ, ଶିକ୍ଷୟିତ୍ରୀ। ତେବେ ତାଳଚେର ଅଞ୍ଚଳରେ ରହିଥିବା ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିସ୍ଥିତି ଯାହା ରହିଛି, କୁନି କୁନି ଛାତ୍ରଛାତ୍ରୀଙ୍କୁ କିପରି ପୋଷଣଯୁକ୍ତ ସୁଆଦିଆ ଖାଦ୍ୟ ଦିଆଯିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

**ଛେଣ୍ଡିପଦା, ୧୬।୭(ସମିସ):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥିରେ ହଜାର ହଜାର ଭକ୍ତ ସମସ୍ତ ରଥାରୁଢ ତିନି ଠାକୁରଙ୍କୁ ଦର୍ଶନ କରିଥିଲେ। ଛେଣ୍ଡିପଦା ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧା ମୁରତିଙ୍କ ବାହୁଡାଯାତ୍ରା ମହାଆଡମ୍ବରରେ ସମାପ୍ତ ହୋଇଛି। ଛେଣ୍ଡିପଦା ରଥରେ ଛେଣ୍ଡିପଦା ଗ୍ରାମ୍ୟ କମିଟିର ସଭାପତି ଚନ୍ଦ୍ରମଣି ପ୍ରଧାନ ଛେରାପହଁରା କରିଥିଲେ। ପରେ ଶ୍ରୀଜୀଉଙ୍କୁ ରଥାରୁଢ କରାଯାଇ ଦିନ ୪ଟାବେଳେ ଜଗନ୍ନାଥ ମନ୍ଦିର ଅଭିମୁଖେ ରଥ ଟଣାଯାଇଥିଲା। ସନ୍ଧ୍ୟା ସୁଦ୍ଧା ଶ୍ରୀଜୀଉଙ୍କ ରଥ ଜଗନ୍ନାଥ ମନ୍ଦିର ରଥଖଳା ନିକଟରେ ପହଞ୍ଚିଥିଲେ। ରଥାରୁଢ ଶ୍ରୀଜୀଉମାନଙ୍କୁ ଦର୍ଶନ ଓ ରଥ ଟାଣିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ ଲାଗି ରହିଥିଲା। ଛେଣ୍ଡିପଦା ମନ୍ଦିର କମିଟି, ଛେଣ୍ଡିପଦା ଗ୍ରାମ୍ୟ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା



କରାଯାଇଥିଲା। ଛେଣ୍ଡିପଦାରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ମାଉସୀ ମା' ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଅନ୍ନପ୍ରସାଦ ସହ ଥଣ୍ଡା ଓ ମୃଦୁ ପାନୀୟଜଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ବ୍ଲକର ବାଗଡ଼ିଆଠାରେ ବାହୁଡା ଯାତ୍ରାରେ ଗୌରଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଛେରାପହଁରା କରାଯାଇ ରଥ ଟଣା ଆରମ୍ଭ ହୋଇଥିଲା। କୋଶଳା ଗ୍ରାମରେ ଗ୍ରାମ୍ୟ କମିଟି ସଭାପତି କୃତାର୍ଥ ଦେହୁରୀଙ୍କ ଦ୍ୱାରା ଛେରାପହଁରା କରାଯାଇ ରଥଟଣା ହୋଇଥିଲା। ସେହିପରି ପାତ୍ରପଡ଼ା ଗ୍ରାମରେ ବାସୁଦେବ ସାହୁଙ୍କ ଦ୍ୱାରା ଛେରାପହଁରା କରାଯାଇ ରଥଟଣା ହୋଇଥିଲା। ଅପରାହ୍ନ ୨ଟା ସମୟରେ ପ୍ରାୟ ସମସ୍ତ ଶ୍ରୀଗୁଣ୍ଡିଚା ମନ୍ଦିରରେ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଠାକୁରଙ୍କର ପହଣ୍ଡି ବିଜେ କରାଯାଇ ପରେ ଶ୍ରୀଜିଉ ମାନଙ୍କୁ ରଥାରୁଢ କରାଯାଇ ମଙ୍ଗଳ ଆଳତୀ କରାଯାଇଥିଲା। ଶ୍ରୀଜିଉ ମାନଙ୍କୁ ରଥାରୁଢ କରାଯିବା ପରେ ବିଭିନ୍ନ ସ୍ଥାନରେ ଛେରାପହଁରା କରିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ନୀତି ଅନୁଯାୟୀ ଭକ୍ତ ମାନଙ୍କୁ ଜଗନ୍ନାଥଙ୍କ ପ୍ରସାଦ ଅର୍ପଣ କରିବା ପରେ ତିନି ଠାକୁରଙ୍କୁ ସର୍ବସାଧାରଣ ଦର୍ଶନ କରାଯାଇଥିଲା। ଅପରାହ୍ନରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟାରେ ସମସ୍ତ ରଥ ଖଳାରେ ଶ୍ରୀଜିଉ ମାନଙ୍କର ରଥ ଲାଗିଥିଲା। ଅନୁରୁପ ଭାବେ ଛେଣ୍ଡିପଦା ବ୍ଲକର ଜିନ୍ଦଲ କାରଖାନା, କୋଶଳା, ବାଗଡ଼ିଆ, ବାଲିପଟା, କୋରଡା, ସନ୍ତରାବନ୍ଧ, ଜରପଡ଼ା, ଜେରେଙ୍ଗ, ଡଙ୍ଗାପାଳ, ଚାଙ୍ଗୁଡିଆ, ହାଣ୍ଡିଗୋଡା, କମ୍ପସଲା, ବ୍ରାହ୍ମଣବିଲ, ଦୁର୍ଗାପୁର, ଓଗୀ, ତୁକୁଡା, କତଡା ଓ ପରା ପ୍ରଭୃତି ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ବାହୁଡାଯାତ୍ରା ପାଳିତ ହୋଇଯାଇଛି।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ଘର ବାହୁଡ଼ା

**ତାଳଚେରସଦର, ୧୬।୭(ସମିସ):** ତାଳଚେରରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି ବିଜେକରି ରଥକୁ ଅଣାଯାଇଥିଲା। ଭକ୍ତମାନେ ଝିପି ଝିପି ବର୍ଷାରେ ରଥ ଟାଣି ଟାଣି ନେଇଥିଲେ। ବାହୁଡ଼ାଯାତ୍ରା ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହିତ ପ୍ରତି ଛକମାନଙ୍କରେ ପୁଲିସ୍ ମୁତୟନ



କରାଯାଇଥିଲା। ଆଜି ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ବାହୁଡ଼ାଯାତ୍ରା ପାଇଁ ବଡ଼ଦାଣ୍ଡରେ ପହଞ୍ଚି ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରି କୃପା ଲାଭ କରିଥିଲେ।

## ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

**ବଇଣ୍ଡା, ୧୬।୭(ସମିସ):** କିଶୋରନଗର ବ୍ଲକ ବଇଣ୍ଡା, ରଙ୍ଗମାଟିଆ ସାହି, ଇଛାପୂର, ବିଲେଇନାଳି, ଗରୁଡ, ସରିଗିପାଲି, ବାଟିମୁଣ୍ଡା, ବାମୁର, ଘୋଷର, ଆଠମଲ୍ଲିକ ବ୍ଲକ ଟାପଢୋଲ, ଠାକୁରଗଡ଼, ପେଡ଼ିପଥର, କୃତ୍ତିବାସପୁର ଆଦି ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ଗୁଡିକରେ ସୋମବାର ଦିନ ପବିତ୍ର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଉସୀ ମା' ମନ୍ଦିରରେ ଦୀର୍ଘ ୯ ଦିନ ପ୍ରଭୁ ତିନି ଠାକୁର ପୂଜା ପାଇବା ସହ ପୋଡ ପିଠା



ଖାଇବା ପରେ ମନ୍ଦିରକୁ ଫେରିଛନ୍ତି। ମାଉସୀ ମା'ଙ୍କ ମନ୍ଦିରରେ ତିନି ଠାକୁରଙ୍କୁ ପହଣ୍ଡି କରି ରଥାରୁଢ କରାଯାଇଥିଲା। ଅପରାହ୍ନ ୫ ପରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତଙ୍କ ମେଳରେ ପ୍ରଭୁ ତିନି ଠାକୁର ମାଉସୀ ମା'ଙ୍କ ମନ୍ଦିରରୁ ଶ୍ରୀମନ୍ଦିରକୁ ଫେରିଛନ୍ତି। ଠାକୁରଗଡ଼ ଅଞ୍ଚଳରେ ତିନିଟି ରଥ କରାଯାଇଥିବାବେଳେ ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ।

## କଳମଛୁଇଁରେ ବାହୁଡ଼ାଯାତ୍ରା

**ତାଳଚେର, ୧୬।୭(ସମିସ):** ତାଳଚେର ବ୍ଲକ ଜନବହୁଳ କଳମଛୁଇଁ ଗ୍ରାମରେ ପବିତ୍ର ବାହୁଡା ଯାତ୍ରା ସମାରୋହରେ ପାଳିତ ହୋଇଯାଇଛି। ଆଜି ଅପରାହ୍ନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜକ ହରିହର ମହାପାତ୍ର ତିନି ଠାକୁରଙ୍କର ବିଧିପୂର୍ବକ ପୂଜାର୍ଚ୍ଚନା କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଜଗନ ମୋହନ ଗଡ଼ନାୟକ ଛେରାପହଁରା କରିଥିଲେ। ଅପରାହ୍ନରେ ବର୍ଷା ଯୋଗୁ ୫.୧୫ମିନିଟରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ମହିଳା ଭକ୍ତମାନେ ରଥ ଟାଣିଥିଲେ। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କାଠି ମହାନ୍ତି ଯାତ୍ରାର ଧାରା ବିବରଣୀ ପ୍ରଦାନ କରିଥିଲେ। ଦଇତାପତି ପ୍ରଭାତ ମହାପାତ୍ର, ବଳରାମ ରଥ, ଅକ୍ଷୟ ମହାପାତ୍ର ଓ ଆଦିତ୍ୟ ପଣ୍ଡା ପ୍ରମୁଖ



ତିନି ଠାକୁରଙ୍କ ଗୋଟି ପହଣ୍ଡି କରି ମନ୍ଦିର ଭିତରକୁ ବିଜେ କରାଇଥିଲେ। ରଥଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କ ସମେତ କଳମଛୁଇଁ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଗୋପାଳପ୍ରସାଦ, ସାଉଥବଲଣ୍ଡାସ୍ଥିତ ଶକ୍ତି ଶ୍ରୀକ୍ଷେତ୍ରରେ ମଧ୍ୟ ବାହୁଡ଼ାଯାତ୍ରା ପାଳିତ ହୋଇଯାଇଛି।

## ହତ୍ୟା ଅଭିଯୋଗକୁ ଭିତ୍ତିକରି ସାଇଣ୍ଟିଫିକ୍ ଟିମ୍‌ର ଛାନଭିନ୍

**ନାଲକୋ ନଗର, ୧୬।୭ (ସମିସ):** ନାଲକୋ ଥାନା ଅନ୍ତର୍ଗତ ସେଣ୍ଟ୍ରାଲ ମାର୍କେଟ ନିକଟରେ ଥିବା ବାବାମଣି ଗ୍ଲାସ ହାଉସର ଗୋଦାମ ଘର ମଧ୍ୟରେ ଆଠଗଡ଼ ମାଣିଆବନ୍ଧ ଗ୍ରାମ ନିବାସୀ କର୍ମଚାରୀ ବ୍ରଜବନ୍ଧୁ ସ୍ୱାଇଁଙ୍କୁ ସୋମବାର ହତ୍ୟା କରାଯାଇଥିବା ନେଇ ନାଲକୋ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ଘଟଣାସ୍ଥଳରେ ମଙ୍ଗଳବାର ପୂର୍ବାହ୍ନରେ ନାଲକୋ ପୁଲିସ ଅଧିକାରୀଙ୍କ ସମେତ ସାଇଣ୍ଟିଫିକ ଟିମ ପକ୍ଷରୁ ଛାନଭିନ ଆରମ୍ଭ ହୋଇଯାଇଛି। ସୂଚନା ମୁତାବକ ବର୍ତ୍ତମାନ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନଥିବା ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି। ସୂଚନା ମୁତାବକ ଗ୍ଲାସ ହାଉସ ମାଲିକଙ୍କ ପରିବାର ପକ୍ଷରୁ ସଫେଇ ଦିଆଯାଇଛି ଯେ, ବ୍ରଜବନ୍ଧୁ ପ୍ଲାଏ ପଟା କାଟୁଥିବା ବେଳେ କାନ୍ଥରେ ମୁଣ୍ଡ ମାଡ଼ ହୋଇ ମୃତ୍ୟୁବରଣ କରିଛନ୍ତି। ମାତ୍ର ଅଭିଯୋଗକାରୀଙ୍କ କହିବା ଅନୁଯାୟୀ ସାଧାରଣ ଉକ୍ତ କାନ୍ଥରେ ମାଡ଼ ହେଲେ ମୁଣ୍ଡ ଓ ମୁହଁରେ ଏକାଧିକ କ୍ଷତବିକ୍ଷତ ହେବନାହିଁ। ଏହି ପରିପ୍ରେକ୍ଷୀରେ ବ୍ରଜବନ୍ଧୁଙ୍କୁ ଷଡ଼ଯନ୍ତ୍ର କରି ଉକ୍ତ ଗୋଦାମ ଘର ମଧ୍ୟରେ ଏକାଧିକ ବ୍ୟକ୍ତି ମିଳିତ ହୋଇ ହତ୍ୟା କରିଛନ୍ତି ବୋଲି ମୃତକଙ୍କ ବଡ଼ଭାଇ ଜୟାନନ୍ଦ ସ୍ୱାଇଁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ବଇଣ୍ଡା, ୧୬।୭(ସମିସ):** କିଶୋରନଗର ବ୍ଲକ ବଇଣ୍ଡାଠାରେ ସୋମବାର ଭାଜପା ପକ୍ଷରୁ 'ମାଆ ପାଇଁ ଗଛଟିଏ' କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ପକ୍ଷରୁ ବିଭିନ୍ନ ପ୍ରକାର ୩ ଶହ ଚାରା ଲୋକଙ୍କୁ ମାଗଣା ବଣ୍ଟନ କରାଯିବା ସହ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। ପରେ ଏକ ଶୋଭାଯାତ୍ରାରେ କିଭଳି ସମସ୍ତେ ନିଜ ନିଜ ଜମିରେ ଗଛ ଲଗାଇବା ସହ ପରିବେଶକୁ ଉତ୍ତାପରୁ ରକ୍ଷା କରିପାରିବେ ସେ ସମ୍ପର୍କରେ ସଚେତନତା କରାଯାଇଥିଲା। ପରେ ବଇଣ୍ଡା ଶିଶୁ ମନ୍ଦିର ନିକଟରେ ଚାରାରୋପଣ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବରେ ଜିଲ୍ଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ଉପ ସଭାପତି ଅର୍ଜୁନ ସାହୁ, ବିଶ୍ୱଜିତ ମିଶ୍ର, ଅରବିନ୍ଦ ସାହୁ, ଅମୀୟ ମିଶ୍ର, ତପନ କୁମାର ଦାସ, ପ୍ରବୀଣ ସାହୁ, ଗଗନ ବାରିକ, ଧ୍ରୁବ ଚରଣ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇ ଚାରା ରୋପଣ କରିଥିଲେ।

## ବିଶ୍ୱ ଯୁବ ଦକ୍ଷତା ବିକାଶ ଦିବସ ପାଳିତ

**ଅନୁଗୋଳ, ୧୬।୭(ସମିସ):** କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ଜନ ଶିକ୍ଷଣ ସଂସ୍ଥାନ ଅନୁଗୋଳର ନିର୍ଦ୍ଦେଶକ ସୌରୀରଞ୍ଜନ ପଣ୍ଡାଙ୍କ ମାର୍ଗଦର୍ଶନରେ ବିଶ୍ୱ ଯୁବ ଦକ୍ଷତା ବିକାଶ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଟିପିସି ଅଧୀନ ୟୁଟିଏଲ୍ର ମାନବ ସମ୍ବଳ ଅଧିକାରିଣୀ ସୋନାକ୍ଷୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରଶିକ୍ଷାର୍ଥୀମାନଙ୍କୁ ଯୁବ ଦକ୍ଷତା ବିକାଶ ଦିବସ ଉପରେ ଆଲୋକପାତ କରିବା ସହ କିପରି ନିଜର ଦକ୍ଷତା ବିକାଶ ହୋଇପାରିବ ଓ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ କହିଥିଲେ। ନିର୍ଦ୍ଦେଶକ ସୌରୀ ରଞ୍ଜନ ପଣ୍ଡା ଅନୁଗୋଳ ଜିଲ୍ଲାରେ ବିଭିନ୍ନ ବ୍ଲକରେ କିପରି ମହିଳାମାନେ ସରକାରଙ୍କ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗଦାନ କରି ଲାଭ ଉଠାଇବା ସହ ଏବଂ ନିଜର ଦକ୍ଷତା ଅନୁଯାୟୀ ସମାଜରେ ଉଦ୍ୟୋଗୀ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଜନଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରିଣୀ ସ୍ୱାତୀ ସାମଲ, ବିଶ୍ୱଜିତ ନାୟକ, ସୁବର୍ଣ୍ଣ ସେଠୀ, ଅର୍ଣ୍ଣବ ମହାନ୍ତି ପରିଚାଳନା କରିଥିଲେ।

**■ ଚିନ୍ତା ବଢ଼ାଉଛି ଦ୍ରୁତ ଗାଡ଼ିଚାଳନା; ପାଟ୍ରୋଲିଂ ଶୂନ**

## ଦେଢ଼ ମାସରୁ ଊର୍ଦ୍ଧ୍ୱ ହେବ ସିସି କ୍ୟାମେରା ଅଚଳ

**ଆଠମଲ୍ଲିକ, ୧୬।୭(ସମିସ):** ସଡ଼କ ପରିବହନ ବିଭାଗ ତରଫରୁ ନାବାଳକଙ୍କ ଗାଡି ଚାଳନା ଓ ଦ୍ରୁତ ଗାଡି ଚାଳନା ରୋକିବାକୁ ଆଇନ ପ୍ରଣୟନ କରାଯାଇଥିଲେ ମଧ୍ୟ ଆଠମଲ୍ଲିକରେ ଏହାର ଖୋଲା ଉଲ୍ଲଂଘନ ହେଉଛି। ବିଶେଷ କରି ସ୍କୁଲ ନିକଟବର୍ତ୍ତୀ ଅଞ୍ଚଳ ଓ ଡାକ୍ତରଖାନା, ବ୍ୟାଙ୍କ ପ୍ରତିଷ୍ଠାନ, ସେବା କେନ୍ଦ୍ର, ପ୍ରଭୃତି ଅନୁଷ୍ଠାନ ସମ୍ମୁଖରେ ଜନ ଗହଳି ଲାଗି ରହୁଥିବାବେଳେ ବହୁ ନାବାଳକ ଓ ରୋଡ୍ ରୋମିଓ ଦ୍ରୁତ ଗତିରେ ଗାଡି ଚାଳନା କରୁଥିବାରୁ ଟ୍ରାଫିକ ସମସ୍ୟା ସହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବିଶେଷକରି ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,



ଆଠମଲ୍ଲିକ କଲେଜ ରୋଡ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ଯିବାଆସିବା ସମୟରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି ହେଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ଗତ କିଛିମାସ ତଳେ ସାରା ସହରରେ ଅପରାଧ ରୋକିବାକୁ ପୁଲିସ ତରଫରୁ ବିପୁଳ ଟଙ୍କା ବିନିମୟରେ ସିସି କ୍ୟାମେରା ଲଗାଯାଇଥିଲା। କିନ୍ତୁ ଦେଢ଼ ମାସରୁ ଊର୍ଦ୍ଧ୍ୱ ହେବ କାଳବୈଶାଖୀ କାରଣରୁ ସିସି କ୍ୟାମେରାର କେବୁଲ ଛିଡି ପଡ଼ିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି ହେଉନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ଅପରାଧ ଓ ଚୋରି ରୋକିବାରେ ସିସି କ୍ୟାମେରା ସାହାଯ୍ୟ କରୁଥିବାରୁ ଅତିଶୀଘ୍ର ଏହାକୁ ସ୍ୱାଭାବିକ କରିବା ସହିତ ସିସି କ୍ୟାମେରା ଲାଗି ନଥିବା ସ୍ଥାନରେ ନୂତନ କ୍ୟାମେରା ଲଗାଇବାକୁ ସାଧାରଣରେ ଦାବି ହେଉଛି।

## ବାରମ୍ବାର ଫାଟୁଛି ଆଶ୍ ପାଇପ୍; ବଢୁଛି ପ୍ରଦୂଷଣ

**କଣିହାଁ, ୧୬।୭(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଞ୍ଚଳରେ ରହିଛି ଏନଟିପିସିର ସର୍ବବୃହତ ଦ୍ୱିତୀୟ ଭାରତବର୍ଷର ବିଦ୍ୟୁତ ପ୍ରକଳ୍ପ। ଏହି ତାପଜ ବିଦ୍ୟୁତ କେନ୍ଦ୍ରରୁ ପ୍ରତ୍ୟହ ୩ ହଜାର ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି। ଏହାବାଦ ପ୍ରକଳ୍ପ ତରଫରୁ ସୌରଶକ୍ତି ବିଦ୍ୟୁତ ଉତ୍ପାଦନର ପ୍ରଦୂଷଣ ମୁକ୍ତ ବ୍ୟବସ୍ଥା ହୋଇଛି। ତାପଜ ବିଦ୍ୟୁତ ଉତ୍ପାଦନ ପରିଚାଳନାଗତ ତ୍ରୁଟିକୁ ନେଇ ପ୍ରଦୂଷଣ ସୃଷ୍ଟିରେ ସହାୟକ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷର ଏନଟିପିସି ପ୍ରକଳ୍ପ ନିଯୁକ୍ତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବେଳେ ପାଉଁଶ ପରିଚାଳନା କ୍ଷେତ୍ରରେ ସ୍ଥାନୀୟ ଜନସାଧାରଣଙ୍କ ପ୍ରଦୂଷଣ ସମସ୍ୟା ଦୂର କରିପାରିନାହିଁ। ପାଞ୍ଚଦିନ ହେଲା ପ୍ରକଳ୍ପରୁ ଆଶପଣ୍ଡକୁ ଆସିଥିବା ଆଶ ପାଇପ୍ ଫାଟିବା ଓ ମରାମତି ବିଳମ୍ବ ହେବା ଯୋଗୁଁ ଚାଷ ଜମି, ଟିକିରା ସହିତ ବ୍ରହ୍ମଣୀ ନଦୀ ଜଳ ପ୍ରଦୂଷଣ କରୁଥିବା ବର୍ଷା ଋତୁରେ ଚିନ୍ତାର କାରଣ ହୋଇଛି। ଏହା ଅନେକ ସମସ୍ୟାର କାରଣ ହୋଇଥିବା ବେଳେ ଟ୍ରକ ଯୋଗେ ପାଉଁଶ ପରିବହନ ପ୍ରକଳ୍ପ ସହିତ ବେଆଇନ ଭାବେ ଗଢ଼ି ଉଠିଥିବା



ପାଉଁଶ ଡିପୋ ଯୋଗୁଁ ପଥଚାରୀ ଯାତାୟାତରେ ଅସୁବିଧା ଭୋଗି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ସହ ସୁରକ୍ଷିତ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଅନେକ ବୁଦ୍ଧିଜୀବୀ ଦାବି କରିଛନ୍ତି।

## କଳା ପରିଷଦ ପକ୍ଷରୁ ଭଜନ ସମାରୋହ

**ଆଠମଲ୍ଲିକର, ୧୬।୭(ସମିସ):** ସ୍ଥାନୀୟ କଳାକାରମାନଙ୍କୁ ନେଇ ଗଠିତ ସାଂସ୍କୃତିକ ଅନୁଷ୍ଠାନ କଳା ପରିଷଦ ଆଠମଲ୍ଲିକ ପକ୍ଷରୁ ଉପଖଣ୍ଡ ପ୍ରଶାସନର ଦେବୋତ୍ତର ବିଭାଗ ସହଯୋଗରେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି।



ଭାରପ୍ରାପ୍ତ ଉପଜିଲ୍ଲାପାଳ ପ୍ରଭୁ ପୀୟୁଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଖଣ୍ଡର କଳାକାରମାନଙ୍କ ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବରେ ପୂର୍ବତନ ନଗରପାଳ ସନ୍ତୋଷ ହୋତା ଯୋଗଦେଇଥିଲେ। କଳା ପରିଷଦ ପକ୍ଷରୁ ଇଂ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବରିଷ୍ଠ କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ, ଭୁବନ ମୋହନ ତ୍ରିପାଠୀ, ଅଚ୍ୟୁତାନନ୍ଦ ପ୍ରଧାନ, କଳିଙ୍ଗ ବେହେରାମାଳି, ପରମେଶ୍ୱର ପାତ୍ର, ସ୍ମୃତି ସମ୍ପୂର୍ଣ୍ଣା ଦାଶ, ତପସ୍ୱିନୀ ନାଏକ, ବୁଟୁ ନାଏକ, ମନ୍ମଥ ଭୂରଭୁରି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମା କୁମ୍ଭାର, ସୁଜିତ୍ କୁମାର ପ୍ରଧାନ, ଗୁରୁ ଶ୍ରୀଧର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସୂର୍ଯ୍ୟ ରଥ, ଚିତ୍ରଶିଳ୍ପୀ ରଣଜିତ୍ ରଣା, ଟୁକୁନୁ ବେହେରା, ଅଭିଳାଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଆଠମଲ୍ଲିକ ଉପଖଣ୍ଡର କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହକୁ ଶହ ଶହ ସଂଖ୍ୟାରେ ଦର୍ଶକ ଉପଭୋଗ କରିଥିଲେ।

## ଶ୍ରୀରାମ ବେଦ ପାଠଶାଳାରେ ସାମୂହିକ ବ୍ରତୋପନୟନ



**ଅନୁଗୋଳ, ୧୬।୭(ସମିସ):** ବନ୍ତଳାସ୍ଥିତ ଶ୍ରୀରାମ ମନ୍ଦିରରେ ଶ୍ରୀରାମଚନ୍ଦ୍ର ବେଦ ପାଠଶାଳାରେ ଅଧ୍ୟୟନ କରୁଥିବା ୪୦ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୧ଜଣ ବିଦ୍ୟାର୍ଥୀଙ୍କୁ ସାମୂହିକ ବ୍ରତୋପନୟନ କାର୍ଯ୍ୟ 'ପ୍ରୟାସ ଫାଉଣ୍ଡେସନ' ଦ୍ୱାରା ସଙ୍ଗଠିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ତଥା ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ଉପସଭାପତି ପରମାନନ୍ଦ ମିଶ୍ର, ସାମ୍ବାଦିକ ସୁବାସ ସାହୁ, ସମାଜସେବୀ ବିଜୟ କୁମାର ମୋଦୀ, ପର୍ଶୁରାମ ଦାଶ ସହ ଅନୁଷ୍ଠାନର ମାର୍ଗଦର୍ଶକ ପଣ୍ଡିତ ମହେଶ୍ ସାହୁ ଏହି ଭବ୍ୟ କାର୍ଯ୍ୟକ୍ରମ ଉପସ୍ଥିତ ରହି ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପ୍ରୟାଶ ଫାଉଣ୍ଡେସନ ଏହିପରି ଶିକ୍ଷା, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରିଆସୁଛି। ଏହିପରି ସାମୂହିକ ବ୍ରତୋପନୟନ କାର୍ଯ୍ୟ ପ୍ରତିବର୍ଷ କରାଯିବା ପାଇଁ ଫାଉଣ୍ଡେସନ ଅଧ୍ୟକ୍ଷା ବିନୋଦିନୀ ସାହୁ ଗୁରୁତ୍ୱ ଆରୋପ କରିଥିଲେ। ଏହି ପାଠଶାଳାର ପ୍ରଧାନଆଚାର୍ଯ୍ୟ ପଣ୍ଡିତ ସତ୍ୟନାରାୟଣ ଦାଶଙ୍କ ଦ୍ୱାରା ପରିଚାଳିତ ହେବା ସହ ପ୍ରୟାସ ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ସୌରୀରଞ୍ଜନ ପଣ୍ଡା ଏବଂ ଟ୍ରଷ୍ଟିଭାବେ ଦୀପ୍ତିରଞ୍ଜନ ଦାଶ, ଓକିଲ ଶୁଭାଶିଷ ମିଶ୍ର, ପ୍ରୀତିଶ କୁମାର ପଣ୍ଡା, ସାଇସ୍ୱରୂପ ସାହୁ, ଦାମୋଦର ପ୍ରଧାନ ସମସ୍ତ କାଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଚ୍‌ପିସି ହାରରେ ଦରମା ପ୍ରଦାନକୁ ନେଇ ଶ୍ରମିକଙ୍କ ବିକ୍ଷୋଭ

**ତାଳଚେର ସଦର, ୧୬।୭(ସମିସ)**

ଆଜି ତାଳଚେର ଏମସିଏଲ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ କାର୍ଯ୍ୟାଳୟ ଠାରେ ବିଭିନ୍ନ ଠିକାଶ୍ରମିକଙ୍କ ଏଚପିସି ହାରରେ ଦରମା ପ୍ରଦାନ ଓ ବିଭିନ୍ନ ସମସ୍ୟାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଜିଏମ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାପରେ ଜଗନ୍ନାଥ ମହାପ୍ରବନ୍ଧକ ଅଶୋକ କୁମାର ଧଳ ତାଙ୍କୁ ଡାକି ବୁଝାସୁଝାକରି ତାଙ୍କ ପ୍ରକୋଷ୍ଠରେ ଏକ ଆଲୋଚନା କରାଯାଇଥିଲା। ବିଧାୟକ ବ୍ରଜକିଶୋର ପ୍ରଧାନ ତଥା ମହାନଦୀ କୋଲଫିଲଡଏସ୍ କଣ୍ଟ୍ରାକ୍ଟୁଆଲ ଟ୍ରାନ୍ସପୋର୍ଟର ସଭାପତିଙ୍କ ଉପସ୍ଥିତିରେ ଜଗନ୍ନାଥକ୍ଷେତ୍ର, ଭୁବନେଶ୍ୱରୀ କ୍ଷେତ୍ର, ଲିଙ୍ଗରାଜକ୍ଷେତ୍ର, ଭରତପୁର କ୍ଷେତ୍ର ଓ ହିଙ୍ଗୁଳାକ୍ଷେତ୍ରର ମହାପ୍ରବନ୍ଧକ ସମସ୍ତ କାର୍ମିକ ପ୍ରବନ୍ଧକ, ସମସ୍ତ ପ୍ରକଳ୍ପ ଅଧିକାରୀ, ମହାନଦୀ କୋଲଫିଲ୍ଡଏସ୍ କଣ୍ଟ୍ରାକଟୁଆଲ ଟ୍ରାନ୍ସପୋର୍ଟ ୱାକର୍ସ ୟୁନିୟନର ସମ୍ପାଦକ ନରହରି ସାହୁ, ଦିଲ୍ଲୀପ ପ୍ରଧାନ, ବବୁଲ ପ୍ରଧାନଙ୍କ ସମେତ ସମସ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ



ତାଳଚେରର ସମସ୍ତ ଜମିହରା ପ୍ରଜା ଏମସିଏଲରେ କାର୍ଯ୍ୟରତ ଥିବା ସମସ୍ତ ଠିକା ଶ୍ରମିକଙ୍କୁ ଏଚପିସି ହାରରେ ଦରମା ପ୍ରଦାନ ଓ ଠିକା ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ତେବେ ଏହି ଏଚପିସି ଦରମାକୁ ନେଇ ସରକାରଙ୍କ ସ୍ପଷ୍ଟ ନୀତି ରହିଥିବା ବେଳେ କାହିଁକି ଯେ, ବିଭିନ୍ନ ଠିକାଶ୍ରମିକ ସଂଗଠନ ପକ୍ଷରୁ ବାରମ୍ବାର ଧାରଣା ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ଓ ଏଥିପାଇଁ ଦାୟୀ କିଏ ? ତେଣୁ ତୁରନ୍ତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଗଲେ ଶ୍ରମିକମାନେ ସେମାନଙ୍କ ନ୍ୟାର୍ଯ୍ୟଦାବି ପାଇପାରିବେ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୬୧ ● ପାଉଣ୍ଡ ୧୦୮.୬୧
- ୟୁରୋ ୯୧.୪୮ ● ୟେନ୍ ୦.୫୨

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୮,୦୦୦ (ନୂଆଦିଲ୍ଲୀ)
- ରୁପା : ୯୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୬.୦୦
- ନିଫ୍ଟି ୨୪,୬୧୩.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ପୁଞ୍ଜି ଆୟ ଟିକସ ସୀମା ୩ ଲକ୍ଷକୁ ବଢ଼ିପାରେ




ନୂଆଦିଲ୍ଲୀ,୧୬।୭ (ଏଜେନ୍ସି)

୨୦୨୪-୨୫ ଆର୍ଥିକବର୍ଷ ବଜେଟକୁ ଆଉ ମାତ୍ର ଏକ ସପ୍ତାହ ବାକି ରହିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ପୂର୍ଣ୍ଣାଙ୍ଗ ସାଧାରଣ ବଜେଟ ଆଗତ କରିବେ। ବଜେଟ୍ ୨୦୨୪ ଷ୍ଟକ୍ ବଜାର ନିବେଶକମାନଙ୍କ ପାଇଁ ବଡ଼ ଖୁସି ଖବର ଆଣିପାରେ। ସୂଚନା ଅନୁଯାୟୀ, ସେୟାର ବଜାରରେ ଦୀର୍ଘକାଳୀନ ପୁଞ୍ଜି ଲାଭ କ୍ଷେତ୍ରରେ ଟିକସ ଲାଗୁ ସୀମାକୁ ୧ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି ରହିଛି। ଯଦି ଏହା ହୁଏ ତେବେ ନିବେଶକମାନେ ବହୁତ ଲାଭ ପାଇପାରିବେ।

ଏକ ରିପୋର୍ଟ ଅନୁଯାୟୀ, ପୁଞ୍ଜି ଲାଭ ଟିକସ ପ୍ରସଙ୍ଗରେ ନିବେଶକଙ୍କ ମଧ୍ୟରେ ସମ୍ପତ୍ତି ବର୍ଗ ଏବଂ ଏହାକୁ ହୋଲ୍ଡ ବା ଧାରଣ କରିବାର ସମୟକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ନିବେଶକଙ୍କ ଏହି ସମସ୍ୟାକୁ ସରକାର ଅନୁଭବ କରୁଛନ୍ତି। ତେଣୁ ଏହାକୁ ଦୂର କରିବା ପାଇଁ ବଜେଟରେ ପଦକ୍ଷେପ ଘୋଷଣା କରିପାରନ୍ତି। ଯଦି ସରକାର ପୁଞ୍ଜି ଲାଭ ଟିକସକୁ ସରଳୀକରଣ କରିବାକୁ ବିଚାର କରନ୍ତି, ତେବେ ଏହା ଶେୟାରରେ ନିବେଶକଙ୍କ ସମେତ ବିଭିନ୍ନ ସମ୍ପତ୍ତିର ନିବେଶକଙ୍କୁ ଲାଭ ଦେଇପାରେ। ୨୦୧୮ରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ୧ଲକ୍ଷରୁ ଅଧିକ ଲାଭ ଉପରେ ୧୦ ପ୍ରତିଶତ ହାରରେ ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସ ଲାଗୁ କରିଥିଲେ। ସାମ୍ପ୍ରତିକ ନିୟମ ଅନୁଯାୟୀ, ଯଦି ଆପଣ ଏକ ବର୍ଷରୁ କମ୍ ସମୟ ପାଇଁ କୌଣସି ଲିଷ୍ଟିଂ ହୋଇଥିବା ବା ତାଲିକାଭୁକ୍ତ ଶେୟାର ଧାରଣ କରନ୍ତି, ତେବେ ଆପଣଙ୍କୁ ୧୫ ପ୍ରତିଶତ ହାରରେ ପୁଞ୍ଜି ଲାଭ ଟିକସ ଦେବାକୁ ପଡିବ। ଏହାକୁ ସ୍ୱଳ୍ପ ମିଆଦି ପୁଞ୍ଜି ଲାଭ ଟିକସ କୁହାଯାଏ। ଏହାର ଅର୍ଥ ହେଉଛି ଯଦି ଜଣେ ନିବେଶକ ଏହାକୁ କିଣିବାର ଏକ ବର୍ଷ ମଧ୍ୟରେ କୌଣସି ଲିଷ୍ଟିଂ ଶେୟାରକୁ ବିକ୍ରି କରନ୍ତି, ତେବେ ୧୫ ପ୍ରତିଶତ ହାରରେ ସ୍ୱଳ୍ପ ମିଆଦି ପୁଞ୍ଜି ଲାଭ ଟିକସ ଦେବାକୁ ହେବ।




ସୋମବାର ଅନୁଷ୍ଠିତ ୧୧୭ତମ ଏଜିଏମ୍ ବୈଠକରେ ଟାଟା ଷ୍ଟିଲର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ ଅଂଶୀଦାରମାନଙ୍କୁ ସମ୍ବୋଧିତ କରୁଛନ୍ତି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ

**ଭୁବନେଶ୍ୱର,୧୬।୭ (ସମିସ):** ବେଦାନ୍ତ ଆଲୁମିନିୟମ ଲିମିଟେଡ ବିଶ୍ୱ ଯୁବ ଦକ୍ଷତା ଦିବସରେ ଏହାର କାର୍ଯ୍ୟକାରୀ ସ୍ଥାନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରସାର ଘୋଷଣା କରି ଯୁବ ସଶକ୍ତିକରଣ ପାଇଁ ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଏହି କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ଅର୍ଦ୍ଧକୁଶଳୀରୁ କୁଶଳୀରେ ପରିଣତ କରିବା ଲକ୍ଷ୍ୟରେ କମ୍ପାନି ନ୍ୟାସନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଓ ଗ୍ରାମୀଣ ବିକାଶ (ନାବାର୍ଡ), ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଦକ୍ଷତା ବିକାଶ ପ୍ରତିଷ୍ଠାନ ପରି ଅନେକ ଲୋଭନୀୟ ତାଲିମ ପ୍ରତିଷ୍ଠାନ ସହିତ ସହଯୋଗ କରିଛି। ଏହି ପ୍ରୟାସ ଜରୀଆରେ ବେଦାନ୍ତ ସାରା ଭାରତରେ ଯୁବକମାନଙ୍କୁ ନିରନ୍ତର ଜୀବିକା ନିର୍ବାହ କରିବାରେ ସାହାଯ୍ୟ କରୁଛି। ଏକ ଦୃଢ ଦକ୍ଷତା ଶୈଳିକୁ ଅନୁସରଣ କରି ବେଦାନ୍ତ ଆଲୁମିନିୟମ ୧୪୦୦୦ ଯୁବକଙ୍କୁ ଏହାର ଦକ୍ଷତା ବିକାଶ ପଦକ୍ଷେପରେ ଆନୁଷ୍ଠାନିକ ସହଯୋଗ ମାଧ୍ୟମରେ ପ୍ରଶିକ୍ଷଣ ଯୋଗାଇ ଦେଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ ସ୍ଲାଭେନ କହିଛନ୍ତି ଯେ ଆମେ କାର୍ଯ୍ୟ କରୁଥିବା ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶକୁ ଆଗେଇ ନେବା ଉଦ୍ଦେଶ୍ୟରେ ଯୁବ ଦକ୍ଷତା ସୃଷ୍ଟି କରିବା ଆମର ଲକ୍ଷ୍ୟ।

ଜୁଲାଇ ୩୧ ଆୟକର ଦାଖଲର ଶେଷ ଅବଧି

# ଇ-ଫାଇଲିଂ ପୋର୍ଟାଲରେ ସମସ୍ୟା

ନୂଆଦିଲ୍ଲୀ,୧୬।୭ (ଏଜେନ୍ସି)

ପାଖେଇଲାଣି ଆୟକର ଦାଖଲର ଶେଷ ସମୟସୀମା। ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଆୟକର ରିଟର୍ଣ୍ଣ (ଆଇଟିଆର୍) ଦାଖଲ କରିବାକୁ ହେବ। ଏହି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆୟକର ରିଟର୍ଣ୍ଣ ଦାଖଲ ନ କରିଲେ ଦେବାକୁ ହେବ ଜୋରିମାନା। ଶେଷ ସମୟସୀମାକୁ ନଜରରେ ରଖି ଇତି ମଧ୍ୟରେ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ତେବେ ଇ-ଫାଇଲିଂ ପୋର୍ଟାଲରେ ସମ୍ପ୍ରତି ଦେଖାଦେଇଥିବା ବୈଷୟିକ ସମସ୍ୟା ଏବେ କରଦାତାଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ତେଣୁ କେନ୍ଦ୍ର ସରକାର ଚଳିତଥର ରିଟର୍ଣ୍ଣ ଦାଖଲର ଶେଷ ସମୟସୀମା ବୃଦ୍ଧି କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେବେ ଟିକସଦାତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବିଳମ୍ବିତ ଆୟକର ଦାଖଲ କରିପାରିବେ।

ବିଭାଗର ୱେବସାଇଟ୍ ଅନୁଯାୟୀ, ଜୁଲାଇ ୧୪ ପର୍ଯ୍ୟନ୍ତ ୨.୭ କୋଟିରୁ ଅଧିକ କରଦାତା ଆଇଟିଆର ଦାଖଲ କରିଛନ୍ତି, ଯାହା ଗତ ବର୍ଷର ସମାନ ଅବଧିରେ ଦାଖଲ କରାଯାଇଥିବା ରିଟର୍ଣ୍ଣ ତୁଳନାରେ ୧୩ ପ୍ରତିଶତ ଅଧିକ। ଏବେ ଜୁଲାଇ ୩୧ ଧାର୍ଯ୍ୟ ତାରିଖ ପାଖେଇ ଆସୁଥିବାରୁ ରିଟର୍ଣ୍ଣ ଦାଖଲ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ସାଧାରଣତଃ ଅଧିକାଂଶ ଟିକସଦାତା ଜୁଲାଇରେ ସେମାନଙ୍କର ଆୟକର ରିଟର୍ଣ୍ଣ ଦାଖଲ କରିଥାନ୍ତି। ବିଶେଷକରି ବେତନଧାରୀମାନେ ପ୍ରତିବର୍ଷ ଜୁନ୍ ଶେଷରେ ସେମାନଙ୍କର ନିଯୁକ୍ତିଦାତାଙ୍କଠାରୁ ଫର୍ମ ୧୬ ଗ୍ରହଣ କରିଥନ୍ତି, ଯାହା ଟିକସ ଦାଖଲ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ବା କାଗଜପତ୍ର। ଅପରପକ୍ଷେ ଇ-ଫାଇଲିଂ ପୋର୍ଟାଲରେ ବୈଷୟିକ ସମସ୍ୟା ଯୋଗୁ କରଦାତା ୨୬ଏଏସ୍/ଟିଆଇଏସ୍ ଫର୍ମ ଉପଲବ୍ଧ କରିପାରୁନାହାନ୍ତି। ଏହା ପ୍ରଥମ ଘଟଣା ନୁହେଁ ଯେ ଟିକସଦାତାଙ୍କଠାରୁ ଏଭଳି ଅଭିଯୋଗ ସାମ୍ନାକୁ ଆସିଛି। ବିଗତ ବର୍ଷଗୁଡିକରେ ମଧ୍ୟ ବୈଷୟିକ ତ୍ରୁଟି ଯୋଗୁ ଟିକସ ଦାଖଲରେ ବିଳମ୍ବ ଘଟିଥିଲା।




- ମିଳୁନି ୨୬ଏଏସ୍/ଟିଆଇଏସ୍ ଫର୍ମ
- ଜୁଲାଇ ସୁଦ୍ଧା ୨.୭ କୋଟିରୁ ଅଧିକ କରଦାତା ଭରିଲେ ଟିକସ
- ସମସ୍ୟାରେ କରଦାତା, ବଢ଼ିପାରେ ରିଟର୍ଣ୍ଣ ଦାଖଲ ଅବଧି

# କେନ୍ଦ୍ର ବଜେଟ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ନୂଆଦିଲ୍ଲୀ,୧୬।୭ (ଏଜେନ୍ସି)



ହଲୱା ସମାରୋହ ପାଳିଲେ ଅର୍ଥମନ୍ତ୍ରୀ

କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀଠାରେ ୨୦୨୪-୨୫ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାର ଚୂଡ଼ାନ୍ତ ପର୍ଯ୍ୟାୟରେ ହଲୱା ସମାରୋହ ପାଳନ କରିଛନ୍ତି। ବଜେଟ୍ ପ୍ରସ୍ତୁତିରେ ନିୟୋଜିତ ଅଧିକାରୀଙ୍କ 'ଲକ୍-ଇନ୍' ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପ୍ରତିବର୍ଷ ଏକ ପାରମ୍ପରିକ ହଲୱା ସମାରୋହ ଅନୁଷ୍ଠିତ ହୋଇଥାଏ। ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ଚଳିତ ମାସ ୨୩ ତାରିଖରେ ଉପସ୍ଥାପିତ ହେବ।

ଡିଜିଟାଲ ସୁବିଧାର ସରଳ ରୂପ ବ୍ୟବହାର କରି ସଂସଦ ସଦସ୍ୟ (ସାଂସଦ) ଏବଂ ସାଧାରଣ ଜନତାଙ୍କ ଦ୍ୱାରା ବଜେଟ୍ ଦସ୍ତାବିଜକୁ ଅସୁବିଧାମୁକ୍ତ ଆକସେସ୍ କରିବା ପାଇଁ ବାର୍ଷିକ ଆର୍ଥିକ ବିବରଣୀ (ସାଧାରଣତଃ ବଜେଟ୍), ଅନୁଦାନ ଦାବି (ଡିଜି), ଅର୍ଥ ବିଲ୍ ଇତ୍ୟାଦି ସମେତ ସମସ୍ତ କେନ୍ଦ୍ରୀୟ ବଜେଟ୍ ଦସ୍ତାବିଜ୍ କେନ୍ଦ୍ର ବଜେଟ୍ ମୋବାଇଲ୍ ଆପ୍ରେ ଉପଲବ୍ଧ ହେବ। ଏହି ଆପ୍ ଦ୍ୱିଭାଷୀ (ଇଂରାଜୀ ଏବଂ ହିନ୍ଦୀ) ଏବଂ ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ହେବ। ୟୁନିୟନ ବଜେଟ୍ ୱେବ୍ ପୋର୍ଟାଲ୍‌ରୁ ମଧ୍ୟ ଏହି ଆପ୍ ଡାଉନଲୋଡ୍ କରାଯାଇପାରିବ। ଏହି ହଲୱା ସମାରୋହରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ସହ ଅର୍ଥ ମନ୍ତ୍ରଣାଳୟର ସଚିବ ଏବଂ ବଜେଟ୍ ପ୍ରସ୍ତୁତିରେ ସାମିଲ ଥିବା ଭାରତ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ୍ ପ୍ରେସ୍ ପରିଦର୍ଶନ କରିବା ସହ ପ୍ରସ୍ତୁତିର ସମୀକ୍ଷା କରିବା ସହ ସଂପୃକ୍ତ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଇଭୋସ୍ ଆଲ୍‌କେମି ସେଲ୍ସ ଗ୍ୟାଲେରୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୭ (ସମିସ):

ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଇଭୋସ୍ ଆଲ୍‌କେମି ସେଲ୍ସ ଗ୍ୟାଲେରୀ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଞ୍ଜୟ ପୁରୀ ଯୋଗଦେଇଥିଲେ ଏବଂ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ଟିମ୍ ଏହି ଉତ୍କୃଷ୍ଟ ଆର୍କିଟେକ୍ଚର୍‌କୁ ଜୀବନ୍ତ କରିଥିଲେ। ଇଭୋସ୍ ଆଲ୍କେମି ସେଲ୍ସ ଗ୍ୟାଲେରୀ, ଏକ ଅଗ୍ରଗାମୀ ପ୍ରୋଜେକ୍ଟ ଯେଉଁଥିରେ ଉଭୟ ୩ବିଏଚ୍‌କେ ଏବଂ ୪ବିଏଚ୍‌କେ ୟୁନିଟିର ଡେମୋ ଫ୍ଲାଟ୍ ପ୍ରଦର୍ଶିତ ହୋଇଥିଲା। ଯାହା ବିଳାସପୂର୍ଣ୍ଣ ଅନୁଭୂତି ପ୍ରଦାନ କରିଥିଲା। ପ୍ରତ୍ୟେକ ୟୁନିଟ୍‌ର ୟୁନିକ୍ ସେଲିଂ ପଏଣ୍ଟ (ୟୁଏସ୍‌ପିଏସ୍)କୁ ଆଲୋକିତ କରାଯାଇଥିଲା ଯାହା ସାମ୍ଭାବ୍ୟ କ୍ରେତାମାନଙ୍କୁ ବିଳାସପୂର୍ଣ୍ଣ ଏବଂ ନିରବିଚ୍ଛିନ୍ନ କାର୍ଯ୍ୟକାରିତାର ମିଶ୍ରଣ ଅଭିଜ୍ଞତା ପ୍ରଦାନ କରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଖ୍ୟାତ ଆର୍କିଟେକ୍ଟର ସଞ୍ଜୟ ପୁରୀ କହିଥିଲେ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ କାର୍ଯ୍ୟ କରିବା ଅତ୍ୟନ୍ତ ଆନନ୍ଦଦାୟକ। ଏହି ପ୍ରକଳ୍ପ ଆଧୁନିକ ଆର୍କିଟେକ୍ଚର୍ ଓ ଡିଜାଇନ୍‌ର ସମ୍ଭାବନାକୁ ଦର୍ଶାଉଛି, ଯାହା ଏକ ବିଳାସପୂର୍ଣ୍ଣ ଏବଂ କାର୍ଯ୍ୟକ୍ଷମ ପରିବେଶ ସୃଷ୍ଟି କରିବ। ଏହି ପ୍ରକଳ୍ପ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ନୂତନ ପରିଚୟ ସୃଷ୍ଟି କରିବ। ଏଥିରେ ଇଭୋସ୍ ବିଲ୍ଡକନ୍‌ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ କହିଛନ୍ତି ସଞ୍ଜୟ ପୁରୀ ଏବଂ ତାଙ୍କ ଟିମ୍ ଆମର ଲକ୍ଷ୍ୟକୁ ହୃଦୟଙ୍ଗମ କରି ଏମିତି ଏକ ସ୍ଥାନ ସୃଷ୍ଟି କରିଛନ୍ତି ଯାହା ପ୍ରକୃତରେ ଅତ୍ୟାଧୁନିକତା ଏବଂ ବିଳାସପୂର୍ଣ୍ଣତାକୁ ଦର୍ଶାଉଛି। ପ୍ରଖ୍ୟାତ ଆର୍କିଟେକ୍ଟ ସଞ୍ଜୟ ପୁରୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ୪୨ ମହଲା ବିଶିଷ୍ଟ ଇଭୋସ୍ ଆଲ୍‌କେମି ପଟିଆର ଆଖପାଖ ଅଞ୍ଚଳର ସ୍କାଏଲାଇନ୍‌କୁ ଏକ ନୂଆ ରୂପ ପ୍ରଦାନ କରିବ।




# ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର: ଆର୍‌ଆଣ୍ଡଡିରେ ଉନ୍ନତି ଜରୁରୀ

ଭୁବନେଶ୍ୱର,୧୬।୭ (ସମିସ)

ସମ୍ପ୍ରତି ଦେଶରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଭାବରେ ଉଭା ହୋଇଛି। ଜିଡିପି, ରୋଜଗାର ଏବଂ ରପ୍ତାନିରେ ଏହାର ଅବଦାନ ଦୃଷ୍ଟିରୁ ଭାରତୀୟ ଅର୍ଥନୀତି ୨୦୧୫-୨୦୨୨ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ପ୍ରଦର୍ଶନ କରିଛି। ଏଏଜିଆର ପ୍ରାୟ ୭.୩% ଉତ୍ପାଦନର ରେକର୍ଡ ସ୍ତର ସହିତ ଏକ ଦୃଢ଼ ଅଭିବୃଦ୍ଧି କ୍ଷେତ୍ରଟି ଅଧିକ ହେବା ପାଇଁ ଏହାର ଆର୍‌ଆଣ୍ଡଡିରେ ଉନ୍ନତି ପାଇଁ ଏକ ଜରୁରୀ ଆବଶ୍ୟକତା ରହିଥିବା ଆଇସିସି ଓଡିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଜେବି ପାଣି କହିଛନ୍ତି।

ଇଣ୍ଡିଆନ୍ ଚାମ୍ବର ଅଫ୍ କର୍ମସ(ଆଇସିସି), କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ସହଯୋଗରେ ଏଠାରେ ଅନୁଷ୍ଠିତ ଏକ ଶିଳ୍ପ ଭିତ୍ତିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଖାଦ୍ୟ ପକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମିନହାଜ୍ ଆଲାମ କହିଲେ ଆସନ୍ତା ସେପ୍ଟେମ୍ବର ମାସରେ ନୂଆଦିଲ୍ଲୀ ରେ ହେବାକୁ ଥିବା ୱାର୍ଲ୍ଡ ଫୁଡ୍ ଇଣ୍ଡିଆକୁ ପ୍ରୋତ୍ସାହିତ କରିବାକୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ସେ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ହେବାକୁ ଥିବା ପ୍ରଦର୍ଶନୀ, କ୍ରେତା ବିକ୍ରେତା ମିଟ୍, ଖାଦ୍ୟର ଷ୍ଟ୍ରିଟ୍ ପରିଦର୍ଶନକୁ ଆମନ୍ତ୍ରଣ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଲେ ସମ୍ପ୍ରତି ପ୍ୟାକେଜ ଖାଦ୍ୟର ଚାହିଦା ବହୁତ ବଢ଼ିଯାଇଛି। ରହିଛି। ଓଡିଶାରେ ଏବେ ଏ କ୍ଷେତ୍ରରେ ବିକାଶ ଦେଖିବାକୁ ମିଳୁଛି। ଅନେକ ବଡ଼ ବଡ଼ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ଓଡିଶାରେ ସେମାନଙ୍କର ୟୁନିଟ୍ ଖୋଲିଲେଣି। ଅନେକ ଏମଏନସି ଫ୍ରାଞ୍ଚାଇଜ ମୋଡରେ ପ୍ରବେଶ କରିବାକୁ ଚାହୁଁଛନ୍ତି। ତେଣୁ ଓଡିଶାର ଉଦ୍ୟୋଗୀ ଏହାର ସୁଯୋଗ ନେଇପାରିବେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ତଥା ଆଇଏଏସ୍ ଡ. ପ୍ରଶାନ୍ତ କୁମାର ରେଡ୍ଡି, ଆଇସିସି ଏଗ୍ରି ଓ ଖାଦ୍ୟ ପକ୍ରିୟାକରଣ କିମିଟିର ଆବାହକ ଶ୍ରୀରାମ ପଣ୍ଡା, ଆଇସିସି ଓଡିଶା ରାଜ୍ୟ ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ରାଜୀବ ଏସ୍ ସାହୁ ଏବଂ ଆଞ୍ଚଳିକ ମୁଖ୍ୟ ଜେପି ପାଲ ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।




ଲୋକାଲ୍ ସର୍କଲ୍ ସର୍ଭେ ରିପୋର୍ଟ

# ପ୍ରତି ୧୦ରୁ ୯ ଉପଭୋକ୍ତା ଫୋନ୍ କଲ୍ ଡ୍ରପ୍ ସମସ୍ୟାର ସମ୍ମୁଖୀନ

ନୂଆଦିଲ୍ଲୀ,୧୬।୭ (ଏଜେନ୍ସି)




- ଟେଲିକମ୍ ଟାରିଫ୍ ବଢ଼ିଲା, ସେବା ମାନ ଯେମିତି ସେମିତି
- ପ୍ରତି ତିନିରୁ ଜଣେ ଗ୍ରାହକ ୱାଇ-ଫାଇରେ ଫୋନ୍ କଲ୍ କରିଥାନ୍ତି



ନିକଟରେ ଦେଶର ଟେଲିକମ୍ କମ୍ପାନୀଗୁଡିକ କଲ୍ ଟାରିଫ୍‌ରେ ୨୫ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହା ଫଳରେ ଦେଶରେ ଟେଲିକମ୍ କଲ୍ ମହଙ୍ଗା ହୋଇଯାଇଛି। ଯଦିବା ଟେଲିକମ୍ ଅପରେଟରମାନେ କଲ୍ ଟାରିଫ୍‌ରେ ବୃଦ୍ଧି ଘଟାଇଛନ୍ତି ହେଲେ ସେମାନଙ୍କ ସେବାରେ କୌଣସି ପ୍ରକାର ଉନ୍ନତି ହୋଇନାହିଁ। ଦୀର୍ଘ ବର୍ଷ ହେବ ଟେଲିକମ୍ ଉପଭୋକ୍ତାମାନେ ସମ୍ମୁଖୀନ ହେଉଥିବା କଲ୍ ଡପ୍ ସମସ୍ୟାରେ କିଛି ବି ସୁଧାରେ ଆସିନାହିଁ। ସଦ୍ୟ ହସ୍ତଗତ ଏକ ରିପୋର୍ଟ ଅନୁଯାୟୀ, ଦେଶର ପ୍ରତି ୧୦ ଗ୍ରାହକଙ୍କ ମଧ୍ୟରୁ ୯ ଜଣ ଗ୍ରାହକ କଲ୍ ଡ୍ରପ୍ ଅର୍ଥାତ୍ କଥାବାର୍ତ୍ତା ସମୟରେ ଫୋନ୍ କଲ୍ ବିଚ୍ଛିନ୍ନ ହେବା ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ମୁକାବିଲା କରିବା ପାଇଁ ଲୋକମାନେ ଇଣ୍ଟରନେଟ୍ କଲ୍ କରୁଛନ୍ତି। ଲୋକାଲ୍ ସର୍କଲ୍ ସର୍ଭେ ରିପୋର୍ଟ ଅନୁଯାୟୀ ମାର୍ଚ୍ଚରୁ ଜୁନ୍ ମଧ୍ୟରେ କଲ୍ ଡ୍ରପ୍ ମାମଲା ବୃଦ୍ଧି ପାଇଛି। ଏହି ସର୍ଭେ ଦେଶର ୩୬୨ଟି ଜିଲ୍ଲାର ୩୨,୦୦୦ ଲୋକଙ୍କୁ ନେଇ କରାଯାଇଛି। ସର୍ଭେରେ କୁହାଯାଇଛି ଯେ ୮୯ ପ୍ରତିଶତ ଲୋକଙ୍କ ମଧ୍ୟରୁ ୩୮ ପ୍ରତିଶତ ଲୋକ ଏମିତି ରହିଛନ୍ତି ଯେଉଁମାନଙ୍କ ମଧ୍ୟରୁ ୨୦ ପ୍ରତିଶତ ଫୋନ କଲ୍ ବିଚ୍ଛିନ୍ନତା ସମସ୍ୟାର ସାମ୍ନା କରିବାକୁ ପଡିବ। ୧୭ ପ୍ରତିଶତ କହିଛନ୍ତି ଯେ ପ୍ରାୟ ୫୦ ପ୍ରତିଶତ ଲୋକ ବାର୍ତ୍ତାଳାପ ବେଳେ ଫୋନ୍ କଲ୍ ବିଚ୍ଛିନ୍ନ ହେବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ୨୧ ପ୍ରତିଶତ ଉପଭୋକ୍ତାଙ୍କର କହିବା ହେଉଛି ସେମାନେ ଟେଲି ଫୋନ୍ କଲ୍ କରିବା ସମୟରେ ୨୦-୫୦ ପ୍ରତିଶତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥାଏ କିମ୍ବା ହଠାତ୍ କଲ୍ କଟିଯାଇଥାଏ। ପ୍ରତି ତିନି ଜଣ ଗ୍ରାହକଙ୍କ ମଧ୍ୟରୁ ଜଣେ କଲ୍ ପାଇଁ କଲ୍ କରିବା ପାଇଁ ଆପ୍ ବ୍ୟବହାର କରୁଥିବା ସର୍ଭେରେ କହିଛନ୍ତି। ସର୍ଭେ ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ମୋବାଇଲ୍ ଗ୍ରାହକଙ୍କ ମଧ୍ୟରେ ୱାଇ-ଫାଇ ମାଧ୍ୟମରେ କଲ୍ କରିବା ପାଇଁ ଓଟିଟିଆପ୍ସର ବ୍ୟବହାର ବୃଦ୍ଧି ପାଇଛି। ଏହା ଗ୍ରାହକମାନଙ୍କୁ ଉତ୍ତମ କଲ୍ ସେବା ଯୋଗାଇଦେଇଥାଏ। ପ୍ରତି ତିନି ଜଣ ଗ୍ରାହକଙ୍କ ମଧ୍ୟରୁ ଜଣେ ୱାଇ-ଫାଇ ମାଧ୍ୟମରେ ଫୋନ୍ କଲ୍ କରିବାକୁ ବାଧ୍ୟ ହେଉଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଏହିପରି ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇଛି।

ବିସିସିଆଇର ଆବେଦନକୁ ଗ୍ରହଣ କଲା ଏନ୍‌ସିଏଲ୍‌ଟି

# ବାଇଜୁସ୍ ବିରୋଧରେ ଆରମ୍ଭ ହେବ ଦେବାଳିଆ ମାମଲାର ଶୁଣାଣି

ନୂଆଦିଲ୍ଲୀ,୧୬।୭ (ଏଜେନ୍ସି): ବାଇଜୁସ୍ ବିରୋଧରେ ଆରମ୍ଭ ହେବ ଦେବାଳିଆ ମାମଲାର ଶୁଣାଣି। କମ୍ପାନୀ ବିରୋଧରେ ମାମଲାର ଶୁଣାଣି କରିବାକୁ ନ୍ୟାସନାଲ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (ଏନସିଏଲଟି)ର ବେଙ୍ଗାଲୁରୁ ଖଣ୍ଡପୀଠ ବିସିସିଆଇର ଆବେଦନକୁ ସ୍ୱୀକାର କରିଛନ୍ତି। ଏହି ମାମଲା ଭାରତୀୟ କ୍ରିକେଟ୍ ଦଳର ଜର୍ସି ପାଇଁ ବାଇଜୁସ୍ ଏବଂ ବିସିସିଆଇ ମଧ୍ୟରେ ପ୍ରୟୋଜକ ଚୁକ୍ତି ସହିତ ଜଡିତ। କମ୍ପାନୀ ଏ ପର୍ଯ୍ୟନ୍ତ ବିସିସିଆଇର ଚୁକ୍ତି ବାବଦ ୧୫୮.୯ କୋଟି ଟଙ୍କା ପରିଶୋଧ କରି ନାହିଁ। ଏଥିପାଇଁ କ୍ରିକେଟ୍ ବୋର୍ଡ ଗତବର୍ଷ ବାଇଜୁସ୍‌ର ମୂଳ କମ୍ପାନୀ ଥିଙ୍କ ଆଣ୍ଡ ଲର୍ଣ୍ଣ ପ୍ରାଇଭେଟ ଲିମିଟେଡ୍ ବିରୋଧରେ ମାମଲା ରୁଜୁ କରିବାକୁ ଆବେଦନ କରିଛି। ମାମଲାର ପରବର୍ତ୍ତି ଶୁଣାଣି ନଭେମ୍ବର ୧୫ ତାରିଖରେ ହେବ। ଅନ୍ୟପକ୍ଷେ ବାଇଜୁସ୍ ବିସିସିଆଇ ସହିତ ଆଲୋଚନା କରି ମାମଲା ରଫାଦଫା କରିବାକୁ ଚେଷ୍ଟା କରିଛି। ଆଜି ମାମଲାର ଶୁଣାଣି କରାଯାଇଥିଲା। ଏଥିରେ ଏନସିଏଲଟି ଖଣ୍ଡପୀଠ କହିଛିନ୍ତି ଯେ ବିସିସିଆଇ ଏବଂ ବାଇଜୁସ୍ ମଧ୍ୟରେ ଥିବା ଇ-ମେଲ ଟ୍ରେଲରୁ ଏହା ସ୍ପଷ୍ଟ ହୋଇଛି ଯେ ଥିଙ୍କ୍ ଆଣ୍ଡ ଲର୍ଣ୍ଣ ଖିଲାପୀ କରିଛି। ଭାରତୀୟ କ୍ରିକେଟ୍ ଟିମ୍‌ର ଅନେକ ଆନ୍ତର୍ଜାତୀୟ ଗସ୍ତ ଏବଂ ସିରିଜ୍ ପରେ ବିସିସିଆଇ ଦ୍ୱାରା ପଠାଯାଇଥିବା ମୋଟ ୧୨ ଇନଭଏସ୍ (ବିଲ୍) ଉପରେ ଥିଙ୍କ ଆଣ୍ଡ ଲର୍ଣ୍ଣ ଖିଲାପୀ ସାବ୍ୟସ୍ତ ହୋଇଥିଲା। ୨୧ ଅଗଷ୍ଟ ୨୦୨୨ରେ ପ୍ରଥମ ଥର ପାଇଁ ବାଇଜୁସ୍ ଖିଲାପ କରିଥିବା ବିସିସିଆଇ କହିଛି।





# ଅନ୍ତର୍ଜାତୀୟ ନ୍ୟାୟ ଦିବସ

ଗଣତନ୍ତ୍ରରେ ନାଗରିକମାନଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ସାମ୍ବିଧାନିକ ଅଧିକାର। ୨୦୧୧ରୁ ପ୍ରତିବର୍ଷ ଜୁଲାଇ ୧୭ ତାରିଖରେ ପାଳନ କରାଯାଉଛି 'ଅନ୍ତର୍ଜାତୀୟ ନ୍ୟାୟ ଦିବସ'। ଏହାକୁ ଅନ୍ତର୍ଜାତୀୟ ଅପରାଧ ନ୍ୟାୟ ଦିବସ ମଧ୍ୟ କୁହାଯାଏ। ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ। ଯୁଦ୍ଧପୀଡ଼ିତ, ମାନବିକତା ବିରୋଧରେ ସଂଘଠିତ ଅପରାଧ, ଅନ୍ୟ ଉପରେ ଆକ୍ରମଣ ଜନିତ ଅପରାଧ ତଥା ହତ୍ୟା ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାୟ ଦେବା ଉପରେ ଏହି ଦିବସ ଗୁରୁତ୍ୱ ଦେଇ ଆସୁଛି। ଲୋକଙ୍କୁ ନରସଂହାର, ମାନବିକତା ବିରୋଧୀ ଅପରାଧ, ଯୁଦ୍ଧ ଅପରାଧ ଓ ଆକ୍ରମଣ ଅପରାଧରୁ ରକ୍ଷା କରିବା ଲାଗି ୧୯୯୮ ଜୁଲାଇ ୧୭ରେ ରୋମ୍‌ଠାରେ ଆଇସିସିର ପ୍ରତିଷ୍ଠାତା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଅନୁସାରେ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ (ଆଇସିସି) ର ପ୍ରତିଷ୍ଠା ହୋଇଥିଲା। ସେହି ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରେ ଜୁଲାଇ ୧୭ ତାରିଖକୁ ପ୍ରତିବର୍ଷ 'ଅନ୍ତର୍ଜାତୀୟ ନ୍ୟାୟ ଦିବସ' ଭାବେ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ସଂପ୍ରତି ୧୩୯ଟି ରାଷ୍ଟ୍ର ଏହାର ସଦସ୍ୟ ଅଛନ୍ତି। ଏହାର ଅର୍ଥ ଏହି ରାଷ୍ଟ୍ରମାନେ ଆଇସିସିର ରାୟକୁ ମାନିବାକୁ ବାଧ୍ୟ। ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି। ନେଦରଲ୍ୟାଣ୍ଡର ହେଗ୍‌ଠାରେ ଅନ୍ତର୍ଜାତୀୟ ନ୍ୟାୟାଳୟର ମୁଖ୍ୟାଳୟ ରହିଛି।

- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା।
- ୧୯୫୦ - ପଞ୍ଜାବର ପଠାନ୍‌କୋଟ୍‌ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ।
- ୧୯୯୫ - ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା।
- ୨୦୧୪ - ମାଲେସିଆ ଏୟାରଲାଇନ୍ସର ବିମାନ-୧୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୮୩ ଯାତ୍ରୀଙ୍କ ସହ ଚାଳକ ଦଳର ୧୫ ଜଣ ସଦସ୍ୟଙ୍କ ପ୍ରାଣହାନି।

# ବାଲ୍‌କୋନି ଭଡ଼ା ମାସିକ ୮୧ ହଜାର



ସାଧାରଣତଃ ଘର ମାଲିକମାନେ ଘର ଭଡ଼ା ପାଇଁ ବିଜ୍ଞାପନ ଦେଇଥାନ୍ତି। ଲୋକେ ନିଜ ରୋଜଗାର ଅନୁସାରେ ସବୁ ସୁବିଧା ଦେଖି ଘରଟିଏ ଭଡ଼ାସୂତ୍ରରେ ନେଇଥାନ୍ତି। ଅନେକ ସମୟରେ ଘରଭଡ଼ା ପାଇଁ ବିଜ୍ଞାପନ ଦିଆଯାଏ। ଏହି ପରିପ୍ରେକ୍ଷୀରେ ଏବେ ଫେସ୍‌ବୁକ୍‌ରେ ଏକ ବାଲ୍‌କୋନି ଭଡ଼ା ବିଜ୍ଞାପନ ବେଶ୍ ଭାଇରାଲ ହୋଇଛି। ଅଷ୍ଟ୍ରେଲିଆ ସିଡ୍‌ନୀର ହେମାର୍କେଟ୍‌ରେ ଏହି ବାଲକୋନି ରହିଛି। ବାଲ୍‌କୋନିରେ ଗୋଟିଏ ବେଡ୍ ମଧ୍ୟ ପଡ଼ିଛି। ସୂର୍ଯ୍ୟାଲୋକ ବାଲ୍‌କୋନିରେ ପଡ଼ୁଥିବାର ଫଟୋ ଫେସ୍‌ବୁକ୍‌ରେ ପୋଷ୍ଟ କରାଯାଇଛି। ତେବେ ଏଥିରେ କେବଳ ଜଣେ ରହିପାରିବେ ବୋଲି କୁହାଯାଇଛି। ତଳେ ଟାଇଲ୍ ବିଛାଯାଇଥିବାବେଳେ ବାଲ୍‌କୋନିର ଚାରିପଟେ କାଚ ଆଚ୍ଛାଦିତ ହୋଇ ରହିଛି। ତେବେ ବାଲ୍‌କୋନିରେ ରହିବା ପାଇଁ ଭଡ଼ା ବାବଦକୁ ମାସିକ ୮୧ ହଜାର ଟଙ୍କା ଦେବାକୁ ହେବ। ତେବେ ଏହି ବାଲ୍‌କୋନିକୁ ଲାଗି ଆଉ ଦୁଇଟି ବେଡ୍‌ରୁମ୍ ଅଛି। କିନ୍ତୁ ଏଥିପାଇଁ ପୃଥକ୍ ଘରଭଡ଼ା ରହିଛି। ଏଥିପାଇଁ ସାପ୍ତାହିକ ୧୩୦୦ ଡଲାର ଦେବାକୁ ହେବ। ସେହିଭଳି ବାଲ୍‌କୋନି ଭଡ଼ା ନେବାକୁ ଇଚ୍ଛୁକ ବ୍ୟକ୍ତି ଘରେ ଥିବା ବାଥରୁମ୍ ବ୍ୟବହାର କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ଅନ୍ୟ ସହର ଅପେକ୍ଷା ସିଡ୍‌ନୀରେ ଘରଭଡ଼ା ବେଶ୍ ଅଧିକ। ଅତ୍ୟଧିକ ଘରଭଡ଼ା ପାଇଁ ଏଠାରେ ଅଧିକାଂଶ ବ୍ୟକ୍ତି ଆର୍ଥିକ ସଙ୍କଟ ଓ ଚାପ ଦେଇ ଗତି କରୁଛନ୍ତି। ତେବେ ଏହି ପୋଷ୍ଟ ଉପରେ ଅନେକ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

# 'ତେରେ ଇସ୍କ ମେଁ'

## ଧନୁଷଙ୍କ ନାୟିକା ହେବେ ତ୍ରିପ୍ତି



ବଲିଉଡ୍ ଅଭିନେତ୍ରୀ ତ୍ରିପ୍ତି ଡିମ୍‌ରି 'ଆନିମଲ୍'ରେ ଅଭିନୟ କରିବା ପରେ ଏବେ ତାଙ୍କୁ ବେଶ୍ ବଡ଼ ବଡ଼ ବ୍ୟାନର୍‌ରୁ ଅଫର୍ ଆସୁଛି। ଇତିମଧ୍ୟରେ ତାଙ୍କୁ ନେସନାଲ୍ କ୍ରସ୍ ଟ୍ୟାଗ୍ ମଧ୍ୟ ମିଳିଛି। ଏବେ ସେ ଭିକି କୌଶଲଙ୍କ ସହ 'ବ୍ୟାଡ୍ ନ୍ୟୁଜ୍' ଫିଲ୍ମର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମ ଜୁଲାଇ ୧୯ରେ ପରଦାକୁ ଆସିବ। ଏହାବାଦ୍ ତାଙ୍କ ହାତରେ ଏକ ବଡ଼ ପ୍ରୋଜେକ୍ଟ ରହିଛି। ଏଥିରେ ତାଙ୍କ ବିପକ୍ଷରେ ଅଭିନୟ କରିବେ ସାଉଥ୍‌ର ଲୋକପ୍ରିୟ ଅଭିନେତା ଧନୁଷ୍। ଗତବର୍ଷ ଧନୁଷ୍ 'ତେରେ ଇସ୍କ ମେଁ' ଫିଲ୍ମର ଘୋଷଣା କରିଥିଲେ। ଏହାପରେ ଫିଲ୍ମକୁ ନେଇ ଆଉ କିଛି ଖବର ଆସି ନ ଥିଲା। ଇତିମଧ୍ୟରେ ଧନୁଷ୍ କିଛି ସାଉଥ୍ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। 'ତେରେ ଇସ୍କ ମେଁ'କୁ ନେଇ ଏକ ଖବର ଆସିଛି। ଏଥିରେ ଧନୁଷ୍‌ଙ୍କ ନାୟିକା ସାଜିବେ ତ୍ରିପ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ ଏଲ୍ ରାୟ। ଏହାପୂର୍ବରୁ ଆନନ୍ଦ ଧନୁଷଙ୍କୁ ନେଇ 'ରାଞ୍ଝଣା'(୨୦୧୩) ଓ 'ଅତରଙ୍ଗି ରେ'(୨୦୨୧) ନିର୍ମାଣ କରିଥିଲେ। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱରେ ଏ.ଆର ରେହମାନ ରହିବେ। ତେବେ 'ରାଞ୍ଝଣା' ଭଳି ଏହା ଏକ ଦୁଃଖଭରା ପ୍ରେମ କାହାଣୀ ହେବ ବୋଲି ଚର୍ଚ୍ଚା ହେଉଛି। ଏହା ଅକ୍ଟୋବର, ୨୦୨୪ରେ ପରଦାକୁ ଆସିବ। ଏହାର ସୁଟିଂ ଦୁଇ ମାସ ଧରି ବାରାଣସୀ ଓ ଉତ୍ତର ପ୍ରଦେଶରେ କରାଯିବ।

## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଧନପ୍ରାପ୍ତି ଯୋଗ ଅଛି। ପିତାମାତା ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ନିଜ ଲୋକ ଶତ୍ରୁ ସାଜିବେ। ଭାବି ବିଚାରି କାମ କରନ୍ତୁ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

**ମିଥୁନ:** ଆଶା କରିଥିବା ଦିଗରୁ ଧନ ମିଳିବ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଅଚାନକ ଖୁସି ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମାନସିକ ଚିନ୍ତା ବଢ଼ିବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ଅଚିହ୍ନା ଲୋକଙ୍କୁ ସାହାଯ୍ୟ କରି ପ୍ରଶଂସା ପାଇବେ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ। ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମୀନ:** ରାଜନୀତିରେ ଯୋଗ ଦେବେ। ଆୟ ଅନୁସାରେ ବ୍ୟୟ ସମାନ ରହିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ଖୋଜିବାକୁ ବର୍ତ୍ତମାନ ଉପଯୁକ୍ତ ସମୟ।

# କ୍ୟାରିୟରକୁ ଆଗକୁ ବଢ଼ାଇବ ଏସବୁ ଅଭ୍ୟାସ



ସଫଳତାର ମୂଳମନ୍ତ୍ର ହେଉଛି ଆତ୍ମବିଶ୍ୱାସ। କଠିନ ପରିଶ୍ରମ, ସାଧନା, ସଂଘର୍ଷ, ଏକାଗ୍ରତା, ଧୈର୍ଯ୍ୟ, ସହନଶୀଳତା, ସମୟାନୁବର୍ତ୍ତିତା ଆଦି ସ୍ୱଭାବ ହିଁ ଜଣେ ବ୍ୟକ୍ତିକୁ ସଫଳତା ଆଣିଦେଇଥାଏ। ଏମିତିବି ଅନେକ ଅଛନ୍ତି, ଯେଉଁମାନେ ଜୀବନସାରା ପରିଶ୍ରମ କରି ମଧ୍ୟ ସଫଳତା ହାସଲ କରିପାରନ୍ତି ନାହିଁ। ତେଣୁ କ୍ୟାରିୟରରେ ଆଗକୁ ବଢ଼ିବାକୁ ହେଲେ, କେତେକ ଅଭ୍ୟାସକୁ ଆପଣାଇବା ଉଚିତ। ସଫଳ ବ୍ୟକ୍ତିମାନେ ସପ୍ତାହର ୭ ଦିନ ତଥା ଦିନର ୨୪ ଘଣ୍ଟା ମଧ୍ୟରେ କେଉଁ କାର୍ଯ୍ୟ କେମିତି କରିବେ, ତାହା ସେମାନେ ପୂର୍ବରୁ ନିର୍ଦ୍ଧାରିତ କରିଦେଇଥାନ୍ତି। ତେଣୁ କ୍ୟାରିୟରରେ ସଫଳତା ପାଇଁ କେତୋଟି ନିର୍ଦ୍ଦିଷ୍ଟ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ।

**ଠିକ୍ ସମୟରେ କାମ କରନ୍ତୁ:** ପ୍ରତ୍ୟେକ କାମ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଚୟନ କରିବା ଭଲ ଅଭ୍ୟାସ। ଯେଉଁମାନେ କାମକୁ ନେଇ ସିରିୟସ୍ ନୁହଁନ୍ତି ବା ସେହି କାମକୁ ପଛରେ କଲେ ଚଳିବ ବୋଲି ଭାବି ଟାଳି ଚାଲନ୍ତି, ସେମାନେ କ୍ୟାରିୟରରେ ବହୁତ ପଛରେ ପଡ଼ିଯାନ୍ତି। ତେଣୁ ପ୍ରତ୍ୟେକ କାମକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବା ଅଭ୍ୟାସ ରଖିବା ଭଲ।

**ଲକ୍ଷ୍ୟ ସ୍ଥିର କରନ୍ତୁ:** କ୍ୟାରିୟର ଅନୁସାରେ ଗୋଲ୍ ବା ଲକ୍ଷ୍ୟ ସ୍ଥିର କରିବା ଆବଶ୍ୟକ। ଏହାସହ ଆପଣଙ୍କ ଲକ୍ଷ୍ୟ କେତେ ମହତ୍ତ୍ୱପୂର୍ଣ୍ଣ ଏବଂ ଏହାକୁ ହାସଲ କରିବା ଦ୍ୱାରା କେତେ ଲାଭ ମିଳିବ ତାହା ଅନୁଧ୍ୟାନ କଲେ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ। ସବୁବେଳେ ଏକ ଧଳା କାଗଜ ଉପରେ ନିଜର ଲକ୍ଷ୍ୟକୁ ଲେଖି, ପଢ଼ୁଥିବା ଟେବୁଲ୍ ସାମ୍ନାରେ ଲଗାଇ ରଖନ୍ତୁ। ଏହାଦ୍ୱାରା ଜଣେ ଲକ୍ଷ୍ୟରୁ ବିଚ୍ୟୁତ ହେବେନାହିଁ।

**ନିଜକୁ ସମୟ ଦିଅନ୍ତୁ:** ଜୀବନରେ ନିଜ ପାଇଁ ସମୟ ବାହାର କରିବା ବହୁତ ଜରୁରି। ଏହାଦ୍ୱାରା କେବଳ ମାନସିକ ଖୁସି ମିଳେ ତାହା ନୁହେଁ, ବରଂ କ୍ୟାରିୟର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ। ସଫଳତା ହାସଲ କରିବାକୁ ନିଜ ପାଇଁ କିଛି ନିୟମ ରଖିବା ଜରୁରି। ଏଥିପାଇଁ ପ୍ରଥମେ ନିଜକୁ ବୁଝନ୍ତୁ। କ୍ୟାରିୟରରେ କ'ଣ କରିବେ ନ କରିବେ ସେଥିପାଇଁ ନିଜେ ନିର୍ଣ୍ଣୟ ନେବା ଶିଖନ୍ତୁ। କାରଣ ଜୀବନରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ରହିଲେ, ସଫଳତା ହାସଲ କରିବାରେ ସମସ୍ୟା ହୋଇଥାଏ।

**ବାରମ୍ବାର ଅଭ୍ୟାସ କରନ୍ତୁ:** ଯଦି କୌଣସି ଜିନିଷରେ ଆପଣ ଦୁର୍ବଳ ଅଛନ୍ତି ତାକୁ ବାରମ୍ବାର ଅଭ୍ୟାସ କରନ୍ତୁ। ଏହାଦ୍ୱାରା ଜଣେ ନିଜକୁ ସୁଧାରି ପାରିବେ। ବିଶେଷକରି ଲିଖିତ କିମ୍ବା ମୌଖିକ ପରୀକ୍ଷା ପୂର୍ବରୁ ବାରମ୍ବାର ଅଭ୍ୟାସ କରି ଜଣେ ନିଜର ଭୁଲ୍ ସଂଶୋଧନ କରିପାରିବେ।

**ଭଲ ନୁହେଁ ଏକାଧିକ କାର୍ଯ୍ୟ:** ସଫଳତା ପାଇବା ଆଶାରେ ଗୋଟିଏ ସମୟରେ ଏକାଧିକ କାମ କରନ୍ତୁନି। ଏକାଧିକ କାର୍ଯ୍ୟକୁ ଗୁରୁତ୍ୱ ଦେବା ଦ୍ୱାରା ଜଣେ କୌଣସି କାର୍ଯ୍ୟକୁ ଠିକ୍ ଭାବେ କରିପାରି ନଥାଏ। ତେଣୁ ସବୁବେଳେ ଗୋଟିଏ କାମ ଉପରେ ଗୁରୁତ୍ୱ ଦେଇ ସେଇ ଦିଗରେ ଆଗେଇବା ଦରକାର।

# ସମ୍ଭାବନା



# ମୋବାଇଲ ମରାମତିରୁ ଆତ୍ମନିର୍ଭର

**ଆଜିର ସମୟରେ ପ୍ରତ୍ୟେକଙ୍କ ହାତରେ ମୋବାଇଲ ସେଟ୍। ଚୀନ୍ ପରେ ମୋବାଇଲ ବ୍ୟବହାରକାରୀଙ୍କ ମାମଲାରେ ଭାରତ ଦ୍ୱିତୀୟ ସ୍ଥାନରେ ଅଛି। ସେହିପରି ମୋବାଇଲ କେତେବେଳେ ଯେ ଖରାପ ହୋଇଯିବ, ସେକଥା କେହି ଜାଣନ୍ତି ନାହିଁ। ଏହାକୁ ଦୃଷ୍ଟି ଦେଲେ ମୋବାଇଲ ରିପେୟାରିଂ ଦୋକାନରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷରେ ମୋବାଇଲ ମରାମତି ଏକ ଭଲ କ୍ୟାରିୟର ବିକଳ୍ପ ଭାବେ ଉଭା ହୋଇଛି।**

**ଶିଖିବା ସହଜ:** ମୋବାଇଲ ମରାମତି କାମ ଦେଖିବାକୁ କଷ୍ଟ ଲାଗିଲେ ବି ଏହାକୁ ଶିଖିବା ଖୁବ୍ ସହଜ। ଏହାକୁ ଶିଖିବାର ଇଚ୍ଛା ଥିଲେ ଇ-ସ୍କିଲ୍ ଇଣ୍ଡିଆରେ ଏହି ସୁବିଧା ଉପଲବ୍ଧ ଅଛି। ଏହାବାଦ୍ ମୋବାଇଲ ରିପେୟାରିଂ କୋର୍ସରୁ ମଧ୍ୟ ସମସ୍ତ ତଥ୍ୟ ମିଳିଥାଏ। ଅବଶ୍ୟ ଏହି କୋର୍ସ ମାଗଣାରେ ଉପଲବ୍ଧ। କହିବାକୁ ଗଲେ, ଆତ୍ମନିର୍ଭର ପାଇଁ ମାଗଣାରେ ତାଲିମ ମିଳିବା ଆଜିର ଯୁବପିଢ଼ିଙ୍କ ପାଇଁ ଖୁବ୍ ଦରକାରୀ



**ଶିକ୍ଷାଗତ ଯୋଗ୍ୟତା:** ଇ-ସ୍କିଲ୍ ଇଣ୍ଡିଆ ପକ୍ଷରୁ ଉପଲବ୍ଧ କରାଯାଉଥିବା ମୋବାଇଲ ରିପେୟାରିଂ କୋର୍ସରେ ୨ଜି ଏବଂ ୩ଜି ମୋବାଇଲ ଫୋନ୍‌ର ମରାମତି ଶିଖିପାରିବେ। ଖରାପ ହୋଇଯାଇଥିବା ମୋବାଇଲ ବ୍ୟାଟେରି, ମାଇକ୍, ସ୍ପିକର, କନେକ୍ଟର, ଆଣ୍ଟିନା, ଡିସ୍‌ପ୍ଲେ, ନେଟ୍‌ୱାର୍କ, କ୍ୟାମେରା ଏବଂ ବ୍ଲୁଟୁଥ୍‌ର ମରାମତି କରିବାର ଜ୍ଞାନକୌଶଳ ଏହି କୋର୍ସରେ ମିଳିଥାଏ। ଏହା ସହ ମୋବାଇଲ ଫୋନର ହାର୍ଡୱେର ଏବଂ ସଫ୍ଟୱେର୍‌ର ସମ୍ପୂର୍ଣ୍ଣ ତଥ୍ୟ ଏବଂ ସୁରକ୍ଷା ସମ୍ବନ୍ଧିତ ତଥ୍ୟ ମିଳିଥାଏ। ଏହି କୋର୍ସର ଅବଧି ୧୧ ଘଣ୍ଟା । ଏ ଲାଗି ନବମ ଓ ଦଶମ ଶିକ୍ଷାଗତ ଯୋଗ୍ୟତା ରହିବା ଆବଶ୍ୟକ।

**ରୋଜଗାରର ଅବସର:** ଏହି କୋର୍ସ ଶେଷ କରିବା ପରେ ମୋବାଇଲ ମରାମତି ପାଇଁ ଆପଣ ଯୋଗ୍ୟ ହୋଇଯିବେ। ଯାହାଦ୍ୱାରା ରୋଜଗାର କରିବା ସମ୍ଭବ। ଆପଣ ନିଜସ୍ୱ ମୋବାଇଲ ମରାମତି ଦୋକାନ ଖୋଲିପାରିବେ। ନଚେତ୍ କୌଣସି ମୋବାଇଲ ମରାମତି ଦୋକାନରେ କାମ କରିପାରିବେ।




# ହ୍ୱାଟ୍‌ସଆପ୍‌ର 'କଣ୍ଟେକ୍ସଟ୍ କାର୍ଡ' ଫିଚର୍

ହ୍ୱାଟ୍‌ସଆପ୍ ଏହାର ବ୍ୟବହାରକାରୀଙ୍କ ପାଇଁ ମଝିରେ ମଝିରେ ନୂଆ ଫିଚର୍ ଜାରି କରିଥାଏ। ଏହି କ୍ରମରେ ଏବେ 'କଣ୍ଟେକ୍ସଟ୍ କାର୍ଡ' ନାମରେ ନୂଆ ଏକ ଫିଚର୍‌କୁ ପରିଚିତ କରାଇଛି। ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ କୌଣସି ଗ୍ରୁପ୍ ସହ ସାମିଲ ଥିଲେ, ସେନେଇ ସମସ୍ତ ତଥ୍ୟ ଏହି ଫିଚର ମାଧ୍ୟମରେ ମିଳିପାରିବ। କଲେଜ ଗ୍ରୁପ୍, ଅଫିସ୍ ଗ୍ରୁପ୍, ଫ୍ୟାମିଲି ଗ୍ରୁପ୍ ଭଳି ଅନେକ ଗ୍ରୁପ୍‌ରେ ସମୟ ସମୟରେ ନୂଆ ନୂଆ ସଦସ୍ୟ ଯୋଡ଼ି ହୋଇଥାନ୍ତି। ତେବେ ଗ୍ରୁପ୍‌ରେ ସାମିଲ ହେବା ପରେ ନୂଆ ସଦସ୍ୟଙ୍କୁ ଗ୍ରୁପ୍ ବାବଦରେ ଏବଂ ଗ୍ରୁପ୍ ସଦସ୍ୟଙ୍କ ବାବଦରେ କିଛି ଜଣା ନ ଥାଏ। ଏଭଳି କ୍ଷେତ୍ରରେ ନୂଆ ସଦସ୍ୟଙ୍କୁ ନୂତନ ଅଭିଜ୍ଞତା ଦେବା ଲାଗି ଏହି ଫିଚର୍ ଜାରି କରାଯିବ।

ଏହି ଫିଚର୍ ଯୋଗୁଁ ନୂଆ ଲୋକଙ୍କୁ ଗ୍ରୁପ୍‌ରେ ପୂର୍ବରୁ ସାମିଲ ଥିବା ଲୋକଙ୍କ ସହ ଚାଟିଂ କରିବା ପାଇଁ ଚିନ୍ତା କରିବାକୁ ପଡ଼ିବ ନାହିଁ। ଗ୍ରୁପ୍‌ରେ ନୂଆ ଲୋକ ସାମିଲ ହେବା ମାତ୍ରେ କଣ୍ଟେକ୍ସଟ୍ କାର୍ଡ ଦେଖାଇବ। ଏଥିରେ ଗ୍ରୁପ୍ ଇନ୍‌ଫୋ, ଗ୍ରୁପ୍ ନିୟମ, ବାକି ଗ୍ରୁପ୍ ସହ ଜଡ଼ିତ ସମସ୍ତ ତଥ୍ୟ ମିଳିବ। କେବଳ ଏତିକି ନୁହେଁ, ନୂଆ ସଦସ୍ୟଙ୍କୁ ପୁରୁଣା ମେସଜର ସମରି ବି ଏହି ଫିଚର୍‌ରୁ ମିଳିବ। ତେବେ କମ୍ପାନି ଏହି ଫିଚର ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ଦୁଇଟି ପ୍ଲାଟଫର୍ମ ପାଇଁ ଜାରି କରିଛି।

# ସମାଲୋଚକଙ୍କ ପ୍ରତି କିଭଳି କରିବେ ଆଚରଣ



ଅଫିସ୍ ସହକର୍ମୀ ହୁଅନ୍ତୁ ଅବା ପ୍ରତିଦ୍ୱନ୍ଦ୍ୱୀ କିମ୍ବା ସାଙ୍ଗସାଥୀ ଅନେକ ସମୟରେ ସେମାନେ ସମାଲୋଚନା କରିଥାନ୍ତି। ଯାହାକୁ ଶୁଣିବା ପରେ ଜଣେ ଉତ୍ତେଜିତ ହୋଇ ଅନେକ କିଛି କହି ବସନ୍ତି। ଏଭଳି ସ୍ଥିତିରେ ଉତ୍ତେଜିତ ନ ହୋଇ ସେମାନଙ୍କ ସହ କିଭଳି ଆଚରଣ କରିବା ଦରକାର, ସେ ସମ୍ପର୍କରେ ଜାଣିବା।

- କାହାକୁ କିଛି କହିବା ପୂର୍ବରୁ କିଛି ସମୟ ପାଇଁ ଶାନ୍ତିରେ ଅଲଗା ସ୍ଥାନରେ ବସନ୍ତୁ।
- କ୍ରୋଧବଶତଃ ସମାଲୋଚକଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ କିଛି ନ ଲେଖିବା ଭଲ।
- ଏଭଳି ସ୍ଥଳେ କିଛି ପ୍ରତିକ୍ରିୟା ନ ଦେଇ କ'ଣ କରିବେ, ସେନେଇ ଭରସାଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ ନେଇପାରିବେ।
- ସମାଲୋଚକଙ୍କ କଥାକୁ ଗୁରୁତ୍ୱ ନ ଦେଇ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ।
- ନମ୍ର ତଥା ଶାନ୍ତ ସ୍ୱଭାବରେ ସମାଲୋଚକଙ୍କୁ ତାଙ୍କ ଭୁଲ୍ ଜଣାଇବାକୁ ଚେଷ୍ଟା କରିବା ଉଚିତ।



ଏଟିପି ର୍ୟାଙ୍କିଙ୍ଗ୍

# ନାଗଲଙ୍କୁ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ବିଶ୍ୱ ପୁରୁଷ ଟେନିସ 'ଏଟିପି ର୍ୟାଙ୍କିଙ୍ଗ୍'ରେ ଭାରତର ସୁମିତ ନାଗଲ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ଲାଭ କରିଛନ୍ତି। ସଦ୍ୟ ପ୍ରକାଶିତ ପୁରୁଷ ଏକକ ର୍ୟାଙ୍କିଙ୍ଗ୍‌ରେ ନାଗଲ ୫ଟି ପାହାଚ ଉପରକୁ ଉଠି ୬୮ତମ ସ୍ଥାନ ହାସଲ କରିଛନ୍ତି। ୧୯୭୩ରେ ଏଟିପି ନୂତନ ର୍ୟାଙ୍କିଙ୍ଗ ପଦ୍ଧତି ଆରମ୍ଭ କରିବା ପରେ ପୁରୁଷ ଏକକରେ ଭାରତର ଏହା ୪ର୍ଥ ଶ୍ରେଷ୍ଠ ମାନ୍ୟତା ହୋଇଛି। ପୁରୁଷ ଏକକରେ ଭାରତର ସର୍ବଶ୍ରେଷ୍ଠ ମାନ୍ୟତା ବିଜୟ ଅମୃତରାଜଙ୍କ ନାମରେ ରହିଛି। ୧୯୮୦ରେ ବିଜୟ ଏକକ ମାନ୍ୟତାର ୧୮ତମ ସ୍ଥାନରେ ରହିଥିଲେ। ସେହିଭଳି ୧୯୮୫ରେ ରମେଶ କ୍ରିଷ୍ଣନ ୨୩ତମ ଓ ୨୦୧୧ରେ ସୋମଦେବ ଦେବବର୍ମନ ୬୨ତମ ସ୍ଥାନ ଲାଭ କରିଥିଲେ। ୨୬ ବର୍ଷୀୟ ନାଗଲ ଚଳିତ ବର୍ଷ ଦୁଇ ଦୁଇଟି ଗ୍ରାଣ୍ଡସ୍ଲାମ ମୁଖ୍ୟ ପର୍ଯ୍ୟାୟ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ପ୍ରଥମେ ଫ୍ରେଞ୍ଚ ଓପନ୍‌ରେ ପଦାର୍ପଣ କରି ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ସେହିଭଳି ନିକଟରେ ଶେଷ ହୋଇଥିବା ୱିମ୍ବଲଡନ ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଥିଲେ ମଧ୍ୟ ପୁରୁଷ ଏକକ ପ୍ରଥମ ରାଉଣ୍ଡରେ ପରାଜୟର ସାମ୍ନା କରିଥିଲେ। ପରାଜୟବରଣ କରିଥିଲେ ମଧ୍ୟ ନାଗଲ ଗତ ୫ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ଭାବେ ୱିମ୍ବଲଡନ ପୁରୁଷ ଏକକକୁ ଯୋଗ୍ୟତା ଅର୍ଜନ କରିଥିଲେ। ନାଗଲ ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଲିଆଣ୍ଡର ପେସ୍ (୧୯୯୨ରୁ ୨୦୦୦)ଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ନାଗଲ କ୍ରମାଗତ ୨ୟଥର ଲାଗି ଅଲିମ୍ପିକ୍ସ ଖେଳିବେ।

### ଏଟିପି ପୁରୁଷ ଏକକର ଟପ୍-୧୦୦ରେ ପ୍ରବେଶ କରିଥିବା ଭାରତୀୟ

| ଖେଳାଳି | ର୍ୟାଙ୍କ | ବର୍ଷ |
|---|---|---|
| ବିଜୟ ଅମୃତରାଜ | ୧୮ | ୧୯୮୦ |
| ରମେଶ କ୍ରିଷ୍ଣନ | ୨୩ | ୧୯୮୫ |
| ସୋମଦେବ ଦେବବର୍ମନ | ୬୨ | ୨୦୧୧ |
| ସୁମିତ ନାଗଲ | ୬୮ | ୨୦୨୪ |
| ଶଶୀ ମେନନ | ୭୧ | ୧୯୭୫ |
| ଲିଆଣ୍ଡର ପେସ୍ | ୭୩ | ୧୯୯୮ |
| ଆନନ୍ଦ ଅମୃତରାଜ | ୭୪ | ୧୯୭୪ |
| ପ୍ରଜନେଶ ଗୁଣେଶ୍ୱରନ | ୭୫ | ୨୦୧୯ |
| ୟୁକି ଭାମ୍ବ୍ରୀ | ୮୩ | ୨୦୧୮ |
| ଯଶଜିତ୍ ସିଂହ | ୮୯ | ୧୯୭୩ |

# ଚେସ୍ ଅଲିମ୍ପିଆଡ୍ ଖେଳିବେନି ହମ୍ପି



ବିଜୟୱାଡା, ୧୬।୭ (ଏଜେନ୍ସି): ପ୍ରାକ୍ତନ ବିଶ୍ୱ ର୍ୟାପିଡ୍ ଚେସ୍ ଚାମ୍ପିଅନ କୋନେରୁ ହମ୍ପି ଆଗାମୀ ଚେସ୍ ଅଲିମ୍ପିଆଡ୍ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି। ହଙ୍ଗେରୀର ବୁଦାପେଷ୍ଟରେ ଆସନ୍ତା ସେପ୍ଟେମ୍ବରରେ ଚେସ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଚେସ୍ ଅଲିମ୍ପିଆଡ୍ ଅନୁଷ୍ଠିତ ହେବ। କ୍ରମାଗତ ଟୁର୍ଣ୍ଣାମେଣ୍ଟକୁ ନଜରରେ ରଖି ୩୭ ବର୍ଷୀୟା ହମ୍ପି ଏଭଳି ନିଷ୍ପତ୍ତି ନେଇଛନ୍ତି। 'ମୁଁ ୱାର୍ଲ୍ଡ ର୍ୟାପିଡ୍, ବ୍ଲିଜ୍ ଟିମ୍ ଚାମ୍ପିଅନସିପ୍ (ଜୁଲାଇ ୩୧ରୁ) ଓ ଗ୍ରାଣ୍ଡ ପ୍ରିକ୍ସ ସିରିଜ (ଅକ୍ଟୋବର) ପରି କିଛି ବଡ଼ ପ୍ରତିଯୋଗିତାରେ ଖେଳିବା ଲାଗି ସମ୍ମତି ଜଣାଇସାରିଛି। ତେଣୁ ପଛକୁ ପଛ କ୍ରମାଗତ ଟୁର୍ଣ୍ଣାମେଣ୍ଟକୁ ନଜରରେ ରଖି ଚେସ୍ ଅଲିମ୍ପିଆଡ୍ ନ ଖେଳିବାକୁ ନିଷ୍ପତ୍ତି ନେଇଛି' ବୋଲି ହମ୍ପି ମଙ୍ଗଳବାର ବିଜୟୱାଡାରେ ଏକ ସାକ୍ଷାତ୍‌କାରରେ କହିଛନ୍ତି।

ଓଡ଼ିଶା କ୍ରିକେଟ ଲିଗ୍-୨୦୨୪

# ଫାଇନାଲରେ ଲାୟନ୍ସ-ଟାଇଗର୍ସ

କଟକ, ୧୬।୭ (ସମିସ): ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍) ଚଳିତ ସଂସ୍କରଣର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥିଲା। ଏଥିରେ ଓଡ଼ିଶା ଟାଇଗର୍ସ ୧୦ ୱିକେଟରେ ଓଡ଼ିଶା ପାନ୍ଥର୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଜିତିଥିବାର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଓଡ଼ିଶା ଲାୟନ୍ସ ଏବଂ ରାକେଶ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଟାଇଗର୍ସ ଦଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବେ। ଅନ୍ୟପକ୍ଷରେ ସେମିଫାଇନାଲରେ ପରାଜୟ ବରଣ କରିଥିବା ଦୁଇ ଦଳ ଯଥା ଓଡ଼ିଶା ଚିତାସ୍ ଏବଂ ଓଡ଼ିଶା ପାନ୍ଥର୍ସ ଭିତରେ ବୁଧବାର ୩ୟ ସ୍ଥାନ ନିମନ୍ତେ ମ୍ୟାଚ୍ ଖେଳାଯିବ।

ମଙ୍ଗଳବାର ଆୟୋଜିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପାନ୍ଥର୍ସ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଓଦା ଆଉଟଫିଲ୍ଡ ଓ ବର୍ଷା ଯୋଗୁଁ ମ୍ୟାଚ୍ ୧୮ ଓଭର ବିଶିଷ୍ଟ ଖେଳାଯାଇଥିଲା। ନିର୍ଦ୍ଧାରିତ ଓଭରରେ ପାନ୍ଥର୍ସ ୮ ୱିକେଟ ବିନିମୟରେ ୧୧୦ ରନ କରିଥିଲା। ଓପନର ସମ୍ବିତ କୁମାର ସାହୁ ଖାତା ଖୋଲିବା ପୂର୍ବରୁ ଏବଂ ସତ୍ୟକାମ ଭରଦ୍ୱାଜ ୫ ରନରେ ଆଉଟ ହୋଇଥିଲେ। ଅଧିନାୟକ ଶୁଭମ ଶତ୍ରୁଜିତ ୩୧ ଏବଂ ରଘୁନାଥ ମଲ୍ଲ ୨୭ ରନର ଉପଯୋଗୀ ପାଳି ଖେଳିବା ଯୋଗୁଁ ଦଳୀୟ ସ୍କୋର ୧୦୦ ଟପିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିନାୟକ ସାହୁ ୧୭, ୱିକେଟ କିପର ରାଜେଶ ଧୂପର ୧୩, ବିକାଶ କୁମାର ରାଉତ ୨ ରନ କରିଥିଲେ। ଟାଇଗର୍ସ ପକ୍ଷରୁ ପେସ୍ ବୋଲିଂ ଆଟାକ ଫଳପ୍ରଦ ହୋଇଥିଲା। ତରଣୀ ସ ଏବଂ ସୁନୀଲ କୁମାର ରାଉଳ ଯଥାକ୍ରମେ ୩ଟି ଓ ୨ଟି ୱିକେଟ ଅକ୍ତିଆର କରିଥିଲେ। ଆଶୁତୋଷ ମାର୍ଣ୍ଡିଙ୍କୁ ଗୋଟିଏ ୱିକେଟ ମିଳିଥିଲା।




### ୩ୟ ସ୍ଥାନ ପାଇଁ ଆଜି ଲଢ଼ିବେ ଚିତାସ-ପାନ୍ଥର୍ସ

ଜବାବରେ ଓଡ଼ିଶା ଟାଇଗର୍ସ ୪.୩ ଓଭରରେ କୌଣସି ୱିକେଟ ନହରାଇ ୪୭ ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ପୁର୍ନବାର ମ୍ୟାଚ୍ ଆରମ୍ଭ ହୋଇ ନ ପାରିବାରୁ ଡିଏଲଏସ୍ ପଦ୍ଧତିରେ ଟାଇଗର୍ସକୁ ବିଜୟୀ ଘୋଷିତ କରାଯାଇଥିଲା। ଟୁକୁନା ସାହୁ ୧୨ ବଲରୁ ୨୦ ରନ ଏବଂ ଗୌରବ ଚୌଧୁରୀ ୧୫ ବଲରୁ ୨୪ ରନର ଅପରାଜିତ ପାଳି ଖେଳିଥିଲେ। ତରଣୀଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓସିଏର ବରିଷ୍ଠ ସଦସ୍ୟ ଧୀରେନ ପଲାଇ ଯୋଗ ଦେଇ ତରଣୀଙ୍କୁ ପୁରସ୍କୃତ କରିଥିଲେ।

■ ଆଇସିସି ମହିଳା ଟି-୨୦ ର୍ୟାଙ୍କିଙ୍ଗ୍

# ହରମନପ୍ରୀତ୍, ଶେଫାଳିଙ୍କ ମାନ୍ୟତା ବୃଦ୍ଧି

ଦୁବାଇ, ୧୬।୭ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମଙ୍ଗଳବାର ମହିଳା ଟି-୨୦ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ବ୍ୟାଟିଂ ତାଲିକାରେ ଦୁଇ ଭାରତୀୟ ବ୍ୟାଟର୍ ଅଧିନାୟିକା ହରମନପ୍ରୀତ୍ କୌର ଓ ଶେଫାଳି ବର୍ମାଙ୍କ ମାନ୍ୟତା ବୃଦ୍ଧି ଘଟିଛି। ହରମନପ୍ରୀତ୍ ୩ଟି ପାହାଚ ଉପରକୁ ଉଠି ୬୧୩ ରେଟିଂ ପଏଣ୍ଟ ସହ ଦ୍ୱାଦଶ ସ୍ଥାନ ଲ । ଭ କରିଛନ୍ତି। ସେହିଭଳି ବିସ୍ଫୋରକ ଓପନର୍ ଶେଫାଳି ୧୭ରୁ ୧୫ତମ ସ୍ଥାନକୁ ଉଠିଛନ୍ତି। ଶେଫାଳିଙ୍କ ସହ ନ୍ୟୁଜିଲାଣ୍ଡର ଆମେଲିଆ କେର୍ ଓ ଇଂଲଣ୍ଡର ଡାନି ୱେଟ୍ ମିଳିତ ଭାବେ ୬୦୩ ରେଟିଂ ପଏଣ୍ଟ ସହ ୧୫ତମ ସ୍ଥାନରେ ରହିଛନ୍ତି। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜରେ ଉଭୟ ହରମନପ୍ରୀତ୍ ଓ ଶେଫାଳି ପ୍ରଭାବୀ ପ୍ର ଦ ର୍ଶ ନ କରିଥିଲେ। ଯେଉଁଥି ପାଇଁ ଉଭୟଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି। ସେହିଭଳି ଟପ୍-୧୦ରେ ଏକମାତ୍ର ଭାରତୀୟ ଭାବେ ସ୍ମୃତି ମନ୍ଧାନା ୫ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି।

ଅପରପକ୍ଷରେ ଟି-୨୦ ବୋଲିଂ ର୍ୟାଙ୍କିଙ୍ଗ୍‌ରେ ଭାରତର ରାଧା ଯାଦବ ଏକାଥରରେ ୮ଟି ସ୍ଥାନ ଲମ୍ଫ ପ୍ରଦାନ କରି ୧୫ତମ ସ୍ଥାନକୁ ଉଠିଛନ୍ତି। ପୂଜା ବସ୍ତ୍ରାକାର ଓ ଶ୍ରେୟଙ୍କା ପାଟିଲ ମଧ୍ୟ ଯଥାକ୍ରମେ ୬ ଓ ୯ଟି ସ୍ଥାନ ଉପରକୁ ଉଠିଛନ୍ତି। ପୂଜା ୨୩ତମ ଓ ଶ୍ରେୟଙ୍କା ୬୦ତମ ସ୍ଥାନରେ ରହିଛନ୍ତି। ଏହି ୩ଜଣ ବୋଲର ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ସ୍ପିନର ଦୀପ୍ତି ଶର୍ମା ୭୩୮ ରେଟିଂ ପଏଣ୍ଟ ସହ ପୂର୍ବବତ୍ ୩ୟ ସ୍ଥାନରେ ସୁରକ୍ଷିତ ରହିଛନ୍ତି। ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଏକଲେଷ୍ଟୋନ ଓ ସାରା ଗ୍ଲେନ ଯଥାକ୍ରମେ ବୋଲିଂ ତାଲିକାର ପ୍ରଥମ ଦୁଇ ସ୍ଥାନ ବଳବତ୍ତର ରଖିବାରେ ସଫଳ ହୋଇଛନ୍ତି। ଟି-୨୦ ଦଳଗତ ତାଲିକାରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଯଥାକ୍ରମେ ପ୍ରଥମ ୫ଟି ସ୍ଥାନରେ ରହିଛନ୍ତି।




ୟୁରୋକପ୍ : ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ

# ସ୍ପେନରୁ ସର୍ବାଧିକ ୬ ଖେଳାଳି

ବର୍ଲିନ, ୧୬।୭ (ଏଜେନ୍ସି): ୟୁରୋକପ୍‌ର ୧୭ତମ ସଂସ୍କରଣରେ ରବିବାର ଶେଷ ହୋଇଥିବା ବେଳେ ମଙ୍ଗଳବାର ଏହି ମେଗା ଇଭେଣ୍ଟର 'ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ଘୋଷଣା କରାଯାଇଛି। ସେଥିରେ ଟାଇଟଲ ଜିତିଥିବା ସ୍ପେନର ଜଣାଶୁଣା ମିଡ୍‌ଫିଲ୍ଡର ରୋଡ୍ରି ଓ ୧୭ ବର୍ଷୀୟ ଉଦୀୟମାନ ଫୁଟବଲର ଲାମିନ ୟମଲଙ୍କ ସମେତ ୬ ଜଣ ସ୍ପେନ୍ ଖେଳାଳିଙ୍କୁ ସାମିଲ କରାଯାଇଛି। ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏସନ (ୟୁଇଏଫ୍ଏ)ର ବୈଷୟିକ ପର୍ଯ୍ୟବେକ୍ଷକ ୪-୩-୩ ଫର୍ମୁଲାରେ ଏହି ଦଳ ଘୋଷଣା କରିଛି। ଟୁର୍ଣ୍ଣାମେଣ୍ଟରେ ଏହି ଫର୍ମୁଲା ବେଶ୍ ଲୋକପ୍ରିୟ ଥିଲା। ରନର୍ସଅପ୍ ହୋଇଥିବା ଇଂଲଣ୍ଡର ଏକମାତ୍ର ଖେଳାଳି ଭାବେ କାଏଲ ୱାକରଙ୍କୁ କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ଦଳରେ ସାମିଲ କରାଯାଇଛି।

**ଘୋଷିତ ଦଳ:** ରୋଡ୍ରି, ଲାମିନ ୟମଲ, ମାର୍କ କୁକୁରେଲା, ଡାନିଏଲ ଓଲମୋ, ଫାବିଆନ ରୁଇଜ୍, ନିକୋ ୱିଲିୟମସ (ସମସ୍ତେ ସ୍ପେନ୍‌ର), ମାଇକ୍ ମେଗନାନ, ୱିଲିୟମ ସାବିଲା (ଫ୍ରାନ୍ସର), ମାନୁଏଲ ଅକାଞ୍ଜି (ସ୍ୱିଜରଲାଣ୍ଡ), ଜମାଲ ମୁସିଆଲା (ଜର୍ମାନୀ), କାଏଲ ୱାକର (ଇଂଲଣ୍ଡ)।

# ସାଉଥଗେଟ୍‌ଙ୍କ ଇସ୍ତଫା



ଲଣ୍ଡନ, ୧୬।୭ (ଏଜେନ୍ସି): ଇଂଲଣ୍ଡ ଫୁଟବଲ ପ୍ରଶିକ୍ଷକ ଗ୍ୟାରେଥ ସାଉଥଗେଟ୍ ଇସ୍ତଫା ଦେଇଛନ୍ତି। ସଦ୍ୟସମାପ୍ତ ୟୁରୋକପ୍ ଫୁଟବଲ ଫାଇନାଲରେ ଇଂଲଣ୍ଡ ୧-୨ ଗୋଲରେ ସ୍ପେନଠାରୁ ଗତ ରବିବାର ପରାସ୍ତ ହେବା ପରେ ସେ ଏହି ଗୁରୁଦାୟିତ୍ୱରୁ ଅପସରି ଯାଇଛନ୍ତି। ଇଂଲଣ୍ଡ ୟୁରୋକପ୍‌ରେ କ୍ରମାଗତ ଦୁଇଟି ସଂସ୍କରଣ ଫାଇନାଲରେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛି। ପୂର୍ବରୁ ୨୦୨୧ ୟୁରୋକପ୍ ଫାଇନାଲରେ ଇଂଲଣ୍ଡ ୦-୧ ଗୋଲରେ ଇଟାଲୀଠାରୁ ପରାସ୍ତ ହୋଇଥିଲା। ଦୀର୍ଘ ୮ ବର୍ଷ ଧରି ନିଜ ଦେଶ ଇଂଲଣ୍ଡର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସାଉଥଗେଟ୍ କହିଛନ୍ତି।

ଦୀର୍ଘ ୮ ବର୍ଷ ଧରି ୫୩ ବର୍ଷୀୟ ସାଉଥଗେଟ୍ ଏହି ହାଇପ୍ରୋଫାଇଲ ପଦରେ ରହି ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଛନ୍ତି। ୨୦୧୬ରେ ସେ ଇଂଲଣ୍ଡ କୋଚ୍ ପଦ ସମ୍ଭାଳିବା ଆରମ୍ଭ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ୧୦୨ଟି ମ୍ୟାଚ୍ ଓ ୪ଟି ମେଜର ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଖେଳିଛି। ତାଙ୍କ ଅଧୀନରେ ଇଂଲଣ୍ଡ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। ଇଂଲଣ୍ଡ ୨୦୧୮ ଫିଫା ବିଶ୍ୱକପ୍ ସେମିଫାଇନାଲରେ ଓ ୨୦୨୨ କତାର ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ତାଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ୨୦୨୧ ଓ ୨୦୨୪ ୟୁରୋକପ୍ ଫାଇନାଲରେ ପ୍ରବେଶ କରିଥିଲା ଓ ଇଂଲଣ୍ଡ ଫୁଟବଲରେ ଉଲ୍ଲେଖନୀୟ ତଥା ସକାରାତ୍ମକ ପରିବର୍ତ୍ତନ ଆସିଥିଲା। ୧୯୬୬ରେ ଇଂଲଣ୍ଡ ଘରୋଇ ପରିବେଶରେ ଶେଷଥର ପାଇଁ ଫିଫା ବିଶ୍ୱକପ୍ ପ୍ରଥମ ଓ ଶେଷଥର ପାଇଁ ଜିତିଥିଲା। ଜଣେ ଡିଫେଣ୍ଡର ଓ ମିଡ୍‌ଫିଲ୍ଡର ଭାବେ ଇଂଲଣ୍ଡ ପାଇଁ ସାଉଥଗେଟ୍ ୫୭ଟି ମ୍ୟାଚ୍ ଖେଳି ୨ଟି ଗୋଲ ସ୍କୋର କରିଛନ୍ତି।

# ଫୁଟ୍‌ବଲର ନୂଆ ବିସ୍ମୟ

ୟୁରୋକପ୍‌ରେ ଜଣେ ଦକ୍ଷ ଯୁବ ଫୁଟବଲରଙ୍କ ଉଦୟ ହୋଇଛି। ସାରା ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ସେ ସ୍ପେନ୍‌କୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସର୍ବ କନିଷ୍ଠ ଖେଳାଳି ଭାବେ କୌଣସି ଆନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳି ସେ ଏକାଧିକ ରେକର୍ଡ କରିଛନ୍ତି। ଫୁଟବଲ ଜଗତରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିବା ଏହି ୧୭ ବର୍ଷୀୟ ସ୍ପେନ୍ ମିଡ୍‌ଫିଲ୍ଡର ହେଉଛନ୍ତି ଲାମିନ ୟମଲ।

ପ୍ରସ୍ତୁତି : ରଞ୍ଜନ ରାୟ



ଲାମିନ ୟମଲ

ୟୁରୋକପ୍ ଫୁଟବଲର ୧୭ତମ ସଂସ୍କରଣ ସଫଳତାର ସହ ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସ୍ପେନ୍ ୨-୧ ଗୋଲରେ ଗତଥରର ଉପ-ବିଜେତା ଇଂଲଣ୍ଡକୁ ପରାସ୍ତ କରି ରେକର୍ଡ ଚତୁର୍ଥଥର ପାଇଁ ଟାଇଟଲ ହାସଲ କରିଛି। କିନ୍ତୁ ଏହି ମେଗା ଇଭେଣ୍ଟରେ ଜଣେ ନୂଆ ତାରକାଙ୍କ ଆବିଷ୍କାର ହୋଇଛି। ମାତ୍ର ୧୭ ବର୍ଷ ବୟସରେ ସେ ସ୍ପେନ୍ ପାଇଁ ଉଲ୍ଲେଖନୀୟ ପ୍ରଦର୍ଶନ ସହ ନିଜ ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଫେବରାଇଟ୍ ବିବେଚିତ ହେଉଥିବା କିଲିଆନ ଏମ୍‌ବାପ୍ପେଙ୍କ ଫ୍ରାନ୍ସ ବିପକ୍ଷରେ ସେ ଚମତ୍କାର ଗୋଲ କରିଥିଲେ ଓ ସ୍ପେନ୍‌କୁ ଫାଇନାଲରେ ପ୍ରବେଶ କରାଇଥିଲେ। ଫୁଟବଲର ଏହି ନୂଆ ବିସ୍ମୟ ହେଉଛନ୍ତି ଲାମିନ ୟମଲ। ୟମଲ ସଦ୍ୟ ସମାପ୍ତ ୟୁରୋକପ୍ ଏକାଧିକ ରେକର୍ଡ ଅଧିକାରୀ ହୋଇଛନ୍ତି। ନିଜ ପ୍ରତିଭା ଓ ଦକ୍ଷତା ବଳରେ ସେ ବିଶ୍ୱବ୍ୟାପୀ ଫୁଟବଲ ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ୧୭ ବର୍ଷ ଗୋ । ଟି ଏ ଦି ନ ବୟସରେ ୟୁରୋକପ୍ ଜିତି ବିଶ୍ୱର ସର୍ବ କନିଷ୍ଠ ଅନ୍ତର୍ଜାତୀୟ ଟାଇଟଲ ହାସଲକାରୀ ଫୁଟବଲରର ମାନ୍ୟତା ହାସଲ କରିଛନ୍ତି। ଏହି କ୍ରମରେ କିମ୍ବଦନ୍ତୀ ବ୍ରାଜିଲ ଫୁଟବଲର ପେଲେଙ୍କୁ ପଛରେ ପକାଇଛନ୍ତି। ୧୯୫୮ରେ ପେଲେ ଫିଫା ବିଶ୍ୱକପ୍ ଜିତିଥିଲେ ଓ ସେତେବେଳେ ତାଙ୍କ ବୟସ ୧୭ ବର୍ଷ ୨୪୯ ଦିନ ଥିଲା। ୟମଲ ମଧ୍ୟ ସର୍ବ କନିଷ୍ଠ ଖେଳାଳି ଭାବେ ୟୁରୋକପ୍ ସେମିଫାଇନାଲ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ସେ ମାତ୍ର ୧୬ ବର୍ଷ ୫୦ ଦିନ ବୟସରେ ଜର୍ଜିଆ ବିପକ୍ଷରେ ୟୁରୋକପ୍ କ୍ୱାଲିଫାୟର୍ସ ଖେଳି ଅନ୍ତର୍ଜାତୀୟ ସିନିୟର ଫୁଟବଲରେ ପଦାର୍ପଣ କରିଥିଲେ।

### ମେସିଙ୍କ ସହ ତୁଳନୀୟ

୧୭ ବର୍ଷରେ ବିଶ୍ୱର ଅନ୍ୟତମ ଫୁବବଲ ପାୱାର ହାଉସ୍ ବିବେଚିତ ହେଉଥିବା ସ୍ପେନ୍ ଜାତୀୟ ଦଳରେ ସ୍ଥାନ ପାଇ କୌଣସି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଓ ମ୍ୟାଚ୍ ଖେଳିବା ନିଶ୍ଚିତ ଭାବେ ବଡ଼ କଥା। ଏପର୍ଯ୍ୟନ୍ତ ସେ ସ୍ପେନ ପାଇଁ ୧୪ଟି ମ୍ୟାଚ୍ ଖେଳି ୩ଟି ଗୋଲ ସ୍କୋର କରିଛନ୍ତି। ଅନ୍ତର୍ଜାତୀୟ ଫୁଟବଲରେ ୟମଲ ଜଣେ ଲମ୍ବା ରେସ୍‌ର ଘୋଡା ବୋଲି ସ୍ପେନ୍ ଫୁଟବଲ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି। ସେ ସ୍ପେନର ୧୫, ୧୬, ୧୭ ଓ ୧୯ ବର୍ଷରୁ କମ୍ ଦଳ ତରଫରୁ ପ୍ରତିନିଧିତ୍ୱ କରି ବେଶ୍ ସଫଳତା ଅର୍ଜନ କରିଛନ୍ତି। ୨୭ ନଂ ଜର୍ସି ପରିଧାନ କରୁଥିବା ୟମଲ ବିଶ୍ୱର ଅନ୍ୟତମ ମର୍ଯ୍ୟାଦସମ୍ପର୍ଣ୍ଣ ଫୁଟବଲ କ୍ଲବ ବାର୍ସିଲୋନ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ବାର୍ସିଲୋନା ମୁଖ୍ୟ ଦଳ ପାଇଁ ସେ ୩୮ଟି ମ୍ୟାଚ୍ ଖେଳି ୫ଟି ଗୋଲ ସ୍କୋର କରିଛନ୍ତି। ୨୦୧୪ରେ ସେ ବାର୍ସିଲୋନା କ୍ଲବରେ ଯୋଗ ଦେଇ ନିଜର ଯୁବ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପୂର୍ବରୁ ସେ ୨୦୧୨-୧୩ନେ ସ୍ପେନ୍‌ର ଅନ୍ୟତମ ଦଳ ଲା ଟୋରେଟାରେ ଯୋଗ ଦେଇଥିଲେ। ତାଙ୍କୁ ବାର୍ସିଲୋନ କିମ୍ବଦନ୍ତୀ ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ମେସିଙ୍କ ସହ ଯଥାର୍ଥରେ ତୁଳନାର କରାଯାଉଛି।

### ପିତା ମେକ୍ସିକୋ ଓ ମାତା ଇକ୍ୱୋଟୋରିଆଲ ଗିନିର ନାଗରିକ

୨୦୦୭ରେ ବାର୍ସିଲୋନାର ଏକ ସାମାନ୍ୟ ପରିବାରେ ୟମଲ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ମୁନିର ମେକ୍ସିକୋ ନାଗରିକ ହୋଇଥିବା ବେଳେ ମାତା ଆଫ୍ରିକା ମହାଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଇକ୍ୱେଟୋରିଆଲ ଗିନି ଦେଶରୁ ଆସିଛନ୍ତି। ତେଣୁ ସେ ସ୍ପେନ୍ ସମେତ ୩ଟି ଦେଶର ସଂସ୍କୃତିକୁ ବହନ କରି ବଡ଼ ହୋଇଛନ୍ତି। ତାଙ୍କ ପରିବାରର ସବୁ ସଦସ୍ୟ ଜଣେ ଅନ୍ୟ ଜଣଙ୍କୁ ସମର୍ଥନ କରିଥାନ୍ତି। ପିତା ମୁନୀର ୟମଲଙ୍କୁ ଜଣେ ବଡ଼ ଫୁଟବଲର ଭାବେ ଦେଖିବାକୁ ଚାହାନ୍ତି ଓ ଏହା ତାଙ୍କ ଜୀବନର ଏହା ଏକ ବଡ଼ ସ୍ୱପ୍ନ ବୋଲି କୁହାଯାଉଛି।

### ସଂକ୍ଷେପରେ...

**ପୂରାନାମ:** ଲାମିନ ୟମଲ ନାସରାଓଇ ଇବାନା

**ଜନ୍ମ:** ୧୩ ଜୁଲାଇ ୨୦୦୭, ବାର୍ସିଲୋନ, ସ୍ପେନ୍

**ଉଚ୍ଚତା:** ୫ ଫୁଟ ୧୦ ଇଞ୍ଚ

**ପୋଜିସନ:** ୱିଙ୍ଗର

**କ୍ଲବ:** ବାର୍ସିଲୋନା

**ଜର୍ସି ନମ୍ବର:** ୨୭

**ଅନ୍ତଜାତୀୟ ମ୍ୟାଚ୍:** ୧୪

**ଗୋଲ:** ୩

୧୮ତମ ଶ୍ରାଦ୍ଧବାର୍ଷିକୀର
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପଞ୍ଚାନନ ମିଶ୍ର
କେନ୍ଦୁଝରଗଡ, କେନ୍ଦୁଝର
ଆବିର୍ଭାବ: ୧୭.୦୭.୧୯୫୩
ତିରୋଧାନ: ୦୬.୦୭.୨୦୦୬
୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ପରିବାରବର୍ଗ

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରଣତି ସେଠୀ
ବଡପଙ୍କଳବାଡି, ବୁଗୁଡା
ପୋଲସରା, ଗଞ୍ଜାମ
ଆବିର୍ଭାବ: ୨୧.୦୩.୧୯୭୫
ତିରୋଧାନ: ୦୭.୦୭.୨୦୨୪
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ



# କ୍ରୀଡ଼ା





■ ମହିଳା ଏସିଆ କପ୍ କ୍ରିକେଟ୍

## ଭାରତୀୟ ଦଳର ଶ୍ରୀଲଙ୍କା ଗସ୍ତ



ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ମହିଳା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ୯ମ ସଂସ୍କରଣ ଶୁକ୍ରବାରଠାରୁ ଶ୍ରୀଲଙ୍କାରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ୧୫ ଜଣିଆ ଭାରତୀୟ ମହିଳା କ୍ରିକେଟ୍ ଦଳ ମଙ୍ଗଳବାର କଲମ୍ବୋ ଅଭିମୁଖେ ଯାତ୍ରା କରିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଏଥର ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଭାରତ ବ୍ୟତୀତ ନେପାଳ, ପାକିସ୍ତାନ ଓ ୟୁଏଇ ରହିଛନ୍ତି। ଉଦ୍‌ଘାଟନୀ ଦିବସରେ ପାକିସ୍ତାନ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ସେହିଭଳି ଗ୍ରୁପ୍-ବି'ରେ ଗତଥରର ଉପବିଜେତା ଶ୍ରୀଲଙ୍କା ସମେତ ବାଂଲାଦେଶ, ମାଲେସିଆ ଓ ଥାଇଲାଣ୍ଡ ରହିଛି। ଏଥର ଭାରତ ଏହି ମେଗା ପ୍ରତିଯୋଗିତାରେ ବିଜୟୀ ହେଲେ ୮ମଥର ଲାଗି ଚାମ୍ପିଅନ ଆଖ୍ୟା ଅର୍ଜନ କରିବ। ଭାରତ ପୂର୍ବରୁ ୨୦୦୪, ୨୦୦୫, ୨୦୦୬, ୨୦୦୮, ୨୦୧୨, ୨୦୧୬ ଓ ୨୦୨୨ରେ ଏସିଆ କପ୍ ଟ୍ରଫି ଜିତିଥିଲା। କେବଳ ୨୦୧୮ରେ ବାଂଲାଦେଶ ନିକଟରୁ ପରାସ୍ତ ହୋଇ ଭାରତ ଉପବିଜେତା ରହିଥିଲା।

### ଏସିଆ କପ୍ ଲାଗି ଭାରତୀୟ ଦଳ

ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଉମା ଛେତ୍ରୀ, ରିଚା ଘୋଷ, ଦୟାଲନ ହେମଲତା, ଶ୍ରେୟଙ୍କା ପାଟିଲ, ଅରୁନ୍ଧତୀ ରେଡ୍ଡୀ, ଜେମିମା ରୋଡ୍ରିଗ୍ସେଜ, ସଞ୍ଜୀବନ ସଜନା, ଦୀପ୍ତି ଶର୍ମା, ରେଣୁକା ସିଂ, ଆଶା ଶୋଭନା, ପୂଜା ଭସ୍ତ୍ରାକାର, ଶେଫାଳି ବର୍ମା ଓ ରାଧା ଯାଦବ।

### ଭାରତର କାର୍ଯ୍ୟସୂଚୀ

ଜୁଲାଇ ୧୯: ବନାମ ପାକିସ୍ତାନ
ଜୁଲାଇ ୨୧: ବନାମ ୟୁଏଇ
ଜୁଲାଇ ୨୩: ବନାମ ନେପାଳ

ଶ୍ରୀଲଙ୍କା ଗସ୍ତ

## ଗମ୍ଭୀରଙ୍କ ଲାଗି ନୂଆ ଚ୍ୟାଲେଞ୍ଜ୍

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ନବ ନିଯୁକ୍ତ ମୁଖ୍ୟ ପ୍ରଶିକ୍ଷକ ତଥା ପୂର୍ବତନ ଓପନର ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତୀୟ କ୍ରିକେଟ ଦଳ ଏକ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଓ ଦିନିକିଆ ସିରିଜ ଖେଳିବାକୁ ଚଳିତ ମାସ ୩ୟ ସପ୍ତାହରେ ଶ୍ରୀଲଙ୍କା ଗସ୍ତ କରିବ। ପ୍ରଶିକ୍ଷକ ହିସାବରେ ଗମ୍ଭୀରଙ୍କ ପାଇଁ ଏହି ଗସ୍ତ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିବ। ୩ ଅଭିଜ୍ଞ ତଥା ସୁପରଷ୍ଟାର କ୍ରିକେଟର ବିରାଟ କୋହଲି, ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଟି-୨୦ ବିଶ୍ୱକପ୍ ବିଜୟ ପରେ କ୍ରିକେଟର ଏହି ଛୋଟ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ତେଣୁ ଏହି ୩ ମହାନ ଖେଳାଳିଙ୍କ ଅନୁପସ୍ଥିତି କେବଳ ଦଳ ନୁହଁ ପ୍ରଶଂସକମାନେ ମଧ୍ୟ ଅନୁଭବ କରିବେ। ପୁଣି ଏହି ୩ ଖେଳାଳିଙ୍କ ବଦଳ ଖେଳାଳି କିଏ ହେବ ସେ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ଗମ୍ଭୀର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କୋଲକାତା ନାଇଟ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସର ମେଣ୍ଟର ଭାବେ ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ପ୍ରଶିକ୍ଷକ ଭାବେ ତାଙ୍କର ସେତେଟା ଅଭିଜ୍ଞତା ନାହିଁ। ତେଣୁ ସେ ଏହି ସିରିଜରେ ପରୀକ୍ଷାର ସମ୍ମୁଖୀନ ହେବେ।

### ଶ୍ରୀଲଙ୍କା ବିପକ୍ଷରେ ଭାରତର ରେକର୍ଡ ଉନ୍ନତ

ଭାରତ ଓ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ୨୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏଥିରେ ଭାରତ ୧୯ଟି ମ୍ୟାଚ୍ ଜିତିଥିବା ବେଳେ ୯ଟିରେ ପରାସ୍ତ ହୋଇଛି ଓ ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଛି। ସେହିପରି ୧୯୭୯ରୁ ଦିନିକିଆ ଫର୍ମାଟ୍‌ରେ ଦୁଇ ଦଳର ୧୬୮ଟି ମ୍ୟାଚ୍ ଖେଳିଛନ୍ତି। ଏଥିରେ ଭାରତ ୯୯ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୫୭ଟିରେ ପରାସ୍ତ ହୋଇଛି। ୧୧ଟି ମ୍ୟାଚ୍‌ରୁ ଫଳାଫଳ ମିଳିନାହିଁ ଓ ଗୋଟିଏ ମ୍ୟାଚ୍ ଟାଇ ରହିଛି।



### ୨୭ରୁ ଟି-୨୦ ସିରିଜ୍

ଭାରତର ଶ୍ରୀଲଙ୍କା ଗସ୍ତ ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୭ରେ ଶେଷ ହେବ। ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳାଯିବ। ପାଲିକେଲରେ ଟି-୨୦ ଓ କଲମ୍ବୋରେ ଦିନିକିଆ ସିରିଜ ଖେଳାଯିବ। ୨୭ରେ ପ୍ରଥମ ଟି-୨୦, ଦ୍ୱିତୀୟ ମ୍ୟାଚ୍ ୨୮ରେ ଓ ତୃତୀୟ ମ୍ୟାଚ୍ ୩୦ତାରିଖରେ ଖେଳାଯିବ। ସେହିପରି ୩ଟି ଦିନିକିଆ ମ୍ୟାଚ୍ ଯଥାକ୍ରମେ ଅଗଷ୍ଟ ୨, ୪ ଓ ୭ ତାରିଖରେ ଖେଳାଯିବ।

### ନେତୃତ୍ୱ ଦୌଡ଼ରେ ସୂର୍ଯ୍ୟ, ପାଣ୍ଡ୍ୟା

ଶ୍ରୀଲଙ୍କା ଗସ୍ତ ପାଇଁ ଦଳ ଚୟନ ହେବାକୁ ଯାଉଛି। ଦଳ ଚୟନ ନେଇ ଗମ୍ଭୀରଙ୍କ ସମେତ ଚୟନକର୍ତ୍ତାମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିବେ। ପୁଣି କେଉଁ ଖେଳାଳିଙ୍କୁ ନେତୃତ୍ୱ ପ୍ରଦାନ କରାଯିବ ସେ ନେଇ ମଧ୍ୟ ଚୟନକର୍ତ୍ତା ଅଡୁଆର ସମ୍ମୁଖୀନ ହେବେ। ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏହି ଗସ୍ତରେ ଅଧିନାୟକ ନିଯୁକ୍ତ କରାଯିବ ବୋଲି ଚର୍ଚ୍ଚା ହେଉଛି। ଅଧିନାୟକ ଭାବେ ପାଣ୍ଡ୍ୟା ଆଇପିଏଲ୍‌ରେ ସଫଳତା ଅର୍ଜନ କରିଛନ୍ତି। ସେହିପରି ନେତୃତ୍ୱ ଦୌଡ଼ରେ ୩୬୦ ଡିଗ୍ରୀ ବ୍ୟାଟର ସୂର୍ଯ୍ୟ କୁମାର ଯାଦବ ମଧ୍ୟ ରହିଛନ୍ତି। ଟି-୨୦ରେ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ଦୃଷ୍ଟାନ୍ତମୂଳକ ରହିଛି। ସେ ୭ଟି ମ୍ୟାଚ୍‌ରେ ଭାରତର ନେତୃତ୍ୱ ନେଇ ୩୦୦ ରନ ସ୍କୋର କରିବା ସହ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ନେତୃତ୍ୱ ନେଇ ଭାରତକୁ ସିରିଜ ଜିତାଇଛନ୍ତି। ଅଧିନାୟକ ଭାବେ ସୂର୍ଯ୍ୟ ୫ଟି ବିଜୟ ହାସଲ କରିଥିବା ବେଳେ ୨ଟି ପରାଜୟ ବରଣ କରିଛନ୍ତି। ପାଣ୍ଡ୍ୟାଙ୍କ ବଦଳରେ ସୂର୍ଯ୍ୟକୁମାରଙ୍କୁ ଏହି ସିରିଜରେ ନେତୃତ୍ୱ ଦିଆଯିବାର ସମ୍ଭାବନା ରହିଛି ବୋଲି ଚର୍ଚ୍ଚା ହେଉଛି। ସେହିପରି ଦଳକୁ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ରୋହିତ ଓ ବିରାଟ ଅବସର ନେଇଥିବାରୁ ପାଳି କିଏ ଆରମ୍ଭ କରିବେ ସେ ନେଇ ଦ୍ୱନ୍ଦ୍ୱ ରହିଛି।





## ପ୍ରଥମ ଓଡ଼ିଆ ଭାବେ ହକି ୱାନ ଲିଗ୍ ଖେଳିବେ ଶିଳାନନ୍ଦ



ଭୁବନେଶ୍ୱର, ୧୬।୭ (ସମିସ): ରାଜ୍ୟ କ୍ରୀଡ଼ାଜଗତ ପାଇଁ ଖୁସି ଖବର। ପ୍ରଥମ ଓଡ଼ିଆ ଭାବେ ଶିଳାନନ୍ଦ ଲାକ୍ରା ହକି ଅଷ୍ଟ୍ରେଲିଆ (ଏଚ୍ଏ)ର ଅଗ୍ରଣୀ ଘରୋଇ ହକି ପ୍ରତିଯୋଗିତା 'ହକି ୱାନ ଲିଗ୍' ଖେଳିବାକୁ ଚୁକ୍ତି କରିଛନ୍ତି। ୨୫ ବର୍ଷୀୟ ଅଗ୍ରଭାଗ ଖେଳାଳି ଶିଳାନନ୍ଦଙ୍କ ସହ ହକି କ୍ଲବ (ଏଚ୍‌ସି) ମେଲବୋର୍ଣ୍ଣ ଚୁକ୍ତି କରିଛି। ଫଳରେ ଏହି ଯୁବ ଓଡ଼ିଆ ଖେଳାଳି ହକି ୱାନ ଲିଗ୍‌ର ଆଗାମୀ ସଂସ୍କରଣରେ ଏଚ୍‌ସି ମେଲବୋର୍ଣ୍ଣ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାର ଦେଖିବାକୁ ମିଳିବେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ଜଗତ ପକ୍ଷରୁ ଶିଳାନନ୍ଦଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସୁନ୍ଦରଗଡ଼ ଜିଲ୍ଲାର ଶିଳାନନ୍ଦ ଭାରତ ପକ୍ଷରୁ ୨୦୧୮ରେ ପଦାର୍ପଣ କରି ବର୍ତ୍ତମାନ ସୁଦ୍ଧା ୨୮ ମ୍ୟାଚ୍ ଖେଳିସାରିଛନ୍ତି। ତାଙ୍କ ଅଭିଜ୍ଞତା ନିଶ୍ଚିତ ଭାବେ ଆମ ଦଳର ଶକ୍ତିକୁ ଆହୁରି ବୃଦ୍ଧି କରିବ ବୋଲି ଏଚ୍‌ସି ମେଲବୋର୍ଣ୍ଣର ସିଇଓ ଆଣ୍ଡ୍ରିଉ ସ୍କିଲର୍ନ କହିଛନ୍ତି। ଅକ୍ଟୋବର ୧୧ରେ ଆଡିଲେଡ୍ ଫାୟାର ବିପକ୍ଷରେ ଖେଳି ଏଚ୍‌ସି ମେଲବୋର୍ଣ୍ଣ ଦଳ ହକି ୱାନ ଲିଗ୍‌ର ଆଗାମୀ ସଂସ୍କରଣରେ ଅଭିଯାନ ଆରମ୍ଭ କରିବ।

## ଦ୍ୱିତୀୟ ଟେଷ୍ଟ ଖେଳିବେ ମାର୍କ ଉଡ୍

ନଟିଂହାମ, ୧୬।୭ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୨ୟ ମ୍ୟାଚ୍ ଗୁରୁବାରଠାରୁ ଟ୍ରେଣ୍ଟ ବ୍ରିଜ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ଘରୋଇ ଇଂଲଣ୍ଡ ମଙ୍ଗଳବାର ଚୂଡ଼ାନ୍ତ ଏକାଦଶ ଖେଳାଳି ତାଲିକା ଘୋଷଣା କରିଛି। ଦ୍ରୁତ ବୋଲର ମାର୍କ ଉଡ୍‌ଙ୍କୁ ୨ୟ ଟେଷ୍ଟରେ ଖେଳିବାର ସୁଯୋଗ ମିଳିଛି। ପ୍ରଥମ ଟେଷ୍ଟ ପରେ ଅବସର ନେଇଥିବା ଅଭିଜ୍ଞ ଜେମ୍ସ ଆଣ୍ଡରସନଙ୍କ ସ୍ଥାନରେ ତାଙ୍କୁ ଦଳରେ ନିଆଯାଇଛି ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ (ଇସିବି) ପକ୍ଷରୁ କୁହାଯାଇଛି। ୩୪ ବର୍ଷୀୟ ଉଡ୍ ବର୍ତ୍ତମାନ ସୁଦ୍ଧା ୩୪ ଟେଷ୍ଟ ଖେଳି ୧୦୮ ୱିକେଟ୍ ଅକ୍ତିଆର କରିଛନ୍ତି। ଶେଷଥର ଲାଗି ସେ ଚଳିତ ବର୍ଷ ପ୍ରାରମ୍ଭରେ ଭାରତ ବିପକ୍ଷରେ ଟେଷ୍ଟ ଖେଳିଥିଲେ। ପ୍ରଥମ ମ୍ୟାଚ୍‌କୁ ଏକ ପାଳି ଓ ୧୧୪ ରନରେ ଜିତି ଇଂଲଣ୍ଡ ଏହି ୩ ଟିକିଆ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।

୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

## ଖୋର୍ଦ୍ଧାକୁ ଜିତାଇଲେ ରୁଦ୍ର ଓ ସୁମିତ







କଟକ, ୧୬।୭(ସମିସ): ୧୯ବର୍ଷରୁ କମ୍ ବାଳକ ଆନ୍ତଃ ଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁପରଲିଗ ପର୍ଯ୍ୟାୟ କଟକରେ ଜାରି ରହିଛି। ମଙ୍ଗଳବାର ସନସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଖୋର୍ଦ୍ଧା ୧୭ ରନରେ ଅବଶିଷ୍ଟ ଓଡ଼ିଶା-ବି'କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ୧୫୩ ରନରେ ଅଲଆଉଟ ହୋଇଥିଲା। ପ୍ରତ୍ୟୁଷ ମହାନ୍ତି ସର୍ବାଧିକ ୩୯ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା-ବି ପକ୍ଷରୁ ସଫଳ ବୋଲର ଭାବେ ଅର୍ପିତ ମହାନ୍ତି ୫ ୱିକେଟ ସଫଳତା ପାଇଥିଲେ। ଜବାବରେ ୧୫୪ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଅବଶିଷ୍ଟ ଓଡ଼ିଶା-ବି ୧୩୪ ରନରେ ସୀମିତ ରହିଥିଲା। ଖୋର୍ଦ୍ଧା ପକ୍ଷରୁ ରୁଦ୍ର ପ୍ରସାଦ ଏବଂ ସୁମିତ ମିଶ୍ର ଘାତକ ବୋଲିଂ କରି ଦଳକୁ ଜିତାଇଥିଲେ। ଉଭୟ ୩୨ ରନ ଲେଖାଏ ବ୍ୟୟ କରି ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଅକ୍ତିଆର କରିଥିଲେ। ରୁଦ୍ରଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା।

ସେହିପରି ବିଡ଼ାନାସୀ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-ସି ୬ ୱିକେଟରେ ଭୁବନେଶ୍ୱର-ଏ'କୁ ହରାଇଥିଲା। ୧୫ ରନ ବିନିମୟରେ ୫ ୱିକେଟ ଦଖଲ କରିଥିବା ଅବଶିଷ୍ଟ ଓଡ଼ିଶା-ସି'ର ପ୍ରିୟରଞ୍ଜନ ମୁଦୁଲି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଅବଶିଷ୍ଟ ଓଡ଼ିଶା-ଏ ୧୬୬ ରନର ବୃହତ୍ ବ୍ୟବଧାନରେ ସମ୍ବଲପୁର-ଏ'କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଯୋଗେଶ୍ୱର ବାଗ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଯାଜପୁର ୭ ରନରେ ଅବଶିଷ୍ଟ ଓଡ଼ିଶା-ଡି ଦଳକୁ ହରାଇଥିଲା। ଅର୍ଦ୍ଧଶତକୀୟ ପାଳି ଖେଳିଥିବା ସୌଭାଗ୍ୟ ଧଳଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା।

ପ୍ୟାରିସ ଅଲିମ୍ପିକ୍ସ ଆଉ ୮ ଦିନ

## ଆଦାନୀ ଗ୍ରୁପ୍ ଭାରତୀୟ ଦଳ ମୁଖ୍ୟ ପ୍ରାୟୋଜକ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଆଉ ୮ ଦିନ ପରେ ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଛି। ଅଲିମ୍ପିକ୍ସର ଏହି ୩୩ତମ ସଂସ୍କରଣରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକଙ୍କ ନାମ ଘୋଷଣା ହୋଇଛି। ଜଣାଶୁଣା ବହୁରାଷ୍ଟ୍ରୀୟ ଶିଳ୍ପ ସଂଗଠନ ଆଦାନୀ ଗ୍ରୁପ୍ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକର ଦାୟିତ୍ୱ ପାଇଛି। ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ମଙ୍ଗଳବାର ଏ ନେଇ ସମାଜିକ ଗଣମାଧ୍ୟମ 'ଏକ୍ସ'ରେ ଘୋଷଣା କରିଛନ୍ତି। ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳର ପ୍ରସ୍ତୁତି ପର୍ଯ୍ୟାୟ ଶେଷ ସୋପାନରେ ପହଞ୍ଚିଛି। ଏଥର ଭାରତ ପୂର୍ବ ସଂସ୍କରଣଗୁଡିକ ଅପେକ୍ଷା ରେକର୍ଡ ସର୍ବାଧିକ ସଂଖ୍ୟକ ପଦକ ହାସଲ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ସେ ସବୁ ଖେଳାଳି, କୋଚ୍, ସପୋର୍ଟ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ଦଳର ପ୍ରାୟୋଜକ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଗୌତମ କହିଛନ୍ତି।

ପୂର୍ବରୁ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟଙ୍କ ମନୋବଳ ବଢ଼ାଇବାକୁ ଓ ଦେଶରେ କ୍ରୀଡ଼ା ସଂସ୍କୃତିକୁ ଆହୁରି ଦୃଢ କରିବାକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଗୌତମ 'ଦେଶ କା ଗୀତ' ଅଭିଯାନ ଆରମ୍ଭ କରିଥିଲେ। ଅଲିମ୍ପିକ୍ସ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୨୦୧୬ରୁ ଆଦାନୀ ଗ୍ରୁପ୍ ୨୮ରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ସହଯୋଗ କରି ଆସୁଛି। ଏହି ଖେଳାଳିମାନେ ବକ୍ସିଂ, ରେସଲିଂ, ଟେନିସ, ଜାଭେଲିନ୍ ଥ୍ରୋ, ଶୁଟିଂ, ରନିଂ, ସଟ୍‌ପୁଟ୍, ବ୍ରିସ୍କ ୱାକିଂ, ଆର୍ଚ୍ଚେରୀ ଓ ଅନ୍ୟ କ୍ରୀଡ଼ା ସହିତ ଜଡିତ ରହିଛନ୍ତି। ଆଦନୀ ଗ୍ରୁପ୍‌ର ସହାୟତା ପାଇ ଲାଭବାନ ହୋଇଥିବା ଖେଳାଳିମାନେ ହେଲେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ରେସଲର ରବି କୁମାର ଦାହିୟା, ଦୀପକ ପୁନିଆ ଓ ବକ୍ସର ଅମିତ ପଙ୍ଘାଲ। ପୁନିଆ ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ୨୦୨୩ ଏସୀୟ କ୍ରୀଡ଼ାରେ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ। ଆଦାନୀ ଗ୍ରୁପ୍ ମଧ୍ୟ ଅଫିସିଆଲ ପାର୍ଟନର ଭାବେ ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୨୨ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ସହ ଜଡିତ ରହିଥିଲା।




জাতীয়

ଜାତୀୟ କନିଷ୍ଠ, ଉପ-କନିଷ୍ଠ ପାରା ଦୌଡ଼କୁଦ

## ସଟ୍‌ପୁଟ୍‌ରେ ଅନନ୍ୟାଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୬।୭(ସମିସ): ବେଙ୍ଗାଲୁରୁର କାନ୍ତିରାଭା ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଜାତୀୟ କନିଷ୍ଠ, ଉପ-କନିଷ୍ଠ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ଅନନ୍ୟା ସ୍ୱାଇଁ ୧୭ ବର୍ଷରୁ କମ୍ ବାଳିକା ବର୍ଗ ସଟ୍‌ପୁଟ୍‌ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ମଙ୍ଗଳବାର ସଟ୍‌ପୁଟ୍‌ର ସବୁ ବର୍ଗ ଏଫ୍-୫୪/୫୬/୫୭ ଏକାଠି ଖେଳାଯାଇଥିଲା। ତେବେ ଅନନ୍ୟା ଏଫ୍-୫୪ ବର୍ଗରେ ୪.୪୧ ମିଟର ଫୋପାଡି ରାଜା ପଏଣ୍ଟ ସ୍କୋର ପ୍ରଣାଳୀରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ପାଇଁ ଏକ ବଡ଼ ଉପଲବ୍ଧି ଆଣି ଦେଇଛନ୍ତି। ଏହି ଇଭେଣ୍ଟରେ ହରିୟାଣାର ଜ୍ୟୋତି ଏଫ୍-୫୭ ବର୍ଗର ଖେଳାଳି ଭାବେ ୫.୭୨ ମିଟର ଫୋପାଡି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଓ ତାମିଲନାଡୁର ଗୋକିଳା କାଲିୟାପ୍ପାନ ଏଫ୍-୫୬ ବର୍ଗର ଖେଳାଳି ଭାବେ ୫.୭୨ ମିଟର ଫୋପାଡି କାଂସ୍ୟ ପଦକ ହାସଲ କରିଛନ୍ତି। ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି କାଂସ୍ୟ ସହ ମୋଟ୍ ୩ଟି ପଦକ ହାସଲ କରିଛି।

## ରାଜ୍ୟ ପାଇଁ ଜାଭେଲିନ୍‌ରେ ପ୍ରଥମ ପଦକ ଜିତିଲେ ଜୟପ୍ରକାଶ

ଜୟପ୍ରକାଶ ବାରିକ୍ ୧୯ ବର୍ଷରୁ କମ୍ ଜାଭେଲିନ ଥ୍ରୋ ଏଫ୍-୩୬ ବର୍ଗରେ କାଂସ୍ୟ ପଦକ ହାସଲ କରିଛି। ଜୟପ୍ରକାଶ ଏଥିସହ ରାଜ୍ୟ ପାଇଁ ପ୍ରଥମ ପଦକ ଜିତିଛନ୍ତି। ସେ ୩୦.୦୭ ମିଟର ଜାଭେଲିନ୍ ଫୋପାଡି ତୃତୀୟ ସ୍ଥାନରେ ରହି କାଂସ୍ୟ ଜିତିଛନ୍ତି। ଅନ୍ୟପଟେ ହାରିୟାଣାର ହାନୀ ୬୧.୦୨ ମିଟର ଫୋପାଡି ସ୍ୱର୍ଣ୍ଣ ଜିତିଥିବା ବେଳେ ରାଜସ୍ଥାନର ଭୁପେଶ କୁମାର ୩୮.୯୬ ମିଟର ଫୋପାଡି ରୌପ୍ୟ ପଦକ ହାସଲ କରିଛନ୍ତି।



### ସଟ୍ ପୁଟ୍‌ରେ ଜଗମୋହନଙ୍କୁ କାଂସ୍ୟ



ଓଡ଼ିଶାର ଜଗମୋହନ ଦାସ ୧୭ ବର୍ଷରୁ କମ୍ ସଟ୍‌ପୁଟ୍ ଏଫ୍-୩୬ ବର୍ଗରେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଛନ୍ତି। ସେ ୦୭.୧୬ ମିଟର ଫୋପାଡି ଏହି ସଫଳତା ଅର୍ଜନ କରିଛନ୍ତି। ରାଜସ୍ଥାନର ଭିଶାନ ସିଂ ୦୭.୮୩ ମିଟର ଫୋପାଡି ସ୍ୱର୍ଣ୍ଣ ଓ ରାଜସ୍ଥାନର ଅନ୍ୟତମ ଖେଳାଳି ଡୁଙ୍ଗାର ରାମ ୦୭.୧୮ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS